KALINGA INSTITUTE OF INDUSTRIAL TECHNOLOGY (KIIT)
Deemed to be University
(Established U/S 3 of UGC Act 1956), Bhubaneswar, Odisha, India

15th nirf — Among Indian Universities Ranked by NIRF, Govt. of India
A++ Grade — Accredited by NAAC
Tier 1 NBA — Re-accredited by NBA All Engineering Programs for 6 Years

KIITEE 2025 PHASE - 2
APPLY ONLINE
through KIIT Websites
www.kiitee.ac.in / www.kiit.ac.in
Last Date to Apply 4th June 2025 | No Examination Fee (Computer-Based Test)
KIITEE 2025 Online Test (Phase -2) starts from
8th June to 12th June 2025

Special Consultative Status by the UN-ECOSOC
ABET (US) Accreditation
THE 601-800 University Ranking 2024 — World University Rankings
IET Accredited Programme — The Institution of Engineering and Technology

ACADEMIC PROGRAMMES AVAILABLE
UG (3 years/4 years)/Integrated (5 years) Programmes [All 4 years Programmes are with Honors/Research]

B.Tech Programmes
- Civil
- Construction Technology
- Electrical
- Electrical & Computer Science
- Mechanical
- Mechanical (Automobile)
- Aerospace
- Mechatronics
- Electronics & Telecommunication
- Electronics & Computer Science
- Electronics & Electrical
- Electronics (VLSI Design & Technology)
- Chemical
- Computer Science & Engineering (CSE)
- CSE (Artificial Intelligence & Machine Learning)
- CSE (Artificial Intelligence)
- CSE (Cyber Security)
- CSE (Data Science)
- CSE (Internet of Things &
- Cyber Security including Block Chain Technology)
- CSE (Internet of Things)
- Information Technology
- Computer Science & System
- Computer Science & Communication

UG Programmes in other Disciplines
- B.Design (Automobile/Graphic/Product)
- B.Design (Fashion / Textile)
- B.Tech & M.Tech Biotechnology (5yrs)
- B.Tech (Lateral Entry)
- B.Arch
- BCA
- BBA
- B.Sc (Hospitality & Tourism)
- Bachelor of Film & Television Production
- Bachelor of Communication & Journalism
- Bachelor of Physical Education & Sports
- BA Economics
- BA Sociology
- BA English
- BA Psychology
- BA French
- BA Spanish
- BA Japanese
- BA German
- B.Com
- B.Sc (Economics & Data Analytics)
- B.Sc Computer Science
- B.Sc Nursing
- B.Pharma
- D.Pharma
- BA LLB/BBA LLB/B.Sc LLB (Hons) 5yrs

PG (1 year/2 years)/Integrated (5 years) Programmes
- M.Tech
- LLM (1yr)
- MCA
- M.Sc Biotechnology
- M.Sc Applied Microbiology
- M.Arch
- MBA
- MBA in Rural Management
- MBA in Agribusiness Management
- MBA-IEV (Innovation, Entrepreneurship and Venture Development)
- Master of Communication & Journalism
- Master in Urban & Regional Planning
- Master in Yoga & Naturopathy
- Master of Hospital Administration
- Master of Public Health
- MA in Fashion Management
- M. Design (Interior)
- M.Sc Computer Science
- MA Economics
- MA Sociology
- MA English
- MA Psychology
- Master in Public Policy
- M.Com
- M.Sc Physics
- M.Sc Chemistry
- M.Sc Mathematics & Data Science
- Master in Library & Information Sciences
- Master in Physical Education & Sports
- M.Sc Nursing
- Integrated M.Tech & Ph.D
- Ph.D

CAMPUS PLACEMENT 2024 HIGHLIGHTS
700+ Companies
5585+ Job Offers
₹53 LPA Highest Salary Offered
₹8.50 LPA Average CTC
1500+ Paid Internships
1000+ Students with multiple job offers

Director, Admissions : Admission Cell, Koel Campus, Po- KIIT, Bhubaneswar-751024, Odisha, India, Ph: 8080 735 735, Fax : 0674 - 2741465, Email: admission@kiit.ac.in, Website: www.kiitee.ac.in
KIIT (Deemed to be University) has only one permanent campus in Bhubaneswar, Odisha. It has no other campus / off campus anywhere else in the country and globe.

DHARITRI
ଭୁବନେଶ୍ୱର, ସୋମବାର, ଏପ୍ରିଲ ୨୧/୨୦୨୫ (୧୨ ପୃଷ୍ଠା) Bhubaneswar, Monday, April 21/2025 Page 12 ₹ 7.00
www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul
୫୧ଶ ଭାଗ ୧୪୬ ସଂଖ୍ୟା VOLUME 51 ISSUE 146 ମୂଲ୍ୟ ₹୭/-

# ୭ ବର୍ଷର ଶିଶୁକନ୍ୟାଙ୍କୁ ବଳାତ୍କାର

## ଅଭିଯୁକ୍ତ ଗିରଫ

ଢେଙ୍କାନାଳ,୨୦।୪ (ରତନ ନାୟାର)

ଢେଙ୍କାନାଳ ଜିଲା ହିନ୍ଦୋଳ ଥାନା ଅଞ୍ଚଳରେ ଶନିବାର ସନ୍ଧ୍ୟାରେ ଏକ ଲଜ୍ଜାଜନକ ଘଟଣା ଘଟିଯାଇଛି । ଅନୁସୂଚିତ ଜନଜାତି ବର୍ଗର ଜଣେ ୭ ବର୍ଷର ଶିଶୁକନ୍ୟାଙ୍କୁ ଜଣେ ଯୁବକ ବଳାତ୍କାର କରିଥିଲେ । ପରେ ଶିଶୁ କନ୍ୟାଙ୍କୁ କ୍ଷତବିକ୍ଷତ ଅବସ୍ଥାରେ ଏକ ତାଳବରଡ଼ା ତଳେ ପକାଇ ଫେରାର ହୋଇଯାଇଥିଲେ। ରବିବାର ଅପରାହ୍ନରେ ପୋଲିସ ଅଭିଯୁକ୍ତ ଶିବ ସାହୁ(୩୨)ଙ୍କୁ ଗିରଫ କରିଛି। ଘଟଣାରୁ ଜଣାପଡ଼ିଛି ଯେ, ତାଳ ଗୋଟାଇବା ପାଇଁ ୭ ବର୍ଷର ଶିଶୁ କନ୍ୟାଟି ନିଜର ୯ ବର୍ଷର ଭାଇ ସହିତ ଯାଇଥିଲେ। ଶିଶୁ କନ୍ୟାଟି ବାଟରେ ଛିଡ଼ା ହୋଇଥିବାବେଳେ ବଡ଼ଭାଇ ତାଳ ଗୋଟାଉଥିଲେ। ଏହି ସମୟରେ ଅଭିଯୁକ୍ତ ଶିବ ଶିଶୁକନ୍ୟାଙ୍କୁ ଉଠାଇନେଇ ଏକ ଗଛମୂଳରେ ବଳାତ୍କାର କରିଥିଲେ। ଗୁରୁତର ଅବସ୍ଥାରେ ଶିଶୁକନ୍ୟାଙ୍କୁ ତାଳବରଡା ତଳେ ପକାଇଦେଇ ପଳାଇଥିଲେ। ଶିଶୁକନ୍ୟାଟି କାନ୍ଦିବାରୁ ବଡ଼ଭାଇ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରି ଘରକୁ ଆଣି ମା'ଙ୍କୁ ସବୁ ବିଷୟ ଜଣାଇଥିଲେ । ପରିବାର ଲୋକ ଶିଶୁକନ୍ୟାଙ୍କୁ ହିନ୍ଦୋଳ ଉପଖଣ୍ଡ ଚିକିତ୍ସାଳୟ ଓ ପରେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ରବିବାର ସକାଳେ ପୋଲିସ ଓ ସାଇଣ୍ଟିଫିକ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଅପରାହ୍ନରେ ଘଟଣାର ଅଭିଯୁକ୍ତ ତଥା ମୋଟଙ୍ଗା ଥାନା ବଦାଳୋ ଗ୍ରାମର ଶିବଙ୍କୁ ପୋଲିସ ଗିରଫ କରିଥିଲା ।

# ଫ୍ରାନ୍ସରୁ ୨୬ ରାଫାଲ ଜେଟ୍ କିଣିବ ଭାରତ

## ୨୮ରେ ହେବ ଚୁକ୍ତି ସ୍ୱାକ୍ଷର

ନୂଆଦିଲ୍ଲୀ,୨୦।୪

ଭାରତୀୟ ନୌସେନା ପାଇଁ ନୂଆଦିଲ୍ଲୀ ଫ୍ରାନ୍ସରୁ ୨୬ଟି ରାଫାଲ ମେରାଇନ୍ ଏୟାରକ୍ରାଫ୍ଟ କିଣିବାକୁ ଯାଉଛି। ଏଥିପାଇଁ ଆସନ୍ତା ୨୮ ତାରିଖରେ ଉଭୟ ଦେଶ ୬୩,୦୦୦ କୋଟି ଟଙ୍କାର ଚୁକ୍ତିନାମା ସ୍ୱାକ୍ଷର କରିପାରନ୍ତି। ଏହା ଦୁଇଦେଶ ମଧ୍ୟରେ ସବୁଠୁ ବଡ଼ ଡିଲ୍ ହେବାକୁ ଯାଉଛି। ସାଉଥ୍ ବ୍ଲକ୍ ପ୍ରତିରକ୍ଷା ମନ୍ତ୍ରଣାଳୟ ମୁଖ୍ୟାଳୟ ବାହାରେ ଚୁକ୍ତି ସ୍ୱାକ୍ଷର ବେଳେ ଫ୍ରାନ୍ସର ପ୍ରତିରକ୍ଷା ମନ୍ତ୍ରୀ ସେବାଷ୍ଟିଏନ୍ ଲେକୋର୍ନୁଙ୍କ ସମେତ ଉଭୟ ଦେଶର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହିବେ। ଏଥିପାଇଁ ସେବାଷ୍ଟିଏନ୍ ଆସନ୍ତା ରବିବାର ନୂଆଦିଲ୍ଲୀରେ ପହଞ୍ଚିବା ଆଶା କରାଯାଉଛି। ୨୬ ଯୁଦ୍ଧବିମାନ ମିଳିବା ପରେ ଭାରତୀୟ ସେନାରେ ମୋଟ ରାଫାଲ ଜେଟ୍ ସଂଖ୍ୟା ୬୨କୁ ବୃଦ୍ଧି ପାଇବ। କିଣାଯିବାକୁ ଥିବା ୨୬ ଜେଟ୍ ମଧ୍ୟରୁ ୨୨ଟି ସିଙ୍ଗଲ୍ ସିଟର ହୋଇଥିବାବେଳେ ୪ଟି ଟ୍ୱିନ୍-ସିଟର ଜେଟ୍।

**ଆଜିର ସମ୍ପାଦକୀୟ**

**ଭାଷା ଭେଳିକି**


**ଆଜିର ମନ୍ତବ୍ୟ**

"ଇଷ୍ଟର ଅସ୍ତ୍ରବିରତିକୁ ରୁଷିଆର ସମ୍ମାନ କେବଳ ଲୋକଦେଖାଣିଆ। ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଏକତରଫା ଭାବେ ସାମୟିକ ଅସ୍ତ୍ରବିରତି ଘୋଷଣା କରିବା ପରେ ରାତି ସାରା ତାଙ୍କ ସେନା ଆକ୍ରମଣ ଜାରି ରଖିଥିଲା।

-ଭୋଲୋଡିମିର ଜେଲେନ୍ସ୍କି, ୟୁକ୍ରେନ୍ ରାଷ୍ଟ୍ରପତି



To locate your nearest store and know more on +91 81473 49242. Buy online at tanishq.co.in or Download our App *Conditions apply. For T&C visit our website.
Showrooms in Odisha: Kesar Bhawan, Main Road, Rourkela; Jharsuguda: Sarbahal Road, Marwari Para; Sambalpur: Budharaja Road, Sahayog Nagar, Budharaja.
ROURKELA — Kesar Bhawan, Main Road, Mob. 9337911734, 8144918390
JHARSUGUDA — Marwari Para, Sarbahal Road, Mob. 9861398048, 7008991701
SAMBALPUR — Main Road, Budharaja, Mob. 9337936320, 9337908774
BHUBANESWAR — Patrapada ,Near Bazar Kolkata, Mob. 9237100515, 9124572551



# ନିଶିକାନ୍ତ, ଦୀନେଶଙ୍କୁ ବହିଷ୍କାର କର: କଂଗ୍ରେସ

**ଭାଜପା ଏମ୍‌ପି ନିଶିକାନ୍ତ ଦୁବେ ଓ ଦୀନେଶ କୁମାର ସୁପ୍ରିମକୋର୍ଟଙ୍କ ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରି ନିଜ ସହ ଶାସକ ଦଳ ପାଇଁ ମଧ ଅଡୁଆ ସ୍ଥିତି ସୃଷ୍ଟି କରିଛନ୍ତି। ଭାଜପା ରାଷ୍ଟ୍ରୀୟ ଅଧକ୍ଷ ଜେ.ପି. ନଡ୍ଡା ଏହାକୁ ଦଳର ନୁହେଁ, ବରଂ ସେମାନଙ୍କ ବ୍ୟକ୍ତିଗତ ମତ କହି ପ୍ରତ୍ୟାଖ୍ୟାନ କରି ଦେଇଛନ୍ତି। ଏଥିସହ ଗଣତନ୍ତ୍ରର ଅବିଚ୍ଛେଦ୍ୟ ଅଙ୍ଗ ନ୍ୟାୟପାଳିକା ପ୍ରତି ଭାଜପାର ସମ୍ମାନ ରହିଥିବା ନଡ୍ଡା କହିଛନ୍ତି। ଅନ୍ୟପକ୍ଷେ କଂଗ୍ରେସ ଭାଜପାର 'ଡ୍ୟାମେଜ୍ କଣ୍ଟ୍ରୋଲ' ନୀତିକୁ ଛଳନାତ୍ମକ ରାଜନୀତି ଭାବେ ଅଭିହିତ କରି ଦଳରୁ ନିଶିକାନ୍ତ ଓ ଦୀନେଶଙ୍କ ବହିଷ୍କାର ଦାବି କରିଛି। ଏହି ପ୍ରସଙ୍ଗ ଜାତୀୟ ରାଜନୀତିରେ ଉଷ୍ମତା ବଢ଼ାଇଛି।**

## ସୁପ୍ରିମକୋର୍ଟଙ୍କୁ ଅଙ୍ଗୁଳି: ଭାଜପାକୁ ଅଡୁଆ


ନିଶିକାନ୍ତ ଦୁବେ


ଦୀନେଶ ଶର୍ମା

ନୂଆଦିଲ୍ଲୀ,୨୦।୪

ଲୋକ ସଭାରେ ଚତୁର୍ଥ ଥର ପାଇଁ ଭାଜପାରୁ ପ୍ରତିନିଧିତ୍ୱ କରୁଥିବା ନିଶିକାନ୍ତ ଦୁବେ ଶନିବାର ଏନେଇ ସୁପ୍ରିମକୋର୍ଟଙ୍କ କାର୍ଯ୍ୟ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରି ନକାରାତ୍ମକ ମନ୍ତବ୍ୟ ଦେଇଥିଲେ। ନିଶିକାନ୍ତ କହିଥିଲେ, ସର୍ବୋଚ୍ଚ ଅଦାଲତ ନିଜ ସୀମା ଲଂଘି ଆଇନ ପ୍ରଣୟନ ସମ୍ପର୍କିତ ସଂସଦୀୟ କାର୍ଯ୍ୟରେ ହସ୍ତକ୍ଷେପ କରୁଛନ୍ତି। ସୁପ୍ରିମକୋର୍ଟ ଯଦି ଆଇନ ତିଆରି କରିବେ ତେବେ ପାର୍ଲାମେଣ୍ଟ ଓ ରାଜ୍ୟ ବିଧାନସଭାଗୁଡ଼ିକୁ ବନ୍ଦ କରି ଦିଆଯିବା ଉଚିତ। ଏପରି କି ସେ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ସଞ୍ଜୀବ ଖାନ୍ନାଙ୍କୁ ମଧ ସମାଲୋଚନା କରିବାକୁ ପଛାଇ ନ ଥିଲେ। ଦେଶରେ ଘଟୁଥିବା ସମସ୍ତ ଗୃହଯୁଦ୍ଧ ପାଇଁ ସିଜେଆଇ ଦାୟୀ। ଧର୍ମୀୟ ସଂଘର୍ଷକୁ ଉସୁକାଇବାରେ ସୁପ୍ରିମକୋର୍ଟଙ୍କ ଭୂମିକା ରହିଛି ବୋଲି ନିଶିକାନ୍ତ କହିଥିଲେ। ସେହିପରି ଉତ୍ତର ପ୍ରଦେଶର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ତଥା ବର୍ତ୍ତମାନ ରାଜ୍ୟ ସଭାର ସଦସ୍ୟ ଥିବା ଦୀନେଶ ଶର୍ମା କହିଥିଲେ, ଡ. ବି.ଆର୍. ଆମ୍ବେଡକର ସମ୍ବିଧାନ ପ୍ରଣୟନ ବେଳେ ବ୍ୟବସ୍ଥାପିକା ଓ ନ୍ୟାୟପାଳିକାର ଅଧିକାରଗୁଡ଼ିକ ସମ୍ପର୍କରେ ସ୍ପଷ୍ଟ ଭାବେ ଉଲ୍ଲେଖ କରିଥିଲେ। ପାର୍ଲାମେଣ୍ଟ କିମ୍ବା ରାଷ୍ଟ୍ରପତିଙ୍କୁ କେହି ନିର୍ଦ୍ଦେଶ ଦେଇପାରିବେ ନାହିଁ। ଦୁଇ ଏମ୍‌ପିଙ୍କ ମନ୍ତବ୍ୟକୁ ନେଇ ବିବାଦ ସୃଷ୍ଟି ହେବା ପରେ କେନ୍ଦ୍ରମନ୍ତ୍ରୀ ତଥା ଦଳର ମୁଖ୍ୟ ନଡ୍ଡା କହିଛନ୍ତି, ଦୁହେଁ ଏପରି ବୟାନ ଦେବା ଅନୁଚିତ। ସେମାନଙ୍କ ମନ୍ତବ୍ୟ ସହ ଭାଜପାର କୌଣସି ସମ୍ପର୍କ ନାହିଁ। ଭାଜପା ନ୍ୟାୟପାଳିକାକୁ ସମ୍ମାନ ଦେଇଆସିଛି। ଏହା ଉପରେ କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି, ଏହି ଏମ୍‌ପିମାନେ ଅଭ୍ୟାସଗତ ଭାବେ ବିବାଦୀୟ ମନ୍ତବ୍ୟ ଦେଇଥାଆନ୍ତି। ଭାଜପାର ବିଦାୟୀ ଅଧକ୍ଷଙ୍କ ସ୍ପଷ୍ଟୀକରଣର କିଛି ମାନେ ନାହିଁ। ଏହା ହେଉଛି ଡ୍ୟାମେଜ୍ କଣ୍ଟ୍ରୋଲ, ଯାହାକୁ ନେଇ କେହି ନିର୍ବୋଧ ପାଲଟିବେ ନାହିଁ। ସମଗ୍ର ରାଜନୀତି ବିଜ୍ଞାନରୁ ଏହା ସମଗ୍ର ରାଜନୈତିକ ଛଳନା ବୋଲି ପ୍ରତିଫଳିତ ହେଉଛି। ଭାରତୀୟ ସମ୍ବିଧାନ ଉପରେ ଆକ୍ରମଣ ହେଉଥିବାବେଳେ ପ୍ରଧାନମନ୍ତ୍ରୀଙ୍କ ନୀରବତା ଏହାକୁ ସମର୍ଥନ କରୁଛି। ନିଶିକାନ୍ତ ଓ ଦୀନେଶଙ୍କୁ ନଡ୍ଡା କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି କି ବୋଲି ରମେଶ ପ୍ରଶ୍ନ କରିଛନ୍ତି। ସେହିପରି କଂଗ୍ରେସର ଅନ୍ୟ ଜଣେ ସାଧାରଣ ସମ୍ପାଦକ ମୁକୁଲ ୱାସ୍‌ନିକ ଏକ୍ସ'ରେ ଲେଖିଛନ୍ତି, ସୁପ୍ରିମକୋର୍ଟ ଓ ସିଜେଆଇଙ୍କ ବିରୋଧରେ ଖରାପ ମନ୍ତବ୍ୟ ଦେଇଥିବା ୨ ଏମ୍‌ପିଙ୍କୁ ଦଳରୁ ବହିଷ୍କାର କରିବା ହେଉଛି ସର୍ବନିମ୍ନ କାର୍ଯ୍ୟାନୁଷ୍ଠାନ, ଯାହାକି ଏଯାଏ ଶାସକ ଦଳ ନେଇନାହିଁ।

ଉଲ୍ଲେଯୋଗ୍ୟ, ନିକଟରେ ୱକ୍‌ଫ ସଂଶୋଧିତ ଆଇନର ସାମ୍ବିଧାନିକ ବୈଧତାକୁ ଚ୍ୟାଲେଞ୍ଜ କରି ଦାଖଲ ୭୩ଟି ପିଟିଶନର ଶୁଣାଣି କରି ସୁପ୍ରିମକୋର୍ଟ ୱକ୍‌ଫ କାଉନ୍‌ସିଲ ଓ ବୋର୍ଡର ନିଯୁକ୍ତି ସମ୍ପର୍କିତ କ୍ଷମତା ଉପରେ ସ୍ଥଗିତାଦେଶ ଜାରିକରିଛନ୍ତି। ଏହା ପୂର୍ବରୁ ସର୍ବୋଚ୍ଚ ଅଦାଲତ ତାମିଲନାଡୁ ବିଧାନସଭାରେ ପାରିତ ବିଧେୟକଗୁଡ଼ିକୁ ପକାଇ ରଖିଥିବା ରାଜ୍ୟପାଳ ଆର୍.ଏନ୍. ରବିଙ୍କୁ ଭର୍ତ୍ସନା କରିଥିଲେ। ସେହିପରି ରାଜ୍ୟପାଳ ପଠାଇବାର ୩ ମାସ ଭିତରେ ବିଧେୟକଗୁଡ଼ିକ ଉପରେ ରାଷ୍ଟ୍ରପତି ନିଷ୍ପତ୍ତି ନେବେ ବୋଲି ଅଦାଲତ ନିର୍ଦ୍ଦେଶ ଦେଇଥିଲେ। ଏହି ଦୁଇ ପ୍ରସଙ୍ଗକୁ ଦେଖିଲେ ସଂସଦରେ ପାରିତ ତଥା ରାଷ୍ଟ୍ରପତିଙ୍କ ଦ୍ୱାରା ଅନୁମୋଦିତ ଆଇନ ଉପରେ ମଧ ସୁପ୍ରିମକୋର୍ଟଙ୍କ ଅଙ୍କୁଶ ଲଗାଇବା କ୍ଷମତା ରହିଥିବା ବୁଝି ହେଉଛି। ତେଣୁ ଭାଜପା ଏମ୍‌ପି ନିଶିକାନ୍ତ ଓ ଦୀନେଶ ଉପରୋକ୍ତ ମନ୍ତବ୍ୟ ଦେଇଥିବା ମନେକରାଯାଉଛି। ଇତିମଧ୍ୟରେ ୱକ୍‌ଫ ଆଇନ ବିରୋଧୀ ଆବେଦନକାରୀଙ୍କ ଜଣେ ଓକିଲ ଅନାସ ତନ୍‌ବୀର ନିଶିକାନ୍ତଙ୍କ ବିରୋଧରେ ଅଦାଲତ ଅବମାନନା ମାମଲା ରୁଜୁ ପାଇଁ ଅନୁମତି ପ୍ରଦାନ କରିବାକୁ ଆର୍ଟର୍ନି ଜେନେରାଲ(ଏଜି) ଆର୍. ଭେଙ୍କଟରମଣୀଙ୍କ ନିକଟକୁ ପତ୍ର ଲେଖିଛନ୍ତି।

## ସଂକ୍ଷେପରେ

### ସ୍ତ୍ରୀଙ୍କ କଟାମୁଣ୍ଡ ଧରି ଥାନାକୁ ଗଲେ ସ୍ୱାମୀ

ସିଲ୍‌ଚର,୨୦।୪

ଆସାମର ଚିରାଙ୍ଗ ଜିଲାରେ ଶନିବାର ସନ୍ଧ୍ୟାରେ ଜଣେ ୬୦ ବର୍ଷୀୟ ବ୍ୟକ୍ତି ତାଙ୍କ ଝିଅମାନଙ୍କ ସମ୍ମୁଖରେ ସ୍ତ୍ରୀଙ୍କ ମୁଣ୍ଡ କାଟ୍ କରିବା ସହ କଟାମୁଣ୍ଡ ନେଇ ବାଲ୍ଲାମଗୁରି ପୋଲିସ ପାଟ୍ରୋଲିଂ ପଏଣ୍ଟରେ ପହଞ୍ଚିଥିଲେ। ଅଭିଯୁକ୍ତ ହେଲେ ଚିରାଙ୍ଗ ଜିଲା ବିଜ୍‌ନି ଅନ୍ତର୍ଗତ ଉତ୍ତର ବାଲ୍ଲାମଗୁରି ଅଞ୍ଚଳର ବ୍ରିଟେଶ ହାଜୋଙ୍ଗ ଏବଂ ତାଙ୍କ ସ୍ତ୍ରୀଙ୍କ ନାମ ବୈଜୟନ୍ତୀ ହାଜୋଙ୍ଗ(୫୦)। ବ୍ରିଟେଶ ଅନେକ ସମୟରେ ସ୍ତ୍ରୀଙ୍କୁ ନିର୍ଯାତନା ଦେଉଥିଲେ ବୋଲି ପରିବାର ଲୋକେ କହିଛନ୍ତି। ପୋଲିସ ତାଙ୍କୁ ଗିରଫ କରି ଜେରା କରୁଥିବାବେଳେ ହତ୍ୟାକାଣ୍ଡ ପଛର ଉଦ୍ଦେଶ୍ୟ ସ୍ପଷ୍ଟ ହୋଇନାହିଁ।

### ଠାକ୍‌ରେ ଭ୍ରାତା ଏକାଠି ହେବା ଚର୍ଚ୍ଚାକୁ ସଞ୍ଜୟ ରାଉତଙ୍କ ଖଣ୍ଡନ

ମୁମ୍ବାଇ,୨୦।୪

ପରସ୍ପରଠାରୁ ଦୂରେଇ ଯାଇଥିବା ଉଦ୍ଧବ ଠାକ୍‌ରେ ଏବଂ ରାଜ୍ ଠାକ୍‌ରେ ଏକାଠି ହେବା ନେଇ ଚର୍ଚ୍ଚା ଜୋର୍ ଧରିଥିବାବେଳେ ଶିବସେନା (ୟୁବିଟି) ଏମ୍‌ପି ସଞ୍ଜୟ ରାଉତ ଏହାକୁ ଖଣ୍ଡନ କରିଛନ୍ତି। ୨ ଭାଇଙ୍କ ମଧ୍ୟରେ କେବଳ ଏକ ଭାବନାତ୍ମକ କଥାବାର୍ତ୍ତା ହୋଇଛି, ମେଣ୍ଟକୁ ନେଇ କୌଣସି ଆଲୋଚନା ହୋଇନାହିଁ ବୋଲି ସଞ୍ଜୟ ଗଣମାଧ୍ୟମକୁ ସ୍ପଷ୍ଟ କରିଦେଇଛନ୍ତି। ତେବେ ଦୁଇ ନେତା ରାଜନୈତିକ ଦୃଷ୍ଟିରୁ ପରସ୍ପର ସହ ହାତ ମିଳାଇବା ସମ୍ଭାବନାକୁ ସେ ସମ୍ପୂର୍ଣ୍ଣ ଏଡ଼ାଇଯାଇ ନାହାନ୍ତି। ଭବିଷ୍ୟତ ମେଣ୍ଟ ଆଲୋଚନା ଦାୟିତ୍ୱ ସେ ଦୁଇ ଭାଇଙ୍କ ଉପରେ ଛାଡ଼ିଛନ୍ତି। ସୂଚନାଯୋଗ୍ୟ, ହିନ୍ଦୀ ବାଧ୍ୟତାମୂଳକ ଭାଷାକୁ ନେଇ ମହାରାଷ୍ଟ୍ରରେ ବିବାଦ ଦେଖାଦେଇଥିବାବେଳେ ରାଜ୍ୟର ସ୍ୱାର୍ଥ ପାଇଁ ବ୍ୟକ୍ତିଗତ ବିବାଦକୁ ଭୁଲିଯିବା ଆବଶ୍ୟକ ବୋଲି ଉଦ୍ଧବ ଓ ରାଜ୍ ଶନିବାର କହିଥିଲେ।

### ପାକିସ୍ତାନରେ ହିନ୍ଦୁ ମନ୍ତ୍ରୀଙ୍କୁ ଆକ୍ରମଣ


ଖିଲ୍ ଦାସ୍ କୋହିସ୍ତାନୀ

ଇସ୍‌ଲାମାବାଦ, ୨୦।୪

ପାକିସ୍ତାନର ସିନ୍ଧ୍ ରାଜ୍ୟରେ ସରକାରଙ୍କ ଏକ ନୂତନ ଜଳସେଚନ କେନାଲ ପ୍ରକଳ୍ପକୁ ବିରୋଧ କରି ପ୍ରତିବାଦ କରୁଥିବା ବିକ୍ଷୋଭକାରୀମାନେ ରବିବାର ଦେଶର ଧାର୍ମିକ ବ୍ୟାପାର ରାଷ୍ଟ୍ର ମନ୍ତ୍ରୀ ଖିଲ୍ ଦାସ୍ କୋହିସ୍ତାନୀଙ୍କୁ ଆକ୍ରମଣ କରିଛନ୍ତି। କୋହିସ୍ତାନୀ ହିନ୍ଦୁ ସମୁଦାୟର ହୋଇଥିବା ବେଳେ ସେ ପାକିସ୍ତାନ ମୁସଲିମ ଲିଗ୍-ନୱାଜ (ପିଏମଏଲ୍-ଏନ୍)ର ବରିଷ୍ଠ ନେତା ଭାବେ ସିନ୍ଧ୍ ରାଜ୍ୟରେ ଜଣାଶୁଣା। ରବିବାର କୋହିସ୍ତାନୀ ଏକ ସରକାରୀ କାର୍ଯ୍ୟକ୍ରମ ପାଇଁ ଥଟ୍ଟା ଜିଲାରେ ଯାଉଥିବାବେଳେ ପ୍ରଦର୍ଶନକାରୀମାନେ ତାଙ୍କ ଗାଡ଼ି ଉପରେ ଟମାଟୋ ଏବଂ ଆଳୁ ମାଡ଼ କରିବା ସହ ପାକିସ୍ତାନ ବିରୋଧୀ ସ୍ଲୋଗାନ୍ ଦେଇଥିଲେ। ତେବେ ଏହି ଆକ୍ରମଣରେ କୋହିସ୍ତାନୀଙ୍କୁ କୌଣସି କ୍ଷତି ପହଞ୍ଚି ନ ଥିବା ସ୍ଥାନୀୟ ଅଧିକାରୀ କହିଛନ୍ତି।

### ହସ୍ପିଟାଲରେ ବରିଷ୍ଠ ନାଗରିକଙ୍କୁ ଘୋଷାରିନେଲେ

ଛତରପୁର, ୨୦।୪

ମଧ୍ୟପ୍ରଦେଶର ଛତରପୁର ଜିଲା ଚିକିତ୍ସାଳୟରେ ଜଣେ ୭୦ ବର୍ଷୀୟ ବରିଷ୍ଠ ନାଗରିକ ଉଦ୍ଧବ ସିଂଙ୍କୁ ୨ ଜଣ ବ୍ୟକ୍ତି ଘୋଷାରି ନେଉଥିବାର ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି। ନୌଗାଓଁ ନିବାସୀ ଉଦ୍ଧବ ଗତ ୧୭ରେ ସ୍ତ୍ରୀଙ୍କ ମେଡିକାଲ ଚେକ୍‌ଅପ୍ ପାଇଁ ହସ୍ପିଟାଲ ଆସିଥିଲେ। ଲମ୍ବା ସମୟ ଧରି ଠିଆ ହେବା ପରେ ତାଙ୍କୁ ହସ୍ପିଟାଲର ଡାକ୍ତର ରାଜେଶ ମିଶ୍ରା ଗୋଇଠା ଏବଂ ଚାପୁଡ଼ା ମାରିଥିବା ସେ ଅଭିଯୋଗ ଆଣିଛନ୍ତି। ତେବେ ଉଦ୍ଧବଙ୍କ ଅଭିଯୋଗକୁ ଡାକ୍ତର ରାଜେଶ ଖଣ୍ଡନ କରିଛନ୍ତି। ହସ୍ପିଟାଲର ସିଭିଲ ସର୍ଜନ ଜି. ଏଲ୍ ଅହିରୱାର କହିଛନ୍ତି, ଘଟଣାସ୍ଥଳରେ ରୋଗୀ ଏବଂ ତାଙ୍କ ପରିଜନଙ୍କ ଅତ୍ୟଧିକ ଭିଡ଼ ଥିବାବେଳେ ଉଦ୍ଧବ ଧାଡ଼ି ଭାଙ୍ଗିଥିଲେ। ତେବେ ଉଦ୍ଧବ ହସ୍ପିଟାଲରେ ଘୋଷାଡ଼ି ନିଆଯାଉଥିବାର ଭିଡିଓ ଭାଇରାଲ ହେବା ପରେ ଘଟଣାକୁ ନେଇ ପୋଲିସ ନିଜ ଆଡ଼ୁ ମାମଲା ରୁଜୁ କରିଛି। ଘଟଣା ସମ୍ପର୍କରେ ଅଭିଯୁକ୍ତ ଡାକ୍ତର ରାଜେଶ ମିଶ୍ରା ଏବଂ ଅନ୍ୟ ଜଣେ ବରିଷ୍ଠ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ପୋଲିସ ନୋଟିସ ଜାରି କରିଛି।

# କଶ୍ମୀରରେ ବାଦଲଫଟା ବର୍ଷା

## ୩ ମୃତ, ଶତାଧିକ ଉଦ୍ଧାର

ଜମ୍ମୁ,୨୦।୪ (ପି.ଟି.)

ଜମ୍ମୁ-କଶ୍ମୀରର ରାମବନ ଜିଲାର ବିଭିନ୍ନ ଅଞ୍ଚଳରେ ରବିବାର ବାଦଲଫଟା ବର୍ଷାରେ ୩ ଜଣଙ୍କ ମୃତ୍ୟୁ ଘଟିବା ସହ ଶତାଧିକ ଲୋକଙ୍କୁ ଉଦ୍ଧାର କରାଯାଇଛି। ପ୍ରବଳ ବର୍ଷା ଯୋଗୁ ଭୂସ୍ଖଳନ ଘଟି ଜମ୍ମୁ-ଶ୍ରୀନଗର ଜାତୀୟ ରାଜପଥ ଅବରୋଧ ହୋଇଥିବାବେଳେ ଅଚାନକ ବନ୍ୟା ଆସି ୪୦ଟି ଘର ଭାଙ୍ଗିଯାଇଛି। ବର୍ଷାପାଣି ସୁଅ ଏତେ ପ୍ରଖର ଥିଲା ଯେ ବହୁସଂଖ୍ୟାରେ ଗାଡ଼ି ଭାସିଯାଇଛି। ଆହ୍ୱାନପୂର୍ଣ୍ଣ ସ୍ଥିତି ମଧ୍ୟରେ ପୋଲିସ କର୍ମଚାରୀମାନେ ଫସିଥିବା ଲୋକଙ୍କୁ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ରହିଛନ୍ତି। ନଶ୍ରୀ ଏବଂ ବେନିହାଲ ସେକ୍ସନ ମଧ୍ୟରେ ଏକାଧିକ ଭୂସ୍ଖଳନ ଓ ପଥର ଖସିବା ଯୋଗୁ ଗୁରୁତ୍ୱପୂର୍ଣ୍ଣ ରାଜପଥର ଉଭୟ ଦିଗରୁ ଗାଡ଼ି ଚଳାଚଳକୁ ବନ୍ଦ କରିଦିଆଯାଇଛି।

ରାମବନ ଜିଲାର ସେରି ବାଗ୍‌ନା ଗ୍ରାମରେ ପ୍ରବଳ ବର୍ଷାରେ ୨ ଭାଇଙ୍କ ସମେତ ୩ ଜଣ ପ୍ରାଣ ହରାଇଛନ୍ତି। ଏହାକୁ ମିଶାଇ ୨ ଦିନରେ ଜମ୍ମୁ ଅଞ୍ଚଳରେ ୫ ଜଣଙ୍କ ମୃତ୍ୟୁ ଘଟିଲାଣି। ବର୍ଷା ଜାରି ରହିଥିବାରୁ ଦୈନନ୍ଦିନ ଯାତ୍ରୀମାନଙ୍କୁ ପାଗ ପରିବର୍ତ୍ତନ ନ ହେବା ଏବଂ ରାସ୍ତା ସଫା ନ ହେବା ପର୍ଯ୍ୟନ୍ତ ଯାତାୟାତ ନ କରିବା ପଇଁ ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି।


ବର୍ଷାରେ ଭୂସ୍ଖଳନ ଯୋଗୁ ରାଜପଥରେ ଫସି ରହିଥିବା ଯାତ୍ରୀଙ୍କୁ ଉଦ୍ଧାର କରାଯାଉଛି।

ବର୍ଷା ସାଙ୍ଗକୁ ପ୍ରବଳ ବେଗରେ ପବନ, ଭୂସ୍ଖଳନ ଏବଂ କୁଆପଥର ବର୍ଷା ଲାଗିରହିଥିବାରୁ ସମଗ୍ର ଜିଲାରେ ବ୍ୟାପକ କ୍ଷୟକ୍ଷତି ଘଟିଥିବା ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ସ୍ଥିତି ଉପରେ ନଜର ରଖାଯାଇଥିବାବେଳେ କ୍ଷୟକ୍ଷତି ଆକଳନ କରାଯାଇ ପ୍ରଭାବିତ ହୋଇଥିବା ଲୋକଙ୍କୁ ସହାୟତା ଯୋଗାଇ ଦିଆଯିବ। ଏବେ ଲୋକଙ୍କ ଜୀବନ ବଞ୍ଚାଇବାକୁ ସର୍ବାଧିକ ପ୍ରାଥମିକତା ଦିଆଯାଉଥିବା ସେ କହିଛନ୍ତି। ବର୍ଷା ଓ ଭୂସ୍ଖଳନ ଯୋଗୁ ୨୫୦ କିଲୋମିଟ ରାଜପଥ ଅବରୋଧ ହୋଇଥିବାରୁ ଅନେକ ହଜାର ଯାତ୍ରୀ ଫସିରହିଛନ୍ତି। ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ସ୍ଥିତି ଆକଳନ ପାଇଁ ଜରୁରୀ ବୈଠକ ଡାକିଥିବାବେଳେ ତୁରନ୍ତ ଉଦ୍ଧାର କାର୍ଯ୍ୟ ଯୋଗୁ ଅନେକଙ୍କ ଜୀବନ ବଞ୍ଚିଥିବାରୁ କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ ଜିଲା ପ୍ରଶାସନକୁ ପ୍ରଶଂସା କରିଛନ୍ତି।

# ଆଜି ମୋଦି-ଭାନ୍ସ ଆଲୋଚନା

ନୂଆଦିଲ୍ଲୀ,୨୦।୪(ପି.ଟି.)


ସ୍ତ୍ରୀ ଉଷା ଭାନ୍ସଙ୍କ ସହ ଜେ.ଡି. ଭାନ୍ସ।

ଭାରତ ଗସ୍ତରେ ଆସିବାକୁ ଥିବା ଆମେରିକା ଉପରାଷ୍ଟ୍ରପତି ଜେ.ଡି. ଭାନ୍ସ ଓ ତାଙ୍କ ସ୍ତ୍ରୀ ତଥା ଭାରତୀୟ ବଂଶୋଦ୍ଭବ ସେକେଣ୍ଡ ଲେଡି ଉଷା ଭାନ୍ସଙ୍କ ସମ୍ମାନାର୍ଥେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ସନ୍ଧ୍ୟାରେ ୭ ଲୋକକଲ୍ୟାଣ ମାର୍ଗ ବାସଭବନରେ ନୈଶଭୋଜିର ଆୟୋଜନ କରିଛନ୍ତି। ଏହା ପୂର୍ବରୁ ଆମେରିକା ନେତାଙ୍କ ସହ ମୋଦି ବାଣିଜ୍ୟ, ଟାରିଫ୍, ଆଞ୍ଚଳିକ ସୁରକ୍ଷା ଏବଂ ଦ୍ୱିପାକ୍ଷିକ ସମ୍ପର୍କ ବଢ଼ାଇବା ସମ୍ପର୍କିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆନୁଷ୍ଠାନିକ ଆଲୋଚନା କରିବେ। ପ୍ରସ୍ତାବିତ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତିନାମା ତୁରନ୍ତ ଚୂଡ଼ାନ୍ତ କରିବା ନେଇ ବୈଠକରେ ଗୁରୁତ୍ୱ ଦିଆଯାଇପାରେ ବୋଲି ଏକ ନିର୍ଦ୍ଦିଷ୍ଟ ସୂତ୍ରରୁ ଜଣାପଡ଼ିଛି।

ଭାନ୍ସ ଦମ୍ପତିଙ୍କ ସହ ସେମାନଙ୍କ ୩ ପିଲା ୪ ଦିନିଆ ଭାରତ ଗସ୍ତରେ ଆସି ସୋମବାର ପାଲାମ ଏୟାରବେସ୍‌ରେ ଅବତରଣ କରିବେ। ସେମାନଙ୍କ ସହ ପେଣ୍ଟାଗନ୍ ଏବଂ ପରରାଷ୍ଟ୍ର ବିଭାଗର ଅନ୍ୟୂନ ୫ ଜଣ ବରିଷ୍ଠ ଅଧିକାରୀ ଆସିପାରନ୍ତି ବୋଲି ଆଶା କରାଯାଉଛି। ଆଲୋଚନା ବେଳେ ମୋଦିଙ୍କ ସହ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର, ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଅଜିତ ଡୋଭାଲ, ବହିର୍ବ୍ୟାପାର ସଚିବ ବିକ୍ରମ ମିସ୍ତ୍ରି ଏବଂ ଆମେରିକାରେ ଭାରତୀୟ ରାଷ୍ଟ୍ରଦୂତ ବିନୟ ମୋହନ କ୍ୱାତ୍ରା ଉପସ୍ଥିତ ରହିବା ଆଶା କରାଯାଉଛି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଭାରତ ସମେତ ୬୦ ଦେଶ ଉପରେ ଟାରିଫ ଲାଗୁ କରିବା ଓ ପରେ ସ୍ଥଗିତ ରଖିବାର କିଛି ସପ୍ତାହ ପରେ ଭାନ୍ସ ପ୍ରଥମ ଥର ଭାରତ ଗସ୍ତରେ ଆସୁଛନ୍ତି। ଟାରିଫ୍, ବଜାର ପ୍ରବେଶ ସମେତ ବିଭିନ୍ନ ପ୍ରସଙ୍ଗର ସମାଧାନ ପାଇଁ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତିନାମା ସ୍ୱାକ୍ଷର କରିବା ନିମନ୍ତେ ନୂଆଦିଲ୍ଲୀ ଏବଂ ୱାଶିଂଟନ୍ ପକ୍ଷରୁ ଆଲୋଚନା ଜାରି ରହିଛି।

ଦିଲ୍ଲୀରେ ପହଞ୍ଚିବା ପରେ ଭାନ୍ସ ଓ ତାଙ୍କ ପରିବାର ସ୍ୱାମୀନାରାୟଣ ଅକ୍ଷରଧାମ ମନ୍ଦିର ଦର୍ଶନରେ ଯିବେ। ଏଥିସହିତ ପାରମ୍ପରିକ ଭାରତୀୟ ହସ୍ତଶିଳ୍ପ ସାମଗ୍ରୀ ବିକ୍ରି ହେଉଥିବା ଶପିଂ କମ୍ପ୍ଲେକ୍ସକୁ ମଧ ସେମାନେ ଯାଇପାରନ୍ତି। ଏଥିସହିତ ସେମାନେ ଜୟପୁର ଓ ଆଗ୍ରା ଯିବା କାର୍ଯ୍ୟକ୍ରମ ରହିଛି।

# ଅଟୋରିକ୍ସା ଚାଳକଙ୍କୁ ଗଣବଳାତ୍କାର

ଆଗ୍ରା, ୨୦।୪

ଉତ୍ତରପ୍ରଦେଶର ଆଗ୍ରାରେ ଜଣେ ୩୬ ବର୍ଷୀୟା ଅଟୋରିକ୍ସା ଚାଳକଙ୍କୁ ୨ ଜଣ ବ୍ୟକ୍ତି ଗଣବଳାତ୍କାର କରିଛନ୍ତି। ଉଭୟ ଅଭିଯୁକ୍ତ ନିଜକୁ ସେନା ଯବାନ ଭାବେ ପରିଚୟ ଦେଇ ପୀଡ଼ିତାଙ୍କ ଝିଅଙ୍କୁ ଏକ ସାମରିକ ବିଦ୍ୟାଳୟରେ ନାମ ଲେଖାଇବା ପାଇଁ ପ୍ରତିଶ୍ରୁତି ଦେଇଥିଲେ ଓ ତାଙ୍କ ସହ ସମ୍ପର୍କ ସ୍ଥାପନ କରିଥିଲେ। ଗୁରୁବାର ଉଭୟ ଅଭିଯୁକ୍ତ ତାଙ୍କୁ ଆଗ୍ରାର ଏକ ହୋଟେଲକୁ ଡକାଇଥିଲେ ବୋଲି ପୀଡ଼ିତା କହିଛନ୍ତି। ସେଠାରେ ବନ୍ଧୁକମୁନରେ ଉଭୟେ ତାଙ୍କୁ ବଳାତ୍କାର କରିଥିବା ପୀଡ଼ିତା କହିଛନ୍ତି। ପୀଡ଼ିତାଙ୍କ ଅଭିଯୋଗ ଆଧାରରେ ପୋଲିସ ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍)ର ଧାରା ୭୦ (୧) (ସାମୂହିକ ବଳାତ୍କାର) ଅନୁଯାୟୀ, ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ନେଇ ଆଗ୍ରା ଏସିପି ହେମନ୍ତ କୁମାର କହିଛନ୍ତି। ଉଭୟ ଅଭିଯୁକ୍ତ ଏବେ ଫେରାର ଅଛନ୍ତି। ପୋଲିସ ବିଭିନ୍ନ ଟିମ୍ କରି ଉଭୟଙ୍କୁ ଖୋଜିବା ପ୍ରକ୍ରିୟା ଜାରି ରଖିଛି।

# 'ବାଧ୍ୟତାମୂଳକ ହିନ୍ଦୀ'କୁ ମହାରାଷ୍ଟ୍ର ଭାଷା କମିଟିର ବିରୋଧ

ନୂଆଦିଲ୍ଲୀ,୨୦।୪ (ପି.ଟି.)

ଜାତୀୟ ଶିକ୍ଷାନୀତି ଅନୁଯାୟୀ ମହାରାଷ୍ଟ୍ରର ସମସ୍ତ ବୋର୍ଡ ସ୍କୁଲ୍‌ରେ ମରାଠୀ ଏବଂ ଇଂଲିଶ ସହ ହିନ୍ଦୀକୁ ପ୍ରଥମ ଶ୍ରେଣୀରୁ ତୃତୀୟ ଭାଷା ଭାବେ ବାଧ୍ୟତାମୂଳକ ପଢ଼ାଇବା ପାଇଁ ଦେବେନ୍ଦ୍ର ଫଡ୍‌ନବିସ୍ ସରକାର ନିଷ୍ପତ୍ତି ନେଇଥିବାବେଳେ ଏହାକୁ ନେଇ ବିବାଦ ଦେଖାଦେଇଛି। ଶିବସେନା(ୟୁବିଟି), ମହାରାଷ୍ଟ୍ର ନବନିର୍ମାଣ ସେନା (ଏମ୍‌ଏନ୍‌ଏସ୍) ସମେତ ବିପକ୍ଷ ଦଳଗୁଡ଼ିକ ସରକାରଙ୍କ ନିଷ୍ପତ୍ତିକୁ ବିରୋଧ କରିଆସୁଛନ୍ତି। ପ୍ରଥମ ଶ୍ରେଣୀରୁ ହିନ୍ଦୀକୁ ବାଧ୍ୟତାମୂଳକ କରିବା ନିଷ୍ପତ୍ତିକୁ ରବିବାର ମହାରାଷ୍ଟ୍ର ସରକାରଙ୍କ ଭାଷା ପରାମର୍ଶ କମିଟି ସର୍ବସମ୍ମତିକ୍ରମେ ବିରୋଧ କରିଛି। କମିଟିର ମୁଖ୍ୟ ଲକ୍ଷ୍ମୀକାନ୍ତ ଦେଶମୁଖ ମୁଖ୍ୟମନ୍ତ୍ରୀ ଫଡ୍‌ନବିସ୍‌ଙ୍କୁ ପତ୍ର ଲେଖି ତାଙ୍କ ସରକାରଙ୍କ ପୂର୍ବ ନିଷ୍ପତ୍ତି ରଦ୍ଦ କରିବା ପାଇଁ ନିବେଦନ କରିଛନ୍ତି।

ହିନ୍ଦୀକୁ ବାଧ୍ୟତାମୂଳକ ଭାଷା କରିବା ପାଇଁ ସ୍କୁଲ୍ ଶିକ୍ଷା ବିଭାଗ ଗତ ୧୬ ତାରିଖରେ ନିଷ୍ପତ୍ତି ନେଇଥିଲା ବୋଲି ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ (ଏସ୍‌ସିଇଆର୍‌ଟି)ର ନିର୍ଦ୍ଦେଶକ ରାହୁଲ ଅଶୋକ ରେଖାୱର କହିଛନ୍ତି। ଏହାଦ୍ୱାରା ଛାତ୍ରୀଛାତ୍ର ଉପକୃତ ହେବେ ବୋଲି ସେ କହିଛନ୍ତି। ବିବାଦ ବଢ଼ିବା ପରେ ଫଡ୍‌ନବିସ କହିଛନ୍ତି, ମରାଠୀ ଭାଷା ମହାରାଷ୍ଟ୍ରରେ ବାଧ୍ୟତାମୂଳକ ହୋଇଥିବାରୁ ପ୍ରତ୍ୟେକ ଏହାକୁ ପଢ଼ିବା ଉଚିତ। ଯଦି ପିଲାମାନେ ଅନ୍ୟ ଭାଷା ପଢ଼ିବାକୁ ଚାହାନ୍ତି, ତେବେ ପଢ଼ିପାରିବେ। ହିନ୍ଦୀକୁ ବିରୋଧ ଏବଂ ଇଂଲିଶକୁ ପ୍ରୋତ୍ସାହନ ବଢ଼ିବା ଆଶ୍ଚର୍ଯ୍ୟଜନକ। ଯଦି କେହି ମରାଠୀକୁ ବିରୋଧ କରେ ତାହାକୁ ବରଦାସ୍ତ କରାଯିବନି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

# ଜେନ୍‌ସୋଲ୍ ଇଲେକ୍ଟ୍ରିକ୍ ବିରୋଧରେ ଏମ୍‌ସିଏ ତଦନ୍ତ ଆରମ୍ଭ

## ୯୭୫ କୋଟି ଟଙ୍କା ଇଭି ଋଣର ଦୁରୁପଯୋଗ

ନୂଆଦିଲ୍ଲୀ,୨୦।୪

ଜେନ୍‌ସୋଲ୍ ଇଲେକ୍ଟ୍ରିକ୍ ୯୭୫ କୋଟି ଟଙ୍କା ଋଣର ଦୁରୁପଯୋଗ କରିବା ସମେତ ଗମ୍ଭୀର ଆର୍ଥିକ ଅନିୟମିତତାରେ ସମ୍ପୃକ୍ତି ଅଭିଯୋଗ ମିଳିବା ପରେ କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ (ଏମ୍‌ସିଏ) ନିଜଆଡ଼ୁ ତଦନ୍ତ ଆରମ୍ଭ କରିଛି। ଭାରତର ପ୍ରତିଭୂତି ବିନିମୟ ବୋର୍ଡ (ସେବି) ଜେନ୍‌ସୋଲ୍ ପ୍ରମୋଟରମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କରିବା ପରେ ମନ୍ତ୍ରଣାଳୟ କମ୍ପାନୀର ରେଗୁଲେଟୋରି ଫାଇଲିଂ ଏବଂ ଆର୍ଥିକ କାରବାରର ରେକର୍ଡଗୁଡ଼ିକୁ ଯାଞ୍ଚ କରୁଛି। ସେବି ଜେନ୍‌ସୋଲ୍ ଇଲେକ୍ଟ୍ରିକ୍‌ର ପ୍ରମୋଟର ଅନମୋଲ ସିଂ ଜଗ୍ଗି ଏବଂ ପୁନୀତି ସିଂ ଜଗ୍ଗିଙ୍କୁ ଶେୟାର ବଜାରରୁ ବାଦ୍ ଦେଇଥିଲା। ଏଥିସହିତ ସେମାନେ କୌଣସି ତାଲିକାଭୁକ୍ତ କମ୍ପାନୀର ନିର୍ଦ୍ଦେଶକ କିମ୍ବା ମୁଖ୍ୟ ପରିଚାଳନା ପଦବୀରେ ରହିପାରିବେ ନାହିଁ ବୋଲି ସେବି କହିଥିଲା। ଶେୟାର ମୂଲ୍ୟରେ ଜାଲିଆତି ଏବଂ ଋଣ ଜାଲିଆତି ଅଭିଯୋଗ ପାଇବା ପରେ ସେବି କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଥିଲା। ବିଦ୍ୟୁତ୍‌ଚାଳିତ ଯାନ (ଇଭି) କିଣିବା ପାଇଁ ଜେନ୍‌ସୋଲ ଇଣ୍ଡିଆନ୍ ରିନ୍ୟୁଏବ୍ଲ ଏନର୍ଜି ଡେଭେଲପ୍‌ମେଣ୍ଟ ଏଜେନ୍ସି (ଆଇଆର୍‌ଇଡିଏ) ଏବଂ ପାୱାର ଫାଇନାନ୍ସ କର୍ପୋରେଶନ (ପିଏଫ୍‌ସି) ଭଳି ସଂସ୍ଥାରୁ ୯୭୫ କୋଟି ଟଙ୍କା ଋଣ ନେଇ ସେଥିରୁ ୨୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ପ୍ରମୋଟରମାନଙ୍କ ଅନ୍ୟ ସଂସ୍ଥାକୁ ଟ୍ରାନ୍ସଫର କରିବା ସହ ଅନ୍ୟ ଅର୍ଥରେ ମୂଲ୍ୟବାନ ରିୟଲ ଇଷ୍ଟେଟ ଓ ଅନ୍ୟାନ୍ୟ ବ୍ୟକ୍ତିଗତ କ୍ରୟରେ ବିନିଯୋଗ ହୋଇଥିବା ସେବି ଜାଣିବାକୁ ପାଇଥିଲା।

## ଫୁର୍‌ସତ

# ଉଜ୍ଜ୍ୱଲ ନିକମଙ୍କ ଭୂମିକାରେ ରାଜକୁମାର


ରାଜକୁମାର ରାଓ

**ମୁମ୍ବାଇ:** ଫିଲ୍ମ ନିର୍ମାତା ଦୀନେଶ ଭିଜାନ ପ୍ରସିଦ୍ଧ ସରକାରୀ ଓକିଲ ଉଜ୍ଜ୍ୱଲ ନିକମଙ୍କ ଉପରେ ଏକ ବାୟୋପିକ୍ ନିର୍ମାଣ କରିବାକୁ ଯାଉଛନ୍ତି। ପୂର୍ବରୁ ଏହି ଫିଲ୍ମରେ ଅଭିନେତା ଆମିର ଖାନ ମୁଖ୍ୟ ଭୂମିକାରେ ନଜରକୁ ଆସିବେ ବୋଲି ରିପୋର୍ଟ ପ୍ରକାଶ ପାଇଥିଲା। ତେବେ ଏକ ନୂତନ ରିପୋର୍ଟ ଅନୁଯାୟୀ, ଉଜ୍ଜ୍ୱଲ ନିକମଙ୍କ ବାୟୋପିକ୍‌ରେ ମୁଖ୍ୟ ଭୂମିକାରେ ଅଭିନୟ କରିବାକୁ ଆମିର ଅଗ୍ରାହ୍ୟ ପ୍ରକାଶ କରିଛନ୍ତି। ତେଣୁ ଏହି ଫିଲ୍ମର ମୁଖ୍ୟ ଅଭିନେତା ଚରିତ୍ର ପାଇଁ ଦୀନେଶଙ୍କ ପକ୍ଷରୁ ଅଭିନେତା ରାଜକୁମାର ରାଓଙ୍କୁ ଅଫର ଦିଆଯାଇଛି। ଏନେଇ ରାଜକୁମାର ଏବଂ ଦୀନେଶଙ୍କ ମଧ୍ୟରେ ଆଲୋଚନା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ବର୍ତ୍ତମାନ ସୁଦ୍ଧା ଦୀନେଶଙ୍କ ଅଫରକୁ ରାଜକୁମାର ସକାରାତ୍ମକ ଭାବେ ଗ୍ରହଣ କରିଥିବା ନେଇ ରିପୋର୍ଟରେ କୁହାଯାଇଛି। ତେବେ ସମ୍ପ୍ରତି ରାଜକୁମାର ଫିଲ୍ମ ନିର୍ମାତା ବିକ୍ରମାଦିତ୍ୟ ମୋଟ୍‌ୱାନୀଙ୍କ ଏକ ଫିଲ୍ମର ପ୍ରସ୍ତୁତିରେ ବ୍ୟସ୍ତ ଅଛନ୍ତି। ତେଣୁ ଦୀନେଶ ତାଙ୍କ ଫିଲ୍ମର ଶୁଟିଂ ଡେଟ୍ ସମ୍ପର୍କରେ ରାଜକୁମାରଙ୍କ ସହ ଶେଷ ପର୍ଯ୍ୟାୟ ଆଲୋଚନା କରୁଛନ୍ତି ବୋଲି ରିପୋର୍ଟରେ କୁହାଯାଇଛି। ପ୍ରକାଶ ଯେ, ଦେଶର ଜଣେ ପ୍ରସିଦ୍ଧ ସରକାରୀ ଓକିଲ ଭାବେ ଉଜ୍ଜ୍ୱଲ ନିକମ ଜଣାଶୁଣା। ୧୯୯୩ ବମ୍ବେ ବିସ୍ଫୋରଣ, ୨୬/୧୧ ମୁମ୍ବାଇ ଆକ୍ରମଣ, ପ୍ରମୋଦ ମହାଜନ ହତ୍ୟାକାଣ୍ଡ ଆଦି ଅନେକ ହାଇପ୍ରୋଫାଇଲ ମାମଲାରେ ସେ କୋର୍ଟରେ ସରକାରଙ୍କ ପକ୍ଷ ରଖିଥିଲେ। ୨୦୧୬ରେ ଭାରତ ସରକାର ତାଙ୍କୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରିଥିଲେ।

# ସ୍ୱଚ୍ଛ, ନାଗରିକକୈନ୍ଦ୍ରିକ ଶାସନକୁ ଗୁରୁତ୍ୱ

## ଜାତୀୟ ନାଗରିକ ସେବା ଦିବସ



ଭାରତରେ ପ୍ରତିବର୍ଷ ୨୧ ଏପ୍ରିଲରେ ପାଳନ କରାଯାଏ ଜାତୀୟ ନାଗରିକ ସେବା ଦିବସ, ଯାହା ଦେଶର ନାଗରିକ ସେବାରେ ନିୟୋଜିତ ଅଧିକାରୀଙ୍କ ନିଷ୍ଠା, ପ୍ରତିବଦ୍ଧତା ଏବଂ ନିଷ୍ପକ୍ଷତାକୁ ସମ୍ମାନ ଜଣାଇଥାଏ। ୨୦୦୬ ମସିହାରେ ପ୍ରଥମେ ଏହି ଦିବସ ପାଳନ ହୋଇଥିଲା। କେନ୍ଦ୍ର ସରକାର ନାଗରିକ ସେବକଙ୍କୁ ସମ୍ମାନିତ କରିବା ଓ ସେମାନଙ୍କ କାର୍ଯ୍ୟକୁ ପ୍ରୋତ୍ସାହିତ କରିବା ପାଇଁ ସେହିବର୍ଷ ଏହାକୁ ଏକ ବିଶେଷ ଦିବସ ଭାବେ ଘୋଷଣା କରିଥିଲେ। ଏହି ଦିବସ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ସ୍ମୃତିରେ ଉତ୍ସର୍ଗୀକୃତ, ଯିଏ ଭାରତୀୟ ନାଗରିକ ସେବାର ମୂଳଦୁଆ ପକାଇଥିଲେ। ଚଳିତବର୍ଷ ଏହି ଦିବସ ଲାଗି ବାର୍ତ୍ତା ରହିଛି 'ନବସୃଜନ,ସ୍ୱଚ୍ଛ ଏବଂ ନାଗରିକକୈନ୍ଦ୍ରିକ ଶାସନ'।

ଧରିତ୍ରୀ
DHARITRI
ଧରିତ୍ରୀ 51 Years

ଭୁବନେଶ୍ୱର, ସୋମବାର, ଏପ୍ରିଲ ୨୧/୨୦୨୫ | Bhubaneswar, Monday, April 21/2025 | ପୃଷ୍ଠା-୧


ଜମ୍ମୁ-କଶ୍ମୀରର ରାମବନ ଜିଲାରେ ରବିବାର ବାଦଲଫଟା ବର୍ଷା ଯୋଗୁ ଭୂସ୍ଖଳନ ପରେ ଗାଡ଼ିଗୁଡ଼ିକ ଫସିରହିଛି।

# ରାଷ୍ଟ୍ରପତିଙ୍କୁ ନିର୍ଦ୍ଦେଶ ଦେଇପାରିବେ ସୁପ୍ରିମକୋର୍ଟ: ଚେଲମେଶ୍ୱର

**ସଂସଦରେ ପାରିତ ଆଇନର ନ୍ୟାୟିକ ସମୀକ୍ଷା କରି ତାକୁ ଯଦି ସୁପ୍ରିମକୋର୍ଟ ଏବଂ ହାଇକୋର୍ଟଗୁଡ଼ିକ ଅସାମ୍ବିଧାନିକ ଘୋଷଣା କରିପାରିବେ, ତେବେ ସରକାରଙ୍କ ସର୍ବୋଚ୍ଚ ପଦପଦବୀରେ ଥିବା ବ୍ୟକ୍ତିମାନଙ୍କ ଉଦ୍ଦେଶ୍ୟରେ ଅଦାଲତ ନିର୍ଦ୍ଦେଶନାମା ମଧ୍ୟ ଜାରି କରିପାରିବେ ବୋଲି ଜଷ୍ଟିସ୍ (ଅବସରପ୍ରାପ୍ତ) ଜସ୍ତି ଚେଲମେଶ୍ୱର କହିଛନ୍ତି। ସମ୍ପ୍ରତି ସଂସଦ, ରାଷ୍ଟ୍ରପତି ଓ ସୁପ୍ରିମକୋର୍ଟଙ୍କ କ୍ଷମତାକୁ ନେଇ ଦେଶରେ ବିତର୍କ ଲାଗିରହିଥିବାବେଳେ ଏହି ପ୍ରସଙ୍ଗରେ ସର୍ବୋଚ୍ଚ ଅଦାଲତର ପୂର୍ବତନ ବିଚାରପତି ଚେଲମେଶ୍ୱରଙ୍କ ମନ୍ତବ୍ୟକୁ ତାତ୍ପର୍ଯ୍ୟପୂର୍ଣ୍ଣ ବିବେଚନା କରାଯାଉଛି।**


ଜଷ୍ଟିସ୍ ଜେ. ଚେଲମେଶ୍ୱର

ଚେନ୍ନାଇ,୨୦।୪

୨୦୧୮ ଜାନୁଆରୀ ୧୨ରେ ତତ୍କାଳୀନ ସିଜେଆଇ ଦୀପକ ମିଶ୍ରଙ୍କ ଯୋଗୁ ନ୍ୟାୟପାଳିକାରେ ସଙ୍କଟ ସୃଷ୍ଟି ହୋଇଥିବା ଅଭିଯୋଗ ଆଣି ସୁପ୍ରମକୋର୍ଟର ଯେଉଁ ୪ ଜଣ ବିଚାରପତି ଅଭୂତପୂର୍ବ ଖବରଦାତା ସମ୍ମିଳନୀର ଆୟୋଜନ ପୂର୍ବକ ଦେଶବାସୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ, ସେମାନଙ୍କ ନେତୃତ୍ୱ ନେଇଥିଲେ ଜଷ୍ଟିସ୍ ଜସ୍ତି ଚେଲମେଶ୍ୱର। ବର୍ତ୍ତମାନ ବ୍ୟବସ୍ଥାପିକାର ଆଇନ ପ୍ରଣୟନ କ୍ଷମତା ଏବଂ ଏହା ଉପରେ ସର୍ବୋଚ୍ଚ ଅଦାଲତଙ୍କ କର୍ତ୍ତୃତ୍ୱକୁ ନେଇ ମତମନ୍ତବ୍ୟ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ଜଷ୍ଟିସ୍ ଚେଲମେଶ୍ୱର ମୁହଁ ଖୋଲି କହିଛନ୍ତି, ପାର୍ଲାମେଣ୍ଟରେ ପ୍ରଣୀତ ଏକ ଆଇନର ଆଇନଗତ ବୈଧତା ଯାଞ୍ଚ ସମ୍ପର୍କିତ କ୍ଷମତାର ପ୍ରୟୋଗ କରି ରାଷ୍ଟ୍ରପତିଙ୍କୁ କାର୍ଯ୍ୟ କରିବା ପାଇଁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇପାରିବେ।

ଚେନ୍ନାଇରେ ଶନିବାର ଆୟୋଜିତ 'ସମ୍ବିଧାନର ୭୫ତମ ବର୍ଷ' ଶୀର୍ଷକ ବକ୍ତୃତାମାଳାରେ ଜଷ୍ଟିସ୍ ଚେଲମେଶ୍ୱର ବକ୍ତବ୍ୟ ରଖିବା ଅବସରରେ ବିଧାନସଭାରେ ପାରିତ ବିଲ୍‌ଗୁଡ଼ିକ ଉପରେ ସମୟବଦ୍ଧ ଭାବେ ରାଷ୍ଟ୍ରପତି ଓ ରାଜ୍ୟପାଳ ନିଷ୍ପତ୍ତି ନେବେ ବୋଲି ନିକଟରେ ସୁପ୍ରିମକୋର୍ଟ ଦେଇଥିବା ରାୟର ଯଥାର୍ଥତା ପ୍ରତିପାଦିତ କରିଛନ୍ତି। ଜଷ୍ଟିସ୍ ଚେଲମେଶ୍ୱର କହିଛନ୍ତି, ସୁପ୍ରିମକୋର୍ଟ ଏବଂ ହାଇକୋର୍ଟଗୁଡ଼ିକ ଯଦି ସଂସଦରେ ପାରିତ ଏକ ଆଇନର ନ୍ୟାୟିକ ସମୀକ୍ଷା କରି ତାକୁ ଅସାମ୍ବିଧାନିକ ଘୋଷଣା କରିପାରିବେ, ତେବେ ସରକାରଙ୍କ ସର୍ବୋଚ୍ଚ ପଦପଦବୀରେ ଥିବା ବ୍ୟକ୍ତିମାନଙ୍କ ଉଦ୍ଦେଶ୍ୟରେ ଅଦାଲତ ନିର୍ଦ୍ଦେଶନାମା ମଧ୍ୟ ଜାରି କରିପାରିବେ। ଏହି ଦେଶରେ ଆମେ ଗ୍ରହଣ କରିନେଇଛୁ ଯେ, ଏକ ଆଇନ ସମ୍ବିଧାନ ଅନୁରୂପ କି ନୁହେଁ ତାହା ଉପରେ ନିଷ୍ପତ୍ତି ନେବା କର୍ତ୍ତୃତ୍ୱ ନ୍ୟାୟପାଳିକାର ରହିଛି। ଉଲ୍ଲେଖଯୋଗ୍ୟ, ତାମିଲନାଡୁ ବିଧାନସଭା ଦ୍ୱାରା ପାରିତ ୧୦ଟି ବିଲ୍‌କୁ ରାଜ୍ୟପାଳ ଆର୍. ଏନ୍. ରବି ପକାଇ ରଖିଥିଲେ। ରାଜ୍ୟର ଡିଏମ୍‌କେ ସରକାର ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଏପ୍ରିଲ ୮ରେ ସୁପ୍ରିମକୋର୍ଟ ସମ୍ବିଧାନର ଅନୁଚ୍ଛେଦ ୧୪୨ରେ ପ୍ରଦତ୍ତ ସ୍ୱତନ୍ତ୍ର କ୍ଷମତାର ପ୍ରୟୋଗ କରି ବିଲ୍‌ଗୁଡ଼ିକୁ ଆଇନରେ ପରିଣତ କରିବା ସହ ସର୍ବୋଚ୍ଚ ଅଦାଲତ ବିଲ୍‌ର ତର୍ଜମା ପାଇଁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ୩ ମାସ ସମୟ ସୀମା ଧାର୍ଯ୍ୟ କରିଥିଲେ। ଏହା ଉପରେ ରାଜ୍ୟ ସଭା ଅଧ୍ୟକ୍ଷ ଜଗଦୀପ ଧନ୍‌କର ଗୁରୁବାର ପ୍ରଶ୍ନ ଉଠାଇ କହିଥିଲେ, ସୁପ୍ରିମକୋର୍ଟ 'ସୁପର ପାର୍ଲାମେଣ୍ଟ' ଭଳି କାର୍ଯ୍ୟ କରୁଛନ୍ତି। ଅଦାଲତ ଗଣତାନ୍ତ୍ରିକ ଶକ୍ତିକୁ ଭେଦ କଲାଭଳି ଆଣବିକ କ୍ଷେପଣାସ୍ତ୍ର ଛାଡ଼ିପାରିବେ ନାହିଁ। ଧନକରଙ୍କ ଏହି ମନ୍ତବ୍ୟ ଉପରେ ମାଡ୍ରାସ୍ ହାଇକୋର୍ଟ ବିଚାରପତି ସି.ଟି. ସେଲ୍‌ଭମ୍‌ଙ୍କ ଏକ ପ୍ରଶ୍ନର ଉତ୍ତରରେ ଜଷ୍ଟିସ୍ ଚେଲାମେଶ୍ୱର ଉପରୋକ୍ତ ମନ୍ତବ୍ୟ ଦେଇଛନ୍ତି।

# ଖୁଣ୍ଟରେ ବାନ୍ଧି ପିଟିଲେ, ପରିସ୍ରା ପିଆଇଲେ

## ୨ ନାବାଳକ ଆକ୍ରମଣର ଶିକାର

**ମେଳା ବୁଲିବାକୁ ଆସିଥିଲେ, ମାତ୍ର ଆକ୍ରମଣର ଶିକାର ହେଲେ। ଶନିବାର ରାତିରେ ଜମାଣ ଉତ୍ସବରେ ଠାକୁରଙ୍କୁ ଶୋଭାଯାତ୍ରାରେ ନିଆଯାଉଥିବାବେଳେ କୌଣସି କଥାକୁ ନେଇ ୨ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ସୃଷ୍ଟି ହୋଇଥିଲା। ପରେ ଗଣ୍ଡଗୋଳକାରୀ ଯୁବକମାନେ ଖସି ପଳାଇଥିବାବେଳେ ଅନ୍ୟ ୨ଜଣ ନିରୀହ ନାବାଳକଙ୍କୁ କେତେଜଣ ଯୁବକ ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ଲୁହାରଡ୍‌ରେ ନିସ୍ତୁକ ମାଡ଼ ମାରିବା ସହ ସିଗାରେଟ ଚେଙ୍କ ଦେଲେ। ପରେ ପରିସ୍ରା ମଧ୍ୟ ପିଆଇବାକୁ ପଛାଇଲେ ନାହିଁ। ଏଭଳି ଅମାନବୀୟ ଘଟଣା ଘଟିଛି ପୁରୀ ଜିଲା ବଳଙ୍ଗା ଥାନା କୋଟକୁସାଙ୍ଗ ଗ୍ରାମରେ। ମାଡ଼ ମାରିଥିବା ଯୁବକମାନଙ୍କ ବିରୋଧରେ ପୋଲିସ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପୀଡ଼ିତଙ୍କ ପରିବାର ପକ୍ଷରୁ ଦାବି ହୋଇଛି। ଅପରପକ୍ଷରେ ଏହି ଘଟଣାରେ ପୋଲିସ ୩ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି।**

ବଳଙ୍ଗା/ପିପିଲି,୨୦।୪
(କେଦାରେଶ୍ୱର ନନ୍ଦ/ଦୁର୍ଗାମାଧବ ମିଶ୍ର )

ପୁରୀ ଜିଲା ବଳଙ୍ଗା ଥାନା ଅନ୍ତର୍ଗତ କୋଟକୁସାଙ୍ଗ ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ଜମାଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ଠାକୁରଙ୍କୁ ଶୋଭାଯାତ୍ରାରେ ନିଆଯାଉଥିଲା। ଶୋଭାଯାତ୍ରା ସମୟରେ ବଳଙ୍ଗା ପ୍ରଧାନସାହି ଓ କୋଟକୁସାଙ୍ଗ ବେହେରା ସାହିର କେତେଜଣ ଯୁବକଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଫଳରେ କୋଟକୁସାଙ୍ଗ ଗ୍ରାମର ୨ଜଣ ଗୁରୁତର ହୋଇଥିଲେ। ବଳଙ୍ଗା ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ସମସ୍ତେ ପଳାଇଥିଲେ ଏବଂ ପୋଲିସ ପ୍ରଧାନସାହିର ଜଣଙ୍କୁ ଉଠାଇ ଆଣିଥିଲା। ପରେ ବଳଙ୍ଗା ବିରାଟ ସାହିରୁ ୨ଜଣ ନାବାଳକ ଜମାଣ ଦେଖିବା ପାଇଁ ଯାଇଥିବାବେଳେ ସେମାନଙ୍କୁ ବଳଙ୍ଗା ପ୍ରଧାନସାହି ପିଲା ଭାବି କୋଟକୁସାଙ୍ଗ ବେହେରା ସାହିର ଲୋକମାନେ ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ଲୁହା ରଡ୍‌ରେ ବାଡ଼େଇବା ସହ ଗାଳିଗୁଲଜ କରିଥିଲେ। ଏଥିସହ ସେମାନଙ୍କ ଦେହରେ ସିଗାରେଟ୍ ଚେଙ୍କ ଦେଇଥିଲେ। ମାଡ଼ରେ ଲହୁଲୁହାଣ ହୋଇ ଜୀବନ ବିକଳରେ ୨ ନାବାଳକ ପାଣି ମାଗିଥିଲେ। ହେଲେ ସେମାନଙ୍କୁ ପାଣି ଦେବା ପରିବର୍ତ୍ତେ ପରିସ୍ରା ପିଆଇ ଦେଇଥିଲେ। କୌଶଳକ୍ରମେ ନାବାଳକଦ୍ୱୟ ସେଠାରୁ ଖସି ଆସି ପରିବାର ଲୋକଙ୍କୁ ଜଣାଇଥିଲେ। ଖବରପାଇ ବିରାଟ ସାହିର କେତେଜଣ ଲୋକ ଏବଂ ନାବାଳଙ୍କ ପରିବାର ଥାନାକୁ ଆସି ଅଭିଯୋଗ କରିଥିଲେ। ଅଭିଯୋଗ ପରେ ବଳଙ୍ଗା ଥାନାଧିକାରୀ ଦିବ୍ୟରଞ୍ଜନ ପଣ୍ଡା ଘଟଣାସ୍ଥଳରେ ପହଞ୍ଚି କୋଟକୁସାଙ୍ଗର ଆଉ ୨ଜଣଙ୍କୁ ଉଠାଇ ଆଣି ବଳଙ୍ଗା ଥାନାକୁ ଆଣିଥିଲେ। ଏନେଇ ବଳଙ୍ଗା ଥାନାରେ ନଂ. ୮୨/୨୦୨୫ରେ ଏକ ମାମଲା ରୁଜୁ ହୋଇ ସମ୍ପୃକ୍ତ ୩ଯୁବକଙ୍କୁ ଗିରଫ କରାଯାଇଛି, ସୋମବାର ସେମାନଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଥାନା ଅଧିକାରୀ ପଣ୍ଡା କହିଛନ୍ତି।


ହାତରେ ଚେଙ୍କ ଦିଆଯାଇଛି।

# ଆଜି ୫ଘଣ୍ଟା ବନ୍ଦ ରହିବ ମହାପ୍ରଭୁଙ୍କ ଦର୍ଶନ

ପୁରୀ,୨୦।୪(ଅଜିତ କୁମାର ମହାନ୍ତି)

ବୈଶାଖ ମାସ କୃଷ୍ଣପକ୍ଷ ଅଷ୍ଟମୀ ତିଥିରେ ସୋମବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ପଇତା ଲାଗି ନୀତି ଅନୁଷ୍ଠିତ ହେବ। ମହାପ୍ରଭୁଙ୍କ ଶ୍ରୀଅଙ୍ଗକୁ ସୁରକ୍ଷା ଦେବା ପାଇଁ ଏହି ନୀତି ସମ୍ପାଦନ କରାଯାଏ। ଏହା ଏକ ଗୁପ୍ତନୀତି। ତେଣୁ ଏହି ନୀତି ସମୟରେ ସର୍ବସାଧାରଣ ଦର୍ଶନ ବନ୍ଦ ରଖାଯାଏ। ସୋମବାର ଅପରାହ୍ନ ୫ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ପଇତାଲାଗି ନୀତି ସମ୍ପାଦନ ହେବାକୁ ଥିବାରୁ ଏହି ସମୟରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ପରମ୍ପରା ଅନୁଯାୟୀ, ପାଟରା ବିଶୋଇମାନେ ପ୍ରସ୍ତୁତ କରିଥିବା ପଇତାକୁ ରବିବାର ଦେଉଳକରଣଙ୍କୁ ହସ୍ତାନ୍ତର କରିଛନ୍ତି। ସୋମବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦ୍ୱିତୀୟ ଭୋଗମଣ୍ଡପ ପରେ ପଇତାଲାଗି ନୀତି ହେବ। ପାଟଡୋରିରେ ନିର୍ମିତ ଜାଲିଯୁକ୍ତ ବସ୍ତ୍ରକୁ ମହାପ୍ରଭୁଙ୍କୁ ଲାଗି କରାଯିବ, ଯାହାକୁ ପଇତାଲାଗି ବୋଲି କୁହାଯାଏ। ବର୍ଷକରେ ଦୁଇଥର ଅର୍ଥାତ୍ ଚନ୍ଦନଯାତ୍ରା ଓ ଘୋଡ଼ଲାଗି ପୂର୍ବରୁ ଏହି ନୀତି ଅନୁଷ୍ଠିତ ହୋଇଥାଏ। ଦଇତାପତି ସେବାୟତମାନେ ଏହି ନୀତି ସମ୍ପାଦନ କରିଥାନ୍ତି। ମହାପ୍ରଭୁଙ୍କ ପଇତାଲାଗି, ରାମାଭିଷେକ ଓ ବନକଲାଗି ଆଦି ବିଶେଷ ନୀତି ହେବାକୁ ଥିବାରୁ ୪ଦିନ ପାଇଁ ରତ୍ନଭଣ୍ଡାର ମରାମତି କାର୍ଯ୍ୟ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ପଇତାଲାଗି ନୀତି ହେବ

# କର୍ମଯୋଗୀ ହେବାକୁ ଅନିଚ୍ଛୁକ

**ବହୁ କର୍ମଚାରୀ 'ଆଇଗଟ୍ କର୍ମଯୋଗୀ'ରେ ଯୋଡ଼ି ହୋଇନାହାନ୍ତି**

ଭୁବନେଶ୍ୱର,୨୦।୪(ରବିନାରାୟଣ ଜେନା)

କର୍ମଚାରୀମାନଙ୍କ ଦକ୍ଷତା ବିକାଶ କରି ସେମାନଙ୍କୁ କର୍ମଯୋଗୀ କରିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ହେଲେ କେତେକ ବିଭାଗର କର୍ମଚାରୀ ଏପର୍ଯ୍ୟନ୍ତ କେନ୍ଦ୍ର ସରକାରଙ୍କ ଦ୍ୱାରା ବିକଶିତ 'ଆଇଗଟ୍ କର୍ମଯୋଗୀ ପ୍ଲାଟଫର୍ମ'ରେ ସାମିଲ ହୋଇନାହାନ୍ତି। ଏହାକୁ ନେଇ ମୁଖ୍ୟଶାସନ ସଚିବ ମନୋଜ ଆହୁଜା ଅସନ୍ତୋଷ ବ୍ୟକ୍ତ କରିବା ସହିତ ସବୁ ବିଭାଗ ମୁଖ୍ୟଙ୍କୁ 'ନୋଟିସ୍'ଜରିଆରେ ତ୍ୱରିତ୍ ପଦକ୍ଷେପ ନେବାକୁ ଦର୍ଶାଇଛନ୍ତି। ମୁଖ୍ୟସଚିବ ତାଙ୍କ ପତ୍ରରେ ଦର୍ଶାଇଛନ୍ତି, ନିକଟରେ ସଚିବସ୍ତରୀୟ ବୈଠକରେ ଏନେଇ ବିସ୍ତୃତ ଆଲୋଚନା ହୋଇଥିଲା। ଯେଉଁ ବିଭାଗଗୁଡ଼ିକ ୭୦ ପ୍ରତିଶତ କର୍ମଚାରୀଙ୍କ ପଞ୍ଜୀକରଣ କରିଛନ୍ତି ବା ତା'ଠାରୁ କମ୍ କରିଛନ୍ତି ସେମାନଙ୍କୁ ଶତପ୍ରତିଶତ ପଞ୍ଜୀକରଣ କରିବାକୁ ହେବ। ଏହାସହିତ 'କର୍ମଯୋଗୀ ପୋର୍ଟାଲ'ରେ ଯୋଡ଼ିହୋଇ କର୍ମଚାରୀମାନେ ସେମାନଙ୍କ ଦକ୍ଷତା ବିକାଶ ପ୍ରମାଣ ସହ ସରକାରୀ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ପଡ଼ିବ। ହେଲେ ଅଧିକାଂଶ ବିଭାଗର କର୍ମଚାରୀ ଏପର୍ଯ୍ୟନ୍ତ ଏହି ପ୍ଲାଟ୍‌ଫର୍ମରେ ଯୋଡ଼ି ହୋଇ ନାହାନ୍ତି।

ମୁଖ୍ୟସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରୁ ଜଣାଯାଇଛି, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସର୍ବାଧିକ କର୍ମଚାରୀ ଏହି ପ୍ଲାଟଫର୍ମରେ ଯୋଡ଼ି ହୋଇଛନ୍ତି। ଉଲ୍ଲେଖଯୋଗ୍ୟ, ଆଇଗଟ୍ କର୍ମଯୋଗୀ ପ୍ଲାଟଫର୍ମ ସମ୍ପୂର୍ଣ୍ଣ ଭାବେ ସରକାରୀ କର୍ମଚାରୀଙ୍କ ପାଇଁ ଉଦ୍ଦିଷ୍ଟ। ଏହା ମାଧ୍ୟମରେ କେନ୍ଦ୍ର ସରକାରଙ୍କ ପକ୍ଷରୁ କର୍ମଚାରୀଙ୍କ ଦକ୍ଷତା ମାପିବା ଏବଂ ବିକାଶ କରିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି।

# ଫେରିଲା ତାତି, ଅତିଷ୍ଠ କଲା ଗୁଳୁଗୁଳି

## ୪୩.୫ ଡିଗ୍ରୀ ସହ ଝାରସୁଗୁଡା ସବୁଠୁ ଉତ୍ତପ୍ତ

ଭୁବନେଶ୍ୱର,୨୦।୪
(ଅନୁରାଧା ମହାରଣା)

କାଳବୈଶାଖୀଜନିତ ବର୍ଷା ପାଇଁ କିଛିଦିନ ହେବ ରାଜ୍ୟରେ ତାପମାତ୍ରା କମିଥିଲା। ଗରମ, ଗୁଳୁଗୁଳିରୁ ଲୋକେ ଆଶ୍ୱସ୍ତ ଅନୁଭବ କରୁଥିବାବେଳେ ଏବେ ପାରଦ ପୁଣି ଉପରମୁହାଁ ହୋଇଛି। ରବିବାର ହଠାତ୍ ୩ ଡିଗ୍ରୀରୁ ଅଧିକ ତାପମାତ୍ରା ବଢ଼ିଯିବା ସହ ଗୁଳୁଗୁଳି ଲୋକଙ୍କୁ ଅତିଷ୍ଠ କରିପକାଇଛି। ଭାରତୀୟ ପାଣିପାଗ କେନ୍ଦ୍ରର ସୂଚନାନୁସାରେ, ୪୩.୫ ଡିଗ୍ରୀ ସେଲ୍‌ସିୟସ୍ ସହ ଝାରସୁଗୁଡା ରାଜ୍ୟର ଉତ୍ତପ୍ତ ସହର ପାଲଟିଛି। ସେହିପରି ୧୧ ସହରରେ ତାପମାତ୍ରା ୪୦ ଡିଗ୍ରୀ ଓ ତା'ଠାରୁ ଅଧିକ ରହିଛି। ଦ୍ୱୈତନଗରୀ କଟକ-ଭୁବନେଶ୍ୱରରେ ତାପମାତ୍ରା ୩୭ ଡିଗ୍ରୀ ଅତିକ୍ରମ କରିଛି। ରାଜଧାନୀରେ ଶନିବାର ତୁଳନାରେ ତାପମାତ୍ରା ବୃଦ୍ଧି ଘଟିଥିବାବେଳେ ଦିନ ତମାମ ଆର୍ଦ୍ରତା ୬୦%ରୁ ଅଧିକ ରହିବାରୁ ଅତ୍ୟଧିକ ଗୁଳୁଗୁଳି ଅନୁଭୂତ ହୋଇଥିଲା। ତେବେ ବିଭାଗର ଆକଳନ ଅନୁଯାୟୀ, ଆସନ୍ତା ୪ ଦିନ ଓଡ଼ିଶା ସମେତ ପୂର୍ବଭାରତର ରାଜ୍ୟଗୁଡିକରେ ଦିନ ତାପମାତ୍ରାରେ ୪ରୁ ୬ ଡିଗ୍ରୀ ବୃଦ୍ଧି ପାଇପାରେ। ଅନ୍ୟପଟେ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଥିବା ଜିଲାଗୁଡ଼ିକରେ ରବିବାର କାଳବୈଶାଖୀ ପ୍ରଭାବ ଦେଖିବାକୁ ମିଳିଥିଲା। ସୂଚନାଥାଉ କି, କାଳବୈଶାଖୀ ପ୍ରଭାବରେ ରାଜ୍ୟରେ ସ୍ୱାଭାବିକ ଠାରୁ ଅଧିକ ବର୍ଷା ରେକର୍ଡ ହୋଇଛି। ଚଳିତବର୍ଷ ପ୍ରାକ୍ ମୌସୁମୀ ଋତୁ ମାର୍ଚ୍ଚ ୧ରୁ ଏପ୍ରିଲ ୧୯ ମଧ୍ୟରେ ରାଜ୍ୟରେ ସ୍ୱାଭାବିକଠାରୁ ଅଧିକ ବର୍ଷା ରେକର୍ଡ କରାଯାଇଛି। ସ୍ୱାଭାବିକ ବର୍ଷା ୩୮.୯ ମିମିଠାରୁ ୫୫% ଅଧିକ ଅର୍ଥାତ୍ ୬୦.୫ ମିମି ବର୍ଷା ରେକର୍ଡ କରାଯାଇଛି।



# ଓୟୁଏଟି ସ୍ନାତକ ନାମଲେଖା: ୨୪ରେ ସରୁଛି ଆବେଦନ

ଭୁବନେଶ୍ୱର,୨୦।୪(ସୁଚିସ୍ମିତା ସାହୁ)

ଚଳିତ ଶିକ୍ଷାବର୍ଷ ୨୦୨୫-୨୬ରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ସ୍ନାତକ ବିଭାଗର ବିଭିନ୍ନ ପାଠ୍ୟକ୍ରମରେ ନାମଲେଖା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏଥିପାଇଁ ଅନ୍‌ଲାଇନ୍ ଆବେଦନ ଚାଲିଛି। ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ୧୦ଟି କଲେଜରେ ଛାତ୍ରୀଛାତ୍ର ନିଜ ପସନ୍ଦ ବିଷୟଗୁଡିକରେ ନାମ ଲେଖାଇପାରିବେ। ନାମ ଲେଖାଇବା ପାଇଁ ଛାତ୍ରୀଛାତ୍ରମାନେ ଅନ୍‌ଲାଇନ ଜରିଆରେ ଫର୍ମ ପୂରଣ କରିପାରିବେ। ବର୍ତ୍ତମାନ ଓୟୁଏଟି ୱେବ୍‌ସାଇଟ୍‌ରେ ଫର୍ମ-ଏ ଆବେଦନର ଶେଷ ତାରିଖ ୨୪ ରହିଛି। ଆସନ୍ତା ଜୁନ ୨ ଓ ୩ରେ ସିବିଟି ମୋଡ୍‌ରେ ବିଭିନ୍ନ କେନ୍ଦ୍ରରେ ସାଧାରଣ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ। ଆବେଦନ ପାଇଁ ଓୟୁଏଟି ୱେବ୍‌ସାଇଟରେ ଫର୍ମ ଉପଲବ୍ଧ ରହିଥିବା ସୂଚନା ଦିଆଯାଇଛି।

# ସିପିଆଇ ନେତା ଦିବାକର ନାୟକଙ୍କ ପରଲୋକ

ଭୁବନେଶ୍ୱର,(ବନ୍ଦନା ସେଠୀ)/
ବନ୍ତ,୨୦।୪ (ରବି ନାରାୟଣ ମହାନ୍ତି)

ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ)ର ବରିଷ୍ଠ ନେତା ତଥା ପୂର୍ବତନ ରାଜ୍ୟ ସମ୍ପାଦକ କମ୍ରେଡ ଦିବାକର ନାୟକଙ୍କ ଶନିବାର ରାତିରେ ପରଲୋକ ହୋଇଯାଇଛି। ତାଙ୍କୁ ୭୨ବର୍ଷ ବୟସ ହୋଇଥିଲା। ସେ ଗତ କିଛିଦିନ ଧରି କିଡ୍‌ନୀ ଜନିତ ରୋଗରେ ପୀଡ଼ିତ ହୋଇ ଭୁବନେଶ୍ୱର ଏମ୍‌ସରେ ଚିକିତ୍ସିତ ହେଉଥିଲେ। ଦୁଇଦିନ ତଳେ ଏମ୍‌ସରୁ ଡିସ୍‌ଚାର୍ଜ ହୋଇ ସିପିଆଇର ରାଜ୍ୟ କାର୍ଯ୍ୟାଳୟ ଭଗବତୀ ଭବନରେ ରହିଥିଲେ। ଏଠାରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିବାବେଳେ ମୃତ୍ୟୁଶଯ୍ୟା ନିକଟରେ ବଡପୁଅ ବିଶ୍ୱଜିତ୍ ଜେନା, ବଡ ଭଉଣୀ ବନଲତା ଜେନା, ସିପିଆଇ ରାଜ୍ୟ ସମ୍ପାଦକ ଆଶିଷ୍ କାନୁନ୍‌ଗୋ, ପୂର୍ବତନ ବିଧାୟକ ଏନ୍. ନାରାୟଣ ରେଡ୍ଡୀ ପ୍ରମୁଖ ଉପସ୍ଥିତ ଥିଲେ। ପରଲୋକ ଖବର ପାଇ ସିପିଆଇ(ଏମ୍)ର ବରିଷ୍ଠ ନେତା ଜନାର୍ଦ୍ଦନ ପତି, ରାଜ୍ୟ ସମ୍ପାଦକ ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ରାଜ୍ୟ ସମ୍ପାଦକମଣ୍ଡଳୀ ସଦସ୍ୟ ସନ୍ତୋଷ ଦାସ, ଦୁଷ୍ମନ୍ତ କୁମାର ଦାସ, ଜମେଶ୍ୱର ସାମନ୍ତରାୟ ଏବଂ ବଦ୍ରି ନାରାୟଣ ଦାଶ ପ୍ରମୁଖ ରାଜ୍ୟ ନେତୃବୃନ୍ଦ ଭଗବତୀ ଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ପରେ ତାଙ୍କ ମରଶରୀରକୁ ଜନ୍ମମାଟି ଭଦ୍ରକ ଜିଲା ବନ୍ତ ବ୍ଲକ୍ ଷେଣ୍ଟେଡୀରା ଗ୍ରାମକୁ ନିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

ଦିବାକରଙ୍କ ଦେହାନ୍ତରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୋକ ପ୍ରକାଶ କରିଛନ୍ତି। ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି। ସିପିଆଇ(ଏମ୍) ଓଡ଼ିଶା ରାଜ୍ୟ କମିଟି ଗଭୀର ଶୋକ ପ୍ରକାଶ କରିବା ସହିତ ଅମ୍ଳାନ ସ୍ମୃତି ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛି। ସାମ୍ପ୍ରତିକ କଠିନ ରାଜନୈତିକ ପରିସ୍ଥିତିରେ ତାଙ୍କ ମୃତ୍ୟୁ ବାମ ଏବଂ ଗଣତାନ୍ତ୍ରିକ ଆନ୍ଦୋଳନ ପାଇଁ ଅପୂରଣୀୟ କ୍ଷତି ବୋଲି କମିଟି ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ଦିବାକରଙ୍କ ମରଶରୀରକୁ କେନ୍ଦୁଆପଦାଠାରୁ ଶୋଭାଯାତ୍ରାରେ ନିଆଯିବା ବେଳେ ସିପିଆଇର ରାଜ୍ୟ ସମ୍ପାଦକମଣ୍ଡଳୀ ସଦସ୍ୟ କ୍ଷୀରୋଦ କୁମାର ସିଂଦେଓ, ପୂର୍ବତନ ବିଧାୟକ ନାରାୟଣ ରେଡ୍ଡୀ, ଜୟନ୍ତ ଦାସ, ମହେଶ୍ୱର ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲଙ୍କ ସମେତ ବହୁ ରାଜନେତା ସେଣ୍ଟେଡୀରାସ୍ଥିତ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ଦିବାକର ନାୟକଙ୍କ ବିୟୋଗରେ ପିସିସି ସଭାପତି ଭକ୍ତ ଚରଣ ଦାସ ଗଭୀର ଶୋକ ବ୍ୟକ୍ତ କରିଛନ୍ତି। ଦିବାକରବାବୁଙ୍କ ବିୟୋଗ ଖବର ତାଙ୍କୁ ଗଭୀର ମର୍ମାହତ କରିଛି ବୋଲି ଭକ୍ତ କହିଛନ୍ତି। ସେହିପରି ବିଜେଡି ରାଜ୍ୟ ସଭାପତି ନବୀନ ପଟ୍ଟନାୟକ ସ୍ୱର୍ଗତ ଦିବାକର ନାୟକଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରିଛନ୍ତି ବୋଲି ବିଜେଡି ବରିଷ୍ଠ ନେତା ଦେବୀପ୍ରସାଦ ମିଶ୍ର କହିଛନ୍ତି।

ଦିବାକର ଭଦ୍ରକ କଲେଜରେ ପଢୁଥିବା ସମୟରେ ବାମପନ୍ଥୀ ଛାତ୍ର ସଂଘ ଓ ଅଖିଳ ଭାରତ ଛାତ୍ର ସଂଘରେ ଯୋଗଦେଇଥିଲେ। ୧୯୭୨ରେ ଭଦ୍ରକ କଲେଜ ଛାତ୍ର ୟୁନିୟନ ସମ୍ପାଦକ ହେବା ସହ ଲଗାତର ୨ବର୍ଷ ସମ୍ପାଦକ ନିର୍ବାଚିତ ହୋଇଥିଲେ। ୧୯୮୨ରେ ଉଚ୍ଚଶିକ୍ଷା ପାଇଁ ଜର୍ମାନ ଯାଇଥିଲେ। ସେଠାରୁ ଆସି 'ନୂଆ ଦୁନିଆ' ଖବରକାଗଜର ସମ୍ପାଦକ ଦାୟିତ୍ୱ ତୁଲାଇଥିଲେ।

## ଶୋକ ପ୍ରକାଶ କଲେ ମୁଖ୍ୟମନ୍ତ୍ରୀ



# ଆଜି ସମ୍ବଲପୁରରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି

ସମ୍ବଲପୁର,୨୦।୪(ପ୍ରମୋଦ ବହିଦାର)

ଓଡ଼ିଶା ଇତିହାସରେ ପ୍ରଥମଥର ପାଇଁ ଜଣେ ମୁଖ୍ୟମନ୍ତ୍ରୀ ରାଜଧାନୀ ଭୁବନେଶ୍ୱର ବାହାରେ ଲୋକଙ୍କ ଅଭିଯୋଗ ଶୁଣିବେ। ସୋମବାର ସମ୍ବଲପୁରରେ ହେବାକୁ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଭିଯୋଗ ଶୁଣାଣିକୁ ସଫଳତାର ସହିତ ସମ୍ପନ୍ନ କରିବାକୁ ପ୍ରାଥମିକତା ଦିଆଯାଉଛି। ମୁଖ୍ୟମନ୍ତ୍ରୀ ରବିବାର ରାତିରେ ସମ୍ବଲପୁରଠାରେ ପହଞ୍ଚି ମା'ସମଲେଇଙ୍କ ଦର୍ଶନ କରିଛନ୍ତି। ଅଭିଯୋଗ ଶୁଣାଣିର ଅବ୍ୟବହିତ ପୂର୍ବରୁ ରବିବାର ସକାଳେ ସମ୍ବଲପୁର ମହାନଗର ନିଗମ କାର୍ଯ୍ୟାଳୟରେ ପ୍ରସ୍ତୁତ ଅଭିଯୋଗ ଶୁଣାଣି ପ୍ରକୋଷ୍ଠ ପରିଦର୍ଶନ କରି ପ୍ରସ୍ତୁତିର ସମୀକ୍ଷା କରିବା ଅବସରରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଏହା କହିଛନ୍ତି। ସେ କହିଛନ୍ତି, ପଞ୍ଜୀକୃତ ସମସ୍ତ ଅଭିଯୋଗକାରୀଙ୍କ ଅଭିଯୋଗର ଶୁଣାଣି ପାଇଁ ପ୍ରୟାସ କରାଯିବ। ପଞ୍ଜୀକୃତ ହୋଇଥିବା ଏକ ହଜାର ସ୍ଲଟ ମଧ୍ୟରୁ ସର୍ବାଧିକ ପ୍ରାୟ ୫ଶହ ପାଖାପାଖି ସମ୍ବଲପୁରର ଅଭିଯୋଗକାରୀ ରହିଥିବା ବେଳେ ବରଗଡ଼ ଓ ଝାରସୁଗୁଡ଼ାର ଅଭିଯୋଗକାରୀଙ୍କ ସଂଖ୍ୟା ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛି। ଏଠାରେ କେବଳ ପଶ୍ଚିମ ଓଡ଼ିଶାର ନୁହେଁ, ବରଂ କଟକର ମଧ୍ୟ କେତେଜଣ ଅଭିଯୋଗକାରୀ ପଞ୍ଜୀକୃତ ହୋଇଛନ୍ତି। ଶୁଣାଣି ବେଳେ ନାମ ପଞ୍ଜୀକରଣ ସହିତ ସମ୍ପୃକ୍ତ ଅଭିଯୋଗକାରୀ ଉପସ୍ଥିତ ରହିବା ଅନିବାର୍ଯ୍ୟ। ତେବେ ସମସ୍ତ ଅଭିଯୋଗକାରୀଙ୍କ ସମସ୍ୟାର ଶୁଣାଣି ମାଧ୍ୟମରେ ଯଥାଶୀଘ୍ର ଯେମିତି ସମାଧାନ ହୋଇପାରିବ ତାହା ଉପରେ ବିଶେଷ ଗୁରୁତ୍ୱ ଦିଆଯିବ। ତେବେ ବର୍ତ୍ତମାନ ଜାରି ରହିଥିବା ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ବିଭିନ୍ନ ଜିଲାରୁ ଆସୁଥିବା ଅଭିଯୋଗକାରୀଙ୍କ ସୁବିଧା ଓ ସୁରକ୍ଷା ପ୍ରତି ବିଶେଷ ଗୁରୁତ୍ୱ ଦିଆଯିବ ବୋଲି ମନ୍ତ୍ରୀ ପୂଜାରୀ କହିଛନ୍ତି।


ମା' ସମଲେଇ ମନ୍ଦିର ପରିସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଅନ୍ୟମାନେ।

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ରାଜ୍ୟ କଂଗ୍ରେସ ପକ୍ଷରୁ ଜାନକୀ ବାବୁଙ୍କ ସ୍ମୃତି ସଭା, ସ୍ଥାନ: କଂଗ୍ରେସ ଭବନ, ସମୟ: ସକାଳ ୯ଟା।
- ରାଜ୍ୟସ୍ତରୀୟ ଜାନକୀ ବଲ୍ଲଭ ପଟ୍ଟନାୟକ ସ୍ମୃତି କମିଟି ପକ୍ଷରୁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ୧୦ମ ଶ୍ରାଦ୍ଧ ବାର୍ଷିକ ସ୍ମୃତି ସମାରୋହ, ସ୍ଥାନ: ହୋଟେଲ ରୟାଲ ସୁଇଟ୍, ସତ୍ୟ ନଗର, ସମୟ: ସନ୍ଧ୍ୟା ୬ଟା।

## କଟକ

- ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ପଦ୍ମଶ୍ରୀ ରଜତ କୁମାର କରଙ୍କ ତୈଳଚିତ୍ର ଉନ୍ମୋଚନ ଉତ୍ସବ, ସ୍ଥାନ: କଟକ ଶ୍ରୀରାମଚନ୍ଦ୍ର ଭବନ, ସମୟ : ସନ୍ଧ୍ୟା ୬ଟା ୩୦।

## ବାଲେଶ୍ୱର

- ମା'ଶୀତଳା ଓ ତାରିଣୀ ମାତାଙ୍କ ପୂଜା ଉତ୍ସବର ଉଦଯାପନୀ ଦିବସ, ସ୍ଥାନ: ୟୁନାଇଟେଡ୍ କ୍ଲବ ପ୍ରାଙ୍ଗଣ, ଦୁବଲାଗଡି, ବାଲେଶ୍ୱର, ସମୟ: ଦିବସବ୍ୟାପୀ।
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ବ୍ଲକ କାର୍ଯ୍ୟାଳୟ ପରିସର, ଜଳେଶ୍ୱର, ସମୟ: ସକାଳ ୭ ଟା।
- ବସନ୍ତ ଉତ୍ସବର ରୌପ୍ୟଜୟନ୍ତୀ ସମାରୋହ, ସ୍ଥାନ: ନୀଳମଣି ମହାବିଦ୍ୟାଳୟ, ରୂପସା, ସମୟ: ସକାଳ ୯ଟା।
- ଖବରଦାତା ସମ୍ମିଳନୀ, ସ୍ଥାନ: ଷ୍ଟେଶନ କ୍ଲବ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।

## ଭଦ୍ରକ

- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ନୀଳମଣି ଟାଉନହଲ୍, ବାସୁଦେବପୁର, ସମୟ: ସକାଳ ୭ଟା।
- ଚାନ୍ଦବାଲି ଏନ୍ଏସିର ୩ୟ ପରିଷଦ ବୈଠକ, ସ୍ଥାନ: ଏନ୍ଏସି କାର୍ଯ୍ୟାଳୟ ସଭାଗୃହ, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୦ଟା।
- ସାରସ୍ୱତ ସାଧନା ପରିଷଦର ବାର୍ଷିକ ଉତ୍ସବ, ସ୍ଥାନ: ତୃପ୍ତି ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବାସୁଦେବପୁର, ସମୟ: ଅପରାହ୍ନ ୩ଟା।

## କେନ୍ଦୁଝର

- ବାବା ହଟକେଶ୍ୱର ମନ୍ଦିରରେ ପୂଜାର୍ଚ୍ଚନା ଓ ଭଜନ କୀର୍ତ୍ତନ,ସ୍ଥାନ:ହାଟଡିହି, ଛେନାପଦି, ସମୟ: ସକାଳ ୭ଟା ଓ ସନ୍ଧ୍ୟା ୬ଟା।
- ଅଷ୍ଟ ପ୍ରହରୀ ନାମଯଜ୍ଞ ଓ ନଗର ଭ୍ରମଣ, ସ୍ଥାନ: ବଡ଼ରମ୍ପାସ, ଛେନାପଦି, ସମୟ: ଅପରାହ୍ନ ୩ଟା।

## ମୟୂରଭଞ୍ଜ

- ମିଳିତ ଜନଅଭିଯୋଗ ଶୁଣାଣି ଶିବିର, ସ୍ଥାନ:କରଞ୍ଜିଆ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, କରଞ୍ଜିଆ,ସମୟ:ସକାଳ ୭ଟା।
- ଅଣ ଆବାସିକ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ:ଷ୍ଟାଡିୟମ ପଡ଼ିଆ, ବାରିପଦା,ସମୟ: ସକାଳ ୮ଟା।
- ଆମେ-୮୦ପକ୍ଷରୁ ଜଳସେବା,ସ୍ଥାନ:ପିଡବ୍ଲ୍ୟୁଡି ଅଫିସ ସମ୍ମୁଖ ବାରିପଦା, ସମୟ: ସକାଳ ୯ଟା।
- ଅନ୍ନଭୋଗ ବିକ୍ରି, ସ୍ଥାନ: ପୂର୍ଣ୍ଣେଶ୍ୱର ମନ୍ଦିର ପରିସର କରଞ୍ଜିଆ, ସମୟ: ଅପରାହ୍ନ ୨ଟା।
- ନାଟ୍ୟ ମହୋତ୍ସବର ନାଟକ 'ସାର୍ ଭୁଲ୍ ହୋଇଗଲା', ସ୍ଥାନ: ଶହୀଦ ସ୍ମୃତି ଭବନ, ବାରିପଦା, ସମୟ:ସନ୍ଧ୍ୟା ୭ଟା।

## ବ୍ରହ୍ମପୁର

- ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ଉପଜିଲାପାଳଙ୍କୁ ସ୍ମାରକ ପତ୍ର, ସ୍ଥାନ: ଉପଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ।

## କନ୍ଧମାଳ

- ମିଳିତ ମହାମଞ୍ଚ କ୍ରିକେଟ ଟୁର୍ନାମେଣ୍ଟର ଶୁଭାରମ୍ଭ, ସ୍ଥାନ: କ୍ରିକେଟ କ୍ଲବ୍ ବ୍ରାହ୍ମଣୀ ଗାଁ, ସମୟ: ପୂର୍ବାହ୍ନ ୧୦ଟା।

## ଜଗତ୍‌ସିଂହପୁର

- କଂଗ୍ରେସ ତରଫରୁ ଜୟ ବାପୁ, ଜୟ ଭୀମ, ଜୟ ସମ୍ବିଧାନ ପଦଯାତ୍ରାର ଶୁଭାରମ୍ଭ, ସ୍ଥାନ: କନକପୁର, ଶାରଳା ମନ୍ଦିର ନିକଟ, ସମୟ: ସକାଳ ୮ଟା।

## କେନ୍ଦ୍ରାପଡ଼ା

- ପ୍ରଶାସନିକ ମିଳିତ ଜନଶୁଣାଣୀ ଶିବିର, ସ୍ଥାନ: ପଞ୍ଚାୟତ ସମିତି ଗୃହ, ଡେରାବିଶ, ସମୟ: ସକାଳ ୮ଟା ୩୦।
- ମେଡିକାଲ କଲେଜ ପ୍ରତିଷ୍ଠା ଦାବିରେ କ୍ରୀୟାନୁଷ୍ଠାନ କମିଟି ପକ୍ଷରୁ ଗଣବିକ୍ଷୋଭ, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖ, କେନ୍ଦ୍ରାପଡ଼ା, ସମୟ: ୧୦ଟା।
- ଝାମୁ ଯାତ୍ରା ମହୋତ୍ସବ, ସ୍ଥାନ: ରାମଚଣ୍ଡୀ ମନ୍ଦିର ପରିସର, ମହାକାଳପଡ଼ା, ସମୟ: ସକାଳ ୬ଟା।
- ଆମ ଗାଁ ଆମ ସାହିତ୍ୟ ପରିଷଦ ପକ୍ଷରୁ ସାହିତ୍ୟ ସଭା, ସ୍ଥାନ: ବାଞ୍ଛାବଟ ମହାପୁରୁଷ ପୀଠ, ଜହ୍ନିମୂଳ, ଡେରାବିଶ, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର

- ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଜନଶୁଣାଣି ଶିବର, ସ୍ଥାନ: ଧର୍ମଶାଳା ବ୍ଲକ ସଭାକକ୍ଷ, ସମୟ: ସକାଳ ୭ଟା।
- ଶ୍ରୀରାମଚରିତ ମାନସ କାର୍ଯ୍ୟକ୍ରମରେ ମନୋହର ଦାସଜୀ ମହାରାଜଙ୍କ ପ୍ରବଚନ, ସ୍ଥାନ : ଯାଜପୁର ରୋଡ, ମହତାବନଗର ଦେବେଶ୍ୱର ମନ୍ଦିର ପରିସର, ସମୟ : ସନ୍ଧ୍ୟା ୭ଟା।
- ଶ୍ରୀରାମଚରିତ ମାନସ ନବାହ୍ନ ପରାୟଣ, ସ୍ଥାନ : ବ୍ୟାସନଗର ଗୋପବନ୍ଧୁ ଛକ ହନୁମାନ ମନ୍ଦିର ପ୍ରାଙ୍ଗଣ, ସମୟ : ସନ୍ଧ୍ୟା ୭ଟା।

## ନୟାଗଡ଼

- ଐତିହାସିକ ଲଙ୍କାପୋଡ଼ି ଯାତ୍ରାର ୧୬ତମ ଦିବସରେ କୁମ୍ଭକର୍ଣ୍ଣ ବଧ ଓ ନାଗଫାଶ, ସ୍ଥାନ: ଦଶପଲ୍ଲା ମହାବୀର କ୍ଷେତ୍ର, ସମୟ: ସନ୍ଧ୍ୟା ୬ଟା ।
- ଗଣିଆ ଲଙ୍କାପୋଡ଼ି ମହୋତ୍ସବରେ ସୀତା ଠାବ, ସ୍ଥାନ: ଗଣିଆ ଯାତ୍ରା ପଡ଼ିଆ, ସମୟ:ରାତି ୧୦ଟା।

## ରାୟଗଡ଼ା

- ସଦାଶିବ ତ୍ରିପାଠୀଙ୍କ ଜନ୍ମ ଜୟନ୍ତୀ ପାଳନ, ସ୍ଥାନ: ସଂସ୍କୃତି ଭବନ, ରାୟଗଡ଼ା, ସମୟ: ସକାଳ ୮ ଟା।
- ବିଶ୍ୱ ବୈଦିକ ପରିବାରର ୪୨ତମ ବାର୍ଷିକ ସମ୍ମିଳନୀ, ସ୍ଥାନ: କୁଟିଙ୍ଗଗୁଡ଼ା ଆଶ୍ରମ ପରିସର, ମୁନିଗୁଡା, ସମୟ: ସକାଳ ୯ଟା।
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ରାମନାଗୁଡା, ସମୟ: ପୂର୍ବାହ୍ନ ୧୦ଟା।
- ଆଦିବାସୀ ସଂଘର୍ଷ ମୋର୍ଚ୍ଚା ପକ୍ଷରୁ ବିକ୍ଷୋଭ, ସ୍ଥାନ: ରାୟଗଡା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।

## ନବରଙ୍ଗପୁର

- ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଚନ୍ଦାହାଣ୍ଡି ବ୍ଲକ୍ କାର୍ଯ୍ୟାଳୟ, ସମୟ: ସକାଳ ୭ଟା।
- ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଡ଼. ସଦାଶିବ ତ୍ରିପାଠୀଙ୍କ ଜନ୍ମ ଜୟନ୍ତୀ ଉପଲକ୍ଷେ ସ୍ମୃତିଚାରଣ ସଭା, ସ୍ଥାନ: ନବରଙ୍ଗପୁର ପୌର ସଂସ୍ଥା କାର୍ଯ୍ୟାଳୟ, ସମୟ: ୮ଟା ୩୦ ।

## କୋରାପୁଟ

- ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିର, ସ୍ଥାନ: ଚାଟୁଆ ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ସକାଳ ୭ଟା।
- ଜିଲାସ୍ତରୀୟ ଅଭିଯୋଗ ଶୁଣାଣି, ସ୍ଥାନ: ଉପଜିଲାପାଳ କାର୍ଯ୍ୟାଳୟ, ଜୟପୁର, ସମୟ: ସକାଳ ୭ଟା।
- ପିଠା କାର୍ଯ୍ୟକ୍ରମ, ସ୍ଥାନ: ଆଇସିଡିଏସ୍ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ୩୦।

## ମାଲକାନଗିରି

- ପ୍ରମୋଦ ସାହୁ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ଦିନ, ସ୍ଥାନ:ବାଲିମେଲା ଷ୍ଟାଡିୟମ୍, ସମୟ: ପୂର୍ବାହ୍ନ ୧୦ଟା ।

## ସମ୍ବଲପୁର

- ଶ୍ରୀଶ୍ରୀ ପଣ୍ଡିତ ମହାସଭା ଆୟୋଜିତ ଶ୍ରୀଶ୍ରୀ ଶତଚଣ୍ଡି ମହାଯଜ୍ଞ, ସ୍ଥାନ : ମନ୍ଦଲିଆ ସମଲେଶ୍ୱରୀ ମହାବିଦ୍ୟାଳୟ ପରିସର, ସମୟ : ସକାଳ ୮ଟା।
- ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ ଦୁର୍ଗାପାଳି ସ୍ଥିତ ଏସ୍ଏମ୍ସି ସଭାକକ୍ଷ, ସମୟ : ସକାଳ ୮ଟା।

## ବଲାଙ୍ଗୀର

- ଜିଲାସ୍ତରୀୟ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ମୁରିବାହାଲ ସମୟ: ସକାଳ ୭ଟା।

## ରାଉରକେଲା

- ବେଦବ୍ୟାସ ସଂସ୍କୃତ ମହାବିଦ୍ୟାଳୟରେ ଆଲୋଚନାଚକ୍ର, ସ୍ଥାନ: ବେଦବ୍ୟାସ, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ ନାଟ୍ୟ ମହୋତ୍ସବ-୨୦୨୫ର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ସନ୍ଧ୍ୟା ୭ଟା।

## କଳାହାଣ୍ଡି

- ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଧର୍ମଗଡ଼ ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ପର୍ଶୁରାମ ଜୟନ୍ତୀ ପାଳନ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଜୁନାଗଡ଼ ବ୍ରାହ୍ମଣ ସମାଜ ଭବନ, ସମୟ: ଅପରାହ୍ନ ୫ଟା।

## ବରଗଡ଼

- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ:ପଞ୍ଚାୟତ ସମିତି ସଭାକକ୍ଷ, ବରପାଲି, ସମୟ:ସକାଳ ୭ଟା।
- ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ:ବୁରୋମୁଣ୍ଡା, ଗାଇସିଲେଟ୍, ସମୟ: ସକାଳ ୮ଟା।

## ବୌଦ୍ଧ

- ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣୀ ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ କଣ୍ଟାମାଳ, ସମୟ: ସକାଳ ୭ଟା।
- ବୌଦ୍ଧ ରାମଲିଳା ନାଟ୍ୟ ସଂସଦ ପକ୍ଷରୁ ରାମଲିଳା ଯାତ୍ରାର ଷୋଳଦଶ ଦିବସ ନାଟକ ମହୀରାବଣ ବଧ, ସ୍ଥାନ: ରଘୁନାଥ ମନ୍ଦିର ପ୍ରାଙ୍ଗଣ ପଡ଼ିଆ, ବୌଦ୍ଧ, ସମୟ: ରାତି ୯ଟା।

## ଦେବଗଡ଼

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ବାରକୋଟ ବ୍ଲକ, ବସାଲଇ, ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ , ସମୟ: ସକାଳ ୮ ।
- ମା କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତୀ, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ଦେବଗଡ, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ଡୁଙ୍ଗୁରିପାଲି ବ୍ଲକ ସୁନାପାଲି ଗ୍ରାମପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଗ୍ରାମ ପଞ୍ଚାୟତ ପରିସର, ସମୟ: ସକାଳ ୭ଟା।
- ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ବହଳପଦର ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ସକାଳ ୭ଟା୩୦।

## ନୂଆପଡ଼ା

- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ନାମଧାରଣ, ସ୍ଥାନ: ଖଡିଆଳ ବ୍ଲକ ଗଡ୍ରାମୁଣ୍ଡା ଗାଁ, ସମୟ: ସକାଳ ୭ଟା ୧୫।
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ ସିନାପାଲି, ସମୟ: ସକାଳ ୭ଟା ୩୦।
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ନାମଧାରଣ, ସ୍ଥାନ: କୋମନା ବ୍ଲକ ବିରୁନପଦର ଗାଁ, ସମୟ: ସକାଳ ୮ଟା ୦୫।

## ଝାରସୁଗୁଡ଼ା

- ଯୁଗ୍ମ ଜନ ଶୁଣାଣି ଅଭିଯୋଗ, ସ୍ଥାନ: କୋଲାବିରା ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ :ସକାଳ ୭ଟା।
- ରୁଦ୍ରାଭିଷେକ ଓ ଶିବ ସହସ୍ର ନାମ ପଠନ, ସ୍ଥାନ: ମହାକାଳ ମନ୍ଦିର ବାଗଡିହି, ସମୟ: ସକାଳ ୮ ଟା।
- ଅଂଶୁଘାତ ପାଇଁ ସଚେତନତା ଶିବିର, ସ୍ଥାନ: ତେଲିଡିହ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ସମୟ: ସକାଳ ୯ଟା।

# 'ନାଳରେ ମୋ ଚିତାଭସ୍ମ ଭସାଇଦେବ'

## ସ୍ତ୍ରୀ ନିର୍ଯାତନା ଦେଉଥିବା କହି ଆତ୍ମହତ୍ୟା କଲେ ଇଞ୍ଜିନିୟର

**ନଏଡା, ୨୦।୪**

ଉତ୍ତରପ୍ରଦେଶର ନଏଡାସ୍ଥିତ ସ୍ଥାନୀୟ ଜଲି ହୋଟେଲର ଏକ ରୁମ୍‌ରେ ଜଣେ ଇଞ୍ଜିନିୟର ମୋହିତ ଯାଦବ ନିଜ ସ୍ତ୍ରୀଙ୍କ ନିର୍ଯାତନାରେ ଅତିଷ୍ଠ ହୋଇ ରଶିରେ ଝୁଲି ଆତ୍ମହତ୍ୟା କରିଛନ୍ତି। ରବିବାର ଏହି ମାମଲାର ଏକ ଭିଡିଓ ସାମ୍ନାକୁ ଆସିଛି ଯେଉଁଥିରେ ମୋହିତ କହୁଛନ୍ତି, ଯେତେବେଳେ ଆପଣମାନେ ଏହି ଭିଡିଓ ପାଇବେ ସେତେବେଳେ ମୁଁ ଏହି ଦୁନିଆରେ ନ ଥିବି। ଯଦି ପୁରୁଷମାନଙ୍କ ପାଇଁ ଦେଶରେ କୌଣସି ଆଇନ ଥାଆନ୍ତା ତେବେ ସେ ଏହି ଭୁଲ୍ ପଦକ୍ଷେପ ନେଇ ନ ଥାନ୍ତେ। ସ୍ତ୍ରୀ ଏବଂ ଶ୍ୱଶୁର ଘର ଲୋକଙ୍କ ମାନସିକ ନିର୍ଯାତନାରେ ଅତିଷ୍ଠ ହୋଇ ସେ ଏହି ଚରମ ପଦକ୍ଷେପ ନେଇଛନ୍ତି। ଏଥିପାଇଁ ସେ ନିଜ ମା'ବାପାଙ୍କୁ କ୍ଷମା ମାଗିଛନ୍ତି। ମୃତ୍ୟୁ ପରେ ଯଦି ତାଙ୍କୁ ନ୍ୟାୟ ନ ମିଳେ ତେବେ ତାଙ୍କ ଚିତାଭସ୍ମକୁ ନାଳରେ ଭସାଇଦେବାକୁ ସେ ଏହି ଭିଡିଓରେ ତାଙ୍କ ପରିବାରକୁ ଅନୁରୋଧ କରିଛନ୍ତି। ଉତ୍ତରପ୍ରଦେଶର ଔରୈୟା ନିବାସୀ ମୋହିତ ନଏଡାସ୍ଥିତ ଏକ ସିମେଣ୍ଟ କମ୍ପାନୀରେ ଫିଲ୍ଡ ଇଞ୍ଜିନିୟର ଭାବେ କାର୍ଯ୍ୟ କରୁଥିଲେ। ୭ ବର୍ଷ ଧରି ରିଲେଶନ୍‌ସିପ୍‌ରେ ରହିବା ପରେ ୨୦୨୩ରେ ପ୍ରିୟା ଯାଦବ ନାମ୍ନୀ ଜଣେ ଯୁବତୀଙ୍କୁ ବିବାହ କରିଥିଲେ। ତେବେ ବିବାହର ୩ ମାସ ପରେ ପ୍ରିୟା ବିହାରର ସମସ୍ତିପୁରସ୍ଥିତ ଏକ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଭାବେ ନିଯୁକ୍ତି ପାଇଥିଲେ। ଏହାପରେ ପ୍ରିୟାଙ୍କର ସ୍ୱଭାବରେ ପରିବର୍ତ୍ତନ ଆସିଥିଲା ବୋଲି ମୋହିତଙ୍କ ଭାଇ ତରନ ପ୍ରତାପ କହିଛନ୍ତି। ପ୍ରିୟା ନିଜ ଭାଇ ଓ ମା'ଙ୍କ ପ୍ରରୋଚନାରେ ସ୍ୱାମୀ ମୋହିତଙ୍କୁ ନିର୍ଯାତନା ଦେବା ଆରମ୍ଭ କରିଥିଲେ। ଘର ଏବଂ ଜମି ତାଙ୍କ ନାମରେ କରିବାକୁ ପ୍ରିୟା ତାଙ୍କ ଉପରେ ଚାପ ପକାଇଥିଲେ। ଏପରି ନ କଲେ ମିଥ୍ୟା ଯୌତୁକ ଅଭିଯୋଗ କରି ତାଙ୍କ ପରିବାରକୁ ଫସାଇଦେବେ ବୋଲି ପ୍ରିୟା ଧମକ ଦେଇଥିବା ତରନ ପ୍ରତାପ କହିଛନ୍ତି। ପୋଲିସ ହୋଟେଲରୁ ମୋହିତଙ୍କ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ବ୍ୟବଚ୍ଛେଦ ପରେ ପୋଲିସ ମୋହିତଙ୍କ ମୃତଦେହକୁ ତାଙ୍କ ପରିବାରକୁ ହସ୍ତାନ୍ତର କରିଛି। ଘଟଣାର ତଦନ୍ତ ଜାରି ରହିଥିବା ପୋଲିସ କହିଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ପୌଷର କୁହୁଡ଼ି ବୈଶାଖେ ଫଳ
ଯେଉଁଦିନ କୁହୁଡ଼ି ସେହିଦିନ ଫଳ
ଶନି ସାତ, ମଙ୍ଗଳ ତିନି
ଆଉ ସବୁ ବାର ଦିନ ଦିନ ।**

ଋତୁ ଚକ୍ର। ବର୍ଷାଦିନେ ବାର ଅନୁସାରେ ବର୍ଷାର ଗତି। ଶନିବାର ଦିନ ଆରମ୍ଭ ହୋଇଥିଲେ ସାତଦିନ, ମଙ୍ଗଳବାର ହୋଇଥିଲେ ତିନିଦିନ ଲାଗିରହେ। ସେହିପରି ଅନ୍ୟ ଦିନମାନଙ୍କରେ ଆରମ୍ଭ ହୋଇଥିଲେ କେବଳ ଗୋଟିଏ ଦିନ ଲେଖାଏଁ ବର୍ଷା ହୁଏ ବୋଲି ଅନୁମାନ କରାଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ପରକୁ ମାନ କରି
ଖପରାରେ ଖାଇବା।**

ସାଧାରଣତଃ ନିଜ ଲୋକ ଉପରେ ରାଗରୁଷା ତଥା ମାନ ଅଭିମାନ ଶୋଭାପାଇଥାଏ। କିନ୍ତୁ ଯିଏ ପର ତା' ଉପରେ ଏପରି ମାନ ଅଭିମାନ କରିବାରେ କିଛି ମୂଲ୍ୟ ମିଳି ନ ଥାଏ। ପର ଉପରେ ବୃଥା ଅଭିମାନ କରି ନିଜର କ୍ଷତି ଘଟାଇବା ସାର ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ




ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ନୀତି ରାଜନୀତି

# ଆଦାନୀ ପ୍ରୀତି ପାଇଁ ଏଟୋଙ୍କ ମୃତ୍ୟୁ ହୋଇଛି: ଭକ୍ତ

## ମୃତ ଯୁବକଙ୍କ ପରିବାରକୁ ୧କୋଟି ଏବଂ ଜଣଙ୍କୁ ଚାକିରି ଦିଅ

**ଭୁବନେଶ୍ୱର/ ବାରିପଦା, ୨୦।୪ (ରବିନାରାୟଣ ଜେନା/ ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ଭାଜପା ସରକାରଙ୍କ ଆଦାନୀ ପ୍ରୀତି ପାଇଁ ଏଟୋ ଏକ୍କାଙ୍କ ମୃତ୍ୟୁ ହୋଇଛି। ଏହା ମୃତ୍ୟୁ ନୁହେଁ, ପୋଲିସର ହତ୍ୟା ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି। ରବିବାର ଦୁଇଦିନିଆ ମୟୂରଭଞ୍ଜ ଜିଲା ଗସ୍ତ ଅବସରରେ ଭକ୍ତ ଏକ ଭିଡିଓ ବାର୍ତ୍ତାରେ କହିଛନ୍ତି, ରାଉରକେଲାରେ ନୂତନ ରେଳ ଲାଇନ ନିର୍ମାଣ ବେଳେ ସ୍ଥାନୀୟ ଅଧିବାସୀ ଏହାକୁ ବିରୋଧ କରିଥିଲେ। ଏହି ସମୟରେ ପୋଲିସ ବଳପୂର୍ବକ ଏଟୋ ଏକ୍କାଙ୍କ ଉପରେ ଜେସିବି ଚଢ଼ାଇ ହତ୍ୟା କରିଛି। ଏହାଦ୍ୱାରା ସେଠାରେ ଉତ୍ତେଜନା ଦେଖାଦେଇଛି। ସରକାରଙ୍କ ପକ୍ଷରୁ ତୁରନ୍ତ ମୃତଯୁବକଙ୍କ ପରିବାରକୁ ୧କୋଟି ଟଙ୍କାର ସହାୟତା ସହ ତାଙ୍କ ପରିବାରର ଜଣଙ୍କୁ ଚାକିରି ଦିଅନ୍ତୁ। ଯେ ପର୍ଯ୍ୟନ୍ତ ସ୍ଥାନୀୟ ଅଧିବାସୀଙ୍କ ସହିତ ବିଚାର ଆଲୋଚନା କରି ପରିସ୍ଥିତିରେ ଶାନ୍ତି ନ ଫେରିଛି ସେପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ବନ୍ଦ ରହୁ। କଂଗ୍ରେସ କର୍ମୀମାନେ ସେଠାରେ ଯେଭଳି ଉତ୍ତମ ବାତାବରଣ ବଜାୟ ରହିବ ସେଦିଗରେ କାର୍ଯ୍ୟ କରିବାକୁ ଭକ୍ତ କହିଛନ୍ତି।

ସେ କହିଥିଲେ, ଗ୍ରାହମଷ୍ଟେନ୍ସ ଓ ଦୁଇ ଶିଶୁପୁତ୍ର ପୋଡ଼ି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସେତେବେଳେ ଆର୍ଏସ୍ଏସ୍ ଓ ଭାଜପା ଦଳର ତୁଙ୍ଗ ନେତା ଭାବେ ରହି ଉକ୍ତ ଘଟଣାରେ ମୁଖ୍ୟ ଅଭିଯୁକ୍ତ ଦାରା ସିଂକୁ ଖଲାସ କରିବାକୁ ଦାବି କରିଥିଲେ। ଆଜି ସେ ମୁଖ୍ୟମନ୍ତ୍ରୀ। ଦଳର ନୁହନ୍ତି, ରାଜ୍ୟବାସୀଙ୍କ ମୁଖ୍ୟମନ୍ତ୍ରୀ। ଆଦିବାସୀମାନଙ୍କୁ ବିସ୍ଥାପିତ କରିବା, ବୁଲ୍‌ଡୋଜର ଲଗାଇ ହତ୍ୟା କରିବା କିମ୍ବା ହତ୍ୟାକାରୀଙ୍କୁ ଖଲାସ କରିବା ଶୋଭା ପାଉନାହିଁ। ଏଥିପ୍ରତି ସରକାର ଯତ୍ନବାନ ହେବାର ଆବଶ୍ୟକତା ରହିଛି। ଶିଶୁକୁ ହତ୍ୟା କରୁଥିବା ଲୋକ କେବେ ବି ଭଲ ହୋଇପାରିବ ନାହିଁ। ତା'ର ପରିବର୍ତ୍ତନ କେବେ ବି ସମ୍ଭବ ନୁହେଁ। ଅଭିଯୁକ୍ତଙ୍କ ଜେଲଦଣ୍ଡକୁ କୋହଳ କରି ଖଲାସ କରିବାକୁ ପ୍ରୟାସ କରାଯାଉଛି। ହତ୍ୟାକାରୀଙ୍କୁ ସରକାର ସୁଯୋଗ ଦିଅନ୍ତୁ ନାହିଁ ବୋଲି ଭକ୍ତ କହିଥିଲେ।




ସଭାରେ ଉପସ୍ଥିତ ପିସିସି ସଭାପତି ଭକ୍ତଚରଣ ଦାସ ଓ ଅନ୍ୟମାନେ ।

ଦଳକୁ ମଜଭୁତ କରିବା ଓ କର୍ମୀମାନଙ୍କୁ ଏକଜୁଟ କରିବା ଉଦ୍ଦେଶ୍ୟରେ ଭକ୍ତଙ୍କ ନେତୃତ୍ୱରେ ଏକ ରାଲି ଉଭୟ ରାଇରଙ୍ଗପୁର ଓ ବାରିପଦା ସହରରେ ଅନୁଷ୍ଠିତ ହୋଇଯାଇଛି। ପରେ ଉଭୟ ସ୍ଥାନରେ କର୍ମୀମାନଙ୍କୁ ନେଇ ସାଙ୍ଗଠନିକ ଦିଗରେ ଆଲୋଚନା କରି ମୟୂରଭଞ୍ଜ ଜିଲାରେ କଂଗ୍ରେସର ପ୍ରତ୍ୟାବର୍ତ୍ତନକୁ ଦୋହରାଇବାକୁ ପରାମର୍ଶ ଦେଇଛନ୍ତି। ମିଳିମିଶି କାର୍ଯ୍ୟକଲେ କଂଗ୍ରେସ ଦଳ ଭଲ ପ୍ରଦର୍ଶନ କରିବ ବୋଲି ସେ କହିଛନ୍ତି।

ଜିଲାରେ ଆଦିବାସୀଙ୍କ ପ୍ରତି ରାଜ୍ୟ ସରକାରଙ୍କ କଠୋର କାର୍ଯ୍ୟାନୁଷ୍ଠାନକୁ ନେଇ ଭକ୍ତ କଡ଼ା ସମାଲୋଚନା କରିଥିଲେ। ସେ କହିଥିଲେ, ୧୯ତାରିଖ ରାଇରଙ୍ଗପୁର ଉପଖଣ୍ଡ ପୁରୁଣାପାଣି ଗ୍ରାମରେ ନୂତନ ନିର୍ମାଣକୁ ନେଇ ତିନିଟି ଗ୍ରାମର ଲୋକଙ୍କୁ ବିଚ୍ଛିନ୍ନ କରାଯାଇଛି। ଜମି ଅଧିଗ୍ରହଣ କରିବା ପୂର୍ବରୁ ଗ୍ରାମସଭା କିମ୍ବା ପଲ୍ଲିସଭା କରା ନ ଯିବା ଓ ନୋଟିସ ପ୍ରଦାନ ନ କରି ପୋଲିସ ଉପସ୍ଥିତିରେ ଜବରଦଖଲ ଉଚ୍ଛେଦ କରିବା ଠିକ୍ ନୁହେଁ। ଏହାଦ୍ୱାରା ଅମାନବୀୟ ଭାବେ ଶହ ଶହ ଲୋକଙ୍କ ଜୀବନଜୀବିକାରେ ବାଧା ଉପୁଜିଛି। ୫୦ବର୍ଷ ଧରି ବସବାସ କରୁଥିବା ମଣିଷ ସଭ୍ୟତାକୁ ଧ୍ୱଂସ କରି ବିମାନବନ୍ଦର ନିର୍ମାଣ ଆଦୌ ଉଚିତ ନୁହେଁ। ନିରାଶ ଭୂମିହୀନ ପରିବାରଙ୍କୁ ନେଇ ରାଜନୀତି କରା ନ ଯାଇ ସ୍ଥାୟୀ ପଟ୍ଟା ସହ ଆବାସ ଯୋଜନାରେ ପକ୍କାଘର ପ୍ରଦାନ କରାଯାଉ । ଆଦିବାସୀ ଜିଲାରେ ରାଷ୍ଟ୍ରପତିଙ୍କ ବାସସ୍ଥାନ ନିକଟରୁ ଜମି ଅଧିଗ୍ରହଣ କରିବା ଆଦୌ ଶୋଭା ପାଉନାହିଁ। ସେହିପରି ଆଦିବାସୀ ନେତା ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ସମୟରେ ଏପରି କାର୍ଯ୍ୟ ରାଜ୍ୟ, ଦେଶ ଓ ସମ୍ବିଧାନ ପ୍ରତି ଆଘାତ ଦେଇଛି। ଭାଜପା କେବଳ ଅତ୍ୟାଚାରୀ କିମ୍ବା ଲୁଣ୍ଠନ ସରକାର ଭାବେ ପ୍ରମାଣ ନ କରୁ ବୋଲି ଭକ୍ତ କହିଛନ୍ତି।

ସେହିପରି ନିର୍ବାଚନରେ ସୁଧାର ଆଣିବା ପାଇଁ ସମସ୍ତ ପ୍ରକାର ରଣନୀତି ଆରମ୍ଭ କରିଛୁ। ଆଗାମୀ ଦିନରେ କଂଗ୍ରେସ ଲୋକ ସଭା ନିର୍ବାଚନ ଲଢ଼ିବ। ସହଯୋଗୀମାନଙ୍କ ସହ ଆଲୋଚନା କରାଯାଇ ନିର୍ବାଚନ ଲଢ଼ିବୁ। ବୁଢ଼ାବଳଙ୍ଗ ନଦୀରେ ଆଡ଼ିବନ୍ଧ ନିର୍ମାଣ, ସୁବର୍ଣ୍ଣରେଖା କେନାଲର ପୁନରୁଦ୍ଧାରପୂର୍ବକ ଜଳସେଚନ, ସବାଇଘାସ, ସ୍ପିନିଂ ମିଲ, ଅନ୍ୟାନ୍ୟ ଶିଳ୍ପଗୁଡ଼ିକର ପୁନରୁଦ୍ଧାର,ବେକାର ସମସ୍ୟାର ସମାଧାନ, ଧାନର କଟ୍‌ନୀଛଟ୍‌ନୀକୁ ବିରୋଧ, ଦାଦନ ଖଟିବା, ଚାଷୀଙ୍କ ପାଇଁ ସୁବିଧା ଦିଗରେ କଂଗ୍ରେସ ଦଳ ପକ୍ଷରୁ ପଞ୍ଚାୟତ, ବ୍ଲକ ଓ ଜିଲାସ୍ତରରେ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ବିଧାୟକ ଅଶୋକ ଦାସ, ପୂର୍ବତନ ସିଡବ୍ଲ୍ୟୁସି ସଦସ୍ୟା ସୁଶୀଳା ତିରିଆଙ୍କ ସମେତ ଜିଲାସ୍ତରୀୟ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**

ଆଜି ସାହିତ୍ୟ, ସଙ୍ଗୀତ କ୍ଷେତ୍ରରେ ସମ୍ମାନିତ ହେବେ। ଆପଣ ସମୟୋଚିତ ପଦକ୍ଷେପ ନେଇପାରିଲେ ହିଁ କୃତକାର୍ଯ୍ୟ ହେବା ସମ୍ଭାବନା ରହିବ। ସ୍ଥଗିତ କାମ ସକାଶେ ପାରସ୍ପରିକ ଦୋଷାରୋପଜନିତ ତିକ୍ତତା ଦେଖାଦେଇପାରେ। ପାରିବାରିକ ଦିଗଟି ଭଲ ରହିବ ଏବଂ ବ୍ୟବସାୟ ଓ ବାଣିଜ୍ୟ କ୍ଷେତ୍ରରେ ସଙ୍କଟଜନକ ସ୍ଥିତି ଦୂରେଇଯିବ।

**ବୃଷ**

ପ୍ରତ୍ୟେକ କ୍ଷେତ୍ରରେ ମାର୍ମିକ ବିଚାରଧାରା ଶୃଙ୍ଖଳିତ ଜୀବନଯାପନରେ ସହାୟକ ହେବ। ଅଭିଳଷିତ ଦ୍ରବ୍ୟପ୍ରାପ୍ତିରେ ବିଜାତୀୟ ବ୍ୟକ୍ତି ଅସହଯୋଗ କରିପାରେ। ଆନୁଷ୍ଠାନିକ କାମରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିପାରନ୍ତି। ପରୋକ୍ଷ ଶତ୍ରୁତା କାରଣରୁ ବାଣିଜ୍ୟ, ବ୍ୟବସାୟ, ଯାତ୍ରା ସନ୍ତୋଷଜନକ ନ ହୋଇପାରେ।

**ମିଥୁନ**

ମାନସିକ ଦ୍ୱନ୍ଦ୍ୱର ଅବସାନ ସକାଶେ ବନ୍ଧୁଙ୍କ ପରାମର୍ଶ ଗ୍ରହଣକଲେ ଉପକୃତ ହେବେ। କର୍ମକ୍ଷେତ୍ରରେ ଜଣେ ବିଶିଷ୍ଟ ବ୍ୟକ୍ତିଙ୍କ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ। ପରିବାରର ଆବଶ୍ୟକତାକୁ ପ୍ରାଧାନ୍ୟ ଦେଇ ମୂଲ୍ୟବାନ୍ ଜିନିଷ କିଣିପାରନ୍ତି। ଯାତ୍ରା ସମୟରେ କୌଣସି ଭୁଲ୍ କାମ କରି ଅନୁତପ୍ତ ହେବେ।

**କର୍କଟ**

କୌଣସି କାର୍ଯ୍ୟ ଶୃଙ୍ଖଳିତ ନ ହେବାରୁ ମନ ଚିନ୍ତାକୁଳ ରହିପାରେ। ଦୀର୍ଘଦିନରୁ ଭାଙ୍ଗି ପଡ଼ିଥିବା ସମ୍ପର୍କ ବନ୍ଧୁଙ୍କ ସହାୟତାରେ ପୁନଃ ପ୍ରତିଷ୍ଠିତ ହେବ। ସାମାଜିକ ସ୍ତରରେ ସମ୍ମାନିତ ହେବେ ଏବଂ ଶିକ୍ଷା, ପରୀକ୍ଷା, ଗବେଷଣା, କଳା, ସାହିତ୍ୟାଦିରେ ସମସ୍ୟା ଦୂରେଇଯିବ। ତଥାପି ପରକଥାରେ ପ୍ରଭାବିତ ହୋଇ ସମାଲୋଚନାର ଶରବ୍ୟ ହୋଇପାରନ୍ତି।

**ସିଂହ**

ବିଶେଷ କିଛି ଅସୁବିଧା ନ ଥିଲେ ମଧ୍ୟ ପ୍ରତ୍ୟେକ କ୍ଷେତ୍ରରୁ ପୂର୍ଣ୍ଣ ସନ୍ତୋଷ ପାଇବା କଷ୍ଟକର ହେବ। ଆପଣଙ୍କ ଦୂରଯାତ୍ରାର ପ୍ରସ୍ତୁତି, ବ୍ୟୟବୃଦ୍ଧି ରୋକିବା ପାଇଁ ଯୋଜନା, ବନ୍ଧୁଙ୍କ ସହ ଆଲୋଚନାରେ ଅଗ୍ରଗତି ଘଟିବ। ବ୍ୟବସାୟରେ ସନ୍ତୋଷଜନକ ଫଳ ଦେଖା ଦେବ। ସ୍ୱାର୍ଥକୁ ଆଖିଆଗରେ ରଖି ମିତ୍ର କେହି ଛଳନା କରିପାରେ।

**କନ୍ୟା**

ବୁଝାମଣା ଅଭାବରୁ ଭ୍ରାତୃବିବାଦ, ଜମିଜମା କଳହ, ପାରିବାରିକ ଅଶାନ୍ତିର କାରଣ ହେବ । ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କଲେ ଶତ୍ରୁତା ଅର୍ଜନ କରିପାରନ୍ତି । ଉପରିସ୍ଥ ପଦାଧିକାରୀଙ୍କ ଆଦେଶାନୁସାରେ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡ଼ିବ। ବଳହୀନ ବୁଧ ଗ୍ରହ ବୌଦ୍ଧିକତାକୁ ବର୍ଦ୍ଧନକଲେ ମଧ୍ୟ ବନ୍ଧୁତାକୁ କ୍ଷୁଣ୍ଣ କରିବ ।

**ତୁଳା**

ଆଜି କାହାକୁ କିଛି କଡ଼ା କଥା କହିବେ ନାହିଁ , ମାତ୍ର ଆପଣଙ୍କୁ କିଏ କହିଲେ ଜମା ଛାଡ଼ିବେ ନାହିଁ। ସବୁ ସମୟରେ ମିଶୁଥିବା ଲୋକ ପଛରେ ଚେର କାଟୁଥିବାର ଝଲକ ଦେଖିବାକୁ ମିଳିବ। ବନ୍ଧୁମାନେ ବିଭ୍ରାନ୍ତିକର ଖବର ପରିବେଷଣକରି ସମସ୍ୟାକୁ ବଢ଼ାଇଦେଇ ପାରନ୍ତି। ଆନୁଷ୍ଠାନିକ କାମ କିମ୍ବା ଧର୍ମକାର୍ଯ୍ୟରେ ନିଜକୁ ନିୟୋଜିତ କରିବେ।

**ବିଛା**

ଆଜି ଆପଣ ବଡ଼ଲୋକାଙ୍କ ସହ ମିଶିବେ, ହସଖୁସିରେ ରହିବା ସହ ନୂଆ ନୂଆ କାମ କରିବେ। ମାତ୍ର ବେକାର ଖର୍ଚ୍ଚ, ବୃଥା ଭ୍ରମଣ, ପରିବାରରେ ଝଗଡ଼ାରୁ ତ୍ରାହି ମିଳିବ ନାହିଁ। ବନ୍ଧୁଙ୍କ ମେଳରେ ରହିବାର ସୁଯୋଗ ପାଇ ଦୁଃଖକୁ ଭୁଲିଯାଇପାରନ୍ତି। ସାମାଜିକ ପ୍ରତିଷ୍ଠା ବଢ଼ିବା ସହ ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ।

**ଧନୁ**

ମନ ଭିତରେ କୋହକୁ ଲୁଚାଇ ହସି କଥା କହିବେ। ବନ୍ଧୁ ସାହାଯ୍ୟ କରିବାର ପ୍ରତିଶ୍ରୁତି ଦେବେ, କିନ୍ତୁ ଅଲଗା ଅନ୍ତର୍ନିହିତ ଉଦ୍ଦେଶ୍ୟ ନିହିତ ରଖିଥାଇପାରନ୍ତି। ପ୍ରତିକୂଳ ପରିସ୍ଥିତିରେ ଚାପ କ୍ରମଶଃ ବଢ଼ିପାରେ, କିନ୍ତୁ ବିଶେଷ ଅସୁବିଧା ହେବନାହିଁ। ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରହିବ ଏବଂ ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇବେ।

**ମକର**

ଘରେ ହେଉ କିମ୍ବା ବାହାରେ ସବୁଠି ସ୍ନେହ, ଶ୍ରଦ୍ଧା, ଆଦର ଓ ସମ୍ମାନ ଊଣା ହେବ ନାହିଁ। କିନ୍ତୁ ମନ ଭିତରର ଅଲଗା ଚିନ୍ତାଧାରାଟି ପୂର୍ଣ୍ଣ ନ ହେବା କାରଣରୁ ଛଟପଟ ହେବାକୁ ପଡ଼ିପାରେ। ଅସାବଧାନତାବଶତଃ ଦ୍ରବ୍ୟ ନଷ୍ଟ ହୋଇପାରେ କିମ୍ବା କିଛି ଭୁଲ୍ କରିପାରନ୍ତି। ଆର୍ଥିକ ସ୍ଥିତି କ୍ରମଶଃ ବଦଳିଯିବା କାରଣରୁ ଉଦ୍‌ବିଗ୍ନତା ବୃଦ୍ଧି ପାଇବ।

**କୁମ୍ଭ**

ଶ୍ରୁତିରୋଚକ କଥା କହି ଅନ୍ୟଙ୍କୁ ମନେଇ ନେବେ ଓ ଆର୍ଥିକ ଦିଗରୁ ଉପକୃତ ହେବେ। ହାତରେ ଥିବା କାମ ଯେତେ ଶୀଘ୍ର ସମାପ୍ତ କରିବାକୁ ଚାହୁଁଛନ୍ତି ତାହା ହେବା କଷ୍ଟକର ହୋଇପାରେ। ଯଦିଓ କୌଣସି କାମ ଅଟକି ରହିବ ନାହିଁ ତଥାପି ଧୀର ମନ୍ଥର ଗତି ହେତୁ ବିରକ୍ତିକର ମନେହେବ। ପରକଥାରେ ମୁଣ୍ଡ ପୂରାଇ ଭୁଲ୍ ମାର୍ଗାନୁସରଣ କରିପାରନ୍ତି।

**ମୀନ**

ପ୍ରତ୍ୟେକ କ୍ଷେତ୍ରରେ ଭାବିଚିନ୍ତି କାମ ନ କଲେ ନେଡ଼ିଗୁଡ଼ କହୁଣିକୁ ବୋହିଯିବା ଆଶଙ୍କା ଦେଖାଦେଇପାରେ। ଆଜି ଆପଣଙ୍କ ସମ୍ମୁଖରେ କିଏ କିଛି କହିବେ ନାହିଁ, କିନ୍ତୁ ପଛରେ ସମାଲୋଚନା କରିବାକୁ ଛାଡ଼ିବେ ନାହିଁ। ତଥାପି ବିଭିନ୍ନ କ୍ଷେତ୍ରରେ ସମସ୍ୟା ସମାଧାନ ହୋଇପାରିବା କାରଣରୁ କିଛିଟା ଆଶ୍ୱସ୍ତି ଲାଭ କରିବେ।

ଆଜି ଏପ୍ରିଲ ୨୧ ତାରିଖ, ଭାରତୀୟ ପ୍ରଶାସନିକ ସେବା ଦିବସ, ସଚିବ ଦିବସ, ଶ୍ରୀମନ୍ଦିରରେ ରାମାଭିଷେକ, ବୈଶାଖ କୃଷ୍ଣପକ୍ଷର କାଳାଷ୍ଟମୀ ସୋମବାର। ରାଶି ନକ୍ଷତ୍ର-ଦିବା ଘ.୧୨।୩୬ ମି. ଗତେ ଶ୍ରବଣା/ମକର, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫।୨୮ ମି. ଗତେ, ଘ.୦୭।୦୨ ମି. ମଧ୍ୟେ, ଘ.୧୦।୨୯ ମି. ଗତେ, ଘ.୦୧।୦୦ ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ସକାଳ ଘ.୦୭।୦୨ ମି. ଗତେ ଘ.୦୮।୩୬ମି. ମଧ୍ୟେ ରାହୁକାଳ ।

# ଭାରତୀୟ ଇଞ୍ଜିନିୟରିଂର ଚମତ୍କାରିତା

# ଚେନାବ ରେଳ ବ୍ରିଜ୍

**ପୋଲର ବୈଶିଷ୍ଟ୍ୟ**

**ଦାୟିତ୍ୱ :** ନର୍ଦ୍ଦନ ରେଲୱେ
**କାର୍ଯ୍ୟକାରୀ ଏଜେନ୍ସି:** ଏମ୍.ଏସ୍. କୋଙ୍କଣ ରେଲୱେ କର୍ପୋରେଶନ
**ଖର୍ଚ୍ଚ:** ୧,୪୮୬ କୋଟି ଟଙ୍କା
**ଠିକାଦାର:** ଏମ୍ଏସ୍ ଚେନାବ ବ୍ରିଜ୍ ପ୍ରୋଜେକ୍ଟ ଅଣ୍ଡରଟେକିଂ
**ବ୍ରିଜ୍ର ଲମ୍ବ:** ୧,୩୧୫ ମିଟର
**ସ୍ପାନ୍:** ୧୭
**ମୋଟ ଷ୍ଟିଲ୍ ଲାଗିଛି:** ୨୮,୬୬୦ ଟନ୍
**ବ୍ରିଜ୍ର ଜୀବନ:** ୧୨୦ ବର୍ଷ



ଭୁବନେଶ୍ୱର, ୨୦।୪
(ଜିତେନ୍ଦ୍ର କୁମାର ନାୟକ)

କଶ୍ମୀରରୁ କନ୍ୟାକୁମାରୀ। ଭାରତର ଭୌଗୋଳିକ ସ୍ଥିତିକୁ ଦେଖି ଅନେକେ ଏପରି କହିଥାଆନ୍ତି। ଦେଶର ଜୀବନରେଖା ଭାବେ ପରିଚିତ ଭାରତୀୟ ରେଳପଥ ଏବେ କଶ୍ମୀର ସହ କନ୍ୟାକୁମାରୀକୁ ଯୋଡ଼ିବାରେ ସକ୍ଷମ ହେବାକୁ ଯାଉଛି। କାରଣ ପୂର୍ବରୁ ଦୁର୍ଗମ ପ୍ରାକୃତିକ ବୈଶିଷ୍ଟ୍ୟ ଯୋଗୁ ଜମ୍ମୁ ଓ କଶ୍ମୀର ସହ ଜାତୀୟ ରେଳ ନେଟ୍ୱର୍କ ସମ୍ପୂର୍ଣ୍ଣ ସ୍ଥାପନ ସମ୍ଭବ ହୋଇପାରୁ ନ ଥିଲା। ଏ ଦିଗରେ ଭାରତୀୟ ଇଞ୍ଜିନିୟରିଂର ଚମତ୍କାରିତା ଭାବେ ଚେନାବ ରେଳ ବ୍ରିଜ୍ ଏବେ ଯାନ୍ତ୍ରିକ କୌଶଳର ନୂଆ ହସ୍ତାକ୍ଷର ଲେଖିଛି। ଚେନାବ ନଦୀ ଉପରେ ଆର୍କ ଆକାରରେ ନିର୍ମିତ ପୋଲ ବିଶ୍ୱର ସବୁଠୁ ଉଚ୍ଚତମ ବ୍ରିଜ୍ ହୋଇଥିବାରୁ ତାହା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିପାରିଛି। ଆଶ୍ଚର୍ଯ୍ୟଚକିତ କଲା ଭଳି ନିର୍ମାଣ କୌଶଳ ଦେଖିବା ଲାଗି ଭାରତୀୟ ରେଳପଥ ପକ୍ଷରୁ ଦେଶର ସାମ୍ବାଦିକ ଓ ୟୁଟ୍ୟୁବରମାନଙ୍କୁ ସେହି ସ୍ଥାନ ପରିଦର୍ଶନ କରାଇବାର ସୁଯୋଗ ସୃଷ୍ଟି କରାଯାଇଥିଲା। ସେଥିରେ ନିଜକୁ ସାମିଲ କରିପାରିଥିବାରୁ ଧନ୍ୟ ମନେ କରୁଛି।

ଏପ୍ରିଲ ୧୫ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରୁ ଆମେ ଜମ୍ମୁ ଅଭିମୁଖେ ଯାତ୍ରା କରିଥିଲୁ। ଦିଲ୍ଲୀର ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିବାର ଦେଢ଼ ଘଣ୍ଟା ପରେ ଜମ୍ମୁ ବିମାନବନ୍ଦର ଆଡ଼କୁ ମୁହାଁଇଲୁ। ଦିଲ୍ଲୀରୁ ୧ ଘଣ୍ଟା ୧୦ ମିନିଟ୍ ପରେ ଜମ୍ମୁ ବିମାନବନ୍ଦରରେ ପହଞ୍ଚିବା କଥା। କିନ୍ତୁ ପ୍ରତିକୂଳ ପାଗ ଯୋଗୁ ବିମାନ ଅଧଘଣ୍ଟା ଆକାଶରେ ଚକର ମାରିଲା ଓ ନିର୍ଦ୍ଦିଷ୍ଟ ସମୟଠାରୁ ବିଳମ୍ବରେ ଜମ୍ମୁ ବିମାନ ବନ୍ଦରରେ ପହଞ୍ଚିଲୁ। ଜମ୍ମୁରେ ଆର୍ମି ବେସ୍ ଥିବାରୁ ଘୋଷଣା କରି ଦିଆଗଲା କେହି ଫଟୋ ଉତ୍ତୋଳନ କରିପାରିବେ ନାହିଁ। କଡ଼ା ଯାଞ୍ଚ ଭିତରେ ବିମାନବନ୍ଦର ବାହାରକୁ ଗଲୁ। ୧୬ ତାରିଖ ସକାଳୁ ଜମ୍ମୁରୁ ବାହାରି ରିଆସି ଜିଲା ଅନ୍ତର୍ଗତ କାଟରା ଦେଇ ଗନ୍ତବ୍ୟସ୍ଥଳକୁ ଛୁଟି ଚାଲିଥିଲା କାର୍। ପାହାଡ଼ର ବକ୍ଷ ଚିରି ନିର୍ମାଣ କରାଯାଇଥିବା ରାସ୍ତା ଉପରେ ଗଲା ବେଳେ ଦେହ ଶିହରି ଉଠୁଥିଲା। ଲାଗୁଥିଲା ମୁଣ୍ଡ ଉପରେ ଆକାଶ ଆଉ କିଛି ଦୂରରେ ଥିବା ବେଳେ ତଳକୁ ଅନାଇଲେ ଆଖି ପାଉ ନ ଥିବା ଦୂରତା। ପାଗ ସାମାନ୍ୟ ଅନୁକୂଳ ଥିଲେ ମଧ୍ୟ ଭୂସ୍ଖଳନର ଭୟ ପ୍ରତି ମୁହୂର୍ତ୍ତରେ ଭୀତି ସୃଷ୍ଟି କରୁଥିଲା। ଯାତ୍ରା ବେଳେ ଲକ୍ଷ୍ୟ କରୁଥିଲୁ ରାସ୍ତାକଡ଼ ପାହାଡ଼କୁ ଅନେକ ସ୍ଥାନରେ ଜାଲି ଦିଆଯାଇ ତା' ଭିତରକୁ ବିଶାଳ ଲୁହା ରଡ଼ ଭର୍ତ୍ତି କରାଯାଇଛି। ପଥର ଯେଭଳି ନଖସିବ ସେଥିପାଇଁ ଏଭଳି ବ୍ୟବସ୍ଥା କରାଯାଇଛି ବୋଲି ଗାଡ଼ିଚାଳକ ଆମକୁ ବୁଝାଉଥାଆନ୍ତି। ଜମ୍ମୁରୁ ଚେନାବ ବ୍ରିଜ୍ ୧୦୮ କିଲୋମିଟର। ସାଢ଼େ ୩ ଘଣ୍ଟାର ଯାତ୍ରା ପରେ ପହଞ୍ଚିଗଲୁ ଭ୍ୟୁପଏଣ୍ଟରେ। ସେଠାରୁ ସ୍ପଷ୍ଟ ଭାବେ ଆର୍କ ଉପରେ ବିଛାଯାଇଥିବା ରେଳ ପୋଲକୁ ଦେଖି ଫଟୋ ଉଠାଇଲୁ। ଶେଷରେ ଉତ୍କଣ୍ଠାର ଅବସାନ ଘଟିଲା ଓ ଚେନାବ ପୋଲ ମୁଣ୍ଡରେ ପାଖାପାଖି ଦିନ ଗୋଟାଏରେ ଗାଡ଼ି ଅଟକିଲା। ସେଠାରେ ଆମକୁ ଅପେକ୍ଷା କରିଥିବା ନର୍ଦ୍ଦନ ରେଲୱେର ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଆତ୍ମ ପରିଚୟର ସମସ୍ତ ବିବରଣୀ ଦେବା ପରେ ରେଜିଷ୍ଟରରେ ଦସ୍ତଖତ କଲୁ। ସମୟ ଦିଆଗଲା ୧ ଘଣ୍ଟା। ଏଥର ଭିତରକୁ ପ୍ରବେଶ।

ସବୁ ରେଳଲାଇନ୍ ଭଳି ପଥ ବିଛାଯାଇଥିଲେ ମଧ୍ୟ ଉଭୟ ପାର୍ଶ୍ୱରେ ଥିଲା ତାରଜାଲି ଥିବା ପଦଚଲା ରାସ୍ତା। ଭିତରକୁ ଅନାଇବାରୁ ଦେଖିବାକୁ ପାଇଲୁ ଅନେକ ଯନ୍ତ୍ରପାତି ଖଞ୍ଜାଯାଇଛି। ନର୍ଦ୍ଦନ ରେଲୱେର ସିନିୟର ପିଆର୍ଓ ରାଜେଶ ଖେରଙ୍କୁ ଏଭଳି ବ୍ୟବସ୍ଥା ବିଷୟରେ ପଚାରନ୍ତେ ସେ ଉତ୍ତର ଦେଇଥିଲେ ଯେହେତୁ ଜମ୍ମୁ ଓ କଶ୍ମୀର ଭାରତର ସମ୍ବେଦନଶୀଳ ଭୂଖଣ୍ଡ, ସେଥିପାଇଁ ସୁରକ୍ଷା ଦୃଷ୍ଟିରୁ ଏଭଳି ପଦକ୍ଷେପ ନିଆଯାଇଛି। କଥାବାର୍ତ୍ତା ବେଳେ ଜଣାପଡ଼ିଥିଲା ଯେ ଚେନାବ ରେଳ ପୋଲ ଉଧାମପୁର-ଶ୍ରୀନଗର-ବାରମୁଲ୍ଲା ରେଲ୍ ଲିଙ୍କ୍ (ୟୁଏସ୍ବିଆର୍ଏଲ୍)ର ଅଂଶବିଶେଷ। ଜମ୍ମୁ ଓ କଶ୍ମୀରକୁ ସବୁଦିନିଆ ପରିବହନ ବ୍ୟବସ୍ଥା ମଧ୍ୟକୁ ଆଣିବା ପାଇଁ ଭାରତ ସରକାର କଶ୍ମୀର ଉପତ୍ୟକା ସହ ଭାରତୀୟ ରେଳପଥକୁ ସଂଯୋଗ କରିବା ଲାଗି ୧୯୯୯ରେ ଚିନ୍ତା କରିଥିଲେ। ଅଟଳ ବିହାରୀ ବାଜପେୟୀଙ୍କ ପ୍ରଧାନମନ୍ତ୍ରିତ୍ୱ ସମୟରେ ୨୦୦୨ରେ ଏହା ଜାତୀୟ ପ୍ରକଳ୍ପର ମାନ୍ୟତା ପାଇଥିଲା। ସଡ଼କ ପଥରେ ଜମ୍ମୁ ଓ କଶ୍ମୀରକୁ ସଂଯୋଗ ହେବା ଅସମ୍ଭବ ମନେ କରିବା ପରେ ଏହି ରେଳ ପ୍ରକଳ୍ପ ସେବେଠାରୁ ଆଗେଇ ଚାଲିଥିଲା। ଦୀର୍ଘ ଦୁଇ ଦଶନ୍ଧି ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସମୟରେ ଏହା ଫଳବତୀ ହେବାକୁ ଯାଉଛି। ଚେନାବ ନଦୀ ଉପରେ ନିର୍ମିତ ଏହି ରେଳ ପୋଲ ୩୫୯ ମିଟର ଅର୍ଥାତ୍ ୧,୧୭୮ ଫୁଟ ଉଚ୍ଚତାରେ ରହିଛି, ଯାହା ଫ୍ରାନ୍ସ ରାଜଧାନୀ ପ୍ୟାରିସରେ ଅବସ୍ଥିତ ଐତିହାସିକ ଆଇଫେଲ୍ ଟାୱାରଠାରୁ ୩୫ ମିଟର ଉଚ୍ଚ। ଖୁବ୍ ଶୀଘ୍ର ପ୍ରଧାନମନ୍ତ୍ରୀ ଚେନାବ ପୋଲ ଉପରୁ ଏହି ଜାତୀୟ ପ୍ରକଳ୍ପକୁ ଦେଶ ଉଦ୍ଦେଶ୍ୟରେ ଉତ୍ସର୍ଗ କରିବାର କାର୍ଯ୍ୟକ୍ରମ ରହିଛି।

ପୋଲ ଉପରେ ଘଣ୍ଟେ ରହଣି ବେଳେ ଆଇଫେଲ୍ ଟାୱାରଠାରୁ ଉଚ୍ଚରେ ରହିଥିବା ଭଳି ମନେ କଲାବେଳେ ତଳକୁ ଅନାଇଦେଲି। ଚେନାବର ସ୍ୱଚ୍ଛ ଜଳରାଶି ଓ ପାହାଡ଼ର ପ୍ରାକୃତିକ ସୌନ୍ଦର୍ଯ୍ୟ ସନ୍ଦର୍ଶନ କଲା ପରେ ଭାବୁଥିଲି ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଏହି ରେଳବ୍ରିଜ୍ ନିଶ୍ଚିତ ମୋ ଭଳି ଅନ୍ୟମାନଙ୍କୁ ଆକର୍ଷିତ କରିଚାଲୁଥିବ।

## Business

# ଏସ୍ଏଚ୍ଜିଙ୍କୁ ୨୦,୦୦୦ କୋଟିର ଋଣ ବଣ୍ଟନ ଲକ୍ଷ୍ୟ

**ଭୁବନେଶ୍ୱରରେ ଇଣ୍ଡିଆନ୍ ବ୍ୟାଙ୍କ ପକ୍ଷରୁ ମେଗା ଏସ୍ଏଚ୍ଜି କ୍ରେଡିଟ୍ ଆଉଟ୍ରିଚ୍ କାର୍ଯ୍ୟକ୍ରମ**

ଭୁବନେଶ୍ୱର,୨୦।୪: (ଅଭୟ ଦାଶ)



ଏସ୍ଏଚ୍ଜି ମହିଳାଙ୍କୁ ଅର୍ଥ ସଚିବ ଏମ୍. ନାଗରାଜୁ ଋଣ ମଞ୍ଜୁରୀ ପତ୍ର ବଣ୍ଟନ କରୁଛନ୍ତି। ଏହି ଅବସରରେ ଇଣ୍ଡିଆନ ବ୍ୟାଙ୍କର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଅଛନ୍ତି।

ଦେଶର ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଏବଂ ଗ୍ରାମୀଣ ସଶକ୍ତୀକରଣକୁ ତ୍ୱରାନ୍ୱିତ କରିବା ପାଇଁ ଇଣ୍ଡିଆନ୍ ବ୍ୟାଙ୍କ ପକ୍ଷରୁ ସର୍ବଭାରତୀୟସ୍ତରରେ ଏକ ନୂତନ ଅଭିଯାନର ଶୁଭାରମ୍ଭ କରାଯାଇଛି। ଏପରିକି ଏହି ଅଭିଯାନ ଜରିଆରେ ବ୍ୟାଙ୍କ ୨୦୨୫-୨୬ ଆର୍ଥିକ ବର୍ଷରେ ଦେଶବ୍ୟାପୀ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍ଏଚ୍ଜି)ଗୁଡ଼ିକୁ ୨୦,୦୦୦ କୋଟି ଟଙ୍କାରୁ ଅଧିକ ଋଣ ବଣ୍ଟନ କରିବା ପାଇଁ ଲକ୍ଷ୍ୟ ରଖିଛି। ସେହିଭଳି ଇଣ୍ଡିଆନ୍ ବ୍ୟାଙ୍କର ବ୍ୟାପକ ରଣନୀତିର ଏକ ଅଂଶ ହେଉଛି, ଏହି ପଦକ୍ଷେପ। ଯାହା ନିଜକୁ ଭାରତର ଅର୍ଥନୈତିକ ଇଞ୍ଜିନର ଏକ ପ୍ରମୁଖ ଚାଳକ ଭାବେ ଅବସ୍ଥାପିତ କରିଛି। ଅପରପକ୍ଷରେ ଭାରତ ସରକାରଙ୍କ ଆର୍ଥିକ ସେବା ବିଭାଗ (ଡିଏଫ୍ଏସ୍) ଦ୍ୱାରା ସର୍ବଭାରତୀୟ ଉଦ୍ୟମର ଏକ ଅଂଶ ଭାବେ ଏହି କାର୍ଯ୍ୟକ୍ରମ ଏକ କୋଟି ଏସ୍ଏଚ୍ଜିମହିଳାଙ୍କୁ ଋଣ ସୁବିଧା ସହିତ ସଶକ୍ତ କରିବାର ଜାତୀୟ ଅଭିଯାନରେ ଇଣ୍ଡିଆନ ବ୍ୟାଙ୍କର ଅବଦାନକୁ ଚିହ୍ନିତ କରିଛି। ସେହିପରି ଏହି କାର୍ଯ୍ୟକ୍ରମ 'ବିକଶିତ ଭାରତ ୨୦୪୭' ଉପରେ ପର୍ଯ୍ୟବସିତ ଥିଲାବେଳେ ସରକାରଙ୍କ ଗୁରୁତ୍ୱ ସହ ସମନ୍ୱିତ ରହିଛି, ଯାହାର ଲକ୍ଷ୍ୟ ଅନ୍ତର୍ଭୁକ୍ତ ଅଭିବୃଦ୍ଧି ଏବଂ ମହିଳାଙ୍କ ନେତୃତ୍ୱାଧୀନ ବିକାଶ ସହ କାର୍ଯ୍ୟ କରୁଛି। ଉଲ୍ଲେଖଯୋଗ୍ୟ, ଇଣ୍ଡିଆନ ବ୍ୟାଙ୍କ ପକ୍ଷରୁ ରବିବାର ଭୁବନେଶ୍ୱରସ୍ଥିତ ରେଲୱେ ଅଡିଟୋରିୟମଠାରେ ଏକ ମେଗା ସ୍ୱୟଂସହାୟକ ଗୋଷ୍ଠୀ ବା ଏସ୍ଏଚ୍ଜି କ୍ରେଡିଟ୍ ଆଉଟରିଚ୍ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା, ଯେଉଁଥିରେ ସମଗ୍ର ଓଡ଼ିଶାର ଏସ୍ଏଚ୍ଜିଗୁଡ଼ିକୁ ଗୁରୁତ୍ୱପୂର୍ଣ୍ଣ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଭାରତ ସରକାରଙ୍କ ଆର୍ଥିକ ସେବା ବିଭାଗର ସଚିବ ଏମ୍.ନାଗରାଜୁ, ଇଣ୍ଡିଆନ୍ ବ୍ୟାଙ୍କର ଏମ୍ଡି ତଥା ସିଇଓ ବିନୋଦ କୁମାର ଏବଂ ଇଣ୍ଡିଆନ୍ ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ମହେଶ କୁମାର ବଜାଜ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ମୋଟ ୯୯୬୧ ଏସ୍ଏଚ୍ଜିକୁ ୫୦୯.୯୧ କୋଟି ଟଙ୍କାର ଋଣ ମଞ୍ଜୁରୀ ପତ୍ର ପ୍ରଦାନ ସହ ତୃଣମୂଳ ସ୍ତରର ମହିଳା ଉଦ୍ୟୋଗୀମାନଙ୍କୁ ଠିକ୍ ସମୟରେ ଏବଂ ପରିବର୍ତ୍ତନମୂଳକ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି। ସେହିପରି ଏସ୍ଏଚ୍ଜି ସଦସ୍ୟଙ୍କ ସଫଳତାର କାହାଣୀ ଏବଂ ହସ୍ତଶିଳ୍ପ, କୃଷି ପ୍ରକ୍ରିୟାକରଣ ଏବଂ ବୟନଶିଳ୍ପ ଭଳି ବିଭିନ୍ନ କ୍ଷେତ୍ରରେ ଏସ୍ଏଚ୍ଜି ନେତୃତ୍ୱାଧୀନ ଉଦ୍ୟୋଗଗୁଡ଼ିକର ପ୍ରଦର୍ଶନ କରାଯାଇଥିଲା।

# ବଜାରରେ ଏସର ରେଞ୍ଜ

ଭୁବନେଶ୍ୱର,୨୦।୪

ଇଣ୍ଡକାଲ ଟେକ୍ନୋଲୋଜିଜ୍ର ବହୁ ପ୍ରତୀକ୍ଷିତ ସ୍ମାର୍ଟଫୋନ ତଥା ଏସର ବ୍ରାଣ୍ଡ ଅଧୀନରେ ୨ଟି ମଡେଲ (ଏସର ସୁପର ଜେଡଏକ୍ସ ଏବଂ ଆସେର ସୁପରଜେଡ ଏକ୍ସ ପ୍ରୋ) ବା ଆସେର ରେଞ୍ଜର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଅପରପକ୍ଷରେ ଏସର ଇନ କର୍ପୋରେଟେଡ୍ ସହିତ ଟ୍ରେଡମାର୍କ ଲାଇସେନ୍ସ ଚୁକ୍ତିବଦ୍ଧ ହୋଇ ବ୍ରାଣ୍ଡର ଏହି ଦୁଇଟି ସ୍ମାର୍ଟଫୋନ ତଥା ସୁପରଜେଡ ଏକ୍ସ ଶୃଙ୍ଖଳର ଦୁଇଟି ମଡ଼େଲକୁ ଭର୍ଚୁଆଲ କାର୍ଯ୍ୟକ୍ରମରେ ଶୁଭାରମ୍ଭ କରିଛି। ସେହିଭଳି ଏହି ଆସେର ସୁପର ଜେଡଏକ୍ସ ଏବଂ ଆସେର ସୁପରଜେଡ ଏକ୍ସ ପ୍ରୋ ସମସ୍ତ ପ୍ରିମିୟମ ବିଶେଷତ୍ୱକୁ ନେଇ ଡିଜାଇନ ସହ ଆସିବା ସହିତ ଏକ ପ୍ରତିଯୋଗୀମୂଳକ ମୂଲ୍ୟ ବିନ୍ଦୁ ତଥା ଆଧୁନିକତମ ଜ୍ଞାନକୌଶଳକୁ ସୁନିଶ୍ଚିତ କରିଛି, ଯାହାକି ସମଗ୍ର ଭାରତୀୟ ଗ୍ରାହକଙ୍କ ମଧ୍ୟରେ ବିଶେଷ ଆଦୃତ ହୋଇପାରିଛି।

# ୨୫ରୁ ଆର୍ସିଏମ୍ର ମେଗା ବି ଫେଷ୍ଟ 'ବ୍ରହ୍ମାସ୍ତ୍ର ୩.୦'




ଖବରଦାତା ସମ୍ମିଳନୀରେ ଆର୍ସିଏମ୍ର ଅଧିକାରୀମାନେ 'ବ୍ରହ୍ମାସ୍ତ୍ର ୩.୦'ର ପୋଷ୍ଟରକୁ ଉନ୍ମୋଚନ କରୁଛନ୍ତି।

ଭୁବନେଶ୍ୱର,୨୦।୪

ରିଜିଓନାଲ କଲେଜ ଅଫ୍ ମ୍ୟାନେଜ୍ମେଣ୍ଟ (ଆର୍ସିଏମ୍)ର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ ତଥା ମେଗା ବି-ଫେଷ୍ଟ 'ବ୍ରହ୍ମାସ୍ତ୍ର ୩.୦'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଏହି ୫ ଦିନିଆ ପ୍ରତିଯୋଗିତା ୨୦୨୫ ଏପ୍ରିଲ ୨୫ରୁ ଭୁବନେଶ୍ୱରରେ ଆରମ୍ଭ ହେଉଛି। ଏହି ପରିପ୍ରେକ୍ଷୀରେ ଆରସିଏମ୍ ପକ୍ଷରୁ ଶନିବାର ଏକ ଖବରଦାତା ସମ୍ମିଳନୀ ଆୟୋଜନ କରାଯାଇଥିଲା। ଏହି ସମ୍ମିଳନୀରେ ଆରସିଏମ୍ର ନିର୍ଦ୍ଦେଶକ ଡ. ପ୍ରୀତମ ପାଲ୍, ଆରଜିବିଏସ୍ର ନିର୍ଦ୍ଦେଶିକା ଡ. ସଂଘମିତ୍ରା ପାଲ୍ଙ୍କ ସମେତ ଡ. ମନୋଜ କୁମାର ସତପଥୀ, ଡ. ଶ୍ରଦ୍ଧା ପାଢ଼ୀ, ପ୍ରଜ୍ଞା ଆନନ୍ଦ ମିଶ୍ର, ପ୍ରଫେସର ପ୍ରଜ୍ଞା ପାରମିତା ଦାସ, ଡ. ମୋନାଲିସା ମିଶ୍ର, ପ୍ରଫେସର ଶବନୁର ଖାତୁନ୍ ପ୍ରମୁଖ ଉପସ୍ଥିତ ରହି 'ବ୍ରହ୍ମାସ୍ତ୍ର ୩. ୦'ର ଆଭିମୁଖ୍ୟ ବିଷୟରେ ସମସ୍ତ ବିବରଣୀ ପ୍ରଦାନ କରିଥିଲେ। ଉଲ୍ଲେଖଯୋଗ୍ୟ, ଚଳିତ ବର୍ଷ ଏହି ମେଗା-ଇଭେଣ୍ଟ ଅନେକ ଗୁଣରେ ବୃଦ୍ଧି କରାଯାଇଛି, ଯେଉଁଥିରେ ପରିଚାଳନା ଏବଂ ଆଇଟି ପ୍ରତିଯୋଗିତା, କ୍ରୀଡ଼ା, ସାଂସ୍କୃତିକ କାର୍ଯ୍ୟକ୍ରମ, ଖାଦ୍ୟ ଫିଏଷ୍ଟା/ପ୍ରତିଯୋଗିତା ଏବଂ ଦ୍ରୋଣ, ଏକ ଅନନ୍ୟ ଅଧ୍ୟାପକ ନିବେଶ କାର୍ଯ୍ୟକଳାପ ଏବଂ ପ୍ରତିଯୋଗିତା ଭଳି ୩୭ଟି ଇଭେଣ୍ଟ ଅନ୍ତର୍ଭୁକ୍ତ ହୋଇଛି। ଦୀର୍ଘ ୫ ଦିନ ବ୍ୟାପୀ ଏହି ପ୍ରତିଯୋଗିତା ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ୨୦୨୫ ଏପ୍ରିଲ ୨୫ରୁ ୨୯ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

# ସରକାରଙ୍କ ଫ୍ଲାଗସିପ ଯୋଜନାର ସମୀକ୍ଷା ବୈଠକ

ଭୁବନେଶ୍ୱର,୨୦।୪

ଦେଶବାସୀଙ୍କ ଉଦ୍ଦେଶ୍ୟରେ ସରକାର ପ୍ରଚଳନ କରିଥିବା ବିଭିନ୍ନ ଫ୍ଲାଗଶିପ ଯୋଜନାର ଏକ ସମୀକ୍ଷା ବୈଠକ ଭୁବନେଶ୍ୱରର ହୋଟେଲ ମେ ଫେୟାରଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କେନ୍ଦ୍ର ସରକାରଙ୍କ ଅର୍ଥ ମନ୍ତ୍ରଣାଳୟର ଆର୍ଥିକ ସେବା ବିଭାଗ ସଚିବ ଏମ୍. ନାଗରାଜୁଙ୍କ ଦ୍ୱାରା ଏସ୍ସି, ସିଡି ରେସିଓ, ସାମାଜିକ ସୁରକ୍ଷା ଯୋଜନା ଏବଂ ସରକାରଙ୍କ ବିଭିନ୍ନ ଫ୍ଲାଗଶିପ ଯୋଜନାର ଏକ ସମୀକ୍ଷା ବୈଠକ ଆୟୋଜିତ ହୋଇଥିଲା। ରାଜ୍ୟ ସରକାରଙ୍କ ଅର୍ଥ ବିଭାଗର ପ୍ରଧାନ ସଚିବ, ଆର୍ବିଆଇ ଭୁବନେଶ୍ୱରର ଆଞ୍ଚଳିକ ନିର୍ଦ୍ଦେଶକ, ସିଡିବିର ସିଏମ୍ଡି, ୟୁକୋ ବ୍ୟାଙ୍କର ଏମ୍ଡି ଏବଂ ସିଇଓ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ବ୍ୟାଙ୍କ ଅଫ୍ ବରୋଦା, ପିଏନ୍ବି, ଇଣ୍ଡିଆନ ବ୍ୟାଙ୍କ, ବ୍ୟାଙ୍କ ଅଫ୍ ଇଣ୍ଡିଆ, କାନାରା ବ୍ୟାଙ୍କ, ଆଇଓବି, ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର ଏବଂ ପଞ୍ଜାବ ଆଣ୍ଡ ସିନ୍ଧ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ଏବଂ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକମାନଙ୍କ ସହ ନାବାର୍ଡର ଡେପୁଟି ଏମ୍ଡି ମଧ୍ୟ ଯୋଗ ଦେଇଥିଲେ। ସାମାଜିକ ସୁରକ୍ଷା ଯୋଜନା, ସିଏସ୍ ପ୍ଲସ୍ରେ ରାଜ୍ୟ ସରକାରଙ୍କ ସହଯୋଗ ଇତ୍ୟାଦି ବିଭିନ୍ନ ସଫଳତାରେ ଏସ୍ଏଲ୍ବିସିର କାର୍ଯ୍ୟକଳାପକୁ ଏମ୍. ନାଗରାଜୁ ପ୍ରଶଂସା କରିବା ସହିତ ଗତ କିଛି ବର୍ଷ ଧରି ଓଡ଼ିଶାରେ ବ୍ୟାଙ୍କଗୁଡିକର ଋଣ ପ୍ରଦାନ ବୃଦ୍ଧି କାର୍ଯ୍ୟକୁ ମଧ୍ୟ ପ୍ରଶଂସା କରିଥିଲେ। ତତ୍ସହିତ ଗୃହ ଋଣ ଏବଂ ଶିକ୍ଷା ଋଣ କ୍ଷେତ୍ରରେ ବ୍ୟାଙ୍କଗୁଡିକ ଅଧିକ କାର୍ଯ୍ୟ କରିବାକୁ ପରାମର୍ଶ ମଧ୍ୟ ଦେଇଥିଲେ। ସିଡିବିର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ମନୋଜ ମିତ୍ତଲ୍ ଋଣଗୁଡିକର ସିଜିଟିଏମ୍ଏସ୍ଇ କଭରେଜ ଏବଂ ଉଦ୍ୟମ ସହାୟକ ପୋର୍ଟାଲର 'ପ୍ରୟାସ' ମଡେଲ ବିଷୟରେ ସୂଚନା ଦେଇଥିଲାବେଳେ ଓଡ଼ିଶା ସରକାରଙ୍କ ଅର୍ଥ ବିଭାଗର ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର ଏସି ସଫଳତା, ସିଡି ରେସିଓ, ସାମାଜିକ ସୁରକ୍ଷା ଏବଂ ସରକାରୀ ଯୋଜନା ବିଷୟରେ ପ୍ରତିଟି ଏସ୍ଏଲ୍ବିସି ବୈଠକରେ ବିଶଦ ଆଲୋଚନା ହେଉଥିବା କଥା ଅବଗତ କରାଇଥିଲେ।

# ଖିମ୍ଜୀ ଜୁଏଲର୍ସର 'ଦି ଗ୍ରାଣ୍ଡ ଅକ୍ଷୟ ତୃତୀୟା ସେଲ୍'

ଭୁବନେଶ୍ୱର,୨୦।୪



ଅକ୍ଷୟତୃତୀୟା ସେଲ୍ ଘୋଷଣା ଅବସରରେ ଖିମ୍ଜୀର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଅଛନ୍ତି।

ଖିମ୍ଜୀ ଜୁଏଲର୍ସର ବହୁ ପ୍ରତୀକ୍ଷିତ ଯୋଜନା 'ଦି ଗ୍ରାଣ୍ଡ ଅକ୍ଷୟ ତୃତୀୟା ସେଲ୍'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଏହି ସେଲ୍ ଉପରେ ଖିମ୍ଜୀ ଆକର୍ଷଣୀୟ ରିହାତି ସୁନା ଓ ହୀରା ଅଳଙ୍କାର ଗଢ଼ା ମଜୁରି ଉପରେ ଫ୍ଲାଟ୍ ୫୦% ଏବଂ ହୀରା ଉପରେ ମାଗଣା ବୀମା ପ୍ରଦାନ କରୁଛି।

ଏ ସମ୍ପର୍କରେ ଖିମ୍ଜୀ ଜୁଏଲର୍ସର ଏମ୍ଡି ମିତେଶ ଖିମ୍ଜୀ କହିଛନ୍ତି, ଓଡ଼ିଶା ବଜାରରେ ଆମେ ଯୋଗାଇଦେଉଥିବା ଅଫର ଓ ରିହାତି ସବୁ ବର୍ଗର ଗ୍ରାହକଙ୍କ ଆବଶ୍ୟକତା ପୂରଣ କରୁଛି। ଏପରିକି ଏହା ଆମର ଅନ୍ୟତମ ସର୍ବବୃହତ୍ ସେଲ୍ ହୋଇଥିଲାବେଳେ ଗ୍ରାହକଙ୍କୁ ପୂର୍ଣ୍ଣାଙ୍ଗ ସୁନା ଓ ହୀରା ଅଳଙ୍କାର ବର୍ଗର ଗଢ଼ା ମଜୁରି ଉପରେ ଫ୍ଲାଟ୍ ୫୦% ରିହାତି ପ୍ରଦାନ କରାଯାଉଛି। ସେହିଭଳି ଆମେ ଅକ୍ଷୟ ତୃତୀୟା ପାଳନ କରିବା ସମୟରେ ଆମେ ଆମର ବହୁମୂଲ୍ୟ ଗ୍ରାହକଙ୍କୁ ଏହି ଅନନ୍ୟ ଅଫର ଯୋଗାଇଦେଇ ଖୁସି ଅନୁଭବ କରୁଛୁ। ଏଥିସହ ଆମେ ଆନନ୍ଦର ସହିତ ଜୀବନବ୍ୟାପୀ ବାଏ ବ୍ୟାକ୍ ଗ୍ୟାରେଣ୍ଟି ପ୍ରଦାନ କରୁଛୁ। ଖିମ୍ଜୀ ଜୁଏଲର୍ସ ଅତୁଳନୀୟ ଗୁଣବତ୍ତା ଓ ସେବା ଯୋଗାଣ ନିମନ୍ତେ ନିଜର ପ୍ରତିବଦ୍ଧତା ପାଇଁ ସେହି ମହାନ୍ ହୃଦୟଗୁଡ଼ିକରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି, ଯାହା ଓଡ଼ିଶାରେ ଏହାର ସର୍ବାଧିକ ବିଶ୍ୱସନୀୟ ଜୁଏଲର ମାନ୍ୟତାକୁ ସୁଦୃଢ଼ କରିଛି। ସେହିପରି ଗ୍ରାହକମାନେ ଏଥିରେ ସାମିଲହେବା ସହ ଉଲ୍ଲେଖନୀୟ ସଞ୍ଚୟ ଉପଭୋଗ କରିବା ନିମନ୍ତେ ଏହି ଅନନ୍ୟ ଶପିଂ ଉତ୍ସବରେ ଯୋଗଦେବାକୁ ଖିମ୍ଜୀ ପକ୍ଷରୁ ସମସ୍ତଙ୍କୁ ସାଦର ଆମନ୍ତ୍ରଣ କରାଯାଉଛି। ଏଥିସହ ଖିମ୍ଜୀ ଜୁଏଲର୍ସ ତା'ର ବହୁମୂଲ୍ୟ ଗ୍ରାହକଙ୍କ ନିମନ୍ତେ ବହୁବିଧ ଆକର୍ଷଣୀୟ ଫାଇଦା ମଧ୍ୟ ଯୋଗାଇ ଦେଉଛି। ଏହି ସ୍ୱତନ୍ତ୍ର ଅଫର ଖିମ୍ଜୀ ଜୁଏଲର୍ସର ଭୁବନେଶ୍ୱର, ବ୍ରହ୍ମପୁର, କଟକ, ପୁରୀ, ଝାରସୁଗୁଡ଼ା ଏବଂ ରାଉରକେଲା ଭଳି ପ୍ରମୁଖ ସହରର ଷ୍ଟୋରଗୁଡ଼ିକରେ ଉପଲବ୍ଧ।

# ଲାଲ୍ଚନ୍ଦ୍ର ଅକ୍ଷୟ ତୃତୀୟା ଅଫର

ଭୁବନେଶ୍ୱର,୨୦।୪

ଲାଲ୍ଚନ୍ଦ୍ ଜୁଏଲର୍ସର ବହୁ ପ୍ରତୀକ୍ଷିତ ସ୍କିମ୍ 'ଅକ୍ଷୟ ତୃତୀୟା ଅଫର'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ସମସ୍ତ ୨୨ କ୍ୟାରେଟ୍ ଏଚ୍ୟୁଆଇଡି ହଲ୍ମାର୍କ୍ ସୁନା ଅଳଙ୍କାର ଏବଂ ହୀରା ଅଳଙ୍କାର ଉପରେ ଗ୍ରାମ୍ ପ୍ରତି ମେକିଂ ଚାର୍ଜ ଫ୍ଲାଟ୍ ୯୯୯ ଟଙ୍କା ରଖାଯାଇଛି। ଏହା ସହ ନିର୍ଦ୍ଦିଷ୍ଟ ୨୨କ୍ୟାରେଟ୍ ଏଚ୍ୟୁଆଇଡି ସୁନା ଅଳଙ୍କାର ଉପରେ ମେକିଂ ଚାର୍ଜ ଗ୍ରାମ୍ ପ୍ରତି ଫ୍ଲାଟ୍ ୬୯୯ ଟଙ୍କା ରଖାଯାଇଛି। ସେହିଭଳି ଲାଲ୍ଚନ୍ଦ୍ର ଏହି ସର୍ବନିମ୍ନ ମେକିଂ ଚାର୍ଜ ଗ୍ରାହକମାନଙ୍କ ପାଇଁ ସୁନା କିଣିବାକୁ ଏକ ବଡ଼ ସୁଯୋଗ ସୃଷ୍ଟି କରିବ। ଏହା ସହ ୧ ଲକ୍ଷ ଟଙ୍କା ମୂଲ୍ୟର ହୀରା ଅଳଙ୍କାର କ୍ରୟକଲେ ଏକ ସ୍ୱର୍ଣ୍ଣମୁଦ୍ରା ମାଗଣା ମିଳିବ ଏବଂ ୨ଲକ୍ଷ ଟଙ୍କା ମୂଲ୍ୟର ସୁନା ଅଳଙ୍କାର କ୍ରୟରେ ମଧ୍ୟ ଏକ ସ୍ୱର୍ଣ୍ଣ ମୁଦ୍ରା ମାଗଣା ଦିଆଯିବ। ସେହିପରି ୨୫ ହଜାର ଟଙ୍କାରୁ ଅଧିକ ମୂଲ୍ୟର କ୍ରୟରେ ଗ୍ରାହକମାନେ ମାଗଣା ଉପହାର ପାଇବେ ଏବଂ ରୁପା ଅଳଙ୍କାରର ମେକିଂ ଚାର୍ଜରେ ୫୦% ରିହାତି, ବ୍ରାଣ୍ଡେଡ୍ ରୁପା ସାମଗ୍ରୀ ଉପରେ ୧୫% ରିହାତି ଏବଂ ନିର୍ଦ୍ଦିଷ୍ଟ ହାତଘଣ୍ଟାର ଏମ୍ଆର୍ପି ଉପରେ ୨୦% ରିହାତି ଘୋଷଣା କରାଯାଇଛି। ଅପରପକ୍ଷରେ ଲାଲ୍ଚନ୍ଦ୍ ପୁରୁଣା ଏଚ୍ୟୁଆଇଡି ସୁନା ଅଳଙ୍କାର ବଦଳାଇ ୧୦୦% ସୁନା ମୂଲ୍ୟ ପ୍ରଦାନ କରୁଛି, ଯାହା ଗ୍ରାହକଙ୍କ ପାଇଁ ଅଧିକ ଲାଭ ଦାୟକ ହେବ ବୋଲି କୁହାଯାଉଛି। ଏ ସମ୍ପର୍କରେ ଲାଲ୍ଚନ୍ଦ୍ ଜୁଏଲର୍ସର ପ୍ରତିଷ୍ଠାତା ଅଧ୍ୟକ୍ଷ ସଞ୍ଜୟ ହଂସ କହିଛନ୍ତି, ଏପ୍ରିଲ୍, ମେ ଓ ଜୁନ ମାସ ପାଇଁ ପରବର୍ତ୍ତୀ ଲକ୍ଷପତି ଲକି ଡ୍ର ଜୁଲାଇ ପ୍ରଥମ ସପ୍ତାହରେ ଅନୁଷ୍ଠିତ ହେବ।

ସଂସାର ବା ଜଗତ ପାଖରେ ହାରିଯାଇ ତୁମେ ଭଗବାନଙ୍କୁ ଧରିବା ପାଇଁ ଧାଇଁଛ ? ସଂସାର ଯଦି ତୁମଠାରୁ ବେଶି ବଳବାନ୍ ହୁଏ- ତେବେ ତୁମେ କ'ଣ ଭାବୁଛ ଭଗବାନ୍ ସଂସାରଠାରୁ ଦୁର୍ବଳତର ? ବରଂ ଈଶ୍ୱରଙ୍କ ପାଖକୁ ଆସ- ତାଙ୍କ ଆଦେଶ ପାଳନ ପାଇଁ। ଏବଂ ତାଙ୍କଠାରୁ ସେହି ଆଦେଶ ପ୍ରାର୍ଥନା କର। -ଶ୍ରୀଅରବିନ୍ଦ



# ଭାଷା ଭେଳିକି

ସାଧାରଣରେ କୁହାଯାଇଥାଏ ଆମେ ଭାରତୀୟ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ସମାନ। ସମ୍ବିଧାନରେ ସବୁ ପ୍ରକାର ନିରପେକ୍ଷତା ଉପରେ ଗୁରୁତ୍ୱ ଦିଆଯାଇଛି। କିନ୍ତୁ ବାସ୍ତବରେ ଦେଖିଲେ ଏଠାରେ ତା'ର ଓଲଟା ପ୍ରତିଫଳନ ହେଉଛି। ଜାତିଗତ ବିଭେଦ, ଉଚ୍ଚ ନୀଚ ପ୍ରଭେଦ, ଲୋକମାନଙ୍କ ପାଇଁ ଧର୍ମକୁ ଅଫିମ କରି ଦିଆଯିବା ପରେ ଭାଷାକୁ ନେଇ ଏବେ ରାଜନୀତି ସର୍ବୋଚ୍ଚରେ ପହଞ୍ଚାଇ ଦିଆଗଲାଣି। ଭାଷା ବିଭାଜନର ଐତିହାସିକ ପୃଷ୍ଠଭୂମିକୁ ଦେଖିଲେ ୧୯୫୦ରୁ ୧୯୬୦ ମଧ୍ୟରେ ଦେଶର ବିଭିନ୍ନ ଭାଗରେ ଭାଷା ଆନ୍ଦୋଳନ ମୁଣ୍ଡ ଟେକିଥିଲା। ସେଥିମଧ୍ୟରୁ ତାମିଲନାଡୁ ଉପରେ ହିନ୍ଦୀ ଭାଷାକୁ ଲଦି ଦିଆଯିବା ଘଟଣାରୁ ସେତେବେଳେ କିଭଳି ହିଂସାତ୍ମକ ସ୍ଥିତି ଉପୁଜିଥିଲା, ତାହା ଇତିହାସ ହୋଇ ରହିଛି। ଏବର ସମୟକୁ ଦେଖିଲେ କେନ୍ଦ୍ରର ଜାତୀୟ ଶିକ୍ଷା ନୀତି-୨୦୨୦ ଅନୁଯାୟୀ ୩ ଭାଷା ସୂତ୍ର ମଧ୍ୟରେ ପୁଣି ସେହି ହିନ୍ଦୀ କେନ୍ଦ୍ର ଓ ରାଜ୍ୟ ସରକାର ମଧ୍ୟରେ କଣ୍ଟା ହୋଇ ଛିଡ଼ା ହୋଇଛି। ତାମିଲନାଡୁ ଓ କେରଳ ପରେ ହିନ୍ଦୀ ଲଦିଦେବାରୁ ବିରୋଧ ନିଆଁ ଏବେ ମହାରାଷ୍ଟ୍ରରେ ପହଞ୍ଚିଛି। ମରାଠୀ ଭାଷା ମହାରାଷ୍ଟ୍ରବାସୀଙ୍କ ଅସ୍ମିତାର ପ୍ରତୀକ ହୋଇଥିବା ବେଳେ ସେଠାକାର ସ୍କୁଲଗୁଡ଼ିକରେ ପ୍ରଥମରୁ ପଞ୍ଚମ ଯାଏ ହିନ୍ଦୀ ଶିକ୍ଷାଦାନକୁ ବାଧ୍ୟତାମୂଳକ କରାଯିବା ପାଇଁ ସରକାରୀ ଘୋଷଣା ହୋଇଛି। ଭାଜପା ପରିଚାଳିତ ମହାୟୁତି ସରକାରର ନିଷ୍ପତ୍ତିକୁ ବିରୋଧ କରି ଶିବସେନା (ୟୁବିଟି)ର ମୁଖ୍ୟ ଉଦ୍ଧବ ଠାକ୍‌ରେ ଓ ତାଙ୍କ କକା ପୁଅ ଭାଇ ତଥା ମହାରାଷ୍ଟ୍ର ନବନିର୍ମାଣ ସେନା (ଏମ୍‌ଏନ୍‌ଏସ୍) ରାଜ୍ ଠାକ୍‌ରେ ଏକାଠି ହେବାର ସଙ୍କେତ ଦେଲାଣି।

> ଗତ ନିର୍ବାଚନ ପ୍ରମାଣ କରିଦେଲା ଯେ କେବଳ ଅଯୋଧ୍ୟାରେ ପରାଜୟ ଅଟକି ଗଲାନାହିଁ, ସମଗ୍ର ହିନ୍ଦୀଭାଷୀ ଅଞ୍ଚଳରେ ଭାଜପାର ଶକ୍ତି ଯଥେଷ୍ଟ ପରିମାଣରେ ହ୍ରାସ ପାଇଛି। ସେହି ଅଞ୍ଚଳର ପୁନର୍ବାର ଶକ୍ତି ବୃଦ୍ଧି ପାଇଁ ୱାକ୍‌ଫ ଆଇନଠାରୁ ଆରମ୍ଭ କରି ଅନ୍ୟ ଅଣହିନ୍ଦୀଭାଷୀ ରାଜ୍ୟଗୁଡ଼ିକରେ ହିନ୍ଦୀ ଲଦିବାର ପ୍ରକ୍ରିୟା ଆରମ୍ଭ କରାଯାଇଛି। ଏଥିରୁ ସ୍ପଷ୍ଟ ବୁଝାଯାଉଛି ଯେ ପ୍ରେମ ହିନ୍ଦୀ ପାଇଁ ନୁହେଁ, ଉଦ୍ଦେଶ୍ୟ ସମ୍ପୂର୍ଣ୍ଣ ଭାବେ ରାଜନୈତିକ ଶକ୍ତି ଫେରାଇ ଆଣିବା ପାଇଁ ଚେଷ୍ଟା।

ଦେଖିବାକୁ ଗଲେ ଗତ ୨୦୨୪ ନିର୍ବାଚନରେ ଭାଜପାର ବାରମ୍ବାର ଡାକରା ଥିଲା 'ଅବ୍‌କି ବାର୍ ୪୦୦ ପାର୍'। ଏପରିକି ଖୋଦ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଅମିତ୍ ଶାହା ଏହି ଧ୍ୱନିକୁ ବାରମ୍ବାର ନିର୍ବାଚନୀ ସଭାରେ କହୁଥିବାର ଦେଖାଯାଇଥିଲା। ଏହା ସତ୍ତ୍ୱେ ଭାଜପାକୁ ଏକାକୀ ସଂଖ୍ୟାଗରିଷ୍ଠତା ମିଳିପାରିଲା ନାହିଁ, ଯେଉଁଥିପାଇଁ ଆନ୍ଧ୍ରପ୍ରଦେଶର ଟିଡିପି ଓ ବିହାରର ଜେଡିୟୁ ସହିତ ମିଳିତ ସରକାର କରିବାକୁ ମୋଦି ବାଧ୍ୟ ହେଲେ। ଗତ ନିର୍ବାଚନ ଆହୁରି ମଧ୍ୟ ପ୍ରମାଣ କରିଦେଲା ଯେ କେବଳ ଅଯୋଧ୍ୟାରେ ପରାଜୟ ଅଟକି ଗଲାନାହିଁ, ସମଗ୍ର ହିନ୍ଦୀଭାଷୀ ଅଞ୍ଚଳରେ ଭାଜପାର ଶକ୍ତି ଯଥେଷ୍ଟ ପରିମାଣରେ ହ୍ରାସ ପାଇଛି। ସେହି ଅଞ୍ଚଳର ପୁନର୍ବାର ଶକ୍ତି ବୃଦ୍ଧି ପାଇଁ ୱାକ୍‌ଫ ଆଇନଠାରୁ ଆରମ୍ଭ କରି ଅନ୍ୟ ଅଣହିନ୍ଦୀଭାଷୀ ରାଜ୍ୟଗୁଡ଼ିକରେ ହିନ୍ଦୀ ଲଦିବାର ପ୍ରକ୍ରିୟା ଆରମ୍ଭ କରାଯାଇଛି। ଏଥିରୁ ସ୍ପଷ୍ଟ ବୁଝାଯାଉଛି ଯେ ପ୍ରେମ ହିନ୍ଦୀ ପାଇଁ ନୁହେଁ, ଉଦ୍ଦେଶ୍ୟ ସମ୍ପୂର୍ଣ୍ଣ ଭାବେ ରାଜନୈତିକ ଶକ୍ତି ଫେରାଇ ଆଣିବା ପାଇଁ ଚେଷ୍ଟା। ନିକଟ ଭବିଷ୍ୟତରେ ଓଡ଼ିଶାରେ ମଧ୍ୟ ହିନ୍ଦୀକୁ ଆହୁରି ଅଧିକ କଡ଼ାକଡ଼ି ପ୍ରଚଳନ କରାଇବାର ମସୁଧା କରାଯାଉଛି।

ୱାକ୍‌ଫ ଓ ହିନ୍ଦୀ ଭାଷା ଭଳି ପ୍ରସଙ୍ଗକୁ ଦେଶବାସୀଙ୍କ ଆଡ଼କୁ ମୁହାଁଇ ଦେଇପାରିଲେ ବିଫଳ ଆର୍ଥିକ ନୀତିଠାରୁ ଦୃଷ୍ଟି ଏଡ଼ାଇ ଦିଆଯାଇପାରିବ। ଗତ ଦଶନ୍ଧି ମଧ୍ୟରେ ଭାରତର ଉତ୍ପାଦନ କ୍ଷମତା ନୈରାଶ୍ୟଜନକ ହୋଇପଡ଼ିଛି। ସେହି ଶକ୍ତିକୁ ପୁନର୍ଜୀବିତ କରିବା ପାଇଁ ସରକାରଙ୍କ କୌଣସି ଦୀର୍ଘମିଆଦୀ ନୀତି ସ୍ପଷ୍ଟ କରାଗଲା ନାହିଁ। ଅପରପକ୍ଷେ ହାତଗଣତି କେତେଜଣ ଶିଳ୍ପପତିଙ୍କୁ ଅଭୂତପୂର୍ବ ଲାଭ ପ୍ରଦାନ କରିବା ସହିତ ଜାତୀୟ ସମ୍ପତ୍ତି ଧରାଇଦେବା ଫଳରେ ଉତ୍ପାଦନ କ୍ଷେତ୍ର ବାଧାପ୍ରାପ୍ତ ହେଲା। ଗୋଟିଏ ଦୁଇଟି ମୋବାଇଲ୍ ଫୋନ୍ କାରଖାନା ଏବଂ କେତୋଟି ମୋଟରଗାଡ଼ି ତିଆରି କାରଖାନା ବ୍ୟତୀତ ଗଣେଶ ପୂଜାର ଗଣେଶ ମୂର୍ତ୍ତି ମଧ୍ୟ ଚାଇନାରୁ ଆମଦାନୀ କରାଯାଉଛି, ଯାହାଫଳରେ ଦେଶର ଅର୍ଥ ବିଦେଶକୁ ଚାଲିଯାଉଛି। ବିଶ୍ୱ ଅର୍ଥନୀତିରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଭୂମିକା ବୃଦ୍ଧି ପାଇବା ଫଳରେ ଭାରତ ସମ୍ପୂର୍ଣ୍ଣ ଭାବେ ଅପ୍ରସ୍ତୁତ ପରିସ୍ଥିତିରେ ପଡ଼ିଯାଇଛି। ଭାରତର ମୁଖ୍ୟ ଏବଂ ଏକମାତ୍ର ଶତ୍ରୁ ଚାଇନା ଉପରେ ସମ୍ପୂର୍ଣ୍ଣ ଭାବେ ନିର୍ଭରଶୀଳ ହେବାକୁ ଆମ ଦେଶ ଯାଉଛି। ନିକଟ ଭବିଷ୍ୟତରେ ବୁଝା ପଡ଼ି ନ ପାରେ। କିନ୍ତୁ ଭାରତର ଅର୍ଥନୈତିକ ଭବିଷ୍ୟତ ଆହୁରି ଅଧିକ ଦୁର୍ବଳ ଓ ଦୋଦୁଲ୍ୟମାନ ହେବା ନିଶ୍ଚିତ।

## su | do | ku
Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | 7 | 9 | | | | | | |
| | | | 9 | | | 5 | | |
| | 2 | | | | 6 | 3 | | 1 |
| | | | | | 4 | | | |
| | | 5 | | | | 1 | | |
| | | 4 | | 2 | 1 | 6 | 8 | |
| | | | | | 2 | 4 | | 5 |
| | | 6 | | | | | 1 | |
| | | 2 | 4 | | 8 | 9 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 7 | 2 | 8 | 5 | 6 | 9 | 4 | 3 |
| 3 | 5 | 9 | 1 | 4 | 2 | 7 | 6 | 8 |
| 4 | 6 | 8 | 9 | 7 | 3 | 2 | 1 | 5 |
| 2 | 1 | 5 | 3 | 8 | 9 | 4 | 7 | 6 |
| 9 | 4 | 3 | 7 | 6 | 5 | 1 | 8 | 2 |
| 7 | 8 | 6 | 2 | 1 | 4 | 3 | 5 | 9 |
| 8 | 9 | 4 | 6 | 3 | 7 | 5 | 2 | 1 |
| 5 | 2 | 1 | 4 | 9 | 8 | 6 | 3 | 7 |
| 6 | 3 | 7 | 5 | 2 | 1 | 8 | 9 | 4 |

ଗତକାଲିର ଉତ୍ତର

# ମଣିଷ ଦର



ଡ. ସତ୍ୟନାରାୟଣ ମିଶ୍ର

ସାମଗ୍ରିକ ଭାବେ ବିଚାରକଲେ ଦର ହେଉଛି ଏକ ମୂଲ୍ୟ ନିରୂପଣର ମାଧ୍ୟମ। ତେବେ ବସ୍ତୁ, ସାମଗ୍ରୀ ଆଦି ଯଥାର୍ଥରେ ମୂଲ୍ୟ ନିରୂପଣ ଯୋଗ୍ୟ ବା କରିବା ବିଧେୟ, ଯେଉଁଥିରେ ନିହିତ ଥାଏ ଆବଶ୍ୟକତା। ମାତ୍ର ମଣିଷର ଦର କଥା ଆଲୋଚନାକଲେ ସ୍ୱତଃ ଏକ ପ୍ରଶ୍ନ ମନକୁ ଆନ୍ଦୋଳିତ କରେ ସତରେ ମଣିଷ କ'ଣ ଗୋଟିଏ ବିକ୍ରୟ ବା କ୍ରୟବସ୍ତୁ, ଯାହାକୁ ମୂଲ୍ୟ ବା ଦରରେ ମୂଲ୍ୟାୟନ କରାଯାଏ। ସାମ୍ପ୍ରତିକ ସମାଜରେ ପ୍ରାୟ ସମସ୍ତ ମଣିଷର ଦର ନିରୂପଣ ହୋଇଥାଏ। କେତେକ ଆନୁଷ୍ଠାନିକ ଭାବେ ହୋଇଥାଏ ତ ଆଉ କେତେକ ଅଣାନୁଷ୍ଠାନିକ ଭାବେ ହୋଇଥାଏ। ମଣିଷର ଦର ସାମ୍ପ୍ରତିକ ସମାଜରେ ନିଶ୍ଚିତଭାବେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥାଏ, ଯାହାର ଦର ଯେତେ ଅଧିକ ତାହାର ମାନ୍ୟତା ସମାଜରେ ସେତେ ଅଧିକ। ମଣିଷକୁ ସମ୍ମାନ, ଆଦର, ସ୍ନେହ, ଆତିଥ୍ୟ, ବ୍ୟବହାର ଆଦି ମଣିଷର ଦର ଉପରେ ଆଧାରିତ ବୋଲି ସ୍ପଷ୍ଟ ପ୍ରମାଣ ହୋଇଥାଏ। ମଣିଷ ହେଉଛି ସୃଷ୍ଟିରେ ଏକମାତ୍ର ପ୍ରାଣୀ ଯିଏ ନିଜ କାର୍ଯ୍ୟ ପାଇଁ ଦାୟୀ ରହିଥାଏ, କାରଣ ମାନବିକ ମୂଲ୍ୟବୋଧ ହେଉଛି ମୂଳ ମୂଲ୍ୟ ଯାହା ବ୍ୟକ୍ତିତ୍ୱ ଗଠନକରେ ଓ ଜୀବନରେ ବ୍ୟକ୍ତି କିପରି କାର୍ଯ୍ୟ କରେ ତାହା ବ୍ୟାଖ୍ୟାକରେ। ସମାଜ ପାଇଁ ଏହି ମୂଲ୍ୟବୋଧକୁ ଚିହ୍ନିବା ଓ ଏହାକୁ ସାମାଜିକ ବ୍ୟବସ୍ଥା, ଅନୁଷ୍ଠାନ ତଥା ସଙ୍ଗଠନରେ ସ୍ପଷ୍ଟକରିବା ଅତ୍ୟନ୍ତ ଜରୁରୀ। ମଣିଷ ମୂଲ୍ୟବୋଧର ଅନେକ ଭିନ୍ନ ଦିଗ ହେଉଛି ଅଖଣ୍ଡତା, ନୈତିକତା ଓ ଦୟା। ଏହାର ଅର୍ଥ ହେଉଛି କେତେଜଣ ବ୍ୟକ୍ତି ପାଇଁ ଗୋଟିଏ ପ୍ରସଙ୍ଗ ଏକ ନିର୍ଦ୍ଦିଷ୍ଟ ମୂଲ୍ୟ ରହିଥିବାବେଳେ ଅନ୍ୟ ପ୍ରସଙ୍ଗରେ ଅନ୍ୟ ବ୍ୟକ୍ତି ପାଇଁ ତାହା ସମ୍ପୂର୍ଣ୍ଣ ଭିନ୍ନ ମୂଲ୍ୟ ଥାଇପାରେ। ତେଣୁ ମୂଲ୍ୟବୋଧର ଏକ ନିର୍ଦ୍ଦିଷ୍ଟ ଦିଗ ହେଉଛି ଆତ୍ମ ସମ୍ମାନର ଧାରଣା। ଆତ୍ମସମ୍ମାନର ଦୁଇଟି ରୂପ ଅଛି: ଆଭ୍ୟନ୍ତରୀଣ ଓ ବାହ୍ୟ। ବାହ୍ୟ ଆତ୍ମସମ୍ମାନ ଅନ୍ୟମାନଙ୍କ ସହ ବ୍ୟକ୍ତିକୁ କିପରି ଅନୁଭବ କରେ, ମାତ୍ର ଆଭ୍ୟନ୍ତରୀଣ ଆତ୍ମସମ୍ମାନ ନିଜକୁ କିପରି ଅନୁଭବ କରୁଛି, ତାହା ଶିକ୍ଷା ଦିଏ। ମୂଲ୍ୟବୋଧ ହେଉଛି ସଚ୍ଚୋଟତା, ନ୍ୟାୟ, ସମ୍ମାନ, ଦାୟିତ୍ୱ, ଯତ୍ନ ଓ ଦକ୍ଷ ନାଗରିକତା। ସଚ୍ଚୋଟତା କେବଳ ସତ୍ୟ କହିବା ନୁହେଁ, ବରଂ ବ୍ୟକ୍ତି କେତେ ମାତ୍ରାରେ ବିଶ୍ୱାସଯୋଗ୍ୟ ହୋଇପାରୁଛି ତାହା ସୂଚିତ କରେ। ନିରପେକ୍ଷତା କେବଳ ସୁନିଶ୍ଚିତ କରି ନ ଥାଏ ଯେ ମୌନ ରହି ନିରପେକ୍ଷତା ଅବଲମ୍ବନ ବରଂ ସମାଜ ସହ ନୈତିକ ବ୍ୟବହାର କରିବା ହେଉଛି ନିରପେକ୍ଷତା। ସମ୍ମାନ ମୌଳିକ ଭଦ୍ରତା ଓ ଉତ୍ତମ ଆଚରଣ ବାହାରେ ଯାହା ଅନ୍ୟର ସଫଳତାକୁ ଚିହ୍ନିବା ସହିତ ସେମାନଙ୍କର ପାର୍ଥକ୍ୟକୁ ଅନ୍ତର୍ଭୁକ୍ତ କରେ। ଦାୟିତ୍ୱ ଅନ୍ୟମାନଙ୍କ ପାଇଁ ଯତ୍ନନେବା ଆବଶ୍ୟକ,ମାତ୍ର ତାହା ନିୟମର ପରିଧି ମଧ୍ୟରେ କେତେ ସ୍ୱୀକାରଯୋଗ୍ୟ ତାହା ସୁନିଶ୍ଚିତ କରିବା




ଉଚିତ। ଯତ୍ନନେବା କେବଳ ଆବଶ୍ୟକ କରୁଥିବା ବ୍ୟକ୍ତିଙ୍କ ପାଇଁ ଭାବପ୍ରବଣ ସମର୍ଥନ ଯୋଗାଇବା ନୁହେଁ, ବରଂ ବ୍ୟକ୍ତିଗତ ଭାବରେ ନିଜ ପାଇଁ କିଛି ନ ଥିଲେ ମଧ୍ୟ ଅନ୍ୟର ଆବଶ୍ୟକତା ପାଇଁ ଚିନ୍ତା ସହ କାର୍ଯ୍ୟ କରିବାକୁ ବୁଝାଇଥାଏ। ନାଗରିକତ୍ୱର ଅର୍ଥ ହେଉଛି ନିଜ ଦେଶର ବିଶ୍ୱସ୍ତ ନାଗରିକ ହେବା, କିନ୍ତୁ ସମଗ୍ର ବିଶ୍ୱରେ ନ୍ୟାୟ ଓ ଶାନ୍ତି ପ୍ରତିପାଦନ କରିବା। ଆଲବର୍ଟ ଆଇନ୍‌ଷ୍ଟାଇନ ଥରେ କହିଥିଲେ, ମଣିଷ ନିଜକୁ ଅଧିକ ମୂଲ୍ୟବାନ୍ ବା ଦାମୀ ଭାବୁଥାଉ, ମାତ୍ର ଉକ୍ତ ବ୍ୟକ୍ତି ମଧ୍ୟ ଅନ୍ୟମାନଙ୍କ ପ୍ରତି ସଚ୍ଚୋଟତା, ସମାନତା ବା ସହାନୁଭୂତି ରକ୍ଷା କରିବା ଉଚିତ। ଶିକ୍ଷା ବ୍ୟବସ୍ଥାରେ ଛାତ୍ରୀଛାତ୍ରମାନଙ୍କର ସଫଳତା ମାର୍କ ଦ୍ୱାରା ମୂଲ୍ୟାୟନ କରାଯାଏ, ବୃତ୍ତିରେ ସଫଳତା ଟଙ୍କା ଦ୍ୱାରା ମାପ କରାଯାଉଥିବା ବେଳେ ଅନେକ କ୍ଷେତ୍ରରେ ବ୍ୟକ୍ତିର ମୂଲ୍ୟ ବା ଦର ସାମାଜିକ ପାରିପାର୍ଶ୍ୱିକ ପରିସ୍ଥିତି ଓ ମୁଷ୍ଟିମେୟ ପ୍ରଭାବିତ ବ୍ୟକ୍ତି ସମାଜ ଉପରେ ନିର୍ଭର କରିଥାଏ। ପ୍ରତ୍ୟେକ ମଣିଷର ବଞ୍ଚିବାର ଉଦ୍ଦେଶ୍ୟ ଓ ମୂଲ୍ୟ ମଧ୍ୟ ଅଛି। କେତେବେଳେ ତାହା ପରିବ୍ୟାପ୍ତ ହୋଇ ଆଲୋଚ୍ୟ ହୋଇଥାଏ ତ ପୁଣି କେତେବେଳେ ଅନାଲୋଚିତ ହୋଇ ନୀରବ ହୋଇଯାଏ। ତେବେ ସାମଗ୍ରୀର ଉତ୍ପାଦନ, ପରିବହନ ପରିସ୍ଥିତି ତଥା ପରିବେଶ ଆଦିକୁ ନେଇ ଦର ବା ମୂଲ୍ୟ ନିରୂପଣ ହୋଇଥାଏ, କିନ୍ତୁ ମଣିଷର ଦର ଏକ ଅନିୟନ୍ତ୍ରିତ ବିଚାରଧାରା ଓ ବ୍ୟବସ୍ଥା ମଧ୍ୟରେ ହୋଇଥାଏ ଯାହାର କୌଣସି ବିଧିବଦ୍ଧ ଆଇନ ନ ଥାଏ।

ସମ୍ପ୍ରତି ସମାଜରେ ମଣିଷ ଦରର ହିସାବ ଚାକିରି କ୍ଷେତ୍ରରେ ଯଦି ପରିଲକ୍ଷିତ କରାଯାଏ ତେବେ ଯିଏ ଯେତେ ବଡ଼ ଚାକିରି କରିଥାଏ ବା ଯିଏ ଅଧିକ କ୍ଷମତା ଓ ଅର୍ଥ ରୋଜଗାର କରିଥାଏ ତାହାର ମୂଲ୍ୟ ନିମ୍ନ କ୍ଷମତାସମ୍ପନ୍ନ ବ୍ୟକ୍ତି ବା ରୋଜଗାର କରୁଥିବା ବ୍ୟକ୍ତିଠାରୁ କେତେ ଉଚ୍ଚରେ ତାହା ଏ ସମାଜ ଉପଲବ୍ଧି କରିଥାଏ। ବିବାହ କ୍ଷେତ୍ରରେ ଉଭୟ ପୁଅ ଓ ଝିଅର ଦର ଯଦି ନିରୂପଣ କରାଯାଏ ତେବେ ପୁଅ ବା ଝିଅ କୌଣସି ଧନୀ ସମ୍ଭ୍ରାନ୍ତ ଘରର ହୋଇଥାଏ ବା ଉଭୟେ କୌଣସି ବଡ଼ ପଦପଦବୀ କିମ୍ବା ଅଧିକ ଧନ ରୋଜଗାର କରୁଥାନ୍ତି, ସେମାନେ ସେହି ଦରର ପ୍ରତିଯୋଗୀ ଚୟନ କରିଥାନ୍ତି। ଏତଦ୍ ଭିନ୍ନ ଉକ୍ତ ବିବାହରେ ଯେଉଁ ମାନର ଖର୍ଚ୍ଚ ହୋଇଥାଏ, ଜଣେ କ୍ଷମତାହୀନ ସ୍ୱଳ୍ପ ରୋଜଗାର ବା ରୋଜଗାର ବିହୀନ ପୁଅ ଝିଅ ବା ପରିବାରର ବିବାହ ଉକ୍ତ ବିବାହଠାରୁ ସମ୍ପୂର୍ଣ୍ଣ ଭିନ୍ନ ହୋଇଥାଏ, ଯାହା ସେଠାରେ ମଣିଷର ଦର ନିରୂପଣ ଏକ ମାପକାଠି ହୋଇଥାଏ। ଉକ୍ତ ଆଭିଜାତ୍ୟ ବିବାହରେ କେବଳ ଗୁରୁତ୍ୱ ଦିଆଯାଏ ଆତିଥ୍ୟର ପ୍ରକାର ଭେଦ, ଆଭୂଷଣ, ସୌଖୀନ ସାମଗ୍ରୀର ଉପହାର ଇତ୍ୟାଦି ଇତ୍ୟାଦି। ଅନ୍ୟ ଜୀବଜନ୍ତୁ ବା ପ୍ରାଣୀମାନେ ବଜାରରେ ବିକ୍ରି ହୁଅନ୍ତି, ମଣିଷ ତାହାକୁ ଆଣି ଘରେ ପାଳନ କରେ। ସେହି ପ୍ରାଣୀଙ୍କୁ ଯେତେବେଳେ ବ୍ୟକ୍ତି କ୍ରୟ କରିଥାଏ ସେତେବେଳେ ସେ ବିଭିନ୍ନ ପ୍ରାଣୀର ବିଭିନ୍ନ ଦରର ସମ୍ମୁଖୀନ ହୁଏ। ଘୋଡ଼ା, କୁକୁର, ଗୋରୁ, ପକ୍ଷୀ ଇତ୍ୟାଦି ଯେତେବେଳେ କ୍ରୟ କରାଯାଏ, ସେତେବେଳେ ବିଭିନ୍ନ ଦର ଦ୍ୱାରା ମୂଲ୍ୟାୟନ ହୋଇଥାଏ। ମଣିଷ ମଧ୍ୟ ଦର ଦ୍ୱାରା ନିଜକୁ ସଜ୍ଜିତ କରିବାରେ ଆନନ୍ଦ ପାଇଥାଏ ବୋଲି ସାମ୍ପ୍ରତିକ ସମାଜ ଅନୁଭବ କରେ। ବର୍ତ୍ତମାନ ଚଳଚ୍ଚିତ୍ର, ଯାତ୍ରା, ବକ୍ତୃତା, କଳା ପ୍ରଦର୍ଶନ ଆଦିରେ ଯାହାର ଯେତିକି ଖ୍ୟାତି ବା ଆଲୋଚନା ରହିଛି ତାହାର ଦର ସେତିକି ଅଧିକ ଥାଏ। ସେଥିରେ ମଣିଷର ମୂଲ୍ୟ ନିରୂପଣ ବ୍ୟକ୍ତିର ମର୍ଯ୍ୟାଦା ଆକୃତି ବା ନୈତିକତା ପାଇଁ ଦର ନିଶ୍ଚିତ ହୋଇ ନ ଥାଏ ବରଂ ବ୍ୟକ୍ତି ଦର ଦ୍ୱାରା ଚିହ୍ନିତ ହୋଇଥାନ୍ତି ଓ ସେଇଥିପାଇଁ ସେମାନଙ୍କର ଅଧିକ ଗୁରୁତ୍ୱ ଥାଏ ବୋଲି ପ୍ରତିପାଦନ କରାଯାଏ।

ମଣିଷ ଜୀବିତାବସ୍ଥାରେ ଦର ଦ୍ୱାରା ଯେତେବେଳେ ଆକ୍ରାନ୍ତ ହୋଇଥାଏ, ଅନେକ ଜୀବିତାବସ୍ଥାରେ ଦର ନିୟନ୍ତ୍ରିତ ହୋଇପାରି ନ ଥିବା ମଣିଷ ମୃତ୍ୟୁ ପରେ ଚିକିତ୍ସାଳୟର ଅନୈତିକ ଉପାୟ ଦ୍ୱାରା ସେମାନଙ୍କର ଆଭ୍ୟନ୍ତରୀଣ ଅଙ୍ଗପ୍ରତ୍ୟଙ୍ଗକୁ ବିକ୍ରି କରିବାରେ ମଧ୍ୟ ଦର ନିରୂପଣ ହୋଇଥାଏ ଯାହା ଏକ ବିଡ଼ମ୍ବନା। ଯିଏ ସ୍ୱଇଚ୍ଛାରେ ଅଙ୍ଗଦାନ କରେ ତାହା ସ୍ୱାଗତଯୋଗ୍ୟ। ମାତ୍ର ମୃତବ୍ୟକ୍ତିର ଆତ୍ମୀୟସ୍ୱଜନଙ୍କ ଆଢ଼ୁଆଳରେ ମଣିଷର ଆଭ୍ୟନ୍ତରୀଣ ଅଙ୍ଗକୁ ଅସାଧୁ ଉପାୟରେ ବିକ୍ରିକରିବା କେତେଦୂର ଯଥାର୍ଥ ତାହା ଏ ସମାଜ ଅତି ଗମ୍ଭୀରତାର ସହ ବିଚାରକରିବା ଉଚିତ। ଅନ୍ୟପକ୍ଷରେ କେତେଜଣ ମଣିଷ ଉତ୍କଟ ଅର୍ଥାଭାବରେ ଶରୀରର କିଛି ଆଭ୍ୟନ୍ତରୀଣ ଅଂଶ ବିକ୍ରି କରିଥାନ୍ତି ଯାହା ଉକ୍ତ ମଣିଷର ଦର ହୋଇ ବିଚାରକରାଯାଏ। ଦେଖିବାକୁ ଗଲେ ଅନ୍ୟକୁ ସାହାଯ୍ୟ, ପରୋପକାର, ନିଃସ୍ୱାର୍ଥପର ସେବା ଆଦିରେ ମଣିଷର ବାସ୍ତବ ଦର ନିୟନ୍ତ୍ରିତ ହୋଇଥାଏ। ମାନସିକତାର ଦର ଈଶ୍ୱରଙ୍କଠାରେ ଅନ୍ତିମ ମୂଲ୍ୟାଙ୍କନ ହୋଇ ନିଶ୍ଚିତ ହେଉଥିବା ବେଳେ ମନୁଷ୍ୟକୃତ ଦର ନିୟନ୍ତ୍ରଣ ମଣିଷର ବୟସର ସ୍ଥିତିରେ ତାହା 'ଦର', 'ଅନାଦର' ଓ 'ହତାଦର'ର ପରିଭାଷାରେ ସୂଚିତ ହୋଇଥାଏ। ତେଣୁ ମଣିଷ ଦର ସାମାଜିକ ବାହ୍ୟ ଦୃଷ୍ଟିକୋଣରେ ନ ହୋଇ ଆଭ୍ୟନ୍ତରୀଣ ମୂଲ୍ୟବୋଧରେ ଚୟନକରିବା ବିଧେୟ।

ସହାୟକ ନିର୍ଦ୍ଦେଶକ
ଜାତୀୟ ଅଭିଲେଖାଗାର, ଭାରତ ସରକାର, ଭୁବନେଶ୍ୱର
ମୋ: ୯୯୩୭୩୪୫୯୦୦

# ବୁଦ୍ଧିଜୀବୀ ବନାମ ରାଜନେତା



ଡା. ଗୋପାଳ ଚନ୍ଦ୍ର ଦାଶ

ଜନସାଧାରଣଙ୍କ ପୁଞ୍ଜିରେ ନିର୍ମିତ ବିଭିନ୍ନ ପ୍ରକାର ଲୋକାର୍ପଣ ଉତ୍ସବଗୁଡ଼ିକରେ ଫିତାକଟା ସମୟରେ ଅତିଥି ଭାବରେ ଉପସ୍ଥିତ ବ୍ୟକ୍ତିମାନଙ୍କ ମଧ୍ୟରେ ମୁଖ୍ୟତଃ ରାଜନେତାଙ୍କର ଫଟୋ ଦେଖିବାକୁ ମିଳୁଛି। ଡାକ୍ତର ହିସାବରେ ବିଗତ ୫୦ ବର୍ଷ ଧରି ଦେଖିଆସୁଛି ଯେ ଚିକିତ୍ସାଳୟରେ କୌଣସି ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହେଲେ ସେଠାରେ ଚିକିତ୍ସା ସେବାରେ ନିୟୋଜିତ ଚିକିତ୍ସକଙ୍କ ବଦଳରେ ରାଜନେତା ଓ ନିଜକୁ ସମାଜସେବୀ ବୋଲାଉଥିବା ବ୍ୟକ୍ତିମାନଙ୍କୁ ଦେଖିବାକୁ ମିଳିଥାଏ। ଗତ ଏପ୍ରିଲ ୧୪ ତାରିଖରେ କଟକ ଶିଶୁ ଭବନରେ ଏକ ଲୋକାର୍ପଣ ଉତ୍ସବରେ କେନ୍ଦ୍ର ଓ ରାଜ୍ୟର ରାଜନେତାମାନଙ୍କର ଫଟୋ ଏକ ଦୈନିକ ଖବରକାଗଜର ଶୋଭାମଣ୍ଡନ କରିଥିଲା। ଏପରି କି କ୍ୟାମେରା ସମ୍ମୁଖରେ ନିଜର ଫଟୋଟିକୁ ପ୍ରଦର୍ଶନ କରିବା ପାଇଁ ପ୍ରତିଯୋଗିତା ହେବା ପରି ଲାଗୁଥିଲା। ଏହିସବୁ ଦୃଶ୍ୟ ଦେଖିବା ସମୟରେ ମୋର ଛାତ୍ର ଅବସ୍ଥାରେ ଗୋଟିଏ ଘଟଣା ମନେପଡ଼ିଗଲା, ଯାହା ଏଠାରେ ବର୍ଣ୍ଣନା କରିବା ପାଇଁ ଇଚ୍ଛା ପ୍ରକଟ କରୁଛି। ଯଦି ଏହା କାହାର ମାନସିକତାକୁ ଆଘାତ କରେ କ୍ଷମା ଦେବେ। ଆମ୍ଭେମାନେ ସେତେବେଳେ ଶ୍ରୀରାମ ଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟର ତୃତୀୟ ବର୍ଷର ଛାତ୍ର। ନୂଆ ନୂଆ କ୍ଲିନିକାଲ୍ କ୍ଲାସ୍ ଆରମ୍ଭ ହୋଇଥାଏ। ଉଦ୍ଦୀପନାର ସହିତ ଆମେ ରୋଗୀ ଦେଖିବା ପାଇଁ ୱାର୍ଡକୁ ଯାଉଥାଉ। ହଠାତ୍ ଶଲ୍ୟ ବିଭାଗର ଚୂଡ଼ାରେ ଏକ ନାଲିବତି ଜଳିବାର ଦେଖିବାକୁ ପାଇଲୁ। ଅନୁଧ୍ୟାନ ପରେ ଜଣାପଡ଼ିଲା ଯେ ତତ୍କାଳୀନ ଗଭର୍ଣ୍ଣର ନିଜର ଏକ ଅପରେଶନ ପାଇଁ ସର୍ଜରି ୱାର୍ଡର ସ୍ପେଶାଲ କ୍ୟାବିନ୍‌ରେ ଭର୍ତ୍ତି ହୋଇଛନ୍ତି। ସେତେବେଳେ ଓଡ଼ିଶାରେ ଛତୁଫୁଟିବା ପରି ପ୍ରାଇଭେଟ ହସ୍ପିଟାଲ ନ ଥିଲା। ତେଣୁ ରାଜନେତାଙ୍କଠାରୁ ଆରମ୍ଭ କରି ପ୍ରଶାସନିକ ଅଧିକାରୀ ଓ ସାଧାରଣ ଜନତା ସରକାରୀ ହସ୍ପିଟାଲ ଉପରେ ନିର୍ଭର କରୁଥିଲେ। ଗଭର୍ଣ୍ଣରଙ୍କ ଅପରେଶନ କରିବେ ସେତେବେଳର ନାମଧାରୀ ଶଲ୍ୟ ଚିକିତ୍ସକ। ଅପରେଶନ ସମୟରେ ନିଶା ଦେବା ପାଇଁ ମଧ୍ୟ ନିଶ୍ଚେତକ ବିଭାଗର ପ୍ରଫେସର ଉପସ୍ଥିତ ରହିବେ। ପ୍ରାସଙ୍ଗିକ ଦୃଷ୍ଟିରୁ ମୁଁ ସେମାନଙ୍କର ନାମ ନେବାକୁ ଚାହୁଁନାହିଁ। ଅପରେଶନ ସୁରୁଖୁରୁରେ ସମ୍ପାଦିତ ହେଲା ଓ ଗଭର୍ଣ୍ଣର ଆରୋଗ୍ୟ ହେଲେ। ଅପରେଶନ ପରଦିନ ଆମର ଆନାସ୍ଥେସିଆର ଥିଓରି କ୍ଲାସ୍ ଥାଏ। ସାର୍ ପଢ଼ାଇବାବେଳେ ଗତ ଦିବସର ଦୁଇଗୋଟି ଘଟଣା ବର୍ଣ୍ଣନା କରିଥିଲେ, ଯାହା ମୁଁ ଏଠାରେ ଉପସ୍ଥାପନ କରୁଛି। ଗଭର୍ଣ୍ଣର ବୟସ୍କ ହୋଇଥିବାରୁ ତାଙ୍କୁ ବେହୋସ ନ କରି ଅପରେଶନ ହେବାକୁ ଥିବା ଅଙ୍ଗକୁ ବଧିରା କରି ଶଲ୍ୟକ୍ରିୟା କରାଯାଉଥିଲା। ଅପରେଶନ କରୁଥିବା



ଚିକିତ୍ସକ ଓ ତାଙ୍କୁ ସହାୟତା କରୁଥିବା ସହଯୋଗୀ ବିନା ମୁଖା(ମାସ୍କ)ରେ ଅପରେଶନ କରୁଥିଲେ, ଯାହା ଅପରେଶନ ଥିଏଟର ପ୍ରୋଟୋକଲର ନିୟମ ବିରୁଦ୍ଧ। ଏହାର କାରଣ ପଚାରିବାରୁ ସାର୍ କହିଲେ ଯେ ସେମାନଙ୍କୁ ଗଭର୍ଣ୍ଣର ଦେଖିବେ ଯାହା ପରବର୍ତ୍ତୀ ଅବସରରେ ତାଙ୍କର କାମରେ ଆସିବ। ଆମ୍ଭେମାନେ ପଚାରିଲୁ, ସାର୍ କିପରି? ସାର୍ କହିଲେ, ସେତେବେଳେ ଓଡ଼ିଶାରେ ତିନିଟି ମେଡିକାଲ କଲେଜ। ସମସ୍ତେ କଟକରେ ରହିବାକୁ ଚାହାନ୍ତି। ଯଦି ପ୍ରଫେସରଙ୍କର ବଦଳି ଆଦେଶ ଆସେ, ତାକୁ ରୋକିବା ପାଇଁ ସେ ଗଭର୍ଣ୍ଣରଙ୍କ ସହାୟତା ଲୋଡ଼ିବେ। ତେଣୁ ଅପରେଶନ ସମୟରେ ମୁହଁଟା ଦେଖିଥିଲେ ତାଙ୍କ ଚେହେରା ଗଭର୍ଣ୍ଣରଙ୍କୁ ଅଛପା ରହିବ ନାହିଁ। ଏଠାରେ କହି ରଖିବାକୁ ଚାହେଁ ଯେ, ତାହା ବରିଷ୍ଠ ଗଭର୍ଣ୍ଣର ମହାଶୟଙ୍କର ମେମୋରି ଉପରେ ନିର୍ଭର କରିଥାଏ।

ମାତ୍ର ଦ୍ୱିତୀୟ ଘଟଣାଟି ଆହୁରି ମଜାଦାର ବିଷୟ। ସାର୍ କହିଲେ ଯେ ଅପରେଶନ ଥିଏଟର ଓ ବାହାରେ ଏତେ ଲୋକାରଣ୍ୟ ଥିଲା ଯେ ଅପରେଶନ ହୋଇଥିବା ଅଙ୍ଗ ମଧ୍ୟରେ ଥିବା ଜଳକୁ ସଂଗ୍ରହ କରି ଯଦି ବଣ୍ଟାଯାଇଥାଆନ୍ତା, ହୁଏତ ଜଣକ ଭାଗରେ ଏକବିନ୍ଦୁ ପଡ଼ି ନ ଥାନ୍ତା ଓ ଅନେକ ଏଥିରୁ ବଞ୍ଚିତ ହୋଇଥାଆନ୍ତେ। ଏହା କ୍ଲାସ୍ ମଧ୍ୟରେ ହାସ୍ୟରୋଳ ସୃଷ୍ଟି କରିଥିଲା। ସେ ଡାକ୍ତର ହେଉ ବା ଇଞ୍ଜିନିୟର ଯେଉଁ ଆଗରୁ ହେଉଥିବା ଉଦ୍‌ଘାଟନ ଉତ୍ସବଗୁଡ଼ିକର ଏମାନେ ଥିଲେ ଆଗଧାଡ଼ିରେ ଓ ପଛରେ ରାଜନେତା ଏବଂ ପ୍ରଶାସନିକ ଅଧିକାରୀ ରହି ପ୍ରୋତ୍ସାହନ ଦେଉଥିଲେ, ଯାହା ବୁଦ୍ଧିଜୀବୀଙ୍କ ମନୋବଳକୁ ବଢ଼ାଉଥିଲା। ବର୍ତ୍ତମାନ ତାହା ସମ୍ପୂର୍ଣ୍ଣ ଭାବେ ଓଲଟା। କୌଣସି ଏକ ସମ୍ମିଳନୀରେ ରାଜନେତା ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ, ଆମେ ବୁଦ୍ଧିଜୀବୀଙ୍କ ପରିବର୍ତ୍ତେ ରାଜନେତାମାନଙ୍କର ଅନୁଗାମୀ ହେଉଛୁ। ତାହା ପଛରେ ଆମର ବ୍ୟକ୍ତିଗତ ସ୍ୱାର୍ଥ ସାଧନର ଉଦ୍ଦେଶ୍ୟ। କିଏ କ'ଣ ଭାବୁ ପଛେ ମୋର କ'ଣ ଯାଉଛି, ମୋର ଉଦ୍ଦେଶ୍ୟ ସାଧନ ହେଲେ ଗଲା। ନିଜର ସ୍ୱାଭିମାନକୁ ଜଳାଞ୍ଜଳି ଦେଇ ଆମେ ଏପରି କାର୍ଯ୍ୟ କରିବୁ ପଶ୍ଚାତ୍‌ପଦ ହେଉନାହୁଁ। ସେମାନେ ଲୋକପ୍ରତିନିଧି ଓ ସମ୍ମାନର ଯୋଗ୍ୟ ଅଟନ୍ତି। ମାତ୍ର ଲୋକପ୍ରତିନିଧି ବୁଝିବା ଦରକାର ଯେ ନିର୍ମିତ ହୋଇ ଲୋକାର୍ପଣ ହେଉଥିବା ଅନୁଷ୍ଠାନଟି ବୁଦ୍ଧିଜୀବୀଙ୍କ ବିନା ଚାଲିବା ଅସମ୍ଭବ। ତେଣୁ ସେମାନଙ୍କୁ ଯଥେଷ୍ଟ ସମ୍ମାନ ଦେବା ଦରକାର। ଏହାର ଫଳାଫଳ ଯେ ଉଦ୍‌ଘାଟନ ପରେ ଅନେକ ସ୍ଥାନର ଅନେକ ମେଶିନ ଚାଲୁ ନ ହୋଇ ଖରାପ ହୋଇ ପଡ଼ିରହିଛି। ଆମ୍ଭମାନଙ୍କର ଏହିପରି ମାନସିକତା କଦାପି ଆମର ସ୍ୱାଭିମାନକୁ ଉଚ୍ଚସ୍ତରକୁ ନେଇପାରିବ ନାହିଁ। ଏହା ମୋର ବ୍ୟକ୍ତିଗତ ମତ।

ମୋ: ୭୮୪୮୮୫୦୯୫୦

## ଏଇ ଭାରତରେ

ନିନ୍ଦା, ଟାହିଟାପରା କରିବା ଲୋକେ ନିତ ସମାଜରେ ଅନେକ ମିଳନ୍ତି, କିନ୍ତୁ ଲୋକନିନ୍ଦାକୁ ନିଜର ସାମର୍ଥ୍ୟ କରି ଗଢ଼ି ତୋଳନ୍ତି କ୍ୱଚିତ୍। ଏମିତି ଜଣେ ବ୍ୟକ୍ତିତ୍ୱ ହେଉଛନ୍ତି ବିହାର ରାଜ୍ୟ ମୁଜାଫରପୁରର ସଞ୍ଜୟ କୁମାର। ୨୫ ବର୍ଷ ହେଲା ସେ ଦିବ୍ୟାଙ୍ଗମାନଙ୍କୁ ମାଗଣାରେ ଶିକ୍ଷାଦାନ କରି ସ୍ୱାବଲମ୍ବୀ କରାଇବା ପାଇଁ ପ୍ରୟାସ ଚଳାଇଛନ୍ତି। ସେମାନଙ୍କୁ ମାନସିକଭାବେ ସଶକ୍ତ କରାଇବା ଉଦ୍ଦେଶ୍ୟରେ ମଧ୍ୟ ନାଚ, ଗୀତ, ଯୋଗ, କମ୍ପ୍ୟୁଟର, ପେଣ୍ଟିଂ, ହ୍ୟାଣ୍ଡିକ୍ରାଫ୍ଟ ଆଦି ଶିକ୍ଷା ଦେଉଛନ୍ତି। ୨୦୦୮ରୁ ସେ ଏହି କାମ କରି ଆସୁଛନ୍ତି। ଏବେ ସରକାରଙ୍କଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଦିବ୍ୟାଙ୍ଗ ପିଲାଙ୍କୁ ପଢ଼ାଇବାର ଅନୁମତି ବି ପାଇଛନ୍ତି। ଏଭଳି କାମ ପାଇଁ ତାଙ୍କୁ ଲୋକେ ଖୁବ୍ ସହଯୋଗ ବି କରୁଛନ୍ତି। ବିଭିନ୍ନ ସ୍ଥାନରୁ ଡୋନେସନ୍ ନେଇ ସେ ଏଭଳି ଶିକ୍ଷାଦାନ କରୁଛନ୍ତି। ତେବେ ସବୁ କାମ କରି ପାରିଥିବା ସଞ୍ଜୟ କିନ୍ତୁ ପ୍ରେରଣା ପାଇଛନ୍ତି ସମାଜର ନିନ୍ଦୁକ ଗୋଷ୍ଠୀଙ୍କଠାରୁ। ତାଙ୍କ କହିବା ଅନୁସାରେ, ତାଙ୍କ ମା' ଦୃଷ୍ଟିବାଧିତ ଥିବାରୁ ଲୋକେ ତାଙ୍କୁ ଟାହିଟାପରା କରୁଥିଲେ। ଏଣୁ ସେ ଚିନ୍ତା କରିଥିଲେ, ଦିବ୍ୟାଙ୍ଗ ଲୋକଙ୍କ ପାଇଁ ସେ ଏମିତି କିଛି କାମ କରିବେ ଯାହାଫଳରେ ଲୋକେ ସେମାନଙ୍କୁ ହୀନଦୃଷ୍ଟିରେ ଦେଖିବା ବଦଳରେ ସମ୍ମାନ କରିବେ। ଏଥିପାଇଁ ସେ ଶିକ୍ଷାଦାନକୁ ମାଧ୍ୟମ କରି ତାଙ୍କର କାର୍ଯ୍ୟ କରିଚାଲିଲେ। ଏବେ ତାଙ୍କର ଏହି କାର୍ଯ୍ୟ ଦିବ୍ୟାଙ୍ଗମାନଙ୍କୁ ସମ୍ମାନର ସହ ବଞ୍ଚିବା ପାଇଁ ମାର୍ଗ ଦେଖାଇଛି।

## ୫୦ ବର୍ଷ ତଳର ଧରିତ୍ରୀ

୨୧ ଏପ୍ରିଲ ୧୯୭୬

- ରାଜ୍ୟ ପ୍ରଦେଶ କଂଗ୍ରେସ କମିଟି ସଭାପତି ଚିନ୍ତାମଣି ଜେନା ଦଳ ବିରୋଧୀ କାର୍ଯ୍ୟ ଅଭିଯୋଗରେ ବାଙ୍କବିହାରୀ ଦାସଙ୍କୁ କଂଗ୍ରେସ ଦଳରୁ ସସ୍‌ପେଣ୍ଡ କରିଛନ୍ତି।
- ଜାପାନର ପରିବହନ କର୍ମଚାରୀମାନେ ଅଧିକ ଦରମା ଦାବି କରି ୩ ଦିନିଆ ଧର୍ମଘଟ ଘୋଷଣା କରିଛନ୍ତି।

## ଚିରନ୍ତନୀ

ଧରଣୀ ହେଲା କୋମଳତମ
ଆକାଶ କମନୀୟ
ମରଣ ହେଲା ମଧୁରତର
ଜୀବନ ହେଲା ପ୍ରିୟ।

-(କୁହୁ ପ୍ରାସ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ଶିଳ୍ପପତି ଓଡ଼ିଶା ପ୍ରତି ବିମୁଖ କାହିଁକି

ମହାଶୟ,

କିଛିଦିନ ତଳେ ବିଶିଷ୍ଟ ଶିଳ୍ପପତିଙ୍କର ଓଡ଼ିଶାରେ ଶିଳ୍ପ ପ୍ରତିଷ୍ଠା ଲକ୍ଷ୍ୟରେ ବହୁ ପୁଞ୍ଜିର ନିବେଶ ପାଇଁ ସମାବେଶ ହୋଇଥିଲା। କେତେକ କମ୍ପାନୀ ବିପୁଳ ପୁଞ୍ଜିର ବିନିଯୋଗକରି ଓଡ଼ିଶାର ଖଣିଜ ସମ୍ପଦର ସୁଯୋଗ ନେଇ ଶିଳ୍ପ ପ୍ରତିଷ୍ଠା ନିମନ୍ତେ ପ୍ରତିଶ୍ରୁତି ଦେଇ ଆଶା ସଞ୍ଚାର କରିଥିଲେ। ଏବେ ଆନ୍ଧ୍ରପ୍ରଦେଶରେ ରଜୟାପେଟାରେ ୭.୩ ନିୟୁତ ଟନ୍ ଅଶୋଧିତ ଇସ୍ପାତ ଉତ୍ପାଦନ ପ୍ରଥମ ପର୍ଯ୍ୟାୟରେ ହେବ ବୋଲି କୁହାଯାଉଛି। ବିଜେଡି ଶାସନ ସମୟରେ ଜଗତ୍‌ସିଂହପୁର ଓ କେନ୍ଦୁଝରରେ ଦୁଇଟି କମ୍ପାନୀ ବୃହତ୍ ଶିଳ୍ପ ପ୍ରତିଷ୍ଠା ସକାଶେ ପ୍ରାରମ୍ଭିକ କାର୍ଯ୍ୟ ଆରମ୍ଭ ହେବା ପରେ ପ୍ରତିରୋଧର ସମ୍ମୁଖୀନ ହୋଇ ସେଥିରୁ ଓହରିଯିବାରେ ଅନ୍ତର୍ଜାତିକ ସ୍ତରରେ ଓଡ଼ିଶା ଶିଳ୍ପ ପ୍ରତିଷ୍ଠା ଲାଗି ଅନୁକୂଳ ନ ଥିବାର ନକାରାତ୍ମକ ସୂଚନା ମିଳିଥିଲା। ନବୀନଙ୍କ ଶାସନ କାଳ ମଧ୍ୟରେ ଶିଳ୍ପପତି ସମାବେଶରେ ଶିଳ୍ପ ପ୍ରତିଷ୍ଠା ପାଇଁ ପ୍ରତିଶ୍ରୁତି ମିଳିଥିଲେ ହେଁ ପରବର୍ତ୍ତୀ କାଳରେ ଫଳବତୀ ହୋଇ ନ ଥିଲା। ଏବେ ଓଡ଼ିଶାର ପଡ଼ୋଶୀ ରାଜ୍ୟରେ ଆର୍ସେଲ ମିତ୍ତଲ ବିରାଟ ଇସ୍ପାତ କାରଖାନା ସ୍ଥାପନ ନିମନ୍ତେ ଜମି ଗ୍ରହଣ ଆରମ୍ଭ କରିଛି। ଓଡ଼ିଶା ସରକାର ଏ ବିଷୟରେ ଗୁରୁତ୍ୱ ସହ ବିଚାରକରି ଭବିଷ୍ୟତ ପାଇଁ ଓଡ଼ିଶାରେ ଭିତ୍ତିଭୂମି ତିଆରି କରିବା ପାଇଁ ଉଦ୍ୟମ ଆରମ୍ଭ କରିବା ସମୀଚୀନ ମନେହୁଏ। ନଚେତ୍ ଶିଳ୍ପ ଜଗତରେ ଓଡ଼ିଶାରେ ଅନୁକୂଳ ବାତାବରଣ ସୃଷ୍ଟି ନ ହେଲେ କେବଳ ଖଣିଜ ପଥର ରପ୍ତାନୀ ହେଉଥିବ ଓ ବେକାରି ସମସ୍ୟାର ସମାଧାନ କେବଳ ଆକାଶ କଇଁଆ ହୋଇରହିଥିବ। ଶିଳ୍ପପତି ଓଡ଼ିଶା ପ୍ରତି ବିମୁଖ କାହିଁକି ?

-ହରମୋହନ ମହାନ୍ତି, ଦଣ୍ଡତୋଟା, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com
:miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ୪ ନମ୍ବର ୱାର୍ଡ ସଭ୍ୟାଙ୍କ ଇସ୍ତଫା

ରସୁଲପୁର,୨୦।୪(ରଞ୍ଜିତ ରାଉତ): ରସୁଲପୁର ବ୍ଲକ ଅନ୍ତର୍ଗତ ବାହାଦଲାପୁର ପଞ୍ଚାୟତ ସରିଫାବାଦ ଗ୍ରାମର ୪ନମ୍ବର ୱାର୍ଡ ସଭ୍ୟା ଦୀପାଞ୍ଜଳି ବାରିକ ନିଜ ପଦରୁ ଇସ୍ତଫା ଦେଇଛନ୍ତି। ବାରିକ ତାଙ୍କ ଇସ୍ତଫା ପତ୍ରକୁ ବିଡିଓ ସତ୍ୟାନନ୍ଦ ଦାଶଙ୍କୁ ପ୍ରଦାନ କରିଛନ୍ତି। ସ୍ୱାସ୍ଥ୍ୟଗତ କାରଣରୁ ସେ ଇସ୍ତଫା ଦେଇଛନ୍ତି ବୋଲି ଦର୍ଶାଇଛନ୍ତି। ବିଡିଓ ଇସ୍ତଫାପତ୍ରକୁ ଗ୍ରହଣ କରିବା ସହ ପରବର୍ତ୍ତୀ ପଦକ୍ଷେପ ନେବେ ବୋଲି ଜଣାଯାଇଛି। ଅନ୍ୟପକ୍ଷରେ ୱାର୍ଡସଭ୍ୟା ତାଙ୍କ ପଦରୁ ଇସ୍ତଫା ଦେବାକୁ ନେଇ ପଞ୍ଚାୟତରେ ରାଜନୀତି ଆରମ୍ଭ ହୋଇଯାଇଛି। ୪ ନମ୍ବର ୱାର୍ଡସଭ୍ୟା ବିଜେଡି ସମର୍ଥନରେ ଜିତିଥିଲେ। ଏବେ ସେ ଦଳ ଛାଡି ଭାଜପା ସହ ସାମିଲ ହେବାର ନିଷ୍ପତ୍ତି ନେଇଛନ୍ତି ବୋଲି ସାଧାରଣରେ ଆଲୋଚନା ହେଉଛି। ମାତ୍ର ଏନେଇ ତାଙ୍କ ପ୍ରତିକ୍ରିୟା ମିଳି ପାରନାହିଁ।

### ଯୁବ ବ୍ୟବସାୟୀଙ୍କ ପରଲୋକ

ଧର୍ମଶାଳା,୨୦।୪(ବଟକୃଷ୍ଣ ପରିଡ଼ା): ଧର୍ମଶାଳା ବ୍ଲକ ଅଧୀନ ଚୋରମୁହାଁ ଗ୍ରାମର ଯୁବବ୍ୟବସାୟୀ କେଶବ ଚନ୍ଦ୍ର ମଳିକ(୪୧)ଙ୍କ ଶନିବାର ରାତିରେ ପରଲୋକ ହୋଇଯାଇଛି। କେଶବ ଯାଜପୁର ଜିଲା ମାନବଅଧିକାର ସାମ୍ମୁଖ୍ୟର ଜିଲା ସଭାପତି ନାରଣ ମଳିକଙ୍କ ସାନ ଭାଇ ଥିଲେ। ସେ ୨୦ ବର୍ଷ ହେବ ଜାରକା ବଜାରର ମା' ଯେମାଶୁଣୀ ପୀଠ ନିକଟରେ ମାମୁନି ଆର୍ଟ ଦୋକାନ କରି ପରିବାର ପ୍ରତିପୋଷଣ କରିଆସୁଥିଲେ। କିଛି ଦିନ ହେବ ଅସୁସ୍ଥ ହୋଇ ଘରେ ଚିକିତ୍ସାଧୀନ ଥିଲେ। ଧର୍ମଶାଳା ବ୍ରହ୍ମଣୀ ନଦୀ ଘାଟରେ ରବିବାର ତାଙ୍କର ଅନ୍ତିମ ସତ୍କାର କରାଯାଇଥିଲା। ତାଙ୍କର ଏକମାତ୍ର ପୁତ୍ର ସାଇପ୍ରସାଦ ମୁଖାଗ୍ନି ଦେଇଥିଲେ। ପୂର୍ବତନ ବ୍ଲକ ଅଧ୍ୟକ୍ଷ କିଷାନ ପଣ୍ଡା, ଏମ୍‌ପିଙ୍କ ପ୍ରତିନିଧି କାହ୍ନୁଚରଣ ଦାଶ, ଧର୍ମଶାଳା ବିକାଶ ପରିଷଦ ସଭାପତି ଶ୍ରୀକାନ୍ତ ସାହୁ, ଚୋରମୁହାଁ ସମିତିସଭ୍ୟ ସନ୍ତୋଷ ତରାଇ, ନିର୍ମଳ ପ୍ରଧାନ, ମଦନ ମୋହନ ନାୟକ, ଶରତ ଚନ୍ଦ୍ର ନାୟକ, ଦିଲୀପ ଜେନା, ରାକେଶ ଜେନା, ଦଳିତ ନେତା କର୍ତ୍ତିକ ମଳିକ, ହରିହର ମଳିକ, ଖବରଦାତା ମାନସ ରଞ୍ଜନ ଜେନା ଓ ଅଖିଳ ସ୍ୱାଇଁ ପ୍ରମୁଖ ତାଙ୍କ ଶବଧାରରେ ପୁଷ୍ପମାଲ୍ୟ ପ୍ରଦାନ କରିବା ସହ ଶେଷ ଦର୍ଶନ କରିଥିଲେ। କେଶବଙ୍କ ଅକାଳ ବିୟୋଗରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଶୋକବ୍ୟକ୍ତ କରିଛନ୍ତି। ଅନ୍ୟପକ୍ଷରେ ତାଙ୍କ ଅକାଳ ବିୟୋଗରେ ବ୍ୟବସାୟୀଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି।

# ପ୍ରକଳ୍ପ କାର୍ଯ୍ୟକାରିତାରେ ଅନିୟମିତତା ଧରାପଡ଼ିଲା

## ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣି ଶିବିର

ରସୁଲପୁର,୨୦।୪(ରଞ୍ଜିତ ରାଉତ):



ସାମାଜିକ ସମୀକ୍ଷା ଜନଶୁଣାଣି ଶିବିରରେ ଯୋଗଦେଇଥିବା ଅଧିକାରୀ।

ରସୁଲପୁର ବ୍ଲକ୍‌ସମ୍ମିଳନୀ କକ୍ଷରେ ଶନିବାର ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକର ୨୮ ପଞ୍ଚାୟତରେ ଆର୍ଥିକବର୍ଷ ୨୦୨୪-୨୫ର ୧ ଅକ୍ଟୋବର,୨୦୨୪ରୁ ୩୧ ମାର୍ଚ୍ଚ,୨୦୨୫ ମଧ୍ୟରେ ବିଭିନ୍ନ ପଞ୍ଚାୟତରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ କାର୍ଯ୍ୟକାରୀ ହୋଇଥିବା ପ୍ରକଳ୍ପ ଓ ୧ ଏପ୍ରିଲ,୨୦୨୦ରୁ ୩୧ସେପ୍ଟେମ୍ବର,୨୦୨୪ ପର୍ଯ୍ୟନ୍ତ ପଞ୍ଚଦଶ କେନ୍ଦ୍ରୀୟ ଅର୍ଥ କମିଶନ ଜରିଆରେ ହାତକୁ ନିଆଯାଇଥିବା ପ୍ରକଳ୍ପଗୁଡ଼ିକ ସମ୍ପର୍କରେ ସୂଚନା ଦିଆଯାଇଛି।

ଶିବିରରେ ବିଡିଓ ସତ୍ୟାନନ୍ଦ ଦାଶ, ବ୍ଲକ ସାମାଜିକ ସମୀକ୍ଷକ ରିଙ୍କୁନ ସ୍ୱାଇଁ ପ୍ରମୁଖ ଯୋଗଦେଇ ତଥ୍ୟ ଉପସ୍ଥାପନ କରିଛନ୍ତି। ତଥ୍ୟରେ ଦର୍ଶାଯାଇଛି ଯେ, ଗ୍ରାମ ସମ୍ବଳ ବ୍ୟକ୍ତିଙ୍କ ଦ୍ୱାରା ପ୍ରକଳ୍ପଗୁଡ଼ିକର ସାମାଜିକ ସମୀକ୍ଷା କରାଯାଇଛି। ଏହି ସମୀକ୍ଷା କାର୍ଯ୍ୟ ୨୮ଅକ୍ଟୋବର୨୦୨୪ରୁ ଆରମ୍ଭ ହୋଇ ୧୭ଜାନୁଆରୀ ୨୦୨୫ରେ ଶେଷ ହୋଇଛି। ଏହି ସମୀକ୍ଷା ସମୟରେ କେତେକ ପଞ୍ଚାୟତରେ ପ୍ରକଳ୍ପ କାର୍ଯ୍ୟକାରୀତାରେ ଅନିୟମିତତା ହୋଇଥିବା ଧରାପଡ଼ିଛି। ସେଥିମଧ୍ୟରୁ ଅର୍ଥଗାଁ ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହିତାଧିକାରୀଙ୍କୁ ନିର୍ଦ୍ଧାରିତ ମଜୁରି ଅର୍ଥଠାରୁ ଅଧିକ ଅର୍ଥ ପୈଠ କରାଯାଇଛି। ରସୁଲପୁର ପଞ୍ଚାୟତରେ ୨୦୨୨-୨୩ ଆର୍ଥିକ ବର୍ଷରେ ରସୁଲପୁର ଗ୍ରାମ୍ୟ ପୋଖରୀ ଖନନ, ପାଚେରି ନିର୍ମାଣ ଓ ପଥର ପ୍ୟାକିଂ ବାବଦକୁ ୨ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଥିଲା। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେବା ସମୟରେ ପୋଖରୀ ଚତୁଃପାର୍ଶ୍ୱରେ ପଥର ପ୍ୟାକିଂ ବଦଳରେ ସିମେଣ୍ଟ ଚଟଣା ନିର୍ମାଣ କରାଯାଇଥିବା ସମୀକ୍ଷା ବେଳେ ଜଣାପଡ଼ିଛି। ଉକ୍ତ ପ୍ରକଳ୍ପକୁ ନେଇ ପଞ୍ଚାୟତରେ ଉପଲବ୍ଧ ଫାଇଲ ଯାଞ୍ଚ ବେଳେ ପଥର ପ୍ୟାକିଂ ପାଇଁ ଆକଳନ କରାଯାଇଥିବା ବେଳେ କ୍ଷେତ୍ରରେ କାର୍ଯ୍ୟ ଭିନ୍ନ ହୋଇଥିବା ଦେଖାଯାଇଛି। ସେହିପରି ରାହାମ୍ବା ପଞ୍ଚାୟତର କ୍ଷେତ୍ରପାଳ ୫-ଟି ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ୧୦୦ ଚୌକି ପକାଯାଇଛି ବୋଲି ଦର୍ଶାଯାଇଛି। ମାତ୍ର ସମୀକ୍ଷା ବେଳେ ସେଠାରେ ୯୨ ଚୌକି ପକାଯାଇ ୧୦୦ ଚୌକିର ବିଲ୍ କରାଯାଇଛି ବୋଲି ଦର୍ଶାଯାଇଛି। ଚୌକି ପିଛା ୧୨ହଜାର ଟଙ୍କା ଖର୍ଚ୍ଚ କରାଯାଇଛି ବୋଲି ଜଣାପଡିଛି।

ଅନ୍ୟପକ୍ଷରେ ରାଜେନ୍ଦ୍ରପୁର, ଲକ୍ଷ୍ମୀନଗର, ଶ୍ରୀବନ୍ତପୁର ଆଦି ପଞ୍ଚାୟତରେ କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ ପ୍ରକଳ୍ପରେ ଅନିୟମିତତା ହୋଇଥିବା ନେଇ ଗ୍ରାମ ସମ୍ବଳ ବ୍ୟକ୍ତିମାନେ ସମୀକ୍ଷା ସମୟରେ ଜାଣିବାକୁ ପାଇଛନ୍ତି। ୨୦୨୪-୨୫ ଆର୍ଥିକ ବର୍ଷରେ ସମଗ୍ର ବ୍ଲକ ଅଞ୍ଚଳରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଧାର୍ଯ୍ୟ ଲକ୍ଷ୍ୟ ହାସଲ ନୈରାଶ୍ୟଜନକ ସ୍ଥିତିରେ ରହିଥିବା ଜଣାଯାଇଛି। ଏହି ଆର୍ଥିକ ବର୍ଷର ୩୧ମାର୍ଚ୍ଚ ସୁଦ୍ଧା ୨୦,୪୦୮ ଜବ୍‌କାର୍ଡ ପ୍ରଦାନ କରାଯାଇଥିଲା। ସେମାନଙ୍କ ମଧ୍ୟରୁ କାର୍ଯ୍ୟ ପାଇଁ ଆବେଦନ କରିଥିବା ୧,୬୧୫ ଅଣକୁଶଳୀ ପରିବାରକୁ କାର୍ଯ୍ୟ ଯୋଗାଇ ଦିଆଯାଇଥିଲା। ଏହି ଯୋଜନା ଜରିଆରେ ୩୨୪ ନୂତନ ପ୍ରକଳ୍ପ କାର୍ଯ୍ୟକାରୀ ହୋଇ ୨କୋଟି ୧୯ଲକ୍ଷ ଟଙ୍କା ବ୍ୟୟ କରାଯାଇ ୯୩ ସ୍ଥାୟୀ ସମ୍ପତ୍ତି ସୃଷ୍ଟି କରାଯାଇଥିଲା। ସମଗ୍ର ବ୍ଲକ ଅଞ୍ଚଳରେ ମାତ୍ର ୬ ପରିବାରକୁ ୧୦୦ଦିନର କାର୍ଯ୍ୟ ଯୋଗାଇ ଦିଆଯାଇଥିଲା। ଏହି ଅବଧି ମଧ୍ୟରେ ପହଁଗା ପଞ୍ଚାୟତରେ ସର୍ବାଧିକ ୭,୫୨୩ ଓ ଓଡ଼ିଶୋ ପଞ୍ଚାୟତରେ ସର୍ବନିମ୍ନ ୬୧୫ କାର୍ଯ୍ୟ ଦିବସ ସୃଷ୍ଟି କରାଯାଇଥିଲା ବୋଲି ବ୍ଲକ ପକ୍ଷରୁ ପ୍ରକାଶିତ ତଥ୍ୟରୁ ଜଣାପଡ଼ିଥିଲା। କେତେକ ପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କାର୍ଯ୍ୟକରି ହିତାଧିକାରୀ ଅର୍ଥ ପାଇ ନ ଥିବା ସରପଞ୍ଚମାନେ ଅଭିଯୋଗ କରିଥିଲେ। ପାଣ୍ଠି ସରିଯାଇ ଥିବାରୁ ଅର୍ଥ ପୈଠ ହୋଇପାରି ନାହିଁ। ଅର୍ଥ ଆସିଲେ ସେମାନଙ୍କ ଜମାଖାତାକୁ ପଠାଯିବ ବୋଲି ଏପିଓ ସୁଚିସ୍ମିତା ଜେନା ପ୍ରକାଶ କରିଥିଲେ।

ସେପ୍ଟେମ୍ବର, ୨୦୨୪ରେ ଶେଷଥର ପାଇଁ ବ୍ଲକ ସାମାଜିକ ସମୀକ୍ଷା ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ୭ମାସ ପରେ ଏହି ଜନଶୁଣାଣି ଶିବିର ଆୟୋଜନ କରାଯାଇଥିଲା। ଏହି ଶିବିରରେ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ରହିବାର ବିଧି ରହିଛି। ପୂର୍ବଥର ଭଳି ଏଥର ଶିବିରରେ ଜିଲାସ୍ତରୀୟ ଅଧିକାରୀ ଅନୁପସ୍ଥିତ ରହିଥିବା ଦେଖାଯାଇଥିଲା। ଶିବିରରେ ବାରମ୍ବାର ଜିଲାସ୍ତରୀୟ ଅଧିକାରୀ ଅନୁପସ୍ଥିତ ରହୁଥିବାରୁ ଶିବିରର ଗୁରୁତ୍ୱ କମିଯାଉଛି ବୋଲି ମତପ୍ରକାଶ ପାଇଥିଲା। ସାମାଜିକ ସମୀକ୍ଷକମାନେ ଯୋଗଦେଇ ବିଭିନ୍ନ ପଞ୍ଚାୟତରେ ଅନୁଷ୍ଠିତ ହୋଇଥିବା ସମୀକ୍ଷା ସମ୍ପର୍କରେ ସ୍ପଷ୍ଟୀକରଣ ଦେଇଥିଲେ। ଶିବିରରେ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ଏଡିଇଓଙ୍କ ସମେତ ଜନସାଧାରଣ ଉପସ୍ଥିତ ଥିଲେ।

## ମଧୁବୈଶ୍ୟ ସମାଜର ଯାଜପୁର ଜିଲା କମିଟି ଗଠିତ


ମଧୁବୈଶ୍ୟ ସମାଜର ଯାଜପୁର ଜିଲା କମିଟିର କର୍ମକର୍ତ୍ତା।

ଯାଜପୁରରୋଡ୍,୨୦।୪ (ପବିତ୍ର ରଞ୍ଜନ ମହାନ୍ତି):

ନିଖିଳ ଉତ୍କଳ ମଧୁବୈଶ୍ୟ ସମାଜ ଯାଜପୁର ଜିଲା ଶାଖାର କାର୍ଯ୍ୟକର୍ତ୍ତା କମିଟି ଗଠନ କରାଯାଇଛି। ରବିବାର ବ୍ୟାସନଗରର ଦଳାଠାରେ ଥିବା ନନ୍ଦିଘୋଷ ଟ୍ରେଡର୍ସ ପରିସରରେ ଜିଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ୭୦ ମଧୁ ବୈଶ୍ୟ ପରିବାର ସଦସ୍ୟ ଯୋଗଦେଇ ନୂତନ କମିଟି ଚୟନ କରିଛନ୍ତି। ଏଥିରେ ଯାଜପୁର ଜିଲା ସଭାପତି ଭାବେ ବସନ୍ତ କୁମାର ପାତ୍ର, ସାଧାରଣ ସମ୍ପାଦକ ଭାବେ ଧୀରେନ୍ଦ୍ର କୁମାର ସାହୁ, ଉପସଭାପତି ଭାବେ ପ୍ରତାପ ଚନ୍ଦ୍ର ପାତ୍ର, ଭକ୍ତ ଚରଣ ସାହୁ, ଶରତ ଚନ୍ଦ୍ର ସାହୁ, ଯୁଗ୍ମ ସମ୍ପାଦକ ଭାବେ ପ୍ରଶାନ୍ତ କୁମାର ସାହୁ, ଅଞ୍ଜନ କୁମାର ସାହୁ, ବିଜୟ କୁମାର ସାହୁ, କୋଷାଧ୍ୟକ୍ଷ ଭାବେ ବୀରକିଶୋର ସାହୁ ଓ ବିଷ୍ଣୁ ଚରଣ ସାହୁଙ୍କୁ ମନୋନୀତ କରାଯାଇଛି।

ସେହିପରି ବଡ଼ଚଣା ବ୍ଲକର ଆବାହକ ଭାବେ ପ୍ରତ୍ୟୁଷ କୁମାର ସାହୁ, ଧର୍ମଶାଳା ବ୍ଲକର ରବିନାରାୟଣ ସାହୁ, ରସୁଲପୁର ବ୍ଲକର ଆନନ୍ଦ ଚନ୍ଦ୍ର ସାହୁ, ବରୀ ବ୍ଲକର ବାଞ୍ଛାନିଧି ସାହୁ, ଯାଜପୁର ବ୍ଲକର ଶଙ୍କର କୁମାର ସାହୁ, ବିଞ୍ଝାରପୁର ବ୍ଲକର ହରିଶ୍ଚନ୍ଦ୍ର ସାହୁ, ଦଶରଥପୁର ବ୍ଲକର ସୁଦାମ ରଣା, ଦାନଗଦି ବ୍ଲକର ମଦନ ମୋହନ ସାହୁ, କୋରେଇ ବ୍ଲକର ପ୍ରଫୁଲ୍ଲ କୁମାର ସାହୁ, ସୁକିନ୍ଦା ବ୍ଲକର ସୂର୍ଯ୍ୟକାନ୍ତ ପାତ୍ର, ଯାଜପୁର ପୌରାଞ୍ଚଳ ପାଇଁ ମନୋଜ କୁମାର ସାହୁ ଓ ବ୍ୟାସନଗର ପୌରାଞ୍ଚଳ ପାଇଁ ଭକ୍ତ ବନ୍ଧୁ ସାହୁଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଯାଇଛି। ଉପଦେଷ୍ଟା କମିଟି ସଦସ୍ୟ ଭାବେ ରଘୁନାଥ ପାତ୍ର, ଡାକ୍ତର ଅନ୍ତର୍ଯ୍ୟାମୀ ସାହୁ, ବୈରାଗୀ ସାହୁ, ରବୀନ୍ଦ୍ର ନାଥ ସାହୁ, ଚନ୍ଦ୍ରମଣି ସାହୁ, ଭରତ ଚନ୍ଦ୍ର ସାହୁ, କାର୍ତ୍ତିକ ଚନ୍ଦ୍ର ସାହୁ, ସୁନାକର ସାହୁ ଓ ସୂର୍ଯ୍ୟମଣି ସାହୁ ପ୍ରମୁଖ ମନୋନୀତ ହୋଇଛନ୍ତି।

## ୪ର୍ଥ ଦିନରେ ଇଙ୍ଗା ଲୋଡିଂ ଶ୍ରମିକଙ୍କ ଧାରଣା

### ଆଜି ୭ ପଞ୍ଚାୟତ ଅଧିବାସୀ ସାମିଲ ହେବେ

କାଳିଆପାଣି,୨୦।୪(ଅସିତ ମହାନ୍ତ): ଇଙ୍ଗା ଖଣିର ଲୋଡିଂ ଶ୍ରମିକଙ୍କ ଧାରଣା ୪ର୍ଥ ଦିନରେ ପହଞ୍ଚିଛି। ସୋମବାରଠାରୁ ଖଣି ନିକଟବର୍ତ୍ତୀ ୭ ପଞ୍ଚାୟତର ଅଧିବାସୀ ଧାରଣାରେ ସାମିଲ ହେବେ ବୋଲି ଜଣାପଡ଼ିଛି। ଜିଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କ ନିର୍ଦ୍ଦେଶ କ୍ରମେ ଶୁକ୍ରବାର ସନ୍ଧ୍ୟାରେ ହୋଇଥିବା ସମାଧାନ ବୈଠକ ବିଫଳ ହୋଇଛି। ରବିବାର ପିମ୍ପୁଡ଼ିଆ ପଞ୍ଚାୟତ ସରପଞ୍ଚ ତପନ ନାୟକଙ୍କ ସହ କଳିଆପାଣି, କଂସ, ଚିଙ୍ଗୁଡ଼ିପାଳ, ରାଂସୋଳ, କାଙ୍କଡପାଳ, କୁହିକା, ଦୁଧୁଜୁରି ପଞ୍ଚାୟତର ସମସ୍ତ ଗ୍ରାମ ମୁଖିଆ ଧାରଣାରେ ସାମିଲ ହୋଇଥିଲେ। କମ୍ପାନୀ କର୍ତ୍ତୃପକ୍ଷ ଶ୍ରମିକଙ୍କ ଦାବି ଉପରେ କିଛି ସମାଧାନ ସୂତ୍ର ବାହାର ନ କଲେ ଅଞ୍ଚଳବାସୀ କମ୍ପାନୀ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିବେ ବୋଲି ସରପଞ୍ଚ ତପନ ନାୟକ ଆଶ୍ୱାସନା ଦେଇଛନ୍ତି। ସେହିପରି ସଂଘ ସାଧାରଣ ସମ୍ପାଦକ ଅମଲେନ୍ଦୁ ବେହୁରା ଧାରଣାରତ ଶ୍ରମିକଙ୍କୁ ଉଦ୍‌ବୋଧନ ଦେଇ ଧାରଣା ଜୋରଦାର ହେବ ବୋଲି ସୂଚନା ଦେଇଛନ୍ତି। ଧାରଣାରେ ଭାଜପା ନେତା ବେଣୁଧର ମହାନ୍ତ, ଦିଲୀପ ପାତ୍ର, ମନୋଜ ମହାନ୍ତ, ସତ୍ୟଜିତ ଦାସ, ବେଣୁଧର ମହାକୁଡ଼ଙ୍କ ସମେତ ଶାଖା ସଭାପତି, ସମ୍ପାଦକ ଓ ସଦସ୍ୟମାନେ ସାମିଲ ହୋଇଥିଲେ।

## ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ


ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଯୋଗଦେଇଥିବା ବିଧାୟକଙ୍କୁ ସ୍ୱାଗତ କରାଯାଉଛି।

ରସୁଲପୁର,୨୦।୪(ରଞ୍ଜିତ ରାଉତ):

ରସୁଲପୁର ବ୍ଲକ ଅନ୍ତର୍ଗତ ମୁଗୁପାଳ ପଞ୍ଚାୟତ ୧୬ନମ୍ବର ୱାର୍ଡରେ ନୂତନ ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଳିତ ହୋଇଯାଇଛି। ପ୍ରତିଷ୍ଠା ଉତ୍ସବରେ କୋରେଇ ବିଧାୟକ ଆକାଶ ଦାସନାୟକ ଅତିଥି ଭାବରେ ଯୋଗଦେଇଥିଲେ। ସ୍ଥାନୀୟ ସରପଞ୍ଚ, ଭାଜପାର କାର୍ଯ୍ୟକର୍ତ୍ତା, ଗ୍ରାମବାସୀ ପ୍ରମୁଖ ବିଧାୟକ ଦାସନାୟକଙ୍କୁ ସ୍ୱାଗତ କରିବା ସହ ଉତ୍ସବସ୍ଥଳକୁ ପାଛୋଟି ନେଇଥିଲେ। ମୁଖ୍ୟ ଅତିଥି ମନ୍ଦିରର ବିଭିନ୍ନ ସ୍ଥାନ ବୁଲି ଦେଖିବା ସହ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ୱାର୍ଡବାସୀ ବିଧାୟକଙ୍କୁ ଭେଟି ତାଙ୍କ ଗ୍ରାମରେ ରହିଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଗ୍ରାମର ଉନ୍ନତି ଦିଗରେ ବିଧାୟକ ଆବଶ୍ୟକ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

## ସିଂହପୁର ବଜାରରୁ ଚୋରି

ସିଂହପୁର,୨୦।୪ (ଅନଙ୍ଗ ଉଦୟ ବେଉରିଆ):

ବିଞ୍ଝାରପୁର ଥାନା ଅନ୍ତର୍ଗତ ସିଂହପୁର ବଜାରର ପ୍ରିୟରଞ୍ଜନ ବେଉରିଆଙ୍କ ଗ୍ରସେରି ଦୋକାନରୁ ଶନିବାର ରାତିରେ ଚୋରି ହୋଇଛି। ଦୁର୍ବୃତ୍ତମାନେ ଦୋକାନ ଗୃହ ଆଜବେଷ୍ଟସ ତାଡ଼ି ଭିତରେ ପଶି ୩୦ ହଜାର ଟଙ୍କା ସହ ଦୋକାନର ବହୁ ସାମଗ୍ରୀ ଚୋରି କରି ନେଇ ଯାଇଛନ୍ତି। ଏନେଇ ରବିବାର ପ୍ରିୟରଞ୍ଜନ ଥାନାରେ ଲିଖିତ ଅଭିଯୋଗ ହୋଇଛି। ପୋଲିସ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି। ସେହିପରି ଗତ ତିନି ଦିନ ପୂର୍ବରୁ ଦେବିଭବନ ଛକ ନିକଟରେ ଦୁର୍ବୃତ୍ତ ସଟର ତାଡ଼ି ଚୋରି କରିଥିଲେ। ପୋଲିସ ଦୁର୍ବୃତ୍ତଙ୍କୁ ତୁରନ୍ତ କାବୁ କରିବା ସହ ବଜାରରେ ରାତ୍ର ପାଟ୍ରୋଲିଂ କରିବାକୁ ବ୍ୟବସାୟୀମାନେ ଦାବି କରିଛନ୍ତି।

## ଗ୍ୟାସ ଟାଙ୍କି ବିସ୍ଫୋରଣ

ପାଣିକୋଇଲି,୨୦।୪(ବିକାଶ ମଲ୍ଲିକ):

ପାଣିକୋଇଲି ମା' ତାରିଣୀ ମହାବିଦ୍ୟାଳୟ ଅର୍ଥଶାସ୍ତ୍ର ବିଭାଗ ଅଧ୍ୟାପିକା ବସନ୍ତ ମଞ୍ଜରୀ ସାହୁଙ୍କ ବାସଭବନରେ ଏକ ଗ୍ୟାସ ଟାଙ୍କି (୫ ଲିଟର)ରେ ନିଆଁ ଲାଗି ବିସ୍ଫୋରଣ ହୋଇଛି। ସୌଭାଗ୍ୟବଶତଃ କାହାର କିଛି କ୍ଷତି ହୋଇନାହିଁ। ଅଧ୍ୟାପିକା ମହାବିଦ୍ୟାଳୟରେ ଥିବା ବେଳେ ତାଙ୍କର ବୋହୂ ବାହାରେ ଗ୍ୟାସ ଚୁଲାରେ ରୋଷେଇ କରୁଥିଲେ। ତେବେ ଗ୍ୟାସ ଲିକ ହୋଇଯିବା ଯୋଗୁ ଟାଙ୍କିରେ ନିଆଁ ଲାଗିଯାଇଥିଲା। ତାଙ୍କ ବୋହୂ ଉପସ୍ଥିତ ବୁଦ୍ଧି ଖଟାଇ ଏକ ବାଉଁଶ ସାହାଯ୍ୟରେ ଟାଙ୍କିକୁ ଘର ନିକଟରୁ ଦୂରକୁ ଫିଙ୍ଗି ଦେଇଥିଲେ। କିଛି ସମୟ ପରେ ଟାଙ୍କିଟି ବିସ୍ଫୋରଣ ଘଟିଥିଲା।

## ଓୟୁଡବ୍ଲ୍ୟୁଜେ ଯାଜପୁର ଜିଲା ଶାଖାର କର୍ମକର୍ତ୍ତା ନିର୍ବାଚନ


ସମ୍ମିଳିତ କର୍ମଜୀବୀ ସାମ୍ବାଦିକ ସଂଘ ଯାଜପୁର ଜିଲା ଶାଖା ପକ୍ଷରୁ ଅନୁଷ୍ଠିତ ନିର୍ବାଚନରେ ଉପସ୍ଥିତ କର୍ମକର୍ତ୍ତା।

ଯାଜପୁର ଟାଉନ,୨୦।୪ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):

ସମ୍ମିଳିତ କର୍ମଜୀବୀ ସାମ୍ବାଦିକ ସଂଘ (ଓୟୁଡବ୍ଲ୍ୟୁଜେ)ଯାଜପୁର ଜିଲା ଶାଖା ପକ୍ଷରୁ ଏକ ଆଲୋଚନାଚକ୍ର ଓ କର୍ମକର୍ତ୍ତା ନିର୍ବାଚନ ରବିବାର ଯାଜପୁର ମିଶନ ଶକ୍ତି ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସାଧାରଣ ସମ୍ପାଦକ ତପନ ମହରଣ୍ୟ ଶର୍ମାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସଂଗଠନର ରାଜ୍ୟ ସାଂଗଠନିକ ସମ୍ପାଦକ ଅର୍ଜୁନ ମୁଦୁଲି ପର୍ଯ୍ୟବେକ୍ଷକ ଭାବେ ଯୋଗଦେଇ ଖବରଦାତାଙ୍କୁ ପେନ୍‌ସନ୍ ପ୍ରଦାନ, ସ୍ୱାସ୍ଥ୍ୟ ବୀମା ୧୦ଲକ୍ଷ ଟଙ୍କାକୁ ବୃଦ୍ଧି ସହ ପିତା/ମାତାଙ୍କୁ ଅନ୍ତର୍ଭୁକ୍ତ କରିବା ଓ ଖବରଦାତା ସୁରକ୍ଷା ଆଇନ ପ୍ରଣୟନ କରିବା ପାଇଁ ରାଜ୍ୟ ସରକାର ଶୀଘ୍ର ନିଷ୍ପତ୍ତି ନିଅନ୍ତୁ ବୋଲି ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ। ସଂଘ ସାଧାରଣ ସମ୍ପାଦକ ଶର୍ମା ତାଙ୍କ ବକ୍ତବ୍ୟରେ ସମାଜ ପ୍ରତି ଖବରଦାତାଙ୍କ ଭୂମିକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିବା ସହ ତାହାକୁ ପୂରଣ କରିବାରେ ଖବରଦାତା ସର୍ବଦା ଚେଷ୍ଟା କରିବେ ବୋଲି ଆଶାବକ୍ତ୍ୟ କରିଥିଲେ। ସଭାରେ ରାଜ୍ୟ ସହ ସମ୍ପାଦକ ଖବରଦାତାଙ୍କ କର୍ତ୍ତବ୍ୟ ସମ୍ପର୍କରେ ମତ ଦେଇଥିଲେ। ଜିଲା ଶାଖାର ବରିଷ୍ଠ ସଦସ୍ୟ ବିଜୟ ମହରଣା ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହାପରେ ୨୦୨୫ରୁ ୨୦୨୮ମସିହା ପର୍ଯ୍ୟନ୍ତ ୩ବର୍ଷ ପାଇଁ ଜିଲା କର୍ମକର୍ତ୍ତା ନିର୍ବାଚନ କରାଯାଇଥିଲା। ଏଥିରେ ସଭାପତି ରୂପେ ଦିଲୀପ ଦାଶ, ଉପସଭାପତି ପ୍ରମିଳା ଜେନା, ନିହାର ରଞ୍ଜନ ସାମଲ, ସମ୍ପାଦକ ଜ୍ୟୋତିଶଙ୍କର ରାୟ, ସହସମ୍ପାଦକ ଅଜିତ୍ ମିଶ୍ର, ସାଂସ୍କୃତିକ ସମ୍ପାଦକ ଚିନ୍ମୟ ପୃଷ୍ଟି, କୋଷାଧ୍ୟକ୍ଷ ସୁନିଲ୍ ସାଗାର ଦାସ, ସଂଗଠନ ସମ୍ପାଦକ ତପନ ମିଶ୍ର, କାର୍ଯ୍ୟକାରୀ କମିଟି ସଦସ୍ୟ ରୂପେ ସରୋଜ କୁମାର ଧଳ, ଦୀପକ କୁମାର ମଲ୍ଲିକ, ରଂଜିତା ପରିଡ଼ା ନିର୍ବାଚିତ ହୋଇଥିଲେ। ବ୍ଲକ ସଂଯୋଜକ ରୂପେ କୋରେଇ ପାଇଁ ସଞ୍ଜୟ ନାୟକ ଓ ସେକ୍ ଜାହିର, ଧର୍ମଶାଳା ପାଇଁ ସୁଶାନ୍ତ କୁମାର ସାହୁ, ଦଶରଥପୁର ପାଇଁ ସେକ୍ ଜମାଲୁଦ୍ଦିନ, ବିଞ୍ଝାରପୁର ପାଇଁ ବିଜୟ ବାରିକ, ଯାଜପୁର ପାଇଁ ରୀନା ପଡ଼ିଆରୀ ଓ ବରୀ ପାଇଁ ସୁନିଲ କୁମାର ରାଉତ ଦାୟିତ୍ୱ ଗ୍ରହଣ କରିଥିଲେ। ଖବରଦାତା ଜ୍ୟୋତି ଶଙ୍କର ରାୟ ଧନ୍ୟବାଦ ଦେଇଥିଲେ।

## ଅବସରପ୍ରାପ୍ତ କର୍ମଚାରୀ ସଂଘର ମାସିକ ବୈଠକ

ଯାଜପୁର ଟାଉନ,୨୦।୪ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):

ଯାଜପୁର ଅବସରପ୍ରାପ୍ତ କର୍ମଚାରୀ ସଂଘର ମାସିକ ବୈଠକ ବରିଷ୍ଠ ଭବନଠାରେ ଅବସରପ୍ରାପ୍ତ ପୋଲିସ୍ ପ୍ରଶାସକ ଗଦାଧରା ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଭବନରୁ ରାସ୍ତାକୁ ଓହ୍ଲାଇବା ପାଇଁ ଜିଲାପାଳ ବିହୀତ ପଦକ୍ଷେପ ନେଇଥିଲେ, ତାହା କାର୍ଯ୍ୟକାରୀ ହୋଇଛି। ସେଥିପାଇଁ ବୈଠକରେ ଜିଲାପାଳଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି। ପ୍ରଦୀପ ଦାସ ବୈଠକକୁ ପରିଚାଳନା କରିଥିଲେ। ଉପସଭାପତି ଧନଞ୍ଜୟ କେଶରୀ ରାଉତରାୟ ସଂଘର କାର୍ଯ୍ୟକାରିତା ଉପରେ ବକ୍ତବ୍ୟ ରଖିଥିଲେ ଏବଂ ବରିଷ୍ଠ ନାଗରିକ ସଂଘର ସଭାପତି ନୃସିଂହ ଚରଣ ମହାପାତ୍ର ଓ ସମ୍ପାଦକ ପ୍ରବୋଧ କୁମାର ନାୟକ ନିଜ ନିଜର ବକ୍ତବ୍ୟ ରଖିଥିଲେ। ନୂତନ ସଭ୍ୟଭାବେ ଜନକ ରାଉତରାୟ ଯୋଗଦେଇଥିବାରୁ ତାଙ୍କୁ ସ୍ୱାଗତ କରାଯାଇଥିଲା। ସଭାରେ ସହ ସମ୍ପାଦକ ବୃନ୍ଦାବନ ମିଶ୍ର, ବରିଷ୍ଠ ସଭ୍ୟ ନୃସିଂହ ଚରଣ ଜେନା, ବିଷ୍ଣୁ ଚରଣ ଲେଙ୍କା, ମିହିର ରଂଜନ ନାୟକ, ଶିଶିର ମହାପାତ୍ର, ନାରାୟଣ ଚନ୍ଦ୍ର ସେଠୀ, ରଜତ କୁମାର ମହାନ୍ତି ଯୋଗ ଦେଇଥିଲେ। ପ୍ରଶାନ୍ତ କୁମାର ନାୟକ ଧନ୍ୟବାଦ ଦେଇଥିଲେ।



ଯାଜପୁର ଅବସରପ୍ରାପ୍ତ କର୍ମଚାରୀ ସଂଘର ମାସିକ ବୈଠକରେ ଯୋଗଦେଇଥିବା କର୍ମକର୍ତ୍ତା।


झारखण्ड सरकार
**आदिवासी कल्याण आयुक्त कार्यालय, झारखण्ड, राँची**
स.स. - 03/छात्रावास पोषण योजना (निविदा) - 01/2024-961 दिनांक:20.04.2025
**सूचना (Corrigendum)**
इस कार्यालय के पत्रांक - 847, दिनांक: 29.03.2025 एवं Corrigendum के पत्रांक - 864, दिनांक: 03.04.2025 द्वारा छात्रावास पोषण योजना 2024 के अन्तर्गत कल्याण विभाग के अधीन छात्रावासें का संचालन/प्रबंधन हेतु गैर सरकारी संस्थाओं/ट्रस्ट/कम्पानी/स्वयं सहायता समूह (NRLM द्वारा गठित) को सूचीबद्ध करने के निमित्त इच्छा की अभिव्यक्ति प्रस्ताव प्राप्त करने हेतु PR No.- 349587 के द्वारा समाचार पत्रों में सूचना एवं **jharkhandtenders.gov.in** पोर्टल पर दिनांक: 31.03.2025 को निविदा Tender ID संख्या: **2025_WELFR_9920_1** प्रकाशित की गई थी।
2. उक्त प्रकाशित निविदा के अन्तर्गत इच्छा की अभिव्यक्ति प्रस्ताव ऑनलाईन समर्पित करने की अंतिम तिथि - 21.04.2025 निर्धारित है।
3. उक्त अंतिम निर्धारित तिथि को संशोधित करते हुए दिनांक - 26.04.2025 तक ऑनलाईन निविदा को समर्पित करने की अंतिम तिथि को विस्तारित की जाती है।
4. निविदा प्रारूप की शेष कंडिकाएँ यथावत रहेंगी।
**आदिवासी कल्याण आयुक्त**
PR 350669 (Schedule Tribe, Schedule Caste, Minority and Backward Class Welfare Department) 25-26 (D)



**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER**
**SAMBALPUR IRRIGATION DIVISION, SAMBALPUR**
E-mail id: sidsambalpur@gmail.com
**e-Procurement Notice No. SESID-01/2025-26**
**Bid Identification No. SESID-01 (01-28)/2025-26**
No. 1485 Date: 10.04.2025
No. A-38: Bid documents consisting of work, estimated amount put to tender, cost of tender paper, EMD, time of completion, class of contractor, the set of terms & conditions of contract and other necessary documents can be seen in e-procurement portal **https://tendersodisha.gov.in** complete online process only.

| | | |
|---|---|---|
| 1. | Nature of Works | Canal Works |
| 2. | Nos. of Works | 28 Nos. |
| 3. | Bid Identification No. | SESID-01 (01-28)/2025-26 |
| 4. | Estimated Cost | 8.45 - 31.78 Lakhs |
| 5. | Earnest Money Deposit | Referred to DTCN |
| 6. | Cost of Tender Paper | Referred to DTCN |
| 7. | Period of Completion | Referred to DTCN |
| 8. | Date and Time of availability of Bid Document in the portal | Dt.23.04.2025 at 11.00 A.M. to Dt.02.05.2025 upto 17.00 P.M. |
| 9. | Last Date/Time for receipt of Bids in the portal | Dt.02.05.2025 upto 17.00 P.M. |
| 10. | Date of Bid Opening | Dt.03.05.2025 at 11.00 A.M. |
| 11. | Clarification seeking date | Dt.23.04.2025 at 11.00 A.M. to Dt.02.05.2025 upto 17.00 P.M. |
| 12. | Date of Lottery (if required) | To be intimated later |
| 13. | Name and Address of the Officer Inviting Bid | Superintending Engineer, Sambalpur Irrigation Division, Sambalpur, At/P.O.: Khetrajpur - 768003, Dist.: Sambalpur Email Id: **sidsambalpur@gmail.com** |

Further details can be seen from the e-procurement portal **https://tendersodisha.gov.in**. Any addendum/corrigendum/cancellation of tender can also be seen in said website.
**Sd./- Superintending Engineer**
**Sambalpur Irrigation Division, Sambalpur**
OIPR-32530/11/0004/2526

# ଜିଲାରେ ନିମ୍ନମାନର ପରିପୂରକ ପୁଷ୍ଟିକର ଖାଦ୍ୟ ଯୋଗାଣ

## ୭ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଛତୁଆ ଯୋଗାଣରୁ ବାଦ୍

ଜଗତ୍‌ସିଂହପୁର, ୨୦।୪
(ପ୍ରମୋଦ କୁମାର ନାୟକ)

ପ୍ରତି ଜିଲାର ଗର୍ଭବତୀ ଓ ପ୍ରସୂତି ମହିଳାଙ୍କ ସମେତ ଛୋଟପିଲାଙ୍କୁ ସରକାରଙ୍କ ପକ୍ଷରୁ ପରିପୂରକ ପୁଷ୍ଟିକର ଖାଦ୍ୟ ଯୋଗାଉଥିବା ଦର୍ଶାଯାଉଛି। ବାସ୍ତବରେ କିନ୍ତୁ ଏହା ପ୍ରତ୍ୟେକଙ୍କ ପାଖରେ ପହଞ୍ଚିପାରୁନାହିଁ। ଏହାବାଦ୍ ପରିମାଣ ଏବଂ ମାନରେ କମ୍ କରାଯାଇ ବାର୍ଷିକ ପାଖାପାଖି ୩ କୋଟିରୁ ଅଧିକ ଟଙ୍କାର ଦୁର୍ନୀତି ହୋଇଥିବା ଗୁରୁତର ଅଭିଯୋଗ ହେଉଛି। ଏ ସମ୍ପର୍କିତ ଖବର ୨୦୨୩ ସେପ୍ଟେମ୍ବରରେ ଧରିତ୍ରୀରେ ସ୍ୱତନ୍ତ୍ର ଭାବେ ପ୍ରକାଶ ପାଇଥିଲା। ବିଳମ୍ବରେ ହେଲେ ମଧ୍ୟ ୭ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ(ଡବ୍ଲ୍ୟୁଏସ୍ଏଚ୍‌ଜି) ଉପରେ କଟକଣା ଲଗାଯାଇଛି। ଏହି ଡବ୍ଲ୍ୟୁଏସ୍ଏଚ୍‌ଜିଗୁଡ଼ିକ ଏଣିକି ସରକାରୀ ଯୋଜନାରେ ଛତୁଆ ଉତ୍ପାଦନ କିମ୍ବା ଯୋଗାଣ କରିପାରିବେ ନାହିଁ ବୋଲି ଜଗତ୍‌ସିଂହପୁର ଜିଲାପାଳ ତାଙ୍କ ଚିଠି ସଂଖ୍ୟା ନଂ.୧୩୩୦ରେ ସମସ୍ତ ସିଡିପିଓଙ୍କୁ ଅବଗତ କରାଇଛନ୍ତି। ଏ ନେଇ ଚର୍ଚ୍ଚା ଜୋର ଧରିଛି।

୨୦୨୩ ଏପ୍ରିଲରୁ ୨୦୨୪ ଜୁନ ଭିତରେ ଭୁବନେଶ୍ୱରସ୍ଥିତ ଷ୍ଟେଟ ଫୁଡ ଟେଷ୍ଟିଂ ଲାବରେଟୋରିରେ ଯୋଗାଯାଉଥିବା ଛତୁଆର ମାନ ଠିକ୍ ଅଛି କି ନାହିଁ ପରୀକ୍ଷା ପାଇଁ ନମୁନା



ଓଜନ ବେଳେ ଛତୁଆ ପରିମାଣ କମ୍ ରହୁଛି।

ସଂଗ୍ରହ କରାଯାଇଥିଲା। ରିପୋର୍ଟ ଅନୁଯାୟୀ ଜିଲାର ୭ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ(ଡବ୍ଲ୍ୟୁଏସ୍ଏଚ୍‌ଜି) ଦ୍ୱାରା ପ୍ରସ୍ତୁତ ଓ ଯୋଗାଣ ହେଉଥିବା ଛତୁଆର ମାନ ନିମ୍ନମାନର ତଥା ଅସୁରକ୍ଷିତ ବୋଲି ଜଣାଯାଇଥିଲା। ଏହାପରେ ରାଜ୍ୟ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ଚିଠି ସଂଖ୍ୟା ନଂ.୨୩୧୪୭/୧୫।୧୦।୨୪ ଅନୁଯାୟୀ, ଏସ୍ଏନ୍‌ପି (ସପ୍ଲିମେଣ୍ଟାରୀ ନ୍ୟୁଟ୍ରିଶନ୍ ପ୍ରୋଗ୍ରାମ) ଅନ୍ତର୍ଗତ ଛତୁଆ ପ୍ରସ୍ତୁତିରେ ତ୍ରୁଟି କାରଣରୁ ଏହି ୭ଟି ଡବ୍ଲ୍ୟୁଏସ୍ଏଚ୍‌ଜି ଉପରେ ଅଙ୍କୁଶ ଲଗାଯାଇଥିଲା। ଅର୍ଥାତ୍ ଏସ୍ଏନ୍‌ପି ଓ ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣା ପୁଷ୍ଟି ଯୋଜନା (ଏମ୍ଏସ୍‌ପିଓ୍ୱାଇ)ରେ ଉକ୍ତ ୭ ଡବ୍ଲ୍ୟୁଏସ୍ଏଚ୍‌ଜି ଛତୁଆ ପ୍ରସ୍ତୁତ ଓ ଯୋଗାଣ କରିପାରିବେ ନାହିଁ। ସମ୍ଭାବ୍ୟ ପରିସ୍ଥିତିକୁ ଦୃଷ୍ଟିରେ ରଖି ଏହି ୭ ଡବ୍ଲ୍ୟୁଏସ୍ଏଚ୍‌ଜି ଦେଉଥିବା ଛତୁଆ ଅନ୍ୟ ୫ଟି ଏସ୍ଏଚ୍‌ଜି ସହ ଟ୍ୟାଗ କରି ଦିଆଯାଇଥିବା ଜିଲାପାଳ ତାଙ୍କ ଚିଠିରେ ଦର୍ଶାଇଛନ୍ତି। ଏଥିରେ ଉଲ୍ଲେଖ ଅଛି ବିରିଡ଼ିସ୍ଥିତ ସବୁଜିମା ମହାସଂଘ ଓ ବାଗଲପୁରସ୍ଥିତ କରଞ୍ଜେଶ୍ୱର ଏସ୍ଏଚ୍‌ଜି ପ୍ରସ୍ତୁତ ଓ ଯୋଗାଣ କରୁଥିବା ଛତୁଆ ଏଣିକି ଜଗତ୍‌ସିଂହପୁର ସିଦ୍ଧଳସ୍ଥିତ ମା'ତାରିଣୀ ଏସ୍ଏଚ୍‌ଜି ଦ୍ୱାରା ହେବ। ସେହିପରି ରଘୁନାଥପୁରର ନୀଳିମା ମହାସଂଘ ସ୍ଥାନରେ ଜଗତ୍‌ସିଂହପୁର ମାର୍କଣ୍ଡପୁରସ୍ଥିତ ସୁଭଦ୍ରା ମହିଳା ଉଦ୍ୟୋଗ ଛତୁଆ ଦାୟିତ୍ୱ ନେବ। କୁଜଙ୍ଗ ତେରମାଣପୁରସ୍ଥିତ ବାସୁଦେବ ଏସ୍ଏଚ୍‌ଜି ଓ ଜନପାଳସ୍ଥିତ ମଦର ଟେରେସା ଏସ୍ଏଚ୍‌ଜି ସ୍ଥାନରେ ତିର୍ତ୍ତୋଲର ବନବିହାରୀ ଏସ୍ଏଚ୍‌ଜିକୁ ଛତୁଆ ଉତ୍ପାଦନ ଓ ଯୋଗାଣ ପାଇଁ ଟ୍ୟାଗ କରାଯାଇଛି। ନାଉଗାଁର କଲ୍ୟାଣ ଏସ୍ଏଚ୍‌ଜି ସ୍ଥାନରେ ବାଲିକୁଦାର ସୁଦ୍ଧା ମହାସଂଘ, ଏରସମା କୃଷ୍ଣଚନ୍ଦ୍ରପୁରସ୍ଥିତ ନୀଳକଣ୍ଠେଶ୍ୱର ଏସ୍ଏଚ୍‌ଜି ସ୍ଥାନରେ ବାଲିତୁଠସ୍ଥିତ ଗଙ୍ଗଦେବ ଏସ୍ଏଚ୍‌ଜିକୁ ଟ୍ୟାଗ କରାଯାଇଥିବା ଜିଲାପାଳଙ୍କ ଚିଠିରେ ସ୍ପଷ୍ଟ କରାଯାଇଛି।

ଅତୀତରେ ଏହି ଯୋଜନାରେ ଯୋଗାଇ ଦିଆଯାଉଥିବା ଡାଲି ଏବଂ ଚାଉଳରେ ବ୍ୟାପକ ଦୁର୍ନୀତି ହୋଇଥିଲା। ଏହାକୁ ଏଡ଼ାଇବାକୁ ଯାଇ ରାଜ୍ୟ ସରକାର ୨୦୧୧ରୁ ଛତୁଆ ଯୋଗାଇ ଆସୁଛନ୍ତି। କିନ୍ତୁ ଏଥିରେ କୌଣସି ସୁଧାର ନ ଆସିବା ଚିନ୍ତାର କାରଣ ହୋଇଛି। ଜଗତ୍‌ସିଂହପୁର ଜିଲାର ୮ଟି ବ୍ଲକ ଅଞ୍ଚଳରେ ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ପୁଷ୍ଟିକର ଖାଦ୍ୟ ଯୋଗାଣ ହେଉଛି। ଜିଲା ସମାଜ ମଙ୍ଗଳ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ, ବଣ୍ଟନର ସୁବିଧା ଦୃଷ୍ଟିରୁ ଭିନ୍ନଭିନ୍ନ ରଙ୍ଗର ପ୍ୟାକେଟ୍‌ରେ ଅଙ୍ଗନୱାଡି କେନ୍ଦ୍ର ମାଧ୍ୟମରେ ଛତୁଆ ଯୋଗାଇ ଦିଆଯାଉଛି। କିନ୍ତୁ ନିର୍ଦ୍ଦିଷ୍ଟ କେତେକ ସ୍ୱୟଂ ସହାୟକ ଗୋଷ୍ଠୀକୁ ବାଦ ଦେଲେ ଅଧିକାଂଶ ଗୋଷ୍ଠୀର ଲାଭଖୋର ମନୋଭାବ ଯୋଗୁ ବାସ୍ତବ ଲକ୍ଷ୍ୟ ପୂରଣ ହୋଇପାରୁନାହିଁ। ଛତୁଆ ପ୍ରସ୍ତୁତକାରୀ ସଂସ୍ଥାଗୁଡ଼ିକ ଓଜନରେ ଅର୍ଥାତ୍ ମାସିକ ଲକ୍ଷାଧିକ ପ୍ୟାକେଟ୍ ଛତୁଆରେ ସିଧାସଳଖ ବାଟମାରଣା କରୁଛନ୍ତି। ଏହି ବାବଦରେ ବାର୍ଷିକ ବହୁ ଟଙ୍କା ବାଟମାରଣା ହେଉଛି। କେବଳ ଓଜନରେ ନୁହେଁ, ଗୁଣାତ୍ମକ ମାନରେ ମଧ୍ୟ ବ୍ୟତିକ୍ରମ ଲକ୍ଷ୍ୟ କରାଯାଉଛି। ଗହମ, ବୁଟ, ଚିନାବାଦାମ ଏବଂ ଚିନିର ଭାଗ ଠିକ ରହୁନାହିଁ ସରକାରୀ ଭାବେ ଏସ୍ଏଚ୍‌ଜିଗୁଡ଼ିକୁ କମ୍ ଦରରେ ଗହମ ଯୋଗାଯାଉଛି। ବଜାରରେ ଏହା ଉପଲବ୍ଧ ହେଉ ନ ଥିବା ଏବଂ ଯେଉଁଠି ମିଳୁଛି ଅଧିକ ଦରରେ ବିକ୍ରି ହେଉଥିବାରୁ ଚାହିଦା ରହୁଛି। ଏହାର ସୁଯୋଗରେ ଗୋଷ୍ଠୀଗୁଡ଼ିକ ବର୍ଦ୍ଧିତ ଦରରେ ଗହମ ବିକି ବେଶ୍ ଲାଭ କରୁଛନ୍ତି। ଏଥିସହ ଚିନି, ବୁଟ ଏବଂ ଚିନାବାଦାମ ବାବଦରେ ବାର୍ଷିକ ପାଖାପାଖି ୩ କୋଟି ଟଙ୍କାର ହେରଫେର କରାଯାଉଛି। ଜଗତ୍‌ସିଂହପୁର ଜିଲାରେ ଏକାଧିକ ଏସ୍ଏଚ୍‌ଜି ଦୀର୍ଘବର୍ଷ ଧରି ଛତୁଆ ଯୋଗାଇ ଆସୁଛନ୍ତି। ପ୍ରକୃତରେ ଦେଖିବାକୁ ଗଲେ ଏହି ଏସ୍ଏଚ୍‌ଜି ନାମରେ ଅନେକ ପ୍ରଭାବଶାଳୀ ଲୋକ ଏହାକୁ ନିୟନ୍ତ୍ରଣ କରୁଛନ୍ତି। ସେମାନେ ବିଭାଗୀୟ ଅଧିକାରୀମାନଙ୍କ ସହ ବୁଝାମଣା କରି ମନଇଚ୍ଛା କାରବାର ଚଳାଇଛନ୍ତି। ଫଳରେ ଶିଶୁ, ଗର୍ଭବତୀ ଏବଂ ପ୍ରସୂତିଙ୍କ ସହ ଖେଳ ଖେଳାଯାଉଛି।

ଏ ସମ୍ପର୍କରେ ଗୋବିନ୍ଦ ଓଝା କୁହନ୍ତି ଯେ, ଜିଲାରେ ବ୍ୟାପକ ଭାବେ ଛତୁଅ ପ୍ରସ୍ତୁତ ଓ ବଣ୍ଟନରେ ଦୁର୍ନୀତି ହେଉଛି। ନିମ୍ନମାନର ଓ ଅସୁରକ୍ଷିତ ଛତୁଆ ପ୍ରସ୍ତୁତ ଯୋଗୁ ଅନେକ ଶିଶୁ ମା'ମାନେ କ୍ଷତିଗ୍ରସ୍ତ ହେଉଛନ୍ତି। ଏ ସମ୍ପର୍କରେ ଜିଲା ସମାଜ ମଙ୍ଗଳ ଅଧିକାରୀ ବିଷ୍ଣୁପ୍ରିୟା ସେଠୀଙ୍କ ସହ ଯୋଗାଯୋଗ ପାଇଁ ଚେଷ୍ଟା କରାଯାଇଥିଲେ ମଧ୍ୟ ସମ୍ଭବ ହୋଇ ନ ଥିଲା।

**ସଂକ୍ଷେପରେ**

## ଖେଲୋ ଇଣ୍ଡିଆ କେନ୍ଦ୍ର ଉଦ୍‌ଘାଟନ

ଜଗତ୍‌ସିଂହପୁର, ୨୦।୪ (ପ୍ରମୋଦ ନାୟକ)

ଜଗତ୍‌ସିଂହପୁର ତିର୍ତ୍ତୋଲସ୍ଥିତ ମଣିଚରଣ ଶାରଳା ଏକାଡେମୀରେ ଖେଲୋ ଇଣ୍ଡିଆ କେନ୍ଦ୍ର ଖୋଖୋକୁ କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଆଭାସୀ ମାଧ୍ୟମରେ ଉଦ୍‌ଘାଟନ କରିଛନ୍ତି। ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଓସାନ ଭିଡିଓ କନ୍‌ଫରେନ୍ସ ହଲ୍‌ରେ ଆଭାସୀ ମାଧ୍ୟମରେ ରବିବାର ଏହି କେନ୍ଦ୍ରର ଶୁଭଉଦ୍‌ଘାଟନ ହୋଇଯାଇଛି। କାର୍ଯ୍ୟକ୍ରମରେ ଜଗତ୍‌ସିଂହପୁରର ଅତିରିକ୍ତ ଜିଲାପାଳ ଜ୍ୟୋତି ଶଙ୍କର ରାୟ, ଜିଲା ଶିକ୍ଷାଧିକାରୀ ନିରଞ୍ଜନ ବେହେରା, ଜିଲା କ୍ରୀଡ଼ା ଅଧିକାରିଣୀ ବିଶ୍ୱବିଜୟିନୀ ପଟ୍ଟନାୟକ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ, ଖୋଖୋ ପ୍ରଶିକ୍ଷକ ଦେବେନ୍ଦ୍ର ନାଥ, ବିଦ୍ୟାଳୟର ଖୋଖୋ ଛାତ୍ରୀଛାତ୍ର ଓ ଅନ୍ୟ ସମସ୍ତ କର୍ମକର୍ତ୍ତା ଯୋଗ ଦେଇଥିଲେ।

## ଲଉଡ଼ି ଖେଳ ଯାଦବ ଭାଇଙ୍କ ଭିତରେ ନିବିଡ଼ ସମ୍ପର୍କ ସୃଷ୍ଟି କରେ

### ଜିଲାସ୍ତରୀୟ କାଠି ଲଉଡ଼ି ଖେଳ

ବାଲିକୁଦା,୨୦।୪(ତାପସ ସ୍ୱାଇଁ)

ବାଲିକୁଦା ବ୍ଲକ ଅନ୍ତର୍ଗତ କଣିଆ ମା'ବରୁଣେଇଙ୍କ ପୀଠରେ ଶନିବାର ରାତିରେ ଜଗତ୍‌ସିଂହପୁର ଜିଲାସ୍ତରୀୟ କାଠି ଲଉଡି ଖେଳ ଅନୁଷ୍ଠିତ ହୋଇଯାଇଛି। କଣିଆ ଆଣ୍ଟୁଆ ଗୋପାଳ ଯାଦବ ସଂଘ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରଘୁନାଥପୁର ବ୍ଲକର ବଙ୍କଲ, ତିର୍ତ୍ତୋଲର ଅରଜଙ୍ଗ, ହରିପୁର ଏବଂ ବାଲିକୁଦାର କଣିଆ, ଖମ୍ବାକୂଳ, ବରିମୂଳର ଗୋପାଳ ଭାଇମାନେ ସାମିଲ ହୋଇ ଖେଳ ପ୍ରଦର୍ଶନ କରିଥିଲେ । ଏହି ଉପଲକ୍ଷେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ଅଳାଭର ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ବିଭୂତି ଭୂଷଣ ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ସମିତି ସଭ୍ୟ ହରିଶ୍ଚନ୍ଦ୍ର ଶତପଥୀ, ରାଜ୍ୟ ଯାଦବ ସଂଘ ସମ୍ପାଦକ କାର୍ତ୍ତିକ ବେହେରା, ଜିଲା ଯାଦବ ସଂଘ ସଭାପତି ନରେଶ ଦାସ, ବାଲିକୁଦା ବ୍ଲକ ଯାଦବ ସଂଘ ସଭାପତି ବାବାଜି ଦାସ, ବାଲିକୁଦା ପଞ୍ଚାୟତ ସରପଞ୍ଚ ରାଜକିଶୋର ସାହୁ ପ୍ରମୁଖ ଯୋଗଦେଇ ଲଉଡି ଖେଳକୁ ପ୍ରଶଂସା କରିଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ସ୍ୱାଇଁ କହିଥିଲେ, କାଠି ଲଉଡି ଖେଳ ଦ୍ୱାପର ଯୁଗରୁ ଆରମ୍ଭ ହୋଇଛି। ଯାଦବ ଭାଇମାନଙ୍କ ଭିତରେ ପରସ୍ପର ନିବିଡ଼ ସମ୍ପର୍କ, ଏକତା ଭାବ ରହିବାର ଏହା ଏକ ମାଧ୍ୟମ ବୋଲି ସେ ବକ୍ତବ୍ୟ ରଖିଥିଲେ। ଆଣ୍ଟୁଆ ଗୋପାଳ ଯାଦବ ସଂଘର ମିଟୁ ଦାସ, ରବି ଦାସ, ତପନ ଦାସ, ଅମୂଲ୍ୟ ଦାସ ପ୍ରମୁଖ ଏଥିରେ ସହାୟତା କରିଥିଲେ ।

## ଶିଳ୍ପ ମନ୍ତ୍ରୀଙ୍କୁ ଭେଟିଲେ ଓକିଲ ସଂଘ ପ୍ରତିନିଧିମଣ୍ଡଳୀ

### କୁଜଙ୍ଗର ବିକାଶ ନେଇ ଆଲୋଚନା

କୁଜଙ୍ଗ,୨୦।୪(ମନୋଜ ପ୍ରଧାନ)

କୁଜଙ୍ଗ ଓକିଲ ସଂଘର ବରିଷ୍ଠ କର୍ମକର୍ତ୍ତା ଓ ପ୍ରତିନିଧି ମଣ୍ଡଳୀ ରବିବାର ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କୁ ପାରାଦୀପସ୍ଥିତ କାର୍ଯ୍ୟାଳୟରେ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। କୁଜଙ୍ଗ ଓକିଲ ସଂଘ ସଭାପତି ଆଇନଜୀବୀ ଏଏନଡି ଯାଦବ, ସାଧାରଣ ସମ୍ପାଦକ ଆଇନଜୀବୀ ବ୍ରଜ କିଶୋର ରାଉତ, ଯୁଗ୍ମ ସମ୍ପାଦକ ଦୀପକ କୁମାର ନାୟକ, ବରିଷ୍ଠ ଆଇନଜୀବୀ ସତ୍ୟାନନ୍ଦ ବିଶ୍ୱାଳ, ଆଇନଜୀବୀ ଭାରତ ଭୂଷଣ ଦାସ, ରଶ୍ମିରଞ୍ଜନ ସାମନ୍ତରାୟ ଓ ଆଇନଜୀବୀ ପ୍ରଭାତ କୁମାର ନାଥଶର୍ମା ପ୍ରମୁଖ ମନ୍ତ୍ରୀଙ୍କୁ ଭେଟି କୁଜଙ୍ଗର ବିକାଶ ତଥା ସୁସ୍ଥ ସମାଜ ଗଠନ ନିମନ୍ତେ ଆଲୋଚନା କରିଥିଲେ। ଏହି ଅବସରରେ ସ୍ଥାନୀୟ ଅଞ୍ଚଳର କେତେକ ମୌଳିକ ସମସ୍ୟା ନେଇ ମଧ୍ୟ ଆଲୋଚନା କରିଥିଲେ। ଖୁବ୍‌ଶୀଘ୍ର ଏ ନେଇ ମାଷ୍ଟର ପ୍ଲାନ ପ୍ରସ୍ତୁତ କରାଯିବା ସହ ସ୍ୱାସ୍ଥ୍ୟସେବା, କ୍ରୀଡା, ଡ୍ରେନେଜ ଇତ୍ୟାଦି କାର୍ଯ୍ୟ ତ୍ୱରାନ୍ୱିତ କରାଯିବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି ବୋଲି ସଂଘ ପକ୍ଷରୁ କୁହାଯାଇଛି।

# ପ୍ରାକୃତିକ ବିପର୍ଯ୍ୟୟ ସମୟରେ ରେଡିଓର ଭୂମିକା ଗୁରୁତ୍ୱପୂର୍ଣ୍ଣ

## ରେଡିଓ ଆଉଟରିଚର କୃଷକ ସଚେତନତା କର୍ମଶାଳା

ଏରସମା,୨୦।୪(ଦୀପ୍ତି ଖଣ୍ଡୁଆଳ)

ବେତାର କେନ୍ଦ୍ର ରେଡିଓ ଆଉଟରିଚ ଏଫଏମ୍ ପକ୍ଷରୁ ଏରସମା ବ୍ଲକର କୁଞ୍ଜକୋଠି ପଞ୍ଚାୟତସ୍ଥିତ ଶ୍ରୀମା ଅରବିନ୍ଦ ଆଶ୍ରମ ପରିସରରେ 'କୃଷକମାନଙ୍କ ପାଇଁ ରେଡ଼ିଓର ଆବଶ୍ୟକତା' ଶୀର୍ଷକ ବିଷୟ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ରେଡିଓ ଆଉଟରିଚର କେନ୍ଦ୍ର ନିର୍ଦ୍ଦେଶକ ସୁବ୍ରତ କୁମାର ପତି ଆଲୋଚନାରେ ଯୋଗଦେଇ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ବିଭିନ୍ନ ଜରୁରିକାଳୀନ ସତର୍କ ସୂଚନା ଜନତାଙ୍କୁ ପ୍ରଦାନ କରିବା କ୍ଷେତ୍ରରେ ରେଡିଓର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଏଥିସହ ପାଣିପାଗ ସମ୍ପର୍କରେ ଆଗୁଆ ସୂଚନା ପାଇବା ପାଇଁ ଚାଷୀ ଭାଇ ଭଉଣୀମାନେ ନିୟମିତ ରେଡିଓ ଶୁଣିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଥିଲା। ଏଥିସହ ପ୍ରସାରିତ ହେଉଥିବା କୃଷି ସୂଚନା, ଅତ୍ୟାଧୁନିକ ଚାଷର କୌଶଳ, ରୋଗ ପୋକ ବିନାଶର ରାସାୟନିକ ଓ ପ୍ରାକୃତିକ ଉପାୟ ସମ୍ବନ୍ଧରେ ଅବଗତ ହେବା ପାଇଁ ପ୍ରତ୍ୟେକ ଚାଷୀ ରେଡ଼ିଓ ସହାୟତା ନେବା ଜରୁରୀ ବୋଲି ମହାବୀର କୃଷକ ସହାୟତା ଲିମିଟେଡର ମୁଖ୍ୟ କାର୍ଯ୍ୟନିର୍ବାହୀ ପ୍ରଦୀପ୍ତ ସାହୁ କହିଥିଲେ। ରଞ୍ଜନ କୁମାର ସ୍ୱାଇଁ, ପ୍ରକାଶ ପଣ୍ଡା, ସ୍ଥାନୀୟ ଅଞ୍ଚଳର କୃଷକ ସାଥି ସୁଷମା ଦାସ, ତୃପ୍ତି ରଞ୍ଜନ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



କର୍ମଶାଳାରେ ସାମିଲ ଅତିଥି ଓ ଅନ୍ୟମାନେ।

# ଅପରାଧ ପ୍ରବଣତା ଜନ୍ମ ଗତ ନୁହେଁ



ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

କୁଜଙ୍ଗ,୨୦।୪(ମନୋଜ ପ୍ରଧାନ)

କୁଜଙ୍ଗ ଉପକାରାଗାର ସମଗୋଳଠାରେ ଅନ୍ତେବାସୀଙ୍କ ଉଦ୍ଦେଶ୍ୟରେ ରବିବାର ଏକ ଆଧ୍ୟାତ୍ମିକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାରାଗାରର ଅଣ ଆନୁଷ୍ଠାନିକ ପରିଦର୍ଶିକା ତଥା ବ୍ୟାସ ଫାଉଣ୍ଡେଶନର ଅଧ୍ୟକ୍ଷା ସ୍ନେହମୟୀ ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ପୂଜ୍ୟ ପୂଜକ ବାବା ବଳିଆଙ୍କ ପଟ୍ଟଶିଷ୍ୟ ତଥା ଆନ୍ତର୍ଜାତିକ ଗୀତା ମିଶନର ସଭାପତି ଡ. ଚିଦାନନ୍ଦ ବ୍ରହ୍ମଚାରୀ ଯୋଗଦେଇ ଜେଲ ପରିସରରେ ଅନ୍ତେବାସୀଙ୍କ ମାନସିକ ସୁଧାର ଆଣିବା ପାଇଁ 'ଜୀବନ ଜିଇଁବାର ରାହା' ଶୀର୍ଷକ ବିଷୟ ଉପରେ ଆଲୋଚନା କରିଥିଲେ। ସେ କହିଥିଲେ, ଅପରାଧ ପ୍ରବଣତା ଜନ୍ମଗତ ନୁହେଁ। କୁସଂଗ, କୁପରିବେଶ, କୁଚିନ୍ତନ ଦ୍ୱାରା ଜଣେ ଅପରାଧ କରି ବସେ। ଆମ ଦେଶ ହେଉଛି ଋଷି ପରମ୍ପରାର ଦେଶ। ଆମ ସଂସ୍କୃତିର ପ୍ରଭାବରେ ଦସ୍ୟୁ ରତ୍ନାକର ମଧ୍ୟ ବାଲ୍ମୀକି ହୋଇପାରିଥିଲେ। ଜୀବନରେ ସତସଙ୍ଗ ଓ ସଦ୍ ଗ୍ରନ୍ଥ ପଠନ ଦ୍ୱାରା ପରିବର୍ତ୍ତନ ଆସିଥାଏ ବୋଲି ଚିଦାନନ୍ଦ କହିଥିଲେ। ଅନ୍ୟ ମଞ୍ଚାସୀନ ଅତିଥି ଭାବେ ପ୍ରାକ୍ତନ ଏମ୍‌ପି ଡାକ୍ତର କୁଳମଣି ସାମଲ, ବ୍ୟାସବିଷ୍ଣୁ ସ୍ନେହା ଲୟର ସଭାପତି ଡ଼. ସିଦ୍ଧେଶ୍ୱର ପଣ୍ଡା ଉପସ୍ଥିତ ଥିଲେ। ବ୍ୟାସ ଫାଉଣ୍ଡେଶନର ଉପସଭାପତି ରଶ୍ମିତା ନାୟକ, ସଭ୍ୟ ବିପିନ ମାଝୀ, ଏମ୍‌ଏସ୍ ରାଜନ, ସାମାଜିକ କର୍ମୀ ମଣିଶଙ୍କର ପରିଡ଼ା, ଉପ କାରାଗାରାର ସ୍ୱାସ୍ଥ୍ୟ ପରୀକ୍ଷକ ଶ୍ରୀନିବାସ ଦାଶ ପ୍ରମୁଖ କାର୍ଯ୍ୟକ୍ରମରେ ସହଭାଗିତା କରିଥିଲେ। ଏହି ଅବସରରେ ସ୍ୱାମୀ ଚିଦାନନ୍ଦ ବ୍ରହ୍ମଚାରୀ ଜେଲ ଅନ୍ତେବାସୀଙ୍କୁ 'ବଳିଆ କଥାମୃତ' ଶୀର୍ଷକ ଆଧ୍ୟାତ୍ମିକ ପୁସ୍ତକ ବଣ୍ଟନ କରିଥିଲେ। ଡା. କୁଳମଣି ସାମଲ ଅନ୍ତେବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ପାରାଦୀପର ଶ୍ରମିକ ନେତା ତଥା ଯୁବ ସାମାଜିକ କର୍ମୀ ରାକେଶ ପଟ୍ଟନାୟକ ଜେଲ ଅନ୍ତେବାସୀଙ୍କ ନିମନ୍ତେ ୫ ସିଲିଂ ଫ୍ୟାନ ପ୍ରଦାନ କରିଥିଲେ। କାରାଗାରର ଅଧୀକ୍ଷକ ଇନ୍ଦ୍ରଜିତ ବିଶ୍ୱାଳ ଓ ଅନ୍ୟ ସହଯୋଗୀମାନେ ଏଥିରେ ସହାୟତା କରିଥିଲେ।

# ବନ୍ଦ ଘରୁ ନାବାଳକଙ୍କ ମୃତଦେହ ଜବତ

## ସାବତ ମାଆର ଯନ୍ତ୍ରଣା ଯୋଗୁ ଆତ୍ମହତ୍ୟା କରିଥିବା ଚର୍ଚ୍ଚା

ପାରାଦୀପ,୨୦।୪(ଶରତ ରାଉତ)

ପାରାଦୀପ ଲକଥାନା ଅନ୍ତର୍ଗତ ନିମିଡି ଗ୍ରାମରେ ରବିବାର ସନ୍ଧ୍ୟାରେ ଏକ ଅଭାବନୀୟ ଘଟଣା ଘଟିଛି। ମାଟ୍ରିକ ପରୀକ୍ଷା ଦେଇଥିବା ଜଣେ ନାବାଳକଙ୍କ ମୃତଦେହକୁ ବନ୍ଦ ଘରୁ ଜବତ କରାଯାଇଛି। ପାରିବାରିକ ଅଶାନ୍ତି ଯୋଗୁ ସମ୍ପୃକ୍ତ ନାବାଳକ ଆତ୍ମହତ୍ୟା କରିଥିବା କୁହାଯାଇଛି। ମୃତକ ହେଲେ ନିରଞ୍ଜନ ପଲେଇଙ୍କ ପୁଅ ରାଜା (୧୫)। ତାଙ୍କୁ ଏକ ରଶି ସାହାଯ୍ୟରେ ଘର ପଙ୍ଖାରେ ଝୁଲୁଥିବା ଅବସ୍ଥାରେ ପରିବାର ଲୋକେ ଦେଖି ବିଜୁ ମେମୋରିଆଲ ହସପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ରାଜାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏନେଇ ଲକ୍‌ଥାନା ପୋଲିସ ତଦନ୍ତ ଆରମ୍ଭ କରିଛି। ପ୍ରାଥମିକ ତଦନ୍ତରୁ ଜଣାପଡିଛି ଯେ, ସାବତ ମାଆର ମାନସିକ ନିର୍ଯାତନା ଯୋଗୁ ରାଜା ଏପରି ଚରମ ପଦକ୍ଷେପ ନେଇଥିବା ଆଶଙ୍କା କରାଯାଉଛି।

କିଛି ଦିନ ତଳେ ନିରଞ୍ଜନଙ୍କ ପ୍ରଥମ ସ୍ତ୍ରୀଙ୍କ ପରଲୋକ ହୋଇଥିଲା। ତାଙ୍କ ୨ ପୁଅ ଓ ଗୋଟିଏ ଝିଅ ଥିବା ସତ୍ତ୍ୱେ ସେ ଦ୍ୱିତୀୟ ବିବାହ କରିଥିଲେ। ଦ୍ୱିତୀୟ ସ୍ତ୍ରୀଙ୍କଠାରୁ ମଧ୍ୟ ଆଉ ଏକ ପୁତ୍ର ସନ୍ତାନ ଜନ୍ମ ହୋଇଛି। ଘରେ ବିଭିନ୍ନ କାରଣରୁ ସବୁବେଳେ ଅଶାନ୍ତି ଲାଗି ରହୁଥିଲା। ଦୁଇ ମାସ ତଳେ ରାଜାଙ୍କ ଭଉଣୀ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ଏବେ ଭଉଣୀଙ୍କ ଭଳି ରାଜା ମଧ୍ୟ ଆତ୍ମହତ୍ୟା କରିଥିବା ଚର୍ଚ୍ଚା ହେଉଛି। ଏନେଇ ପୋଲିସ ନିରଞ୍ଜନ ଓ ତାଙ୍କ ଦ୍ୱିତୀୟ ସ୍ତ୍ରୀଙ୍କୁ ପଚରାଉଚରା କରୁଛି।

झारखण्ड सरकार
आदिवासी कल्याण आयुक्त कार्यालय, झारखण्ड, राँची
स.स. - 03/छात्रावास पोषण योजना (निविदा) - 01/2024-961 दिनांक:20.04.2025
सूचना (Corrigendum)
इस कार्यालय के पत्रांक - 847, दिनांक: 29.03.2025 एवं Corrigendum के पत्रांक - 864, दिनांक: 03.04.2025 द्वारा छात्रावास पोषण योजना 2024 के अन्तर्गत कल्याण विभाग के अधीन छात्रावासें का संचालन/प्रबंधन हेतु गैर सरकारी संस्थाओं/ट्रस्ट/कम्पानी/स्वयं सहायता समूह (NRLM द्वारा गठित) को सूचीबद्ध करने के निमित्त इच्छा की अभिव्यक्ति प्रस्ताव प्राप्त करने हेतु PR No.- 349587 के द्वारा समाचार पत्रों में सूचना एवं jharkhandtenders.gov.in पोर्टल पर दिनांक: 31.03.2025 को निविदा Tender ID संख्या: 2025_WELFR_9920_1 प्रकाशित की गई थी।
2. उक्त प्रकाशित निविदा के अन्तर्गत इच्छा की अभिव्यक्ति प्रस्ताव ऑनलाईन समर्पित करने की अंतिम तिथि - 21.04.2025 निर्धारित है।
3. उक्त अंतिम निर्धारित तिथि को संशोधित करते हुए दिनांक - 26.04.2025 तक ऑनलाईन निविदा को समर्पित करने की अंतिम तिथि को विस्तारित की जाती है।
4. निविदा प्रारूप की शेष कंडिकाएँ यथावत रहेंगी।
आदिवासी कल्याण आयुक्त
PR 350669 (Schedule Tribe, Schedule Caste, Minority and Backward Class Welfare Department) 25-26 (D)

# ଶ୍ରମିକଙ୍କ ବ୍ୟକ୍ତିଗତ ସ୍ୱାଧୀନତା, ସାମ୍ବିଧାନିକ ଅଧିକାରକୁ କ୍ଷୁଣ୍ଣ କରା ନ ଯାଉ

- ଓଡ଼ିଶା ନିର୍ମାଣ ଶ୍ରମିକ ୟୁନିୟନ ତାରପୁର ଆଞ୍ଚଳିକ କମିଟିର ବାର୍ଷିକ ସମ୍ମିଳନୀ
- ମେ ୨୦ ଧର୍ମଘଟରେ ଯୋଗଦେବାକୁ ଆହ୍ୱାନ

ରଘୁନାଥପୁର,୨୦।୪
(ରାଜେନ୍ଦ୍ର ନାରାୟଣ ସିଂହ)

ଓଡ଼ିଶା ନିର୍ମାଣ ଶ୍ରମିକ ୟୁନିୟନ ସିଆଇଟିୟୁ ତାରପୁର ଆଞ୍ଚଳିକ କମିଟିର ବାର୍ଷିକ ସମ୍ମିଳନୀ ରଘୁନାଥପୁର ବ୍ଲକ ତାରପୁରସ୍ଥିତ ବାନାମ୍ବର ମହାଦେବ ମନ୍ଦିର ପ୍ରାଙ୍ଗଣରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ କମିଟିର ସଭାପତି ଅକ୍ଷୟ କୁମାର ଓଝା ପୌରୋହିତ୍ୟ କରିଥିଲେ। ଏଥିରେ ରାଜ୍ୟ ସାଙ୍ଗଠନିକ ସମ୍ପାଦକ ଆଇନଜୀବୀ ସୁରେଶ ଚନ୍ଦ୍ର ରାଉତରାୟ ମୁଖ୍ୟ ଅତିଥିଭାବେ ଯୋଗଦେଇ କେନ୍ଦ୍ର ସରକାରଙ୍କ କମ୍ପାନୀ ପ୍ରୀତିକୁ ବିରୋଧ କରିଥିଲେ। ଶ୍ରମିକଙ୍କ ବ୍ୟକ୍ତିଗତ ସ୍ୱାଧୀନତା ଓ ସାମ୍ବିଧାନିକ ଅଧିକାରକୁ କ୍ଷୁଣ୍ଣ କରା ନ ଯାଉ ବୋଲି ମତବ୍ୟକ୍ତ କରିଥିଲେ। ନିର୍ମାଣ ଶ୍ରମିକ ଦେଶର ମେରୁଦଣ୍ଡ ସଦୃଶ ଏବଂ ସେମାନଙ୍କର ଉନ୍ନତି ହେଲେ ଦେଶର ପ୍ରଗତି ସମ୍ଭବ ବୋଲି ରାଉତରାୟ ପ୍ରକାଶ କରିଥିଲେ। ସେହିପରି କେନ୍ଦ୍ର ସରକାରଙ୍କ ପକ୍ଷରୁ ପୂର୍ବରୁ ଥିବା ଶ୍ରମ ଆଇନକୁ ଉଚ୍ଛେଦ କରାଯାଇ ଏକକ ଭାବେ ଦେଶରେ ୪ ଶ୍ରମ କୋଡ୍ ନୀତି ପ୍ରଚଳନକୁ ସିଆଇଟିୟୁ ରାଜ୍ୟ କାର୍ଯ୍ୟକାରୀ ସଭାପତି ତଥା କଲ୍ୟାଣ ବୋର୍ଡର ସଭ୍ୟ ଲୋଭାକାନ୍ତ ସ୍ୱାଇଁ ମୁଖ୍ୟବକ୍ତା ଭାବେ ଯୋଗଦେଇ ବିରୋଧ କରିଥିଲେ। ଏହାକୁ ବାତିଲ କରିବା ପାଇଁ ସେ ଦାବି ରଖିବା ସହ ଶ୍ରମିକଙ୍କ ସ୍ୱାର୍ଥ ରକ୍ଷା ଲାଗି ୧୭ ଦଫା ଦାବି ନେଇ ଆସନ୍ତା ମେ' ୨୦ରେ ହେବାକୁ ଥିବା ଧର୍ମଘଟରେ ସାମିଲ ହେବାକୁ ଶ୍ରମିକମାନଙ୍କୁ ଆହ୍ୱାନ ଦେଇଥିଲେ। କେବଳ ଶ୍ରମିକ ନୁହେଁ, କୃଷକ ଓ ମଧ୍ୟବିତ୍ତଙ୍କ ଜୀବନ ଜୀବିକାର ପରିପନ୍ଥୀ ସାଜିଥିବା ଦରଦାମ, ବେକାରି, ସରକାରଙ୍କ ନୂତନ ଜଳନୀତି, ଜାତୀୟ ପାଇପଲାଇନ, ଖଣି ଖାଦାନ ଆଦିକୁ ଘରୋଇକରଣ କରି ନିର୍ଦ୍ଦିଷ୍ଟ କେତେଜଣ ବ୍ୟକ୍ତିଙ୍କ ହାତକୁ ଟେକିଦେବା ଗଣତାନ୍ତ୍ରିକ ରାଷ୍ଟ୍ର ପ୍ରତି ବିପଦ ବୋଲି କଲ୍ୟାଣ ବୋର୍ଡରେ ସଭ୍ୟ ସ୍ୱାଇଁ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ଓଡ଼ିଶା କୃଷକ ସଭାର ଜିଲା ଆବାହକ ଗଣେଶ ଚନ୍ଦ୍ର ମାଣିଆ, ସିଆଇଟିୟୁ ଜିଲା ସମ୍ପାଦକ ଶରତ କୁମାର ବେହେରା ଓ ସହ ସମ୍ପାଦକ ସଞ୍ଜୟ କୁମାର ପରିଡା, ଓଡିଶା ନିର୍ମାଣ ଶ୍ରମିକ ୟୁନିୟନର ଯୁଗ୍ମ ସମ୍ପାଦକ ପ୍ରଫୁଲ୍ଲ କୁମାର ନାୟକ, କର୍ମକର୍ତ୍ତା ପ୍ରତାପ ସୂତାର ଓ ରମେଶ ବେହେରା ପ୍ରମୁଖ ଯୋଗଦେଇଥିଲେ। ସେମାନେ ତାଙ୍କ ବକ୍ତବ୍ୟରେ ୧୯୨୬ରେ ବ୍ରିଟିଶ ସରକାରଙ୍କ ଅମଳରୁ ଆରମ୍ଭ ହେଇଥିବା ଟ୍ରେଡ୍ ୟୁନିୟନ ଆଇନକୁ ବନ୍ଦ କରି ଶ୍ରମିକଙ୍କ ସ୍ୱାର୍ଥ ସହ ନ ଖେଳିବାକୁ ମତ ରଖିଥିଲେ। ଆଞ୍ଚଳିକ କମିଟିର ଦିବଙ୍ଗତ ସଭାପତି ଧନେଶ୍ୱର ରାଉତଙ୍କ ବିୟୋଗରେ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା।

ଏହି ଅବସରରେ ସଙ୍ଗଠନର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଅକ୍ଷୟ କୁମାର ଓଝା ସଭାପତି, ସଚ୍ଚିକାନ୍ତ ମହାରଣା ଓ ପ୍ରଶାନ୍ତ ମହାନ୍ତି ଉପସଭାପତି, ସଞ୍ଜୟ କୁମାର ପରିଡା ସମ୍ପାଦକ, ବେବିନା ନାୟକ ସହସମ୍ପାଦିକା ଓ କୋଷାଧ୍ୟକ୍ଷ ଭାବେ ଯୁଗଳ ବାରିକଙ୍କୁ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଥିଲା। ଏହାଛଡା ୧୦ ଜଣ ବ୍ୟକ୍ତି କମିଟିର ସଦସ୍ୟ ଭାବରେ ରହିଥିଲେ। ଶେଷରେ ପ୍ରଶାନ୍ତ କୁମାର ପରିଡା ଧନ୍ୟବାଦ ଦେଇଥିଲେ।


ସମ୍ମିଳନୀରେ ଯୋଗଦେଇଥିବା ଶ୍ରମିକ ୟୁନିୟନର ନେତୃମଣ୍ଡଳୀ।

# ସରକାରୀ ଓକିଲ, ବନ, ଅବକାରୀ ବିଭାଗ ଅଧିକାରୀଙ୍କ ଆଇନ ସଚେତନତା କାର୍ଯ୍ୟକ୍ରମ

ଜଗତ୍‌ସିଂହପୁର, ୨୦।୪
(ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ଜିଲା ଆଇନ ସେବା ପ୍ରାଧିକରଣ ତରଫରୁ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଜିଲା ଅଦାଲତର ସମ୍ମିଳନୀ କକ୍ଷରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଭାରତୀୟ ନାଗରିକ ସୁରକ୍ଷା ସଂହିତା, ୨୦୨୩ରେ ଥିବା ବିଭିନ୍ନ ବ୍ୟବସ୍ଥା ସମ୍ପର୍କରେ କାର୍ଯ୍ୟକ୍ରମରେ ଆଲୋଚନା ହୋଇଥିଲା। ସରକାରୀ ଓକିଲ, ବନ ଏବଂ ଅବକାରୀ ବିଭାଗର ଅଧିକାରୀମାନେ ଏଥିରେ ସାମିଲ ହୋଇଥିଲେ। ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ଶ୍ରୀନିବାସ ପ୍ରତିହାରୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ଜଜ ହର ପ୍ରସାଦ ପଟ୍ଟନାୟକ, ପୋକ୍ସୋ ଅଦାଲତ ବିଚାରପତି ଗାର୍ଗୀ ପଟ୍ଟନାୟକ, ବିଚାର ବିଭାଗୀୟ ମୁଖ୍ୟ ମାଜିଷ୍ଟ୍ରେଟ ନୀଳିମା ପଣ୍ଡା, ପ୍ରାଧିକରଣର ସଚିବ ବିଡିଡି ଚନ୍ଦନା, ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସଦକ କାଟଜେ ଏବଂ ଅଙ୍କିତ ଦେୱାଙ୍ଗନ ମଞ୍ଚାସୀନ ଥିଲେ। ଅଧ୍ୟକ୍ଷ ପ୍ରତିହାରୀ ଅଦାଲତରେ ଅବକାରୀ ମାମଲା କିପରି ପରିଚାଳନା କରାଯାଏ ଏବଂ ମୋକଦ୍ଦମା ପରିଚାଳନାରେ ତଦନ୍ତକରି ସଂସ୍ଥାର କର୍ତ୍ତବ୍ୟ ବିଷୟରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଭାବେ ଅତିରିକ୍ତ ଜିଲା ଜଜ୍ ପଟ୍ଟନାୟକ ଯୋଗଦେଇ ଏଫଆଇଆର୍, ଜିରୋ ଏଫ୍‌ଆଇଆର୍ ସମେତ ମକଦ୍ଦମା ପରିଚାଳନା ଓ ଅନ୍ୟାନ୍ୟ ଆଇନ୍‌ଗତ ଦିଗ ଉପରେ ସୂଚନା ଦେଇଥିଲେ। ଅନ୍ୟତମ ବକ୍ତାଭାବେ ଉପ ମୁଖ୍ୟ ଆଇନ ସହାୟତା ପ୍ରତିରକ୍ଷା ଓକିଲ ଧୀରେନ୍ଦ୍ରନାଥ ଆଚାର୍ଯ୍ୟ ଆଇନ ସେବା ପ୍ରାଧିକରଣ ଜରିଆରେ ବନ୍ଦୀଙ୍କୁ କିପରି ଆଇନ ସେବା ଦିଆଯାଏ ସେସମ୍ପର୍କରେ ଅବଗତ କରାଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଆଇନ ସହାୟତା ପ୍ରତିରକ୍ଷା ଓକିଲ ଉପସ୍ଥିତ ଥିଲେ। ଏହାକୁ ଜିଲା ଆଇନ ସେବା ପ୍ରାଧିକରଣ ସଚିବ ଚନ୍ଦନା ପରିଚାଳନା କରିଥିଲେ।

GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER
SAMBALPUR IRRIGATION DIVISION, SAMBALPUR
E-mail id: sidsambalpur@gmail.com
e-Procurement Notice No. SESID-01/2025-26
Bid Identification No. SESID-01 (01-28)/2025-26
No. 1485 Date: 10.04.2025
No. A-38: Bid documents consisting of work, estimated amount put to tender, cost of tender paper, EMD, time of completion, class of contractor, the set of terms & conditions of contract and other necessary documents can be seen in e-procurement portal https://tendersodisha.gov.in complete online process only.

| | | | |
|---|---|---|---|
| 1. | Nature of Works | : | Canal Works |
| 2. | Nos. of Works | : | 28 Nos. |
| 3. | Bid Identification No. | : | SESID-01 (01-28)/2025-26 |
| 4. | Estimated Cost | : | 8.45 - 31.78 Lakhs |
| 5. | Earnest Money Deposit | : | Referred to DTCN |
| 6. | Cost of Tender Paper | : | Referred to DTCN |
| 7. | Period of Completion | : | Referred to DTCN |
| 8. | Date and Time of availability of Bid Document in the portal | : | Dt.23.04.2025 at 11.00 A.M. to Dt.02.05.2025 upto 17.00 P.M. |
| 9. | Last Date/Time for receipt of Bids in the portal | : | Dt.02.05.2025 upto 17.00 P.M. |
| 10. | Date of Bid Opening | : | Dt.03.05.2025 at 11.00 A.M. |
| 11. | Clarification seeking date | : | Dt.23.04.2025 at 11.00 A.M. to Dt.02.05.2025 upto 17.00 P.M. |
| 12. | Date of Lottery (if required) | : | To be intimated later |
| 13. | Name and Address of the Officer Inviting Bid | : | Superintending Engineer, Sambalpur Irrigation Division, Sambalpur, At/P.O.: Khetrajpur - 768003, Dist.: Sambalpur Email Id: sidsambalpur@gmail.com |

Further details can be seen from the e-procurement portal https://tendersodisha.gov.in. Any addendum/corrigendum/cancellation of tender can also be seen in said website.
Sd./- Superintending Engineer
Sambalpur Irrigation Division, Sambalpur
OIPR-32530/11/0004/2526

# ସୀତାଠାବ, ରାବଣର ଛତ୍ର ଛେଦନ

## ଦଶପଲ୍ଲା ଲଙ୍କାପୋଡି ଯାତ୍ରା

ଦଶପଲ୍ଲା,୨୦।୪(ପ୍ରକାଶ କୁମାର ପାଣି)


ଶୋଭା ପାଉଥିବା ପୁଷ୍ପକ ବିମାନ।

ଦଶପଲ୍ଲାରେ ଚାଲିଥିବା ପ୍ରସିଦ୍ଧ ଲଙ୍କାପୋଡ଼ି ଯାତ୍ରାର ରବିବାର ସୀତା ଠାବ ଏବଂ ରାବଣର ଛତ୍ର ଛେଦନ । ପୂର୍ବାହ୍ନ ରେ ମନ୍ଦିର ପରିସରରେ ପୂଜା ନୀତି ଅନୁଷ୍ଠିତ ହେବା ପରେ ରାତିରେ ରଙ୍ଗମଞ୍ଚ ରେ ରାମଲୀଳା ପରିବେଷଣ ହୋଇଥିଲା। ଆଜିର ଦିବସଟି ମୁଖ୍ୟତଃ ସୁନ୍ଦରାକାଣ୍ଡ ଓ ମହାବୀର ବଜରଙ୍ଗବାଲିଙ୍କ ଉପରେ ଥିଲା। ବର୍ଷାଋତୁ ସମାପନ ହେବାପରେ ମହାରାଜା ସୁଗ୍ରୀବ,ମା ସୀତାଙ୍କ ସନ୍ଧାନ ନିମନ୍ତେ କୌଣସି ଆଗ୍ରହ ନ ଦେଖାଇବାରୁ ଶ୍ରୀରାମଙ୍କ ଆଦେଶରେ ଲକ୍ଷ୍ମଣ କିଷ୍କିନ୍ଧା ନଗରକୁ ଗମନ କରନ୍ତି । ସୁରାସାକିରେ ଲିପ୍ତ ସୁଗ୍ରୀବଙ୍କୁ ଲକ୍ଷ୍ମଣ ଉଚିତ ଶିକ୍ଷା ଦେବାପରେ ସେ ରାମଚନ୍ଦ୍ରଙ୍କ ନିକଟକୁ ଆସି ମା'ସୀତାଙ୍କ ସନ୍ଧାନ ନିମନ୍ତେ ଯୋଜନା କରିଛି ବୋଲି ପ୍ରକାଶ କରନ୍ତି । ଚାରି ଦିଗକୁ ୪ ଦଳ ସେନା ପ୍ରେରଣ କରିନ୍ତି । ମାତ୍ର ରାବଣ ମା'ସୀତାଙ୍କୁ ନେଇ ଦକ୍ଷିଣକୁ ଗମନ କରିଥିବା ହେତୁ ଦକ୍ଷିଣ ଦିଗକୁ ଯୁବରାଜ ଅଙ୍ଗଦଙ୍କ ନେତୃତ୍ୱରେ ବଛାବଛା ଅଷ୍ଟମଲ୍ଲଙ୍କୁ ପ୍ରେରଣ କରନ୍ତି । ସେମାନଙ୍କ ମଧ୍ୟରେ ହନୁମାନ, ଅଙ୍ଗଦ, ଗବୟ, ଗବାକ୍ଷ ନଳ,ନୀଳ,ଜାମ୍ବବ,ଶୁଷେଣ ଆଦି ପ୍ରଧାନ। ସେମାନେ ବାଟରେ ବହୁ ବିଧାବିଘ୍ନ ଅତିକ୍ରମ କରି ସମୁଦ୍ର ତଟକୁ ଗମନ କରନ୍ତି। ବାଟରେ ପକ୍ଷୀରାଜ ସଂପାତି ଆକ୍ରମଣର ଶିକାର ହୋଇ ପର୍ବତ କ୍ରୋଡରରେ ନିପତିତ ହୋଇଥିଲେ। ମାତ୍ର ଅଷ୍ଟମଲ୍ଲଙ୍କଠାରୁ ଶ୍ରୀରାମ କଥା ଶ୍ରବଣ କରିବାରୁ ତାଙ୍କ ପକ୍ଷ କଅଁଳି ଉଠିବାରୁ ସେ ଅଷ୍ଟବୀରଙ୍କ ପରିଚୟ ପାଆନ୍ତି ଓ ଆପଣାର ଭାଇ ଜଟାୟୁଙ୍କ ନିଧନ ଖବର ପାଇ ଶୋକବ୍ୟକ୍ତ କରନ୍ତି । ସେ ଅଷ୍ଟମଲ୍ଲଙ୍କୁ ଆପଣାର ପୃଷ୍ଠରେ ବସାଇ ଲଙ୍କା ଦର୍ଶନ କରାନ୍ତି । ମହା ସମୁଦ୍ରକୁ ଡେଇଁ ମାତା ସୀତାଙ୍କୁ ଠାବ କରିବା ଏକ କଷ୍ଟକର ବ୍ୟାପାର ଥିଲା । ଏହି କାର୍ଯ୍ୟକୁ ସଂପାଦନ କରିବାକୁ ହନୁମାନଙ୍କୁ ଜାମ୍ବବାନ ପରାମର୍ଶ ଦିଅନ୍ତି ଏବଂ ଚୈକି ମହାମୁନୀଙ୍କଠାରୁ ପାଇଥିବା ମୁନିଶାପ ଖଣ୍ଡନ କରାଇ ହନୁମାନଙ୍କ ବଳ ଓ ସାମର୍ଥ୍ୟ ମନେପକାଇ ଦିଅନ୍ତି । ହନୁମାନ ସମୁଦ୍ର ଲଂଘନ କରନ୍ତି। ବାଟରେ ସଂହିକା ଅସୁରୀକୁ ବଧ କରନ୍ତି ଓ ନାଗମାତା ସୁରସାଙ୍କ କବଳରୁ ଶ୍ରୀ ହନୁମାନଙ୍କୁ ତାଙ୍କର ବୀରତ୍ୱ ଓ ବୁଦ୍ଧି ବଳର ପରୀକ୍ଷା ଦେଇ ଲଙ୍କା ଗମନ କରନ୍ତି । ସନ୍ଧ୍ୟା ସମୟରେ ଗୋରୁପଲ ଭିତରେ ପସି ଲଙ୍କା ନଗରରେ ପ୍ରବେଶ କରନ୍ତି । ମାତ୍ର ସେଠାରେ ଲଙ୍କଦେବୀ ତାଙ୍କ ପଥରୋଧ କରିବାରୁ ହନୁମାନ ତାଙ୍କୁ ବ୍ରହ୍ମ ଚାପଡ଼ା ମାରନ୍ତି । ଲଙ୍କଦେବୀ ରାବଣ ବଧ ସମୟ ଆସିଗଲା ବୋଲି ଜାଣି ରାବଣକୁ ସ୍ୱପ୍ନାଦେଶ କରି ଚାଲିଯାଆନ୍ତି । ଶ୍ରୀ ହନୁମାନ ଏଣେ ତେଣେ ବୁଲି, ଶେଷରେ ଅଶୋକ ବନରେ ସୀତାମାତାଙ୍କ ଠାବ କରନ୍ତି ଓ ଶ୍ରୀରାମଙ୍କ ମୁଦ୍ରିକା ମାତା ସୀତାଙ୍କୁ ଦେଇ ବାହୁଡା ସନ୍ତକ ନେଇ ଫେରିବା ପୂର୍ବରୁ ରାବଣକୁ ଉଚିତ ଶିକ୍ଷା ଦେବା ନିମନ୍ତେ ମଧୁବନ ତୋଟାକୁ ଭାଙ୍ଗିରୁଜି ନଷ୍ଟ କରିଦିଅନ୍ତି । ପ୍ରହରୀ ମାନଙ୍କୁ ଦଳି ମକଚି ମାରିଦେବାରୁ ରାବଣର ସାନପୁଅ ଅକ୍ଷୟ କୁମାର ଆସି ଯୁଦ୍ଧ କରେ। ମାତ୍ର ସେ ହନୁମାନଙ୍କ ହାତରେ ନିଧନ ହେବା ପରେ ରାବଣର ବଡ଼ପୁତ୍ର ଇନ୍ଦ୍ରଜିତ ଆସି ନାଗଫାଶ ବନ୍ଧରେ ହନୁମାନଙ୍କୁ ବନ୍ଧନ କରି ରାବଣ ଦରବାରରେ ଉପସ୍ଥିତ କରାଏ । ରାବଣ ହନୁମାନଙ୍କୁ ଉଚିତ ଦଣ୍ଡ ବିଧାନ କରିବା ନିମନ୍ତେ ତାହାଙ୍କ ଲାଙ୍ଗୁଡ଼ରେ ଲମ୍ବାକନା ଗୁଡ଼ାଇ ତୈଳ ପକାଇ ଅଗ୍ନି ସଂଯୋଗ କରେ। ଏଥିଅନ୍ତେ ହନୁମାନ ଲଙ୍କାଗଡର ଘରକୁ ଘର ଡେଇଁ ସମଗ୍ର ଲଙ୍କାପୁରିକୁ ଧ୍ୱଂସ କରି ଫେରି ଆସନ୍ତି ଓ ପ୍ରଭୁ ରାମଚନ୍ଦ୍ରଙ୍କୁ ମାତା ସୀତାଙ୍କ ବାର୍ତ୍ତା ପ୍ରଦାନ କରନ୍ତି । ଏଥିଅନ୍ତେ ରାମଚନ୍ଦ୍ର ଆପଣାର ବାନର ସେନା ସହ , ସମୁଦ୍ର ତଟକୁ ଯାଇ ସେତୁବନ୍ଧ ବାନ୍ଧନକରି ଲଙ୍କା ଗମନ କରନ୍ତି। ଏ ସମୟରେ ରାବଣର ଦ୍ୱାରା ତିରସ୍କୃତ ହୋଇ ବିଭିଷଣ ଶ୍ରୀରାମ ଚନ୍ଦ୍ରଙ୍କ ଶରଣାପର୍ଣ୍ଣ ହୁଅନ୍ତି । ରାମଚନ୍ଦ୍ର ସମୁଦ୍ର ଲଘିଁ ସୁବଳୟା ପର୍ବତରେ ଅବସ୍ଥାନ କରିଥିବା ବେଳେ ରାବଣ ପୁଷ୍ପକ ଯାନରେ ବସି ସେନାର ଗଣନା କରୁଥିବା ବେଳେ ଶ୍ରୀରାମଚନ୍ଦ୍ର ରାବଣ ପୁଷ୍ପକ ବିମାନର ଛତ୍ର ଛେଦନ କରି ଉଚିତ ଶିକ୍ଷା ଦିଅନ୍ତି । ଏହି ନୀଳାଭିନୟଟି ମହାବୀର କ୍ଷେତ୍ରର ଗଣେଶବଜାର ଠାରେ ଅତ୍ୟନ୍ତ ମାର୍ମୀକ ଓ ଜୀବନ୍ତ ଭାବେ ଅଭିନୀତ ହୋଇଥିଲା ।

# ଡିଏଭି ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ


ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥିଙ୍କ ସହ ଛାତ୍ରୀମାନେ।

ନୟାଗଡ଼,୧୯।୪(ଲୋକନାଥ ମିଶ୍ର)

ନୟାଗଡ଼ ଡିଏଭି ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ ଶନିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ଅଧ୍ୟକ୍ଷ ସରୋଜ କୁମାର ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ନୟାଗଡ଼ର ବିଧାୟକ ଅରୁଣ କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବା ବେଳେ ବିଦ୍ୟାଳୟ ପରିଚାଳନା କମିଟିର ଚେୟାରମ୍ୟାନ ହେମନ୍ତ କୁମାର ପାଢ଼ୀ ନିମନ୍ତ୍ରିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ମ୍ୟାନେଜର ବିପିନ କୁମାର ସାହୁ ପ୍ରାରମ୍ଭିକ ସୂଚନା ଦେବା ପରେ ଡ଼ିଏଭି ଅନୁଷ୍ଠାନର ପ୍ରତିଷ୍ଠାତା ମହାତ୍ମା ହଂସରାଜଙ୍କ ଜନ୍ମଦିନରେ ତାଙ୍କୁ ପୁଷ୍ପମାଲ୍ୟ ସହିତ ଅର୍ଘ୍ୟ ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମର ଆରମ୍ଭରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସରୋଜ କୁମାର ମିଶ୍ର ସ୍ୱାଗତ ଭାଷଣ ଦେବା ସହିତ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ଗତବର୍ଷଦଶମ ଶ୍ରେଣୀରେ ବିଦ୍ୟାଳୟର ପ୍ରଥମ ଅଭିଷେକ ଜେନା, ଦ୍ୱିତୀୟ ପ୍ରୀତିଶିଖା ପଡ଼ିହାରୀ ଓ ତୃତୀୟ ଶ୍ରୀଜା ସ୍ୱୀକୃତି ସାହୁ, ଅଷ୍ଟମ ଶ୍ରେଣୀର ପ୍ରଥମ ସ୍ଥାନ ଅଧିକାର କରିଥିବା ଆତ୍ମଜା ସାହୁଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଏଥିସହିତ ଦଶମ ଶ୍ରେଣୀର ସଂସ୍କୃତ ବିଷୟରେ ଶତପ୍ରତିଶତ ନମ୍ବର ରଖିଥିବା ୭ଜଣ ଛାତ୍ରୀଛାତ୍ରଙ୍କୁ ପଦକ ପ୍ରଦାନ କରାଯାଇଥିଲା। ସଂସ୍କୃତ ବିଷୟର ବରିଷ୍ଠ ଶିକ୍ଷୟିତ୍ରୀ ସସ୍ମିତା ପଟ୍ଟନାୟକ ଙ୍କୁ ଶିକ୍ଷାଦାନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପୁରସ୍କୃତ କରାଯାଇଥିଲା। ସ୍କାଉଟ ଓ ଗାଇଡ଼ କ୍ୟାମ୍ପରେ ବିଭିନ୍ନ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ହୋଇଥିବା ଦଳଗତ ଛାତ୍ରୀଛାତ୍ରଙ୍କୁ ପଦକ ପ୍ରଦାନ କରାଯାଇଥିଲା । ସେହିଭଳି ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପଦର୍ଶିତ କରାଯାଇଥିଲା। ବରିଷ୍ଠ ଶିକ୍ଷୟିତ୍ରୀ ମମତା ରଥ ଧନ୍ୟବାଦ ଅର୍ପଣ କରିଥିଲେ ।

# ଶନିଦେବ ମନ୍ଦିରର ବାର୍ଷିକ ଉତ୍ସବ

ଖଣ୍ଡପଡ଼ା,୨୦।୪ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଅଧୀନ କୁମ୍ଭାରପଡା ଗ୍ରାମସ୍ଥିତ ଶନି ମନ୍ଦିରର ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି । ଏ ଅବସରରେ ପ୍ରାତଃ ସମୟରେ ଏକ କଳସ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିଥିଲା। ମାନସିକଧାରୀ ବ୍ୟକ୍ତିମାନେ ନୂତନ କଳସୀରେ ପାଣି ଧରି ମନ୍ଦିର ପରିସରସ୍ଥିତ ଯଜ୍ଞବେଦୀ ନିକଟରେ କଳସୀଗୁଡିକୁ ସ୍ଥାପନ କରିଥିଲେ । ପରେ ପଣ୍ଡିତ ଭାଗବତ ପଣ୍ଡା ଓ ଦର୍ପଦଳନ ଦାଶଙ୍କ ଦ୍ୱାରା ପାରମ୍ପରିକ ରୀତିନୀତି ଅନୁଯାୟୀ ମାଙ୍ଗଳିକ କାର୍ଯ୍ୟ ଓ ଯଜ୍ଞ ଆରମ୍ଭ ହୋଇଥିଲା । କର୍ତ୍ତା ରୁପେ ପ୍ରସନ୍ନ କୁମାର ଜେନା ଏବଂ ସଙ୍ଗୀତା ଜେନା ଦାୟିତ୍ୱ ତୁଲାଇଥିଲେ । ଅପରାହ୍ନରେ ଆୟୋଜିତ ପୂର୍ଣ୍ଣାହୁତି ଉତ୍ସବରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ଏହି ଅବସରରେ ମାତୃ ମଣ୍ଡଳୀଙ୍କ ଦ୍ୱାରା ସଂକୀର୍ତ୍ତନ ପରିବେଷଣ କରାଯିବା ସହ ସମସ୍ତ ଶ୍ରଦ୍ଧାଳୁଙ୍କ ନିମନ୍ତେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା ।

# ଶରଣକୁଳରେ ଖେଲୋ ଇଣ୍ଡିଆ ଉଦ୍‌ଘାଟିତ


ଖେଲୋ ଇଣ୍ଡିଆ ଉଦ୍‌ଘାଟନ ଉତ୍ସବରେ କ୍ରୀଡ଼ା ମନ୍ତ୍ରୀ ।



ଉପଜିଲାପାଳଙ୍କ ସମେତ ବିଭାଗୀୟ ଅଧିକାରୀ ଓ ଖେଳାଳୀ ।

ନୟାଗଡ଼,୨୦।୪(ଲୋକନାଥ ମିଶ୍ର)

ରାଜ୍ୟର ୩୦ ଜିଲାରେ ଖେଲୋ ଇଣ୍ଡିଆ ସେଣ୍ଟର ରବିବାର ଉଦ୍‌ଘାଟିତ ହୋଇଛି। ନୟାଗଡ଼ର ଶରଣକୁଳ ନାରାୟଣ ହାଇସ୍କୁଲରେ ଏହି ସେଣ୍ଟର ଉଦ୍‌ଘାଟିତ ହୋଇଛି । କ୍ରୀଡାମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀ ଶରଣକୁଳ ସମେତ ରାଜ୍ୟର ୩୦ ଜିଲାରେ ଭିଡିଓ କନଫେରେନ୍ସରେ ଏହାକୁ ଉଦ୍‌ଘାଟନ କରିଛନ୍ତି । କ୍ରୀଡାମନ୍ତ୍ରୀଙ୍କ ସୂଚନା ଅନୁସାରେ ଖେଲୋ ଇଣ୍ଡିଆ ସେଣ୍ଟରରେ ବାର୍ଷିକ ୫ ଲକ୍ଷ ବ୍ୟୟ ହେବ, ଯାହାକି କ୍ରୀଡା କ୍ଷେତ୍ରରେ କ୍ୟାରିୟର ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ। ସ୍ଥାନୀୟ ଅଞ୍ଚଳର ପୂର୍ବତନ ଖେଳାଳୀ ଏଥିରେ ପ୍ରଶିକ୍ଷକ ଭାବେ ନିୟୋଜିତ ହେବେ । ନୟାଗଡ ଜିଲା ପ୍ରଶାସନ ପକ୍ଷରୁ ଉପଜିଲାପାଳ କର୍ଣ୍ଣଦେବ ସମାଦ୍ଦାର ସମେତ ଜିଲାସ୍ତରୀୟ ଅଧିକାରୀ ଓ କର୍ମଚାରୀ ଭିଡିଓ କନଫେରେନ୍ସରେ ଯୋଡ଼ି ହୋଇଥିଲେ ।

# ବିଦ୍ୟାଳୟ ପରିଚାଳନା ଉନ୍ନୟନ କମିଟି ବୈଠକ

ଖଣ୍ଡପଡ଼ା,୨୦।୪ (ଅଜୟ କୁମାର ମହାରଣା)



ଖଣ୍ଡପଡ଼ା ବ୍ଲକ କୁମ୍ଭାରପଡ଼ା ଉଚ୍ଚ ବିଦ୍ୟାଳୟର ପରିଚାଳନା ଉନ୍ନୟନ କମିଟି ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ଦଳେଇଙ୍କ ତତ୍ତ୍ୱାବଧାନରେ ଏହି ବୈଠକ ଆୟୋଜନ ହୋଇଥିଲା । ପ୍ରାରମ୍ଭରେ ପ୍ରଧାନ ଶିକ୍ଷୟିତ୍ରୀ ବିଗତ ବର୍ଷର ଶିକ୍ଷାନୀତି ଓ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ କୃତୀତ୍ୱ ସମ୍ପର୍କରେ ବିବରଣୀ ପଠନ କରିଥିଲେ । ଛାତ୍ରୀଛାତ୍ରମାନେ ମୋବାଇଲ ବ୍ୟବହାର ନ କରିବା, ନିୟମିତ ବିଦ୍ୟାଳୟକୁ ଆସିବା, ଅଂଶୁଘାତରୁ ରକ୍ଷା ପାଇବା ପାଇଁ ପାଣି ବୋତଲ ଆଣିବା, ଦୈନିକ ପରୀକ୍ଷାରେ ଉପସ୍ଥିତ ରହିବା ଆଦି ବିଷୟରେ ବୈଠକରେ ଆଲୋଚନା କରାଯାଇଥିଲା । ଏହି ବୈଠକରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ, ପରିଚାଳନା କମିଟିର ସମସ୍ତ ସଦସ୍ୟ ଏବଂ ଅଭିଭାବକମାନେ ଉପସ୍ଥିତ ଥିଲେ । ଅନୁରୁପ ଭାବେ ରାମଚନ୍ଦ୍ର ଉଚ୍ଚ ପ୍ରାଥମିକ ମଧ୍ୟ ଇଂରାଜୀ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ରତ୍ନାକର କହଁରଙ୍କ ତତ୍ତ୍ୱାବଧାନରେ ଉକ୍ତ ବୈଠକ ଅନୁଷ୍ଠିତ ହୋଇଯାଇଛି।

# ନୂତନ ରାଶନକାର୍ଡ ହିତାଧିକାରୀଙ୍କ ଯାଞ୍ଚ ପ୍ରକ୍ରିୟା ଆରମ୍ଭ

ଖଣ୍ଡପଡ଼ା,୨୦।୪ (ଅଜୟ କୁମାର ମହାରଣା)

ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ନୂତନ ରାସନକାର୍ଡ ପାଇଁ ଆବେଦନ କରିଥିବା ହିତାଧିକାରୀଙ୍କ କାଗଜପତ୍ର ଯାଞ୍ଚ ପ୍ରକ୍ରୀୟା ଖଣ୍ଡପଡା ବ୍ଲକ ପ୍ରଶାସନ ପକ୍ଷରୁ ଆରମ୍ଭ ହୋଇଛି । ଖଣ୍ଡପଡା ବ୍ଲକ କାର୍ଯ୍ୟାଳୟ ପରିସରସ୍ଥିତ ଯୋଗାଣ ନୀରିକ୍ଷକଙ୍କ କାର୍ଯ୍ୟାଳୟରେ ରବିବାର ତମାମ ନୂତନ ହିତାଧିକାରୀଙ୍କ ଆବେଦନପତ୍ର ସହ ସମସ୍ତ ଆନୁସଙ୍ଗିକ କାଗଜପତ୍ର ଯାଂଚ କରାଯାଇଥିଲା । ଖଣ୍ଡପଡା ବ୍ଲକ ଅଧିନ ୧୨ ଗୋଟି ପଞ୍ଚାୟତରୁ ୭୦ରୁ ଉର୍ଦ୍ଧ୍ୱ ଆବେଦନକାରୀଙ୍କ ଇ-କେୱାଇସି ଯାଞ୍ଚ କରାଯାଇ ଯୋଗ୍ୟ ହିତାଧିକାରୀମାନଙ୍କୁ ଚିହ୍ନଟ କରାଯାଇଥିବା ବ୍ଲକ ଯୋଗାଣ ନୀରିକ୍ଷକ ଗୋବିନ୍ଦ ଚନ୍ଦ୍ର ବେହେରାଙ୍କ ଠାରୁ ପ୍ରକାଶ ।

# ଅଘୋଷିତ ବିଦ୍ୟୁତ କାଟ ଯୋଗୁ ଜନ ଜୀବନ ଅସ୍ତବ୍ୟସ୍ତ

ଖଣ୍ଡପଡା,୨୦।୪ (ଅଜୟ କୁମାର ମହାରଣା)

ସଂପ୍ରତି ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଓ ଗୁଳୁଗୁଳି ଯୋଗୁଁ ଖଣ୍ଡପଡା ଓ ଏହାର ଆଖପାଖ ଅଂଚଳବାସୀ ଗତ କିଛି ଦିନ ଧରି ଅସ୍ତବ୍ୟସ୍ତ ହୋଇପଡିଲେଣି। ଅସହ୍ୟ ଗୁଳୁଗୁଳି ସାଙ୍ଗକୁ ରୌଦ୍ରତାପର ପ୍ରଭାବ ଯୋଗୁ ଖଣ୍ଡପଡା ଅଞ୍ଚଳର ଜନସାଧାରଣ ହନ୍ତସନ୍ତ ହେଉଥିବା ବେଳେ ଅଘୋଷିତ ବିଦ୍ୟୁତ କାଟ ଜନ ଜୀବନକୁ ବିଶେଷ ଭାବେ ପ୍ରଭାବିତ କରୁଛି । ବିଭିନ୍ନ ସମୟରେ ବହୁ ଘଣ୍ଟା ଧରି ଲାଇନ ରହୁ ନ ଥିବାରୁ ଉପଭୋକ୍ତାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି । ସକାଳ ୮ଟା ଠାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ରୌଦ୍ରତାପର ପ୍ରଭାବ ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଉଛି। ଦିନରେ ତାପମାତ୍ରା ୪୦ ଡ଼ିଗ୍ରୀରୁ ଉର୍ଦ୍ଧ୍ୱରେ ରହୁଥିବା ବେଳେ ରାତ୍ର କାଳରେ ଗୁଳୁଗୁଳି ସାଙ୍ଗକୁ ମଶାଙ୍କ ଦୌରାତ୍ମ୍ୟରେ ଅଞ୍ଚଳବାସୀ ବ୍ୟସ୍ତ ହେଉଛନ୍ତି । ତେବେ କାଳବୈଶାଖୀ ବର୍ଷା ଯୋଗୁ କେତେକ ଅଞ୍ଚଳବାସୀ ଆଶ୍ୱସ୍ତ ଅନୁଭବ କରୁଥିବା ବେଳେ ଝଡ ପବନ ଯୋଗୁ ବିଭିନ୍ନ ସ୍ଥାନରେ ଗଛଡାଳ ପଡି ବିଦ୍ୟୁତ ସରବରାହରେ ସମସ୍ୟା ସୃଷ୍ଟି କିରିଛି । ଶନିବାର ରାତି ପ୍ରାୟ ୯ଟା ଠାରୁ ଶନିବାର ସକାଳ ୮ଟା ପର୍ଯ୍ୟନ୍ତ ବିଦ୍ୟୁତ ସରବରାହ ବ୍ୟାହତ ହୋଇଥିବାରୁ ପାନୀୟ ଜଳ ଯୋଗାଣ ସହ ଜନଜୀବନ ଚଳଣୀରେ କଣ୍ଟିଲୋ ବିଦ୍ୟୁତ ବିଭାଗ ଅଧିନରେ ଥିବା ୭/୮ ଟି ପଂଚାୟତର ଅଧିବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହୋଇଥିଲେ। ଏହା ବ୍ୟତୀତ ପ୍ରାୟ ପ୍ରତେକ ଦିନ ବିଭିନ୍ନ ସମୟରେ ଅଘୋଷିତ ବିଦ୍ୟୁତ କାଟ ହେଉଥିବାରୁ ସାଧାରଣରେ ପ୍ରତିକ୍ରୀୟା ପ୍ରକାଶ ପାଉଛି । ଏକ ପାହାଡ଼ିଆ ଓ ଜଳକ୍ଲିଷ୍ଟ ଅଞ୍ଚଳ ରୁପେ ପରିଗଣିତ ଖଣ୍ଡପଡ଼ା ବ୍ଲକ୍ ଅଞ୍ଚଳର ଅଧିକାଂଶ ଗ୍ରାମରେ ଏବେ ପାନୀୟଜଳର ଉତ୍କଟ ଅଭାବ ପରିଲକ୍ଷିତ ହେଉଛି। ସମୟାନୁକ୍ରମେ ତାପମାତ୍ର ବୃଦ୍ଧି ପାଇବା ସହ ବିଭିନ୍ନ ସ୍ଥାନରେ ଅବସ୍ଥିତ ଜଳଉତ୍ସ ଗୁଡ଼ିକ ଶୁଖିବାରେ ଲାଗିଛି। ଜଳସ୍ତର ନିମ୍ନଗାମୀ ହେବା ଯୋଗୁ ବିଭିନ୍ନ ଗାଁରେ ନଳକୂପ ସଚଳ ଥାଇ ମଧ୍ୟ ପାଣିମୁନ୍ଦାଏ ବାହାରୁ ନ ଥିବାରୁ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । ଖଣ୍ଡପଡା ବିଦ୍ୟୁତ ସବ୍ ଡିଭିଜନ ଅଧୀନ ଖଣ୍ଡପଡା, କଣ୍ଟିଲୋ, ବାଣପୁର, ପଥରଚକଡା, ସିଧାମୂଳା,ବନମାଳୀପୁର, ବାଇଗୁଣିଆ, ବାଘୁଆପଲ୍ଲୀ, ଜଗନ୍ନାଥ ପ୍ରସାଦ, ରାଣୀଛେଲ୍ଲୀ, ବେଣାଗାଡିଆ ଆଦି ପଞ୍ଚାୟତ ଅଞ୍ଚଳରେ ପ୍ରତିଦିନ ବିଦ୍ୟୁତ କାଟକୁ ନେଇ ଉପଭୋକ୍ତାଙ୍କ ସମେତ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି ।

# ପାନୀୟ ଜଳ ପ୍ରକଳ୍ପର ରକ୍ଷଣାବେକ୍ଷଣ ପ୍ରତି ପ୍ରଶାସନ ଦୃଷ୍ଟି ଦେଉ

ଖଣ୍ଡପଡା,୨୦।୪ (ଅଜୟ କୁମାର ମହାରଣା)

ଖଣ୍ଡପଡା ତହସିଲ କାର୍ଯ୍ୟାଳୟ ପରିସରରେ ପ୍ରଶାସନ ପକ୍ଷରୁ ସ୍ଥାପନ କରାଯାଇଥିବା ଥଣ୍ଡା ପାନୀୟ ଜଳ ପ୍ରକଳ୍ପର କିଛି ଅଂଶ ଭାଙ୍ଗି ଯାଇଥିବା ପରିଲକ୍ଷିତ ହେଉଛି। ଏହାର ରକ୍ଷଣାବେକ୍ଷଣ ଦିଗରେ ଖଣ୍ଡପଡା ଜନସ୍ୱାସ୍ଥ୍ୟ ବିଭାଗ ଓ ଏନଏସି କର୍ତ୍ତୃପକ୍ଷ କେହି ହେଲେ ଧ୍ୟାନ ଦେଉ ନ ଥିବା ହୋଇଛି । ପାନୀୟ ଜଳ ପ୍ରକଳ୍ପର ଚାରିପାଖେ ଲଗା ଯାଇଥିବା ଷ୍ଟିଲ ଗ୍ରୀଲଟି ଭାଙ୍ଗି ତଳେ ଖସି ପଡିବା ପରେ ତହସିଲ କର୍ମଚାରୀମାନେ ଉକ୍ତ ଗ୍ରୀଲଟିକୁ ଏକ କୋଠରୀ ମଧ୍ୟରେ ରଖିଛନ୍ତି । ପାନୀୟ ଜଳ ପ୍ରକଳ୍ପର ପଛ ପଟ କାନ୍ଥରେ ଫାଟ ସୃଷ୍ଟି ହୋଇଥିବା ବେଳେ କିଛି ଅଂଶ ଭାଙ୍ଗି ଯାଇଥିଲେ ହେଁ ଏହାର ମରାମତି ଦିଗରେ ପ୍ରଶାସନିକ ଅଧିକାରୀମାନେ ଧ୍ୟାନ ଦେଉ ନ ଥିବା କର୍ମଚାରୀ କହିଛନ୍ତି । ଗତ ୨ ବର୍ଷ ତଳେ ୧୦ ଲକ୍ଷ ଟଙ୍କା ବ୍ୟୟରେ ଏହି ପାନୀୟ ଜଳ ପ୍ରକଳ୍ପଟି ସ୍ଥାପନ କରାଯାଇଥିଲା ।

झारखण्ड सरकार
आदिवासी कल्याण आयुक्त कार्यालय, झारखण्ड, राँची
स.स. - 03/छात्रावास पोषण योजना (निविदा) - 01/2024-961 दिनांक:20.04.2025
सूचना (Corrigendum)
इस कार्यालय के पत्रांक - 847, दिनांक: 29.03.2025 एवं Corrigendum के पत्रांक - 864, दिनांक: 03.04.2025 द्वारा छात्रावास पोषण योजना 2024 के अन्तर्गत कल्याण विभाग के अधीन छात्रावासें का संचालन/प्रबंधन हेतु गैर सरकारी संस्थाओं/ट्रस्ट/कम्पानी/स्वयं सहायता समूह (NRLM द्वारा गठित) को सूचीबद्ध करने के निमित्त इच्छा की अभिव्यक्ति प्रस्ताव प्राप्त करने हेतु PR No.- 349587 के द्वारा समाचार पत्रों में सूचना एवं jharkhandtenders.gov.in पोर्टल पर दिनांक: 31.03.2025 को निविदा Tender ID संख्या: 2025_WELFR_9920_1 प्रकाशित की गई थी।
2. उक्त प्रकाशित निविदा के अन्तर्गत इच्छा की अभिव्यक्ति प्रस्ताव ऑनलाईन समर्पित करने की अंतिम तिथि - 21.04.2025 निर्धारित है।
3. उक्त अंतिम निर्धारित तिथि को संशोधित करते हुए दिनांक - 26.04.2025 तक ऑनलाईन निविदा को समर्पित करने की अंतिम तिथि को विस्तारित की जाती है।
4. निविदा प्रारूप की शेष कंडिकाएँ यथावत रहेंगी।
आदिवासी कल्याण आयुक्त
PR 350669 (Schedule Tribe, Schedule Caste, Minority and Backward Class Welfare Department) 25-26 (D)

GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER
SAMBALPUR IRRIGATION DIVISION, SAMBALPUR
E-mail id: sidsambalpur@gmail.com
e-Procurement Notice No. SESID-01/2025-26
Bid Identification No. SESID-01 (01-28)/2025-26
No. 1485 Date: 10.04.2025
No. A-38: Bid documents consisting of work, estimated amount put to tender, cost of tender paper, EMD, time of completion, class of contractor, the set of terms & conditions of contract and other necessary documents can be seen in e-procurement portal https://tendersodisha.gov.in complete online process only.

| | | | |
|---|---|---|---|
| 1. | Nature of Works | : | Canal Works |
| 2. | Nos. of Works | : | 28 Nos. |
| 3. | Bid Identification No. | : | SESID-01 (01-28)/2025-26 |
| 4. | Estimated Cost | : | 8.45 - 31.78 Lakhs |
| 5. | Earnest Money Deposit | : | Referred to DTCN |
| 6. | Cost of Tender Paper | : | Referred to DTCN |
| 7. | Period of Completion | : | Referred to DTCN |
| 8. | Date and Time of availability of Bid Document in the portal | : | Dt.23.04.2025 at 11.00 A.M. to Dt.02.05.2025 upto 17.00 P.M. |
| 9. | Last Date/Time for receipt of Bids in the portal | : | Dt.02.05.2025 upto 17.00 P.M. |
| 10. | Date of Bid Opening | : | Dt.03.05.2025 at 11.00 A.M. |
| 11. | Clarification seeking date | : | Dt.23.04.2025 at 11.00 A.M. to Dt.02.05.2025 upto 17.00 P.M. |
| 12. | Date of Lottery (if required) | : | To be intimated later |
| 13. | Name and Address of the Officer Inviting Bid | : | Superintending Engineer, Sambalpur Irrigation Division, Sambalpur, At/P.O.: Khetrajpur - 768003, Dist.: Sambalpur Email Id: sidsambalpur@gmail.com |

Further details can be seen from the e-procurement portal https://tendersodisha.gov.in. Any addendum/corrigendum/cancellation of tender can also be seen in said website.
Sd./- Superintending Engineer
Sambalpur Irrigation Division, Sambalpur
OIPR-32530/11/0004/2526

# ଆଦିବାସୀ ଗ୍ରାମକୁ ନାହିଁ ପକ୍କା ରାସ୍ତା


ମୁରିଆମ୍ବା ଗ୍ରାମକୁ ପଡିଥିବା ରାସ୍ତା ।


ଗ୍ରାମବାସୀଙ୍କ ସାହାରା ପାଲଟିଥିବା ଚେକ୍‌ଡ୍ୟାମ ରାସ୍ତା।

## କାଳିଆ ତଇଲା ନାଳ ସାଜିଛି ବାଧକ , ଚେକ୍‌ଡ୍ୟାମ ରାସ୍ତା ଭରସା

ନୂଆଗାଁ,୨୦।୪ (ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଗୁମୀ ପଞ୍ଚାୟତ ଆଦିବାସୀ ଗ୍ରାମ ମୁରିଆମ୍ବା ଗ୍ରାମକୁ ପକ୍କା ରାସ୍ତା ନାହିଁ । ଯାହା ଫଳରେ ସେଠାକାର ଲୋକମାନେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ନୂଆଗାଁ ବ୍ଲକର ଏପରି ଗାଁ ଅଛି ଯେଉଁଠିକି ସ୍ୱାଧୀନତାର ୭୬ ବର୍ଷ ପରେ ବି ଗମନାଗମନାର ସୁବିଧା ପାଇଁ ପକ୍କା ରାସ୍ତାଟିଏ ନାହିଁ । ଏଥିପାଇଁ ଅଧିକାଂଶ ସମୟରେ ଲୋକମାନଙ୍କ ଜୀବନ ହାନୀ ଘଟୁଥିବା ଅଭିଯୋଗ ହେଉଛି । ନୂଆଗାଁ ବ୍ଲକ ଗୁମୀ ପଞ୍ଚାୟତ ମୁରିଆମ୍ବା ଓ ମୁରିଆମ୍ବା ନୂଆସାହିରେ ମୋଟ ୫୦ ପରିବାର ବସବାସ କରନ୍ତି । ସେମାନଙ୍କ ସୁବିଧା ପାଇଁ ଗ୍ରାମରେ ସ୍କୁଲ , ଅଙ୍ଗନୱାଡ଼ି ଆଦି ନିର୍ମାଣ କରାଯାଇଛି । କିନ୍ତୁ ପକ୍କା ରାସ୍ତାଟିଏ ନିର୍ମାଣ କରାଯାଇନାହିଁ । ଯାହା ଫଳରେ ନାନା ସମସ୍ୟା ଉପୁଜୁଥିବା ଗ୍ରାମବାସୀ କହିଛନ୍ତି । ଗ୍ରାମକୁ ଯିବାକୁ ହେଲେ ବାଟରେ ପଡୁଥିବା କାଳିଆ ତଇଲା ନଦୀ ପାର ହେବାକୁ ପଡେ । ଜଳସେଚନ ବିଭାଗ ପକ୍ଷରୁ ସେହି ନାଳରେ ଏକ ଚେକ୍ ଡ୍ୟାମ ନିର୍ମାଣ କରାଯାଇଛି । ଦୀର୍ଘ ବର୍ଷ ପୂର୍ବେ ଗ୍ରାମବାସୀଙ୍କ ଅନୁରୋଧକ୍ରମେ ଲୋକମାନେ ଚାଲିକି ଯିବା ପାଇଁ ସେହି ଚେକ୍‌ଡ୍ୟାମ ଉପରେ ୪ ଫୁଟ ଓସାରର ଏକ ରାସ୍ତା ନିର୍ମାଣ କରାଯାଇଥିଲା । କିନ୍ତୁ ଏହାପରେ ଆଉ ରାସ୍ତା ନିର୍ମାଣର ନାଁ ଧରୁନି ପ୍ରଶାସନ । ଚେକ୍‌ଡ୍ୟାମ ରାସ୍ତାରେ କେବଳ ପାଦଚଲା ବ୍ୟତୀତ ଗାଁକୁ ଅଟୋରିକ୍ସା,ଆମ୍ବୁଲାନ୍ସ କିମ୍ବା କୌଣସି ୪ ଚକିଆ ଯାନ ଯିବା ଅସମ୍ଭବ ହେଉଛି । ଫଳରେ ଗ୍ରାମର କୌଣସି ଲୋକ ରୋଗରେ ପଡିଲେ ତାକୁ ଭାର କରି ଚେକ୍‌ଡ୍ୟାମ ରାସ୍ତାରେ ପାର କରିବା ପରେ ଆମ୍ବୁଲାନ୍ସରେ ନେବାକୁ ହୋଇଥାଏ। ଚେକ୍‌ଡ୍ୟାମ ରାସ୍ତାର ମରାମତି ଅଭାବରୁ ତାହା ମଧ୍ୟ ବିପଦସଙ୍କୁଳ ଅବସ୍ଥାରେ ରହିଛି । ତଥା ତାକୁ ଭରସା କରି ମୁରିଆମ୍ବାବାସୀ ଯାତାୟତ କରୁଛନ୍ତି । ତେଣୁ କାଳିଆ ତଇଲା ନାଳରେ ବ୍ରିଜ ସହିତ ଗ୍ରାମକୁ ପକ୍କା ରାସ୍ତା ନିର୍ମାଣ କରିବା ପାଇଁ ଗ୍ରାମର ଜାଗର ଜାନି , ସୁଶାନ୍ତ ମଳିକ , ସୁବାସ ଜାନୀ, ଉତ୍ତମ ଜାନୀଙ୍କ ସମେତ ଗ୍ରାମବାସୀ ଦାବି କରିଛନ୍ତି । ରାସ୍ତା ନିର୍ମାଣ ବାବଦରେ ଗୁମୀ ସରପଞ୍ଚ ବବୁ ମହାରଣାଙ୍କୁ ପଚାରିବାରେ ଏହି ରାସ୍ତା ନିର୍ମାଣ ପାଇଁ ଆରଡି ବିଭାଗ ସର୍ଭେ କରିଛି । ଅନୁମୋଦନ ପରେ ପକ୍କା ରାସ୍ତା ନିର୍ମାଣ ହେବ ବୋଲି ସେ କହିଛନ୍ତି ।

# ସିଏସ୍‌ଆର ପାଣ୍ଠିରେ ପୋଖରୀ, ଜମି ଉନ୍ନୟନ କାମ

■ ଖଣି, ଶିଳ୍ପ ପାରିପାର୍ଶ୍ୱିକ ଉନ୍ନତିକୁ ଅଣଦେଖା

■ ୪ ବର୍ଷରେ ୪୫.୮୭ କୋଟି ଆଦାୟ, ଖର୍ଚ୍ଚ ୪୨.୦୬ କୋଟି

**ଯାଜପୁର,୨୦।୪(ହର୍ଷବର୍ଦ୍ଧନ ବେହେରା):** ପାରିପାର୍ଶ୍ୱିକ ଉନ୍ନୟନ ତ ବହୁ ଦୂରର କଥା ଯାଜପୁର ଜିଲାର କର୍ପୋରେଟ ସୋସିଆଲ ରେସ୍‌ପନ୍‌ସିବିଲିଟି(ସିଏସ୍‌ଆର୍) ପାଣ୍ଠିର ବ୍ୟାପକ ହେରଫେର କରାଯାଇଛି। ସୂଚନା ଅଧିକାର ଆଇନ(ଆର୍‌ଟିଆଇ)ରେ ମିଳିଥିବା ତଥ୍ୟ ଅନୁଯାୟୀ, ଗତ ୪ ବର୍ଷରେ(୨୦୨୧-୨୨ରୁ ୨୦୨୪-୨୫) ଯାଜପୁର ଜିଲାର ବିଭିନ୍ନ ଖଣି, ଶିଳ୍ପ ଓ ଏଜେନ୍ସିଗୁଡ଼ିକଠାରୁ ସିଏସ୍‌ଆର୍ ପାଣ୍ଠି ବାବଦକୁ ୪୫ କୋଟି ୮୭ ଲକ୍ଷ ୮୨ ହଜାର ୬୨୮ ଟଙ୍କା ସଂଗ୍ରହ ହୋଇଛି। ହେଲେ ଜିଲା ପ୍ରଶାସନ ପକ୍ଷରୁ ଉକ୍ତ ପାଣ୍ଠିରେ ଖଣି ଓ ଶିଳ୍ପାଞ୍ଚଳର ପାରିପାର୍ଶ୍ୱିକ ଅଞ୍ଚଳର ବିକାଶକୁ ସେତେଟା ଗୁରୁତ୍ୱ ନ ଦେଇ ୪୨ କୋଟି ୬ ଲକ୍ଷ ୧୫ ହଜାର ୯୭୬ ଟଙ୍କା ଯାଜପୁର ସହର ସମେତ ଅନ୍ୟାନ୍ୟ ଅଞ୍ଚଳରେ ଖର୍ଚ୍ଚ କରିଛି। ଏହାବାଦ୍ ଆବେଦନକାରୀଙ୍କୁ ଭୁଆଁ ବୁଲାଇବାକୁ ଆର୍‌ଟିଆଇ ତଥ୍ୟର ୧୫ଟି ସ୍ଥାନରେ କେଉଁ ସଂସ୍ଥାଠାରୁ ସିଏସ୍‌ଆର୍ ପାଣ୍ଠି ସଂଗ୍ରହ ହୋଇଛି ତାହାକୁ ନ ଦର୍ଶାଇ ଲୁଚାଇବାକୁ ଉଦ୍ୟମ କରାଯାଇଛି। ଫଳରେ ଓଡ଼ିଶା ମାଇନିଂ କର୍ପୋରେଶନ(ଓଏମ୍‌ସି) ବ୍ୟତୀତ ସୁକିନ୍ଦା ଖଣି ଓ କଳିଙ୍ଗନଗରର ବୃହତ୍ ଶିଳ୍ପସଂସ୍ଥାଗୁଡ଼ିକ କେତେ ଅର୍ଥ ସିଏସ୍‌ଆର ବାବଦକୁ ଦାଖଲ କରିଛନ୍ତି ତାହା ଅସ୍ପଷ୍ଟ ରହିଛି। ଏଭଳି ଖାମଖିଆଲି ଆରଟିଆଇ ତଥ୍ୟ ବାବଦକୁ ସୂଚନା ଅଧିକାର କର୍ମୀ ପ୍ରଦୀପ କୁମାର ପ୍ରଧାନ ଅପିଲ କରିବେ ବୋଲି ପ୍ରକାଶ କରିଛନ୍ତି।



ସିଏସ୍‌ଆର ପାଣ୍ଠିରେ ଷଡ଼େଇ ପୋଖରୀର ଉନ୍ନୟନ କାର୍ଯ୍ୟ ଚାଲିଛି।

କଳିଙ୍ଗନଗର ଅଞ୍ଚଳ ଶିଳ୍ପ ଓ ସୁକିନ୍ଦା ଖଣି ସଂସ୍ଥାଗୁଡ଼ିକରେ ନିଯୁକ୍ତି ଓ ଉନ୍ନୟନର ବାସ୍ତବ ଚିତ୍ର ରଙ୍ଗିନ ଓ ଭିତରେ ଅସାର ଭଳି ହୋଇଛି । ଗତ ୪ ବର୍ଷର ସିଏସ୍‌ଆର ଅର୍ଥ ସଂଗ୍ରହ ଓ ଖର୍ଚ୍ଚ ରିପୋର୍ଟକୁ ଅନୁଧ୍ୟାନ କଲେ ଏହା ସ୍ପଷ୍ଟ ହେଉଛି। ଆର୍‌ଟିଆଇ ରିପୋର୍ଟ ଅନୁସାରେ ୨୦୨୧-୨୨ରେ ୧, ୬୦,୯୮,୦୦୦ ଟଙ୍କା, ୨୦୨୨-୨୩ରେ ୨୦,୬୦,୨୭,୯୨୫ ଟଙ୍କା, ୨୦୨୩-୨୪ରେ ୧୮,୦୩,୪୫,୬୯୮ ଟଙ୍କା ଓ ୨୦୨୪-୨୫ରେ ୧, ୮୧,୪୪,୩୫୩ ଟଙ୍କା ସିଏସ୍‌ଆର ପାଣ୍ଠି ସଂଗ୍ରହ ହୋଇଛି। ଏଥିରେ ଓଏମ୍‌ସି ୪ର୍ଥ ପର୍ଯ୍ୟାୟରେ ୬ କୋଟି ୮୨ ଲକ୍ଷ ୨୧ ହଜାର ୫୦୦ ଟଙ୍କା ଦେଇଛି। ଏହାସହ ନ୍ୟାଶନାଲ ଏଣ୍ଟରପ୍ରାଇଜେସ, ମେଘା ଇଞ୍ଜିନିୟରିଂ, କଳିଙ୍ଗନଗର କମର୍ସିଆଲ ପ୍ରମୁଖ ୩୦ରୁ ଊର୍ଦ୍ଧ୍ୱ ସଂସ୍ଥାଙ୍କ ନାମ ଉଲ୍ଲେଖ କରାଯାଇଛି। ସଂଗୃହୀତ ଉକ୍ତ ସିଏସ୍‌ଆର ପାଣ୍ଠିରେ ସ୍କୁଲ ଏବଂ ଅଙ୍ଗନୱାଡ଼ି ସେଣ୍ଟରଗୁଡ଼ିକର ସ୍ୱଚ୍ଛ ପାନୀୟ ଓ ପରିମଳ ବାବଦକୁ ଖର୍ଚ୍ଚ କରାଯାଇଛି। ଏହାସହ ପ୍ଲାଷ୍ଟିକ ୱେଷ୍ଟ ମ୍ୟାନେଜମେଣ୍ଟ, ଷଠିପୁରଠାରେ ଜମି ଉନ୍ନୟନ, ଯାଜପୁର ବ୍ଲକର ୧୩ଟି ସ୍କୁଲର ଉନ୍ନତୀକରଣ, ଯାଜପୁର ସ୍ମାର୍ଟ ପର୍ସନ, ଯାଜପୁର ଇଣ୍ଟରପ୍ରିଟେଶନ ସେଣ୍ଟର, ଯାଜପୁର ଆଡଭେନଞ୍ଚର ସ୍ପୋର୍ଟ ୟୁନିଟ, ଷଠିପୁରଠାରେ ସ୍ପୋର୍ଟ ପାର୍କ, ପେଟାପରିଠାରେ ରୁରାଲ ଟ୍ୟୁରିଜିମ ସେଣ୍ଟର ଓ ଯାଜପୁର ଷଡ଼େଇ ପୋଖରୀ, କୁସୁମା ପାର୍କରେ ସ୍ପୋର୍ଟସ ପର୍ସନ ଇତ୍ୟାଦି ବାବଦକୁ ବହୁ କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ରିପୋର୍ଟରେ ଦର୍ଶାଯାଇଛି। ରିପୋର୍ଟରେ କେତେକ ସ୍ଥାନରେ ଇମ୍ପ୍ଲିମେଣ୍ଟେଶନ ଆକ୍ଟିଭିଟିଜ ବୋଲି ଅସ୍ପଷ୍ଟ ଖର୍ଚ୍ଚ ଦର୍ଶାଇ ଅନେକ କୋଟି ଟଙ୍କା ଆତ୍ମସାତ୍ କରାଯାଇଥିବା ଅଭିଯୋଗ ହୋଇଛି। ଶିଳ୍ପ ଓ ଖଣି ସଂସ୍ଥାଗୁଡିକ ଅଞ୍ଚଳର ଜମି, ଜଳ, ଜଙ୍ଗଲ ନଷ୍ଟ କରି ମାଲାମାଲ୍ ହେଉଥିବାବେଳେ ପାରିପାର୍ଶ୍ୱିକ ଉନ୍ନୟନରୁ ପ୍ରଭାବିତ ଅଞ୍ଚଳବାସୀ ବଞ୍ଚିତ ରହିଛନ୍ତି। ଅନ୍ୟପକ୍ଷେ ଅଣ ପ୍ରଭାବିତ ଖଣି ଓ ଶିଳ୍ପ ସଂସ୍ଥା ଅଞ୍ଚଳରେ ସିଏସ୍‌ଆର ପାଣ୍ଠିରୁ ଅନେକ କୋଟି ଟଙ୍କା ଖର୍ଚ୍ଚ ହେଉଥିବା ଦର୍ଶାଯାଉଛି। ଏବେ ବି କାଳିଆପାଣି ଖଣି ଅଞ୍ଚଳରେ ଭଲ ଡାକ୍ତରଖାନା ନିର୍ମାଣ ହୋଇ ପାରିନାହିଁ। ଶିକ୍ଷା କ୍ଷେତ୍ରରେ ଆଦର୍ଶ ବିଦ୍ୟାଳୟ ଓ ଭଲ କଲେଜ ଖୋଲିବାର ପ୍ରତିଶ୍ରୁତିରେ ଅଟକିଛି। ଖଣି ଅଞ୍ଚଳକୁ ସହଜ ଗମନାଗମନ ପାଇଁ ଚାରିଲେନ ରାସ୍ତା କାର୍ଯ୍ୟ ଅଧାରେ ଅଟକିଛି।

ଏ ସଂକ୍ରାନ୍ତରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସପନ କୁମାର ନନ୍ଦଙ୍କୁ ପଚାରିବାରୁ ସେ କହିଛନ୍ତି, ସିଏସ୍‌ଆର୍ ପାଣ୍ଠି ଖର୍ଚ୍ଚ କରିବାକୁ ଜିଲାସ୍ତରରେ କମିଟି ରହିଛି। ତେବେ ଖର୍ଚ୍ଚ ସଂକ୍ରାନ୍ତରେ ସେ କିଛି ଜାଣି ନାହାନ୍ତି ବୋଲି କହିଛନ୍ତି।





ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com




@ ଦିବ୍ୟରାଜ



@ ଖଗେଶ୍ୱର



@ ପଦ୍ମଲୋଚନ



@ ସୁଧାଂଶୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବଡ଼ଚଣାରେ ମୋରମ, ବାଲି, ମାଙ୍କଡ଼ା ପଥର ଲୁଟ୍ ହେଉଛି: ବିଜେଡି




ଖବରଦାତା ସମ୍ମିଳନୀରେ ବିଜେଡି ନେତାମାନେ ।

**ଚଣ୍ଡିଖୋଲ,୨୦।୪(ପ୍ରଦୀପ୍ତ କୁମାର ପୃଷ୍ଟି):** ବଡ଼ଚଣା ବ୍ଲକ ଦର୍ପଣ ତହସିଲ ଅଧୀନ ମାଣ୍ଡୁକା ପାହାଡ଼ରୁ ଦୈନିକ ମୋରମ ଚୋରାଚାଲାଣ ହେଉଛି। ରାମଦାସପୁର-୧ ଏବଂ ୨ନଂ. ବାଲିଘାଟରୁ ଦୈନିକ ରାତିରେ ହାଇୱା ଯୋଗେ ବାଲି ଚାଲାଣ କରାଯାଉଛି। ସେହିପରି ତହସିଲ ଅନ୍ତର୍ଗତ ଦର୍ପଣ, ସମିଆଁ, ବୈରୀ ଓ ପାରିଆ ପଞ୍ଚାୟତରୁ ମାଙ୍କଡ଼ା ପଥର ଲୁଟ୍ ହେଉଛି। ଫଳରେ ସରକାର ବିପୁଳ ଟଙ୍କାର ରାଜସ୍ୱ ହରାଉଛନ୍ତି। ଏ ସମ୍ପର୍କରେ ଖଣି ବିଭାଗ, ତହସିଲ ଅଫିସ ଓ ପୋଲିସ୍, ଯାଜପୁର ଜିଲାପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ଶାସକ ଦଳର କର୍ମୀ ଏଥିରେ ସମ୍ପୃକ୍ତି ଥିବାରୁ ପ୍ରଶାସନ ସବୁ ଦେଖି ଆଖିବୁଜି ଦେଉଛି। ରବିବାର ଚଣ୍ଡିଖୋଲ ସ୍ଥିତ ହୋଟେଲ ମିଡ୍‌ଇଷ୍ଟ ପରିସରରେ ଏକ ଖବରଦାତା ସମ୍ମିଳନୀ କରି ବଡ଼ଚଣା ବିଜେଡି ଏହି ଅଭିଯୋଗ କରିଛି।

ବିଜେଡି ନେତା କ୍ୟାପ୍‌ଟେନ ରାଜନାରାୟଣ ମହାପାତ୍ରଙ୍କ ନେତୃତ୍ୱରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଜିଲା ପରିଷଦ ଉପସଭାପତି ଗଣେଶ୍ୱର ବରାଳ, ସରପଞ୍ଚ ଜ୍ଞାନରଞ୍ଜନ ସାହୁ, ପୂର୍ବତନ ସରପଞ୍ଚ ତାପସ ରାୟ, ଅମର ମହାନ୍ତି, ଧନେଶ୍ୱର ବେହେରା ଓ ନିରଞ୍ଜନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ଆଗାମୀ ଦିନରେ ଲଘୁ ଖଣିଜ ଲୁଟ୍ ବନ୍ଦ ନ ହେଲେ ଦଳ ରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛନ୍ତି।

ସେମାନଙ୍କ ଅଭିଯୋଗ ହେଲା, ୨୦୨୧ରେ ମାଣ୍ଡୁକା ମୋରମ ଖାଦାନ ଲିଜ୍ ଦିଆଯାଇଥିଲା। ଲିଜ୍ ଅବଧି ୫ବର୍ଷ ଥିବାବେଳେ ୩୩ହଜାର୭୨୧ଏମ୍‌ଏମ୍ ମୋରମ୍ ଉତ୍ତୋଳନ କରିବାକୁ ନିର୍ଦ୍ଦେଶଥିଲା। ମାତ୍ର ଏହି ନିର୍ଦ୍ଦେଶକୁ ଉଲ୍ଲଂଘନ କରାଯାଇ ପୁନର୍ବାର ଏହାକୁ ୩ହଜାର ସିଏମ୍ ଉତ୍ତୋଳନ କରିବାକୁ କିପରି ଗତବର୍ଷ ନିର୍ଦ୍ଦେଶ ଦିଆଗଲା ତାହା ଆଶ୍ଚର୍ଯ୍ୟର ବିଷୟ।

ଓଡ଼ିଶା ଲଘୁ ଖଣିଜ ନିୟମ ଧାରା ୨୦୧୬ ଅନୁଯାୟୀ କୌଣସି ଲିଜ୍‌ର କାର୍ଯ୍ୟକାରିତାକୁ ବଦଳାଇବାକୁ ହେଲେ ନୂତନ ଟେଣ୍ଡର କରାଯିବା କଥା। ହେଲେ ଏଠାରେ ତାହା କରା ଯାଇନାହିଁ। ସେହିଭଳି ମେଶିନ ଓ ହାଇୱା ବ୍ୟବହାର କରିବାର ପ୍ରାବଧାନ ନ ଥିବାବେଳେ ଏଠାରେ ୩ଟି ମେସିନ୍ ସାହାଯ୍ୟରେ ଦୈନିକ ଖନନ ଚାଲିଛି। ରାମଦାସପୁର ବାଲିଘାଟକୁ ପରିବେଶ ମଞ୍ଜୁରୀ ନ ଥିବାବେଳେ ଏଠାରୁ ବେଆଇନ ଭାବେ ଦୈନିକ ଶହଶହ ଟ୍ରକ ବାଲିଚାଲାଣ ହେଉଛି। ୨୦୨୧ରୁ ଏଠାରେ ରାମଦାସପୁର-୧ ଏବଂ ୨ନାମରେ ଦୁଇଟି ବାଲିଘାଟ ନିଲାମ ଦିଆଯାଇଛି। ଏହାର ୭ଏକର ଏରିଆ ହୋଇଥିବାବେଳେ ପ୍ରାୟ ୨୫ଏକର ଏରିଆରୁ ବାଲି ଲୁଟ ଚାଲିଛି। ଓଡ଼ିଶା ଲଘୁ ଖଣିଜ ନିୟମକୁ ମୋଡ଼ି ମକଚି ଦେଇ ରାତିରେ ଦୁଇଟି ମେସିନ ସାହାଯ୍ୟରେ ବାଲି ଉଠାଣ ହେଉଥିବା ବେଳେ ଶହଶହ ଟ୍ରିପ୍ ବାଲି ଚୋରାଚାଲାଣ ହେଉଛି। କେତେଜଣ ବିଭାଗୀୟ ଅଧିକାରୀଙ୍କୁ ହାତ କରି ମୋରମ ଓ ବାଲି ମାଫିଆ ଚୋରା ଚାଲାଣ କରୁଛନ୍ତି। ଗତ କିଛି ଦିନ ତଳେ ଜଣେ ସରପଞ୍ଚ ଓ ଅନ୍ୟ ଜଣେ ବ୍ୟକ୍ତିଙ୍କ ଗାଡ଼ିରେ ମୋରମ ଚାଲାଣ ହେଉଥିବାବେଳେ ସ୍ଥାନୀୟ ଲୋକେ ଧରି ପୋଲିସକୁ ଖବର ଦେଇଥିଲେ ମଧ୍ୟ ପୋଲିସ ଆସି ନ ଥିଲା ବୋଲି ଦଳ କର୍ମକର୍ତ୍ତା ଅଭିଯୋଗ କରିଛନ୍ତି।

# ଉଠା ଦୋକାନ ଉଚ୍ଛେଦ ପାଇଁ ନିର୍ଦ୍ଦେଶ

**ଯାଜପୁରରୋଡ୍,୨୦।୪(ପବିତ୍ର ରଞ୍ଜନ ମହାନ୍ତି):** ବ୍ୟାସନଗର ସହରର ରାସ୍ତା ପାର୍ଶ୍ୱ ଓ ବିଭିନ୍ନ ଛକରେ ରାସ୍ତାକୁ ମାଡି ଉଠା ଦୋକାନୀ ବିଭିନ୍ନ ବ୍ୟବସାୟ କରୁଛନ୍ତି। ଫଳରେ ସହରରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେବାସହ ଦୁର୍ଘଟଣା ଘଟୁଛି। ଏନେଇ ବାରମ୍ବାର ଗଣମାଧ୍ୟମରେ ଖବର ପ୍ରକାଶ ପରେ ପୌର ପ୍ରଶାସନ ପକ୍ଷରୁ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ରବିବାର ଡାକବାଜିଯନ୍ତ୍ର ସାହାଯ୍ୟରେ ରାସ୍ତା କଡ଼ ଦୋକାନୀଙ୍କୁ ଉଠିଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଆସନ୍ତା ୩ ଦିନ ମଧ୍ୟରେ ସେମାନେ ରାସ୍ତା ଓ ଛକ ସ୍ଥାନଗୁଡ଼ିକୁ ଖାଲି କରିବାକୁ ଚେତାବନୀ ଦିଆଯାଇଛି। ନିର୍ଦ୍ଦେଶ ଅମାନ୍ୟ କଲେ ପୌର ଆଇନ ଅନୁଯାୟୀ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଇଛି।

**୩ ଦିନ ମଧ୍ୟରେ ନ ଉଠିଲେ କାର୍ଯ୍ୟାନୁଷ୍ଠାନ ନେବ ପୌର ପ୍ରଶାସନ**

ସହରର ଗୋପବନ୍ଧୁ ଛକ, ଷ୍ଟେଶନ ବଜାର, ଦଳାଠାରୁ ଡାକବଙ୍ଗଳା ଛକ, ଡାକବଙ୍ଗଳା ଛକଠାରୁ ଗଣେଶ ବଜାର, ଦଳା ବାଇପାସଠାରୁ ନାହକା ବାଇପାସ ଛକ, ଚୋରଦା ଛକ ଠାରୁ ଧବଳଗିରି ଓ ଚୋରଦା ଛକଠାରୁ କନ୍ହେଇପୁର ଆଦି ଜନଗହଳି ପୂର୍ଣ୍ଣ ସ୍ଥାନରେ ଉଠା ଦୋକାନୀ ବିଭିନ୍ନ ଖାଦ୍ୟ ସାମଗ୍ରୀ, ଫଳ, ପରିବା, ମାଛ ଓ ମାଂସ ବିକ୍ରି କରୁଛନ୍ତି। ସେଥିରୁ ବାହାରୁଥିବା ବର୍ଜ୍ୟବସ୍ତୁଗୁଡ଼ିକୁ ରାସ୍ତା ଉପରେ ଓ ଡ୍ରେନରେ ପକାଉଛନ୍ତି। ଫଳରେ ସେଗୁଡିକ ପଚି ସଢ଼ି ଦୁର୍ଗନ୍ଧ ସୃଷ୍ଟି ହେବାସହ ପରିବେଶ ଦୂଷିତ ହେଉଛି। ତେଣୁ ପୌର ପରିଷଦ ପକ୍ଷରୁ ଚୋରଦା, ବସଷ୍ଟାଣ୍ଡ ଓ ନ୍ୟୁ ମାର୍କେଟଠାରେ ନୂତନ ଭାବେ ନିର୍ମାଣ ହୋଇଥିବା ଭେଣ୍ଡିଂ ଜୋନରେ ସେମାନଙ୍କୁ ଥଇଥାନ କରାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏଥିପାଇଁ ଉଠାଦୋକାନୀ ଆସନ୍ତା ୩୦ ତାରିଖ ସୁଦ୍ଧା ପୌର କାର୍ଯ୍ୟାଳୟରୁ ୧୦୦ ଟଙ୍କା ଦେଇ ଫର୍ମ ନେଇ ମେ' ୩ ସୁଧା କାର୍ଯ୍ୟାଳୟରେ ଫର୍ମ ଦାଖଲ କରିପାରିବେ ବୋଲି ପୌର ନିର୍ବାହୀ ଅଧିକାରୀ ତଥା ବ୍ୟାସନଗର ଅତିରିକ୍ତ ତହସିଲଦାର ପ୍ରଶାନ୍ତ ପୁହାଣ ସୂଚନା ଦେଇଛନ୍ତି।



# ଟ୍ରକ୍ ଜବତ, ହେଲପର ଅଟକ

**ଚଣ୍ଡିଖୋଲ,୨୦।୪(ପ୍ରଦୀପ୍ତ କୁମାର ପୃଷ୍ଟି):** ଛତିଶଗଡ଼ ନମ୍ବର ଥିବା ଏକ ଟ୍ରକ ଜଣେ ମହିଳାଙ୍କୁ ଧକ୍କା ଦେବାରୁ ତାଙ୍କ ହାତ ଭାଙ୍ଗିଯାଇଛି। ବଡ଼ଚଣା ପୋଲିସ ଉକ୍ତ ଟ୍ରକ୍‌କୁ ଜବତ କରିବା ସହ ହେଲପରୁଙ୍କୁ ଅଟକ ରଖିଛି। ଏହା ଏକ ଚୋରା ଟ୍ରକ ବୋଲି ପୋଲିସ ଜାଣିବାକୁ ପାଇଛି। ଶନିବାର ସନ୍ଧ୍ୟାରେ କେହି ଅଜଣା ବ୍ୟକ୍ତି ଉକ୍ତରେ ଟ୍ରକରେ ହେଲପର ରହିବାକୁ କଟକ ଜିଲା ଦୋବଣ୍ଡିଆ ଗାଁର ପ୍ରଭାକର ମହାରଣା(୨୫)ଙ୍କୁ ଚଣ୍ଡିଖୋଲକୁ ଡାକିଥିଲେ। ଯୁବକ ଜଣକ ଚଣ୍ଡିଖୋଲରେ କୌଣସି ଏକ ଦୋକାନରେ ରହି କାମ କରୁଥିଲେ। ପ୍ରଭାକାର ଆସିବା ପରେ ସମ୍ପୃକ୍ତ ଟ୍ରକ ଚାଳକ ବଡ଼ଚଣା ଛକ ନିକଟରେ ଥିବା ଏକ ପେଟ୍ରୋଲ ପମ୍ପରେ ଟ୍ରକକୁ ରଖିଦେଇ ପ୍ରଭାକରଙ୍କୁ ରହିବାକୁ କହି ପଳାଇ ଯାଇଥିଲେ।

ସେ କିଛି ସମୟ ପରେ ଆସିବେ ବୋଲି କହିଥିଲେ ମଧ୍ୟ ଆସି ନ ଥିଲେ। ରାତି ହେବାରୁ ପ୍ରଭାକର ଉକ୍ତ ଟ୍ରକକୁ ତାଙ୍କ ଗ୍ରାମ ଦୋବଣ୍ଡିଆକୁ ନେବାକୁ ଚାହିଁଥିଲେ। ମାତ୍ର ଠିକ୍‌ରେ ଗାଡ଼ି ଚଲାଇ ଜାଣି ନ ଥିବାରୁ ଶକୁନ୍ତଳାପୁର ଗାଁ ନିକଟରେ ଜଣେ ମହିଳାଙ୍କୁ ଧକ୍କା ଦେଇଥିଲେ ପ୍ରଭାକର। ଟ୍ରକ ଧକ୍କା ହୋଇଥିବା ଖବର ପାଇ ପୋଲିସ ପହଞ୍ଚି ଟ୍ରକକୁ ଜବତ କରିବା ସହ ପ୍ରଭାକାରଙ୍କୁ ଥାନାକୁ ଆଣିଥିଲା। ଟ୍ରକ ନମ୍ବର ମୋବାଇଲରେ ସର୍ଚ୍ଚ କରିବା ପରେ ମାଲିକଙ୍କ ନାମ ଆସି ନ ଥିଲା। ପ୍ରାଥମିକ ତଦନ୍ତରୁ ଏହି ଚୋରା ଗାଡି ବୋଲି ପୋଲିସ ଅନୁମାନ କରୁଛି। ପ୍ରଭାକର କିପରି ଟ୍ରକ୍‌କୁ ଆଣିଲେ ବୋଲି ପୋଲିସ ପଚାରିବାରୁ ସେ ସମସ୍ତ କଥା କହିଥିଲେ।

# ପ୍ରଥମ କିସ୍ତି ଅପେକ୍ଷାରେ ଅନ୍ତ୍ୟୋଦୟ ହିତାଧିକାରୀ

**ଧର୍ମଶାଳା, ୨୦।୪(ବଟକୃଷ୍ଣ ପରିଡ଼ା):** ରାଜ୍ୟ ସରକାର ନୂତନ କରି ଅନ୍ତ୍ୟୋଦୟ ଗୃହ ଯୋଜନା ଆରମ୍ଭ କରିଛନ୍ତି। ଗତ ମାର୍ଚ୍ଚ ୩୦ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାର ଲୋକାର୍ପଣ କରିବା ପରେ ସବୁ ବ୍ଲକରେ ପ୍ରଥମ ପର୍ଯ୍ୟାୟରେ ଯୋଗ୍ୟ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ମାତ୍ର କାର୍ଯ୍ୟାଦେଶ ଧରି ପ୍ରଥମ କିସ୍ତିକୁ ଅପେକ୍ଷା କରି ବସିଛନ୍ତି ହିତାଧିକାରୀ। କେବେ ମିଳିବ ଯୋଜନାର ପ୍ରଥମ କିସ୍ତି ତାହା ଉପରେ ରହିଛି ସମସ୍ତଙ୍କ ନଜର।

ଡିବିଟି ମାଧ୍ୟମରେ ବ୍ୟାଙ୍କ ଆକାଉଣ୍ଟକୁ ଟଙ୍କା ପଠାଯିବା କଥା। କିନ୍ତୁ ଏ ପର୍ଯ୍ୟନ୍ତ ଟଙ୍କା ବ୍ୟାଙ୍କ ଆକାଉଣ୍ଟକୁ ଆସିନାହିଁ। ଫଳରେ ହିତାଧିକାରୀ ଘର କାମ ଆରମ୍ଭ କରିପାରୁନାହାନ୍ତି। କେତେଜଣ ହିତାଧିକାରୀ ବ୍ୟାଙ୍କ ଯାଇ ଜମା ଖାତା ଯାଞ୍ଚ କରି ନିରାଶ ହୋଇ ଫେରୁଛନ୍ତି। ଆଉ କେତେଜଣ ହିତାଧିକାରୀ ମୋବାଇଲ ମେସେଜକୁ ବାରମ୍ବାର ତନଖି କରୁଛନ୍ତି। ସମସ୍ତ ହିତାଧିକାରୀଙ୍କ ବ୍ୟାଙ୍କ ସଂକ୍ରାନ୍ତୀୟ କାଗଜପତ୍ର ଯାଞ୍ଚ କାର୍ଯ୍ୟ ଶେଷ କରି ଅନଲାଇନରେ ଅପଲୋଡ୍ ହୋଇସାରିଛି। ସରକାରଙ୍କ ତହବିଲରୁ ସିଧାସଳଖ ହିତାଧିକାରୀଙ୍କ ବ୍ୟାଙ୍କ୍ ଆକାଉଣ୍ଟକୁ ଟଙ୍କା ଆସିବ ବୋଲି ବ୍ଲକ କର୍ତ୍ତୃପକ୍ଷ କହୁଛନ୍ତି। ତେବେ କେବେ ଟଙ୍କା ଆସିବ ସେ ନେଇ ହିତାଧିକାରୀ ଦିନ ଗଣୁଛନ୍ତି। ଆଗକୁ ବର୍ଷା ଦିନ ଆସୁଥିବାରୁ କିପରି ଗୃହ କାର୍ଯ୍ୟ ଆରମ୍ଭ କରିବେ ତାକୁ ନେଇ ହିତାଧିକାରୀ ଦ୍ୱନ୍ଦ୍ୱରେ ରହିଛନ୍ତି।

**ଧର୍ମଶାଳା ବ୍ଲକ୍‌ରେ ୬୭୩ ଜଣଙ୍କୁ ମିଳିଛି କାର୍ଯ୍ୟାଦେଶ**

ସର୍ଭେ ଜରିଆରେ ବ୍ଲକ ପ୍ରଶାସନ ପକ୍ଷରୁ ୪୫ ପଞ୍ଚାୟତରୁ ୧୫ ଜଣ ଲେଖାଏ ଯୋଗ୍ୟ ହିତାଧିକାରୀଙ୍କ ତାଲିକା ପ୍ରସ୍ତୁତ କରାଯାଇଥିଲା। ଦୁଇଟି ପଞ୍ଚାୟତରେ ୧୪ ଜଣ ଲେଖାଏ ଯୋଗ୍ୟ ବିବେଚିତ ଆଧାରରେ ମୋଟ ୬୭୫ରୁ ୬୭୩ ଜଣଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ପ୍ରଥମ କିସ୍ତି ୪୦ ହଜାର, ଦ୍ୱିତୀୟ କିସ୍ତି ୬୫ ହଜାର ଓ ତୃତୀୟ କିସ୍ତି ୧୫ ହଜାର ହିତାଧିକାରୀଙ୍କୁ ଗୃହ ନିର୍ମାଣ ନିମନ୍ତେ ୩ ପର୍ଯ୍ୟାୟରେ ୧ ଲକ୍ଷ ୨୦ ହଜାର ଟଙ୍କା ପ୍ରଦାନ କରାଯିବ। ଯଦି କେହି ହିତାଧିକାରୀ ୪ ମାସ ମଧ୍ୟରେ ଗୃହ ଶେଷ କରେ ତାଙ୍କୁ ପ୍ରଶାସନ ପକ୍ଷରୁ ଅଧିକ ୨୦ ହଜାର ଓ ୬ ମାସରେ ଶେଷ କରନ୍ତି ୧୦ ହଜାର ଟଙ୍କା ଅଧିକ ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ ବୋଲି ଗାଇଡଲାଇନ୍ ରହିଛି। ତେବେ ଯେଉଁମାନଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି, ସେମାନଙ୍କ ବ୍ୟାଙ୍କ୍ ଆକାଉଣ୍ଟକୁ ପ୍ରଥମ କିସ୍ତି ବାବଦକୁ ୪୦ ହଜାର ଟଙ୍କା ସ୍ୱଳ୍ପ ସମୟ ମଧ୍ୟରେ ପ୍ରଦାନ କରାଯିବା କଥା। ମାତ୍ର ୨୨ ଦିନ ବିତିଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ପ୍ରଥମ କିସ୍ତି ଦିଆଯାଇନାହିଁ। କେତେଜଣ ହିତାଧିକାରୀ କାର୍ଯ୍ୟାଦେଶ ପାଇବା ମାତ୍ରେ ଘର ନିର୍ମାଣ ପାଇଁ ପୁରୁଣା ବାସଗୃହ ଭାଙ୍ଗି ଦେଇଛନ୍ତି। ହେଲେ ନୂଆ ଘର ନିର୍ମାଣ କାର୍ଯ୍ୟ ଆରମ୍ଭ କରିପାରୁ ନ ଥିବାରୁ ନିର୍ଦ୍ଧାରିତ ସମୟରେ ଘର ନିର୍ମାଣ କାର୍ଯ୍ୟ ସମ୍ପନ୍ନ ହେବା ନେଇ ଅନିଶ୍ଚିତତା ଦେଖାଦେଇଛି। ଏନେଇ କେତେଜଣ ହିତାଧିକାରୀ ନାମ ଗୋପନ ରଖି କହିଛନ୍ତି, ପ୍ରଥମ କିସ୍ତି ଟଙ୍କା ପ୍ରଦାନ ବିଳମ୍ବ ହୋଇଥିବାରୁ ସେମାନେ ୪ମାସ ଭିତରେ ଗୃହକାର୍ଯ୍ୟ ଶେଷ କରିବା ସମ୍ଭବ ହେବନାହିଁ। ଏ ସମ୍ପର୍କରେ ବିଡିଓ ଜ୍ୟୋତିର୍ମୟ କରଙ୍କୁ ପଚାରିବାରେ ସେ କହିଛନ୍ତି, ପ୍ରଥମ କିସ୍ତି ଟଙ୍କା ପୈଠ ପାଇଁ ସମସ୍ତ ଯାଞ୍ଚ କାର୍ଯ୍ୟ ସରିଛି। ସରକାରଙ୍କ ପକ୍ଷରୁ ଟଙ୍କା ପ୍ରଦାନ କରାଗଲେ ତାହା ସିଧାସଳଖ ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଯିବ।

# ପରିତ୍ୟକ୍ତ ସ୍ଥାନରେ ଅପମିଶ୍ରିତ ଖାଦ୍ୟ ବିକ୍ରି ବଢୁଛି

■ ଜିଲା ଖାଦ୍ୟ ସୁରକ୍ଷା ଅଧିକାରୀଙ୍କ ଯାଞ୍ଚ ନାହିଁ

■ ଚୁପ୍ ବସିଛି ପୌରସଂସ୍ଥା ଓ ସ୍ୱାସ୍ଥ୍ୟ ବିଭାଗ

**ଯାଜପୁରରୋଡ୍,୨୦।୪ (ପବିତ୍ର ରଞ୍ଜନ ମହାନ୍ତି):** ବ୍ୟାସନଗର ସହରର ବିଭିନ୍ନ ପରିତ୍ୟକ୍ତ ସ୍ଥାନରେ ଖାଦ୍ୟ ଓ ପାନୀୟ ପ୍ରସ୍ତୁତ ହୋଇ ବିକ୍ରି ହେଉଛି । ବିଶେଷ କରି ଠେଲାଗାଡ଼ିରେ ବିକ୍ରି ହେଉଥିବା ଖାଦ୍ୟ ପଦାର୍ଥ ଯଥା ଗୁପ୍‌ଚୁପ୍, ଦହିବରା ଠାରୁ ଆରମ୍ଭ କରି ଫାଷ୍ଟଫୁଡ୍, କୁଲଫି, ଆଇସକ୍ରିମ୍, ବାଦାମ ସରବତ ବିଭିନ୍ନ ଜଳଖିଆ ପରିତ୍ୟକ୍ତ ଓ ଅପରିଷ୍କାର ସ୍ଥାନରେ ପ୍ରସ୍ତୁତ ହୋଇ ବିଭିନ୍ନ ଛକ ଓ ବଜାରରେ ବିକ୍ରି କରାଯାଉଛି। ସହରର ଷ୍ଟେଶନ ବଜାର, ଗୋପବନ୍ଧୁ ଛକ, ଡାକବଙ୍ଗଳା, ଦଳାଛକ, ଚୋରଦା ବାଇପାସ୍, ନହକା ଗୋଲେଇ, ଧବଳଗିରି ନ୍ୟୁ ମାର୍କେଟ, କନ୍ହେଇପୁର ପ୍ରମୁଖ ସ୍ଥାନ ଓ ରାସ୍ତା ପାର୍ଶ୍ୱ ଡ୍ରେନ ନିକଟରେ ଏହି ଖାଦ୍ୟ ପଦାର୍ଥ ବେଧଡକ ବିକ୍ରି ଚାଲିଛି।




ଅନ୍ୟ ରାଜ୍ୟର ବ୍ୟବସାୟୀମାନେ ରାସ୍ତା କଡ଼ରେ ନିମ୍ନମାନର ଥଣ୍ଡା ପାନୀୟ ବିକ୍ରି କରୁଛନ୍ତି ।

ଉକ୍ତ ଖାଦ୍ୟଗୁଡିକ ପ୍ରସ୍ତୁତ କରୁଥିବା ରାଜ୍ୟ ବାହାରର ବ୍ୟବସାୟୀ ବିଭିନ୍ନ ସାହି,ବସ୍ତିରେ ଭଡ଼ା ଘରେ ରହୁଛନ୍ତି । ଏଥିପାଇଁ ସେମାନେ ଶସ୍ତା ଓ ଅପମିଶ୍ରଣ ତେଲ, ନିମ୍ନମାନର ବେସନ, ମଇଦା, ଅଟା, ନୁଡୁଲସ, ପାରସ ପାଉଡରରୁ ପ୍ରସ୍ତୁତ କ୍ଷୀର, ଗୁପୁଚୁପ ବିକାଳୀ ମାନେ ତେନ୍ତୁଳି ବଦଳରେ ଏକପ୍ରକାର କେମିକାଲ ପ୍ରସ୍ତୁତ ଖଟା ପାଣି ଗ୍ରାହକଙ୍କୁ ଦେଉଛନ୍ତି। ଫଳରେ ଏହି ଖାଦ୍ୟ ଖାଇ ଲୋକମାନେ ବିଭିନ୍ନ ପେଟ ରୋଗର ଶିକାର ହେଉଛନ୍ତି। ମହିଳା ଓ ଛୋଟ ପିଲାମାନଙ୍କ ଉପରେ ଏହାର କୁପ୍ରଭାବ ପଡୁଛି । ଅନ୍ୟପକ୍ଷେ ବର୍ତ୍ତମାନ ଗ୍ରୀଷ୍ମ ଦିନ ହୋଇଥିବାରୁ ବିଭିନ୍ନ ଲସି, ସରବତ ଓ କୁଲଫି ପ୍ରସ୍ତୁତକାରୀମାନେ ଅପମିଶ୍ରିତ କ୍ଷୀର,ରାବୁଡ଼ି ଆଦି ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି। ହେଲେ ପୌର ପରିଷଦ, ଜିଲା ସ୍ୱାସ୍ଥ୍ୟ ବିଭାଗ ଓ ଖାଦ୍ୟ ସୁରକ୍ଷା ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି । ପୌର ପରିଷଦ ପକ୍ଷରୁ କେବଳ ସେମାନଙ୍କଠାରୁ ଟିକସ ଆଦାୟ କରାଯାଉଛି । ଖାଦ୍ୟ ଦ୍ରବ୍ୟ ବିକ୍ରୟ ପାଇଁ ପୌର ପରିଷଦରୁ ଅନୁମତି ପତ୍ର ବା ଲାଇସେନ୍ସ କରିବାର ବ୍ୟବସ୍ଥା ଥିଲେ ମଧ୍ୟ ବିଭାଗୀୟ ଅଧିକାରୀମାନେ ସେମାନଙ୍କ ଠାରୁ ମାସିକିଆ ବଟି ନେଇ ଉପରୋକ୍ତ ଦିଗ ପ୍ରତି ଆଖି ବୁଜି ଦେଉଛନ୍ତି । ମଝିରେ ମଝିରେ ଜିଲା ସ୍ୱାସ୍ଥ୍ୟ ବିଭାଗ ଓ ଖାଦ୍ୟ ସୁରକ୍ଷା ବିଭାଗ ଦ୍ୱାରା ଯାଞ୍ଚ କରାଯିବା ବ୍ୟବସ୍ଥା ଥିଲେ ମଧ୍ୟ ତାହା ହେଉନାହିଁ। ଏନେଇ ଜିଲା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ତାହା ସମ୍ଭବ ହୋଇନାହିଁ।

**ବଜରଙ୍ଗବାଲି କମିଟି ପକ୍ଷରୁ ରକ୍ତଦାନ ଶିବିର**

ରାଜକନିକା,(ରବୀନ୍ଦ୍ର କୁମାର ଦାସ): ରାଜକନିକା ବ୍ଲକ ବରୁଣାଡିହା ଗ୍ରାମ ବଜରଙ୍ଗବାଲି କମିଟି ଆନୁକୂଲ୍ୟରେ ଦକ୍ଷିଣସାହିଠାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ମୁଖ୍ୟ ଅତିଥି ଭାବେ ରାଜକନିକା ବ୍ଲକ ବିଜୁ ଜନତା ଦଳର ସଙ୍ଗଠକ ପବିତ୍ର ରାଉତ ଉଦଘାଟନ କରିଥିଲେ। ସାମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ପ୍ରଦୀପ ରାଉତ ଯୋଗ ଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଏଥିରେ କେନ୍ଦ୍ରାପଡ଼ା ରେଡ଼କ୍ରସ ସଂସ୍ଥାର କର୍ମଚାରୀମାନେ ଉପସ୍ଥିତ ରହି ରକ୍ତ ସଂଗ୍ରହ କରିଥିଲେ। ମୋଟ ୪୫ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା। ଗ୍ରାମ ବଜରଙ୍ଗବାଲି କମିଟିର ସମସ୍ତ ସଦସ୍ୟ ଉକ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## କ୍ୟାବିନ୍ ଉପରେ ଚଢ଼ିଗଲା ଯାତ୍ରା ପାର୍ଟି ଟ୍ରକ୍

କେନ୍ଦ୍ରାପଡ଼ା,୨୦।୪(ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଦୁହୁରିଆ ଠାରେ ରବିବାର ଏକ ସଡ଼କ ଦୁର୍ଘଟଣା ଘଟିଛି । ପଟ୍ଟାମୁଣ୍ଡାଇରୁ କଟକ ଆଡକୁ ଯାଉଥିବା ପୃଥୀରାଜ ଯାତ୍ରା ପାର୍ଟିର ଟ୍ରକ ଭାରସାମ୍ୟ ହରାଇ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଥିବା ୨ ପାନ ଦୋକାନ ଉପରେ ମାଡିଯାଇଛି । ଏଥିସହିତ ଗୋଟିଏ ବାଇକ୍‌କୁ ଧକ୍କା ଦେଇଛି । ସ୍ଥାନୀୟ ଲୋକ ଟ୍ରକ ଡ୍ରାଇଭରକୁ ଅଟକ ରଖି ପୋଲିସକୁ ହସ୍ତାନ୍ତର କରିଛନ୍ତି । ପୂର୍ବାହ୍ନ ପ୍ରାୟ ୧୧ଟାରେ ଏହି ଟ୍ରକ ସହର ମଧ୍ୟରେ ଯାଉଥିବା ସମୟରେ ଏପରି ଦୁର୍ଘଟଣା ଘଟାଇଥିଲା । ୨ ପାନ ଦୋକାନ ବନ୍ଦ ଥିବାରୁ କୌଣସି ଅଘଟଣ ଘଟିନାହିଁ । ତେବେ ଦୋକାନ ଦୁଇଟି ଭାଙ୍ଗି ଚୁରମାର ହୋଇଛି । ସେହିପରି ବାଇକ୍ ଚାଳକ ହୃଷିକେଶ ସାହୁ ଏହି ଦୁର୍ଘଟଣାରେ ଆହତ ହୋଇଛନ୍ତି । ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି । ରିପୋର୍ଟ ଲେଖା ପର୍ଯ୍ୟନ୍ତ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ସଦର ଥାନା ପୋଲିସ ପକ୍ଷରୁ ସୂଚନା ମିଳିଛି ।

# ଚାରା କି ଗଛ ନାହିଁ, ପଡ଼ିଛି ଘେରା

ପଟ୍ଟାମୁଣ୍ଡାଇ,୨୦।୪(କଳ୍ପତରୁ ନାୟକ)

### ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନାରେ ହୋଇଥିଲା ବନୀକରଣ



ପରିବେଶ ସୁରକ୍ଷା ଓ ମୃତ୍ତିକା କ୍ଷୟ ରୋକିବା ପାଇଁ ଚାରାରୋପଣ ଜରୁରୀ। ହେଲେ ବିଭିନ୍ନ ରାସ୍ତା ପାର୍ଶ୍ୱ ନବୀକରଣ ଓ ସମ୍ପ୍ରସାରଣ ପାଇଁ ବହୁ ଗଛ କଟାଯାଉଛି। ଏହି ଅଭାବକୁ ପୂରଣ କରିବା ପାଇଁ ୨୦୨୦-୨୧, ୨୦୨୧-୨୨ରେ ପଟ୍ଟାମୁଣ୍ଡାଇ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆରଇଜିଏସ୍) ଅନୁଦାନରେ ବିଭିନ୍ନ ପଞ୍ଚାୟତରାସ୍ତାର ଉଭୟ ପାର୍ଶ୍ୱରେ ଚାରା ରୋପଣ ପାଇଁ ଅନେକ କୋଟି ଟଙ୍କା ଖର୍ଚ୍ଚ କରାଯାଇଥିଲା। ହେଲେ ବିଭାଗୀୟ କର୍ମଚାରୀଙ୍କ ଆନ୍ତରିକତାର ଅଭାବରୁ ଏ ଯୋଜନା ବାଟବଣା ହେଉଥିବା ଅଭିଯୋଗ ହେଉଛି। ବାସ୍ତବ ପକ୍ଷେ ବନୀକରଣ ହୋଇଥିବା ସ୍ଥାନରେ ବାଉଁଶପଟି ଘେରା ବ୍ୟତୀତ ଆଉ କିଛି ଦେଖିବାକୁ ମିଳୁନାହିଁ। ଏହାକୁ ନେଇ ସ୍ଥାନୀୟ ଲୋକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି।

ଏନେଇ ସାମାଜିକକର୍ମୀ ପ୍ରବୀର ନାୟକ, ତାପସ ପରିଡ଼ା, ପରେଶ୍ୱର ସେଠୀ ପ୍ରମୁଖ କୁହନ୍ତି ବନୀକରଣ ପାଇଁ ସରକାର ଅନେକ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ତା'ର ସଫଳ ରୂପାୟନ ହୋଇପାରୁନି। ଗତ ୪ ବର୍ଷ ପୂର୍ବରୁ ପଟ୍ଟାମୁଣ୍ଡାଇ ପଞ୍ଚାୟତରାଜ ବିଭାଗ ପକ୍ଷରୁ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ପଞ୍ଚାୟତସ୍ତରୀୟ ବିଭିନ୍ନ ରାସ୍ତା, ଗ୍ରାମ୍ୟ ନିର୍ମାଣ ବିଭାଗ ରାସ୍ତା, ପୂର୍ତ୍ତ ବିଭାଗ ରାସ୍ତା ଓ ଜଳସମ୍ପଦ ବିଭାଗ ରାସ୍ତାର ଉଭୟ ପାର୍ଶ୍ୱରେ ବିଭିନ୍ନ ଛାୟା ଓ ଫଳପ୍ରଦାନକାରୀ ଚାରା ରୋପଣ କରାଯାଇଥିଲା। ଏ ବାବଦରେ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ହୋଇଥିଲା। ରାଜନଗର ବନ ବିଭାଗ ପକ୍ଷରୁ ସହି ଚାରାର ସୁରକ୍ଷା ବ୍ୟବସ୍ଥା କରାଯାଉଥିବା ତତ୍କାଳୀନ ବିଡିଓ ସୂଚନା ଦେଇଥିଲେ। ହେଲେ ଏବେ ସେଠାରେ ଗୋଟିଏ ବି ଗଛ କି ଚାରା ଦେଖିବାକୁ ମିଳୁ ନାହିଁ। କେବଳ ଖାଲି ଘେରା ଦେଖିବାକୁ ମିଳୁଛି।

ଏ ନେଇ ବୁଦ୍ଧିଜୀବୀ କ୍ଷୀରୋଦ ମଲିକ, ସୁଶାନ୍ତ ସାମଲ ପ୍ରମୁଖ କୁହନ୍ତି, ପଟ୍ଟାମୁଣ୍ଡାଇ ବ୍ଲକ ପକ୍ଷରୁ ୨୦୨୦-୨୧ ଓ ୨୦୨୧-୨୨ରେ ବନୀକରଣରେ କେଉଁଠି ଗଛ ଆଦୌ ଲଗା ନ ଯାଇ ମିଥ୍ୟା ବିଲ୍ କରି ଅର୍ଥ ହରିଲୁଟ ହେଉଛି ତ ଆଉ କେଉଁଠି ମଷ୍ଟରରୋଲରେ ଅଯୋଗ୍ୟ ଲୋକଙ୍କ ନାଁରେ ବିଲ୍ କରି ଅର୍ଥ ଶ୍ରାଦ୍ଧ ହୋଇଛି। ଏହାର ଉଦାହରଣ ଭାବେ ଖଡିଅଣ୍ଟା ପଞ୍ଚାୟତକୁ ନେଇପାରିବା। ଏହି ପଞ୍ଚାୟତର ଖଡିଅଣ୍ଟା-ଆମ୍ବେର ୨୦କିମି ରାସ୍ତା, ଖଡିଅଣ୍ଟା-ନଅଡଲିଆ-ସିମିଳିଆ କେନାଲ ବନ୍ଧ, ବାଇପଦା ରାସ୍ତା, ଜିଗରଣ ରାସ୍ତା ଓ ଓସଙ୍ଗରା ରାସ୍ତାର ଉଭୟ ପାର୍ଶ୍ୱରେ ବନୀକରଣ କରାଯାଇଥିଲା। ମାତ୍ର ପରବର୍ତ୍ତୀ ସମୟରେ ବିଭାଗୀୟ ଅଧିକାରୀଙ୍କ ଅବହେଳା ଓ ଗ୍ରୀଷ୍ମ ପ୍ରବାହ ସମୟରେ ଚାରା ମୂଳରେ ପାଣି ଦିଆ ନ ଯିବାରୁ ସେହି ଗଛଗୁଡ଼ିକ ମରିଯାଇଛି। ଏଭଳି ଅନେକ ପଞ୍ଚାୟତରେ ହୋଇଥିବା ପଥପାର୍ଶ୍ୱ ବନୀକରଣ ରକ୍ଷଣାବେକ୍ଷଣ ଅଭାବରୁ ନଷ୍ଟ ହୋଇଯାଇଛି। ଏନେଇ ପିଡି ଅଜାମ୍ବର ମହାନ୍ତିଙ୍କୁ ଯୋଗାଯୋଗ କରିବାରେ ଗତ ୪ ବର୍ଷ ତଳେ ଯେଉଁ ପଥପାର୍ଶ୍ୱ ବନୀକରଣ କରାଯାଥିଲା ତାହା ଅନୁଧାନ ପରେ ଜଣାପଡିବ।





ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଦିବ୍ୟରାଜ



@ ଖଗେଶ୍ୱର



@ ପଦ୍ମଲୋଚନ



@ ସୁଧାଂଶୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଭିତରକନିକାରେ ପ୍ରଶିକ୍ଷଣ ନେଲେ ୩୭ ବନପାଳ



ପ୍ରଶିକ୍ଷଣ ଶିବିରରେ ଯୋଗଦେଇଥିବା ବନପାଳମାନେ।

ରାଜନଗର,୨୦।୪ (ଭାସ୍କର ରାଉତରାୟ)

ଭିତରକନିକା ଜାତୀୟ ଉଦ୍ୟାନର ଲୁଣା ଜଙ୍ଗଲ, ଆଦ୍ରଭୂମୀ, ବିରଳ ଜୀବଜନ୍ତୁ ଓ ଜୈବ ବିବିଧତା ସମ୍ପର୍କରେ ଜ୍ଞାନ ଆହରଣ କରିଛନ୍ତି ୩୭ ବନପାଳ। ଚମ୍ପୁଆର ନିକୋଲସ ଫରେଷ୍ଟ ଟ୍ରେନିଂ ସ୍କୁଲର ୩୭ ଜଣ ବନପାଳ ଭିତରକନିକା ଜାତୀୟ ଉଦ୍ୟାନରେ ପହଞ୍ଚି ଭିତରକନିକା ସମ୍ବନ୍ଧୀୟ ଜ୍ଞାନ ଆହରଣ କରିଛନ୍ତି। ଭିତରକନିକା ଘଞ୍ଚ ଜଙ୍ଗଲ ଭିତରେ ଦୁଃସାହାସିକ ଯାତ୍ରା କରିବା ସମୟରେ କିଙ୍ଗ୍ କୋବ୍ରା ସହିତ ଅନ୍ୟାନ୍ୟ ସାପ, ହେଟାବାଘ, ଝିଙ୍କ ପକ୍ଷୀ, ଚିତାବିରାଡି, ହରିଣ, ବାରହା, ବଉଳା କୁମ୍ଭୀର, ଦେଶୀ ଓ ବିଦେଶାଗତ ପକ୍ଷୀଙ୍କ ସମ୍ପର୍କରେ ଜ୍ଞାନ ଆହରଣ କରିଛନ୍ତି। ଏଥିସହିତ ଭିତରକନିକା ଜାତୀୟ ଉଦ୍ୟାନ, ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟରେ ଡଲଫିନ ଏବଂ ଅଲିଭରିଡଲେ କଇଁଛ ସମ୍ବନ୍ଧୀୟ ବହୁ ତଥ୍ୟ ସଂଗ୍ରହ କରିଛନ୍ତି। ଐତିହାସିକ ହୁକିଟୋଲା ଦ୍ୱୀପ, କାଳିଭଞ୍ଜଡିଆ ଦ୍ୱୀପ ସମେତ ଭିତରକନିକାର ବିରଳ ଲୁଣାବୃକ୍ଷ ସମ୍ବନ୍ଧରେ ତଥ୍ୟ ସଂଗ୍ରହ କରିଛନ୍ତି। ଭାରତର ଦ୍ୱିତୀୟ ବୃହତମ ଲୁଣା ଜଙ୍ଗଲର ବୈଶିଷ୍ଟ, ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଉପକୂଳବର୍ତ୍ତୀ ଧନଜୀବନ ସୁରକ୍ଷା କ୍ଷେତ୍ରରେ ଲୁଣା ଜଙ୍ଗଲର ଅମୂଲ୍ୟ ଅବଦାନ ସମ୍ପର୍କରେ ଅବଗତ ହୋଇଛନ୍ତି। ଏସିଏଫ୍ ଗଗନ ବିହାରୀ ମଲିକ , ଗବେଷକ ପ୍ରସନ୍ନ କୁମାର ନାୟକ ପ୍ରମୁଖ ଏହି ପ୍ରଶିକ୍ଷଣ ଶିବିରରେ ଯୋଗଦେଇ ବନପାଳମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ ।

## ଟଙ୍କା ନେଇ ଯାତ୍ରା କରିବାକୁ ଆସିଲାନି ବାଘାଯତୀନ ଯାତ୍ରାପାର୍ଟି

ଆଳି,୨୦।୪(ବନମାଳୀ ସେନାପତି )

### ଟଙ୍କା ଫେରିପାଇବା ଚିନ୍ତାରେ ପୂଜା କମିଟି

କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକ ନିଆଳ ହାଟ ଦୁର୍ଗାପୂଜା କମିଟି ପକ୍ଷରୁ ଗତ ୨୦୨୪ ଦୁର୍ଗାପୂଜାରେ ଯାତ୍ରା ପରିବେଷଣ ନିମନ୍ତେ ବାଘାଯତୀନ ଯାତ୍ରା ପାର୍ଟିକୁ ଅଗ୍ରିମ ଟଙ୍କା ଦିଆଯାଇଥିଲା। କିନ୍ତୁ ଯାତ୍ରା ପାର୍ଟି ଯାତ୍ରା କରିବାକୁ ଆସି ନ ଥିବାରୁ ଆଜି ପର୍ଯ୍ୟନ୍ତ ପ୍ରାୟ ୬ ମାସ ହେବ ଯାତ୍ରା ତୋରଣ ବନ୍ଧା ହୋଇ ରହିଛି। କମିଟି ପକ୍ଷରୁ ଅଗ୍ରିମ ଟଙ୍କା ଫେରି ପାଇବା ନିମନ୍ତେ କମିଟି ଅପେକ୍ଷାରେ ଅଛି । ମିଳିଥିବା ସୂଚନା ମୁତାବକ ଆଳି ନିଆଳ ହାଟରେ ୨୦୨୪ ଦୁର୍ଗାପୂଜାର ଅଷ୍ଟମୀ, ନବମୀ ଓ ଦଶମୀ ୩ ରାତି ଯାତ୍ରା କରିବା ନିମନ୍ତେ ବାଘା ଯତୀନ ଯାତ୍ରା ପାର୍ଟି ସହିତ ୬ ଲକ୍ଷ ୯୦ ହଜାର ଟଙ୍କା ଏଗ୍ରିମେଣ୍ଟ ହୋଇଥିଲା। ଏ ନେଇ ଦୁର୍ଗାପୂଜା କମିଟି ପକ୍ଷରୁ ୪ ଲକ୍ଷ ଟଙ୍କା ଅଗ୍ରିମ ଦିଆ ଯାଇଥିଲା। ଠିକ ସମୟରେ ଯାତ୍ରା ନିମନ୍ତେ ଟେଣ୍ଟ ବନ୍ଧା ସରିଥିବା ବେଳେ ପୂଜା କମିଟି ପକ୍ଷରୁ ଅଞ୍ଚଳରେ ପ୍ରଚାର ମଧ୍ୟ ଶେଷ ହୋଇଥିଲା। ଯାତ୍ରା ନିମନ୍ତେ ପୂଜା କମିଟି ପକ୍ଷରୁ ସମସ୍ତ ପ୍ରସ୍ତୁତି ସରିଥିବା ବେଳେ ଯାତ୍ରା ପାର୍ଟି କିନ୍ତୁ ଆସି ନ ଥିଲା। ଯାତ୍ରା ପାର୍ଟି ଭାଙ୍ଗିଯିବାରୁ ଯାତ୍ରା ହୋଇପାରି ନ ଥିବା ଜଣା ପଡିଥିଲା। ସେବେଠାରୁ ନିଆଳ ହାଟ ପଡିଆରେ ଟେଣ୍ଟ ବନ୍ଧା ହୋଇଥିବା ବେଳେ ମାଲିକ ଟଙ୍କା ଫେରାଉ ନାହାଁନ୍ତି କିମ୍ବା ଟେଣ୍ଟ ମଧ୍ୟ ନେଉନାହାଁନ୍ତି । ଏହି ଘଟଣାକୁ ୬ ମାସ ବିତି ଯାଇଥିବା ବେଳେ ଟଙ୍କା ଫେରସ୍ତ ନିମନ୍ତେ ଦାବି କରିଛନ୍ତି ନିଆଳ ହାଟ ଦୁର୍ଗାପୂଜା କମିଟିର ସଦସ୍ୟ। ଏ ନେଇ ଯାତ୍ରାମାଲିକ ଶିବ ପ୍ରସାଦ ସ୍ୱାଇଁଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି ଯେ ହଠାତ ପାର୍ଟି ଭାଙ୍ଗି ଯିବାରୁ ଯାତ୍ରା ପରିବେଷଣ ହୋଇ ପାରି ନ ଥିଲା। ଏ ନେଇ କମିଟିକୁ ୧ ଲକ୍ଷ ଟଙ୍କା ଫେରସ୍ତ ହୋଇଥିବା ବେଳେ ଚଳିତ ମାସ ୨୫ ତାରିଖ ଦିନ ବାକି ଟଙ୍କା ଫେରସ୍ତ କରାଯିବ ବୋଲି ସେ କମିଟିକୁ ଜବାବ ଦେଇଛନ୍ତି।

## ଚଞ୍ଚକତା କରି ସରକାରୀ କାଜୁବଗିଚା ଜବରଦଖଲ

ରାଜକନିକା,୨୦।୪(ସଞ୍ଜୟ କୁମାର ଦାଶ)

### କନିକା ତହସିଲଦାରଙ୍କୁ ଅଭିଯୋଗ କଲେ ପଞ୍ଚାୟତବାସୀ

ରାଜକନିକା, କନିକା ତହସିଲ ଅଧୀନ ତଥା ବାଘବୁଦା ପଞ୍ଚାୟତ ବଡତଇଲା ମୌଜାରେ ଥିବା ସରକାରୀ ଜମିକୁ ଜଣେ ବ୍ୟକ୍ତି ଚଞ୍ଚକତା କରି ହଡପ କରିଥିବା ନେଇ କନିକା ତହସିଲଦାରଙ୍କୁ ଲିଖିତ ଅଭିଯୋଗ କରିଛନ୍ତି ପଞ୍ଚାୟତବାସୀ। ଅଭିଯୋଗ ଅନୁଯାୟୀ ପଞ୍ଚାୟତର ବିଭିନ୍ନ ଗାଁର ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ବଡତଇଲା ମୌଜାର ଗୋଚର କିସମ ଥିବା ଏ୧୧.୪୫ଡେସିମିଲ ଜମିର ପ୍ଲଟ ନଂ:୧୭୧, ଖାତା ନଂ:୨୫୨ରେ କାଜୁଗଛ ପ୍ଲାଟେଶନ ପାଇଁ ତତ୍କାଳିନ ସରପଞ୍ଚଙ୍କ ସହାୟତାରେ କେନ୍ଦ୍ରାପଡା ଉଦ୍ୟାନ କୃଷି ବିଭାଗକୁ ଆବେଦନ କରିଥିଲେ। ବିଭାଗ ପକ୍ଷରୁ ଉକ୍ତ ଜମିର ନବୀକରଣ ପାଇଁ କନିକା ତହସିଲଦାରଙ୍କୁ ତା୨୨.୭.୧୫ରେ ପତ୍ର ସଂଖ୍ୟା:୮୬୮ରେ ଏକ ପତ୍ର କରିଥିଲେ। ଏହାକୁ ନେଇ କନିକା ତହସିଲଦାର ଉକ୍ତ ଜମିରେ କାଜୁଗଛ ପ୍ଲାଟେସନ ପାଇଁ ତା୧୪.୮.୨୦୧୫ରେ ଚିଠି ନଂ:୨୮୭୬ ବଳରେ ଅନୁମତି ପ୍ରଦାନ କରିଥିଲେ। ରକ୍ଷଣାବେକ୍ଷଣ ଓ କାଜୁର ଲାଭାଂଶ ଗ୍ରାମବାସୀଙ୍କ ଉନ୍ନତି କରଣ ଓ ବଡତଇଲା ଗାଁର ହନୁମାନଜୀଉଙ୍କ ପୂଜାର୍ଚ୍ଚନା ବାବଦକୁ ଖର୍ଚ୍ଚ କରାଯିବା ପାଇଁ ସ୍ଥିର ହୋଇଥିଲା। ହେଲେ ଜଣେ ବ୍ୟକ୍ତି ଉକ୍ତ ଗୋଚର ଜମିକୁ ନିଜ ନାମରେ ଚଞ୍ଚକତା କରି ହଡପ କରିଥିବା ନେଇ ପଞ୍ଚାୟତର ବିଭିନ୍ନ ଗାଁର ଗ୍ରାମବାସୀଙ୍କ ପକ୍ଷରୁ ଭରତ ଚନ୍ଦ୍ର ମହାପାତ୍ର, ବୈଜୟନ୍ତୀ ନାୟକ, ଜିତେନ୍ଦ୍ର କୁମାର ନାୟକ, ବିଜୟ ନାୟକ, ବିପିନ ବିହାରୀ ମହତାବ, ଅମର କୁମାର ନାୟକ, ନବକିଶୋର ନାୟକ, ଦୁଃଶାସନ ବଳ, ରଞ୍ଜନ ବେହେରା, ପ୍ରଫୁଲ୍ଲ କୁମାର ଜେନା, ବିପିନ ବିହାରୀ ନାଥ, ବାପୁଜୀ ଜେନା, ଅମର କୁମାର ପଣ୍ଡା ପ୍ରମୁଖ ପଞ୍ଚାୟତର ବିଭିନ୍ନ ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ଏ ସମ୍ପର୍କରେ କନିକା ତହସିଲଦାର ଅଶୋକ କୁମାର ଦେହୁରୀଙ୍କୁ ପଚାରିବାରେ ସେ କହିଛନ୍ତି, ଆରଆଇ ରିପୋର୍ଟ କରିଛନ୍ତି, କାଜୁବଗିଚାକୁ ଜବର ଦଖଲ କରିଥିବା ବ୍ୟକ୍ତିଙ୍କୁ ସୋମବାର ନୋଟିସ କରାଯିବ।

## ଅଦିନିଆ ବର୍ଷାରେ ଉଜୁଡ଼ି ଗଲା ଡାଲୁଅ ଧାନ ଫସଲ



ରାଜକନିକା,୨୦।୪(ରବୀନ୍ଦ୍ର କୁମାର ଦାସ)

ଗତ ଏକ ସପ୍ତାହ ହେବ କାଳ ବୈଶାଖୀ ପ୍ରଭାବରୁ ଅଦିନିଆ ବର୍ଷା ଫଳରେ ରାଜକନିକା ବ୍ଲକର ବିଭିନ୍ନ ପଞ୍ଚାୟତରେ ଅମଳ ହେବାକୁ ଥିବା ପାଚିଲା ଡ଼ାଲୁଅ ଧାନ ଫସଲ ଉଜୁଡି ଯାଇଛି। କଟା ହେଇ ବିଲରେ ପଡ଼ିଥିବା ଧାନ ଗଜା ହେବା ସହ ନଡା ପଚି ପୁତିଗନ୍ଧମୟ ପରିବେଶ ସୃଷ୍ଟି କରିଛି। କିଆରୀରେ ପାଣି ଭର୍ତ୍ତି ହୋଇ ଧାନ ସବୁ ଝଡି ଯାଉଛି। ଏପରି କ୍ଷତି ଯୋଗୁ ଋଣ କରି ଚାଷ କରିଥିବା ଚାଷୀ ମୁଣ୍ଡରେ ଚଡ଼କ ପଡିଛି। ଅଦିନିଆ ବର୍ଷା ସାଙ୍ଗକୁ କାଳ ବୈଶାଖୀ ପ୍ରଭାବରେ ବ୍ଲକର ହାଟସାହି, ଓଳାଭର, ପେଗରପଡା, ନହୁଣୀ,ବରୁଣା, ସିହୋପଡା, ନମତରା, ପାରିନୁଆପଡା ଓ ବଳରାମପୁର ପଞ୍ଚାୟତରେ ଡ଼ାଲୁଅ ଧାନ ଫସଲ ମାତ୍ରାଧିକ କ୍ଷତି ହୋଇଛି। ପାଣିପାଗର ଅଚାନକ ପରିବର୍ତ୍ତନ ଫଳରେ ଚାଷୀକୁଳ ହତାଶ ହେଉଥିବା ଦେଖିବାକୁ ମିଳିଛି। ବ୍ଲକର ପାଖାପାଖି ଧାନ ବିଲରେ ବର୍ଷାଜଳ ଜମି ରହିଥିବା ଦେଖିବାକୁ ମିଳିଛି। ପ୍ରଶାସନ କ୍ଷୟକ୍ଷତିର ଆକଳନ କରିବାକୁ ଚାଷୀକୁଳ ଦାବି କରିଛନ୍ତି।

## ନଳିନୀବାବୁ ଥିଲେ ଅନନ୍ୟ ଜନନାୟକ

ରାଜନଗର,୨୦।୪(ଭାସ୍କର ରାଉତରାୟ)

### ପୂର୍ବତନ ମନ୍ତ୍ରୀ ନଳିନୀକାନ୍ତ ମହାନ୍ତିଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ

ପୂର୍ବତନ ମନ୍ତ୍ରୀ ନଳିନୀକାନ୍ତ ମହାନ୍ତିଙ୍କ ୧୩ତମ ଶ୍ରାଦ୍ଧବାର୍ଷିକୀ ରବିବାର ତ୍ରିନାଥ ବଜାରସ୍ଥିତ ବିଜେଡି କାର୍ଯ୍ୟାଳୟରେ ପରିବେଶବିତ୍ ପ୍ରଦୀପ ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନଗୋ, କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ରାଜନଗର ବିଧାୟକ ଧ୍ରୁବ ସାହୁ , ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର, ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ପୂର୍ବତନ ବିଧାୟକ ରାଧାକାନ୍ତ ସେଠୀ, ରାଜନଗର ପଞ୍ଚାୟତ ସମିତି ଅଧ୍ୟକ୍ଷ୍ୟା ପ୍ରତିଭା ପାତ୍ର, ପଟ୍ଟାମୁଣ୍ଡାଇ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ପଟ୍ଟମୁଣ୍ଡାଇ ମ୍ୟୁନିସ୍‌ପାଲିଟି ଅଧ୍ୟକ୍ଷ ହେମନ୍ତ କୁମାର ସାହୁ, ରାଜନଗରର ପୂର୍ବତନ ବିଧାୟକ ତଥା ତାଙ୍କ ପୁଅ ଅଂଶୁମାନ ମହାନ୍ତି ପ୍ରମୁଖ ଯୋଗ ଦେଇ ନଳିନୀବାବୁ ପରକୁ ଆପଣାର କରିବାର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ଦୁଃଖିରଙ୍କଙ୍କ ପାଇଁ ସଦା ଜାଗ୍ରତ ପ୍ରହରୀ ଭାବେ ଜୀବନ ତମାମ ସଂଗ୍ରାମ ଜାରି ରଖିଥିଲେ। ବାସ୍ତବ କ୍ଷେତ୍ରରେ ନଳିନୀବାବୁ ସବୁରିଙ୍କ ପାଇଁ ସ୍ମରଣୀୟ ବ୍ୟକ୍ତିତ୍ୱ ଓ ଅନନ୍ୟ ଜନନାୟକ ଥିଲେ ବୋଲି ମତବ୍ୟକ୍ତ କରିଥିଲେ।

ଏହି ଅବସରରେ ରାଜନଗର, ପଟ୍ଟାମୁଣ୍ଡାଇ ଅଞ୍ଚଳରେ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିଥିବା ନୃସିଂହ ଆଚାର୍ଯ୍ୟ, ବଳରାମ ସିଂହ, ଶରତ ଚନ୍ଦ୍ର ମହାପାତ୍ର, ବୈକୁଣ୍ଠନାଥ ବିଶ୍ୱାଳ, ବୈକୁଣ୍ଠନାଥ ନାୟକ, ପ୍ରଫୁଲ୍ଲ ମିଶ୍ର, ପଦ୍ମନାଭ ଦାସ, ଗୌରାଙ୍ଗ ଚରଣ ସ୍ୱାଇଁ, ମହେଶ୍ୱର ବଳ, କାହ୍ନୁଚରଣ ଚଣ୍ଡ, ଉପେନ୍ଦ୍ରନାଥ ସ୍ୱାଇଁ, ପଶୁପତି ଜେନା, ବିରଞ୍ଚିନାରାୟଣ ଜେନା, ଅଭୟ ବାବା, ଅଜିତ୍ ସିଂହ, ବିଶନାଥ ରାଉତ, ନାରାୟଣ ସୂତାର, ଡା. ରଶ୍ମିରଞ୍ଜନ ମହାନ୍ତି, ଦାଶରଥୀ ଲେଙ୍କା, ଶଶଧର ସ୍ୱାଇଁ, ପଣ୍ଡିତ ଶଙ୍କର୍ଷଣ ମିଶ୍ର, ରତ୍ନାକର ବିଶ୍ୱାଳଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।





ଶ୍ରଦ୍ଧାଞ୍ଜଳି ସଭାରେ ଯୋଗଦେଇଥିବା ଅତିଥିମାନେ।

## ଜମ୍ବୁଦ୍ୱୀପ ମହୋତ୍ସବରେ ମିଳିଲା ଜିଲା ବିକାଶ ପ୍ରତିଶ୍ରୁତି

କେନ୍ଦ୍ରାପଡ଼ା,୨୦।୪(ଜଗନ୍ନାଥ ଧଳ)

- ଶିଳ୍ପ, ସ୍ୱାସ୍ଥ୍ୟ, ପର୍ଯ୍ୟଟନରେ ୨୮,୩୫୫ କୋଟିର ଯୋଜନା
- ବହୁ ପୂର୍ବରୁ ମିଳୁଛି ଏପରି ପ୍ରତିଶ୍ରୁତି

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ରାମନଗରଠାରେ ଆୟୋଜିତ ୪ ଦିନିଆ ଜମ୍ବୁଦ୍ୱୀପ ମହୋତ୍ସବ ଶନିବାର ଶେଷ ହୋଇଛି। ଏହି ମହୋତ୍ସବ ମା'ରାମଚଣ୍ଡୀ ପୀଠ ପରିସରରେ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି କରିବା ସହିତ ଶାସକ ଦଳଠାରୁ ଜିଲା ବିକାଶ ପାଇଁ ପ୍ରତିଶ୍ରୁତି ମିଳିଛି। ଶିଳ୍ପ, ସ୍ୱାସ୍ଥ୍ୟସେବା ଓ ପର୍ଯ୍ୟଟନ କ୍ଷେତ୍ରରେ ୨୮,୩୫୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବିନିଯୋଗ ହେବ ବୋଲି ମନ୍ତ୍ରୀମାନେ ଏଠାରେ ପ୍ରକାଶ କରିଛନ୍ତି। ଅପରପକ୍ଷେ ପୂର୍ବ ଶାସକ ଦଳ ପକ୍ଷରୁ ବରୁଣେଇ ବନ୍ଦର, ଆଖଡାଶାଳୀଠାରେ ରାଜ୍ୟର ପ୍ରଥମ ନଦୀଭିତ୍ତିକ ବନ୍ଦର, ପାୱାର ଥର୍ମାଲ ପ୍ଲାଣ୍ଟ, ଏସିଆର ସର୍ବବୃହତ ଶିଳ୍ପ, ଉନ୍ନତ ସ୍ୱାସ୍ଥ୍ୟସେବା, ଶିକ୍ଷା ବ୍ୟବସ୍ଥା, ଜାତୀୟ ଉଦ୍ୟାନକୁ ଐତିହ୍ୟ ମାନ୍ୟତା ଆଦି ପ୍ରତିଶ୍ରୁତି କାର୍ଯ୍ୟକାରୀ ହୋଇ ନ ଥିବାରୁ ଅଞ୍ଚଳବାସୀ ଶାସକ ଦଳର ପ୍ରତିଶ୍ରୁତି ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛନ୍ତି।

ମହୋତ୍ସବରେ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗ ଦେଇ କହିଛନ୍ତି, କେନ୍ଦ୍ରାପଡ଼ା ଜିଲାକୁ ଛାଡି ରାଜ୍ୟର ବିକାଶ କଥା ଚିନ୍ତା କରାଯାଇ ପାରିବନି। ସ୍ଥାନୀୟ ଲୋକଙ୍କ ଆର୍ଥିକ ବିକାଶ ପାଇଁ ମହାକାଳପଡ଼ାରେ ଆର୍ସେଲ ମିତଲ ନିପ୍ପନ ଷ୍ଟିଲର ଏକ ବଡ଼ ଯୋଗଦାନ ରହିବ। ରାଜ୍ୟ ସରକାର ଏହି ବୃହତ୍ ଶିଳ୍ପ ସ୍ଥାପନା ପାଇଁ ଉଦ୍ୟମ ଜୋରଦାର କରିଛନ୍ତି। ଏହି ଶିଳ୍ପ ଜାତୀୟ ଓ ବିଶ୍ୱସ୍ତରରେ ପ୍ରଭାବ ପକାଇବ। ଜମ୍ବୁ ଦ୍ୱୀପାଞ୍ଚଳରେ ଥିବା ୧୪୯ ବର୍ଷର ଐତିହ୍ୟ ସମ୍ପର୍ଣ୍ଣ ହୁକିଟୋଲା କୋଠା ନୌବାଣିଜ୍ୟକୁ ମନେ ପକାଇ ଦେଉଛି। ସେହିପରି ୧୮୮ ବର୍ଷ ପୂର୍ବର ଫଲସ ପଏଣ୍ଟ ବତୀଘରକୁ ଏକ ବିକଶିତ ପର୍ଯ୍ୟଟନ କ୍ଷେତ୍ର ପରିଚିତି ମିଳିବାକୁ ଯାଉଛି। ଖରିନାସୀରେ ସେତୁ ନିର୍ମାଣ ସହ ହେନ୍ତାଳ ବଣ ସୃଷ୍ଟି ପାଇଁ ରାଜ୍ୟ ସରକାର ଅର୍ଥ ମଞ୍ଜୁର କରିବାକୁ ପ୍ରସ୍ତୁତ ହେଉଛନ୍ତି। ମା'ରାମଚଣ୍ଡୀ ପୀଠ ପରିସରକୁ ଉନ୍ନତିକରଣ କରାଯାଇ ଏକ ଆଧ୍ୟାତ୍ମିକ ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ଦିଆଯିବ ବୋଲି ମନ୍ତ୍ରୀ ସ୍ୱାଇଁ ଏହି ମହୋତ୍ସବରେ ମତ ରଖିଥିଲେ। ସେହିପରି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ କେନ୍ଦ୍ରାପଡ଼ା ଜିଲାକୁ ଆଗୁଆ ରଖିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଏଠାରେ ମନ୍ତ୍ରୀ ମହାଲିଙ୍ଗ କହିଛନ୍ତି, ଅତିଶୀଘ୍ର କେନ୍ଦ୍ରାପଡ଼ା ଜିଲା ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଗୋଟିଏ ଜିଲା ଗୋଟିଏ ମେଡ଼ିକାଲ କଲେଜ ଯୋଜନାରେ ସାମିଲ ହେବ। ମେଡିକାଲ କଲେଜ ସହିତ ଜିଲାର ସ୍ୱାସ୍ଥ୍ୟସେବା କ୍ଷେତ୍ରର କର୍ମଚାରୀ ଓ ଭିତ୍ତିଭୂମୀ ଅଭାବକୁ ପୂରଣ କରାଯିବ। ଏସମ୍ପର୍କରେ ଓଡ଼ିଶା ସୂଚନା ଅଧିକାର ଅଭିଯାନ (ଓସା)ର ଜିଲା ଆବାହକ ପ୍ରତାପ ଚନ୍ଦ୍ର ମହାନ୍ତି, ଆଇନଜୀବୀ ବିଧୁଭୂଷଣ ମହାପାତ୍ର, ମେଡିକାଲ କଲେଜ ପ୍ରତିଷ୍ଠା କ୍ରୀୟାନୁଷ୍ଠାନ କମିଟି କର୍ମକର୍ତ୍ତା ଗୟାଧର ଧଳ, ସାମାଜିକ କର୍ମୀ ମନୋଜ କୁମାର ନାୟକ, ବୁଦ୍ଧିଜୀବୀ ଆକାଶ ଦାସ ପ୍ରମୁଖ କହିଛନ୍ତି, ଦେଶ ସ୍ୱାଧୀନତାର ୭୭ ବର୍ଷ ପରେ ମଧ୍ୟ କେନ୍ଦ୍ରାପଡ଼ା ଜିଲାବାସୀ ଜନଜୀବନର ମୌଳିକ ଆବଶ୍ୟକତା ପାଇଁ ହନ୍ତସନ୍ତ ହେଉଛନ୍ତି। ଉନ୍ନତ ସ୍ୱାସ୍ଥ୍ୟସେବା ପାଇଁ ମେଡିକାଲ କଲେଜର ଆବଶ୍ୟକତା ଅଛି। ତେବେ ଏଥିପାଇଁ ଜିଲାବାସୀ ବାରମ୍ବାର ଆନ୍ଦୋଳନକୁ ଓହ୍ଲାଉଥିଲେ ମଧ୍ୟ କୌଣସି ରାଜନୈତିକ ଦଳ ଏଥିପ୍ରତି ଗୁରୁତ୍ୱ ଦେଇନାହାନ୍ତି। ଏହି ଜିଲାରେ ଜିଲାବାସୀଙ୍କୁ ଶୁଦ୍ଧ ପାନୀୟ ଜଳ ମିଳୁନାହିଁ। କୃଷିଭିତ୍ତିକ ଅର୍ଥନୀତି ହୋଇଥିଲେ ମଧ୍ୟ କ୍ଷେତକୁ ଜଳ ପରିଚାଳନା ଏଠାରେ ବୃହତ୍ ସମସ୍ୟା। ଆଧ୍ୟାତ୍ମିକ ଓ ପରିବେଶ ଭିତ୍ତିକ ପର୍ଯ୍ୟଟନ ଶିଳ୍ପର ଭିତ୍ତିଭୂମୀ ଥିଲେ ମଧ୍ୟ ଏଥିପ୍ରତି ରାଜନେତା ଓ ପ୍ରଶାସକ ଅଣଦେଖା କରୁଛନ୍ତି। ପୂର୍ବର ବିଜେଡି ସରକାର ଏପରି ବିଭିନ୍ନ ପ୍ରତିଶ୍ରୁତି ଦେଇ ନିର୍ବାଚନ ବୈତରଣୀ ପାର ହୋଇଥିଲେ। ଏବେ ମଧ୍ୟ ଜିଲାବାସୀଙ୍କୁ ବିଭିନ୍ନ ପ୍ରକଳ୍ପ ଓ ଯୋଜନା କାର୍ଯ୍ୟକାରୀର କେବଳ ପ୍ରତିଶ୍ରୁତି ମିଳିବାରେ ଲାଗିଛି। ଯୋଜନା କାର୍ଯ୍ୟକାରୀରେ ଜିଲାବାସୀ ଉପକୃତ ହେବେ ବୋଲି ସେମାନେ ସମାଲୋଚନା କରିଛନ୍ତି ।

# ଫଳକରେ ସୀମିତ ପଞ୍ଚୁପାଣ୍ଡବ ପର୍ଯ୍ୟଟନ ପୀଠ ବିକାଶ

■ ଭିତ୍ତିପ୍ରସ୍ତର ସ୍ଥାପନକୁ ପୂରିଲାଣି ୮ ବର୍ଷ
■ ସୋସିଆଲ ମିଡ଼ିଆରେ କରାଯାଉଛି ଭର୍ତ୍ସନା


ପଞ୍ଚୁପାଣ୍ଡବ ପୀଠରେ ଭିତ୍ତି ପ୍ରସ୍ତର ସ୍ଥାପନ ଫଳକ।


ନିର୍ମାଣ ପରେ କାର୍ଯ୍ୟକ୍ଷମ ହୋଇ ନ ଥିବା ସୁବିଧାକେନ୍ଦ୍ର।

ନୂଆଗାଁ,୨୦।୪(ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ପଞ୍ଚୁପାଣ୍ଡବ ପର୍ଯ୍ୟଟନ ପୀଠ ଭିତ୍ତିଭୂମିର ବିକାଶ ପାଇଁ ରାଜ୍ୟ ସରକାର ଅଣ୍ଟା ଭିଡ଼ିଥିଲେ। ତତ୍କାଳୀନ ବିଭାଗୀୟ ମନ୍ତ୍ରୀଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା। ଇତିମଧ୍ୟରେ ୮ ବର୍ଷ ପୁରିଲାଣି, ହେଲେ ବିକାଶର ନାଁ ଗନ୍ଧ ନାହିଁ। ତେଣୁ ମନ୍ତ୍ରୀଙ୍କ ଦ୍ୱାରା କରାଯାଇଥିବା ଭିତ୍ତିପ୍ରସ୍ତର ସ୍ଥାପନକୁ ଏକ ପ୍ରହେଳିକା ବୋଲି ସ୍ଥାନୀୟ ବୁଦ୍ଧିଜୀବୀମାନେ କହୁଛନ୍ତି।

ଖୋର୍ଦ୍ଧା-ବଲାଙ୍ଗୀର ୫୭ନଂ. ଜାତୀୟ ରାଜପଥ ଦେଇ ନୟାଗଡ଼ଠାରୁ ଦଶପଲ୍ଲା ଯିବା ରାସ୍ତାରେ ନୂଆଗାଁ ନିକଟରେ ରହିଛି ପଞ୍ଚୁପାଣ୍ଡବ ପୀଠ। ରାସ୍ତା କଡରେ ଥିବା ପଞ୍ଚୁପାଣ୍ଡବ ମନ୍ଦିର ସମ୍ମୁଖରେ ରହିଛି ପାଞ୍ଚଟି ପାହାଡ, ଯାହାକି ପଞ୍ଚୁ ପାଣ୍ଡବ ନାମରେ କେଉଁ ଆବାହନ କାଳରୁ ରହିଆସିଛି। ଏହି ପୀଠ ବହୁ ପୁରାତନ ହୋଇଥିବା ବେଳେ ସେଠାକୁ ଅନେକ ପର୍ଯ୍ୟଟକ ଆସିବା ସହ ସ୍ଥାନୀୟ ଲୋକେ ବାହାଘର, ବ୍ରତଘର, ଭୋଜିଭାତ ପାଇଁ ସେହି ସ୍ଥାନ ଉପରେ ନିର୍ଭର କରି ଥାଆନ୍ତି। ତେଣୁ ଏହାକୁ ଏକ ପର୍ଯ୍ୟଟନ ସ୍ଥଳର ମାନ୍ୟତା ଦେବା ସହ ଭିତ୍ତିଭୂମିର ବିକାଶ ପାଇଁ ଅଞ୍ଚଳବାସୀ ପ୍ରଶାସନ, ରାଜନୈତିକ ବ୍ୟକ୍ତିମାନଙ୍କୁ ଗୁହାରୀ କରି ଆସୁଥିଲେ। ତେଣୁ ଅଞ୍ଚଳବାସୀଙ୍କ ଦାବୀ ମୁତାବକ ଏହାକୁ ପର୍ଯ୍ୟଟନସ୍ଥଳର ମାନ୍ୟତା ଦେବା ସହ ଭିତ୍ତିଭୂମିର ବିକାଶ କରିବା ପାଇଁ ପ୍ରତିଶ୍ରୁତି ଦିଆଯାଇଥିଲା। ୨୦୧୬ ଡିସେମ୍ବର ୬ରେ ଓଡିଶା ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ ତରଫରୁ ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା,ପଞ୍ଚାୟତିରାଜ ଓ ଆଇନ ବିଭାଗ ମନ୍ତ୍ରୀ ଅରୁଣ କୁମାର ସାହୁ, ସଂସ୍କୃତି ବିଭାଗ ସଚିବ ମନୋରଞ୍ଜନ ପାଣିଗ୍ରାହୀଙ୍କ ନାମ ଲିଖିତ ଏକ ଫଳକ ସ୍ଥାପନା କରାଯାଇ ଭିତ୍ତି ପ୍ରସ୍ତର ସ୍ଥାପନ କରାଯାଇଥିଲା। ସେଠାରେ ଏକ କଲ୍ୟାଣ ମଣ୍ଡପ ନିର୍ମାଣ କରିବା ପାଇଁ ସରକାରଙ୍କ ତରଫରୁ ୩୦ ଲକ୍ଷ ଟଙ୍କାର ଅନୁଦାନ ଯୋଗାଇ ଦିଆଯାଇ ତା'ର ଟେଣ୍ଡର କରାଯାଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ କାମ ହେବା ପୂର୍ବରୁ ତାହାକୁ ବନ୍ଦ କରି ଦିଆଯାଇଥିଲା। ଇତି ମଧ୍ୟରେ ଭିତ୍ତିପ୍ରସ୍ତର ସ୍ଥାପନକୁ ୮ ବର୍ଷ ପୂରଣ ହୋଇଥିଲେ ମଧ୍ୟ ଅଦ୍ୟାବଧି କୌଣସି ଉନ୍ନତିମୂଳକ କାର୍ଯ୍ୟ ହୋଇନାହିଁ। ଅନ୍ୟପକ୍ଷେ କେତେଜଣ ନେତାଙ୍କୁ ସୁହାଇଲା ଭଳି ପଞ୍ଚୁପାଣ୍ଡବ ନିକଟସ୍ଥ ଏକ ଅପାନ୍ତରିଆ ସ୍ଥାନରେ ୩୫ ଲକ୍ଷ ଟଙ୍କା ବ୍ୟୟରେ ଏକ ଜନ ସୁବିଧା କେନ୍ଦ୍ର ନିର୍ମାଣ କରାଯାଇଛି। କିନ୍ତୁ ନିର୍ମାଣ କାର୍ଯ୍ୟ ଶେଷ ହେବାର ୩ ବର୍ଷ ବିତି ଯାଇଥିଲେ ମଧ୍ୟ ଅଦ୍ୟାବଧି ତାହା କାର୍ଯ୍ୟକ୍ଷମ ନ ହେବା ପଞ୍ଚୁପାଣ୍ଡବ ବିକାଶ ଚିନ୍ତା କରୁଥିବା ଲୋକଙ୍କୁ ବେଶୀ ବ୍ୟଥିତ କରିଛି। ମନ୍ତ୍ରୀମାନଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ ଏକ ଧୂଆଁବାଣ ବୋଲି ସୋସିଆଲ ମିଡ଼ିଆରେ ଭର୍ତ୍ସନା କରାଯାଉଥିବା ବେଳେ ନୂଆଗାଁ ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ଜଳଧର ସାହୁ, ଆଇନଜୀବୀ ଜିତେନ୍ଦ୍ର କୁମାର ସାହୁ, ଗୋପବନ୍ଧୁ ଖଣ୍ଡୁଆଳ, ଗଗନ ବିହାରୀ ପ୍ରଧାନଙ୍କ ସମେତ ଅଞ୍ଚଳବାସୀ ସେହି ଅଞ୍ଚଳର ବିକାଶ ପାଇଁ ଦାବି କରିଛନ୍ତି। ପଞ୍ଚୁପାଣ୍ଡବ ପୀଠର ବିକାଶ ବାବଦରେ ନୂଆଗାଁ ବ୍ଲକ ଉପାଧ୍ୟକ୍ଷ ପର୍ଶୁରାମ ସ୍ୱାଇଁଙ୍କୁ ପଚାରିବାରେ ଏ ନେଇ ଆମେ ବିଭାଗୀୟ ମନ୍ତ୍ରୀ ଓ କନ୍ଧମାଳ ଏମ୍‌ପିଙ୍କ ସହ ଆଲୋଚନା କରିବୁ ବୋଲି କହିଛନ୍ତି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଦିବ୍ୟରାଜ


@ ଖଗେଶ୍ୱର


@ ପଦ୍ମଲୋଚନ


@ ସୁଧାଂଶୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ନୂଆ ଡଙ୍ଗାରେ ଚାପ ଖେଳିବେ ଲଡୁବାବା

## ୧୫ ବର୍ଷ ପରେ ବଦଳିଲା ପୁରୁଣା ଡଙ୍ଗା


ଚାପଖେଳ ପାଇଁ ପ୍ରସ୍ତୁତ ରହିଥିବା ପୁଷ୍କରଣୀ ଓ ଡ଼ଙ୍ଗା।

ଶରଣକୂଳ,୨୦।୪(ଦୀପକ କର)

ନୟାଗଡ ଜିଲାର ପ୍ରସିଦ୍ଧ ଶୈବପୀଠ ଶରଣକୁଳର ଲଡୁବାବାଙ୍କ ଚାପ ଖେଳ ଅକ୍ଷୟ ତୃତୀୟାଠାରୁ ଆରମ୍ଭ ହୋଇ ୨୧ ଦିନ ଧରି ଚାଲିଥାଏ। ଉତ୍କଳ ଭଉଁରୀ ଦିନ ଏହି ଚାପ ଖେଳ ଶେଷ ହୋଇଥାଏ। ପ୍ରତିଦିନ ଅପରାହ୍ନରେ ପ୍ରଭୁଙ୍କ ଚଳନ୍ତି ପ୍ରତିମା ଏହି ଡ଼ଙ୍ଗାରେ ଭ୍ରମଣ କରିଥାନ୍ତି। ୧୫ ବର୍ଷ ପୂର୍ବେ ଡ଼ଙ୍ଗା ତିଆରି ହୋଇଥିଲେ ମଧ ତାହା ନଷ୍ଟ ହେବାରୁ ଚଳିତ ବର୍ଷ ନୂତନ ଡ଼ଙ୍ଗା ନିର୍ମାଣ କରାଯାଇଛି। ୨ ବର୍ଷ ତଳେ ଡ଼ଙ୍ଗା ବୁଡି ଯିବାରୁ ସେବାୟତମାନେ ଏକ ବଡ଼ ଅଘଟଣରୁ ବର୍ତ୍ତିଥିଲେ। ଏହି ଅଘଟଣକୁ ନେଇ ସେବାୟତ ଓ ଦେବୋତ୍ତର ବିଭାଗକୁ ବଦନାମ ମୁଣ୍ଡାଇବାକୁ ପଡ଼ିଥିଲା। ଗତବର୍ଷ ଠାକୁରଙ୍କ ପୁଷ୍କରିଣୀରେ ପାଣି ନ ଥିବାରୁ ଚାପ ଖେଳ ହୋଇ ପାରି ନ ଥିଲା। ଏହାକୁ ନେଇ ସେବାୟତ ଓ ଭକ୍ତଙ୍କ ମଧ୍ୟରେ ଘୋର ଅସନ୍ତୋଷ ଦେଖା ଦେଇଥିଲା। ଏବେ ନୂତନ ଭାବେ ଡ଼ଙ୍ଗା ତିଆରି କରାଯାଇଛି। ଦଶପଲ୍ଲା ବନ ଉନ୍ନୟନ ନିଗମରୁ ଶାଳ କାଠ ଆସିବା ପରେ ନିର୍ମାଣ ଶେଷ ହୋଇଛି। ଏଥିପାଇଁ ପାଇଁ ୨ଲକ୍ଷ ୩୦ହଜାର ଟଙ୍କା ଖର୍ଚ୍ଚ ହୋଇଥିବା ଦେବୋତ୍ତର ସୁପରଭାଇଜର ସୁବାସ ଚନ୍ଦ୍ର ବରା କହିଛନ୍ତି। ତାଙ୍କ କହିବା କଥା ଦୀର୍ଘଦିନର ପୁରୁଣା ଡଙ୍ଗା ଭାଙ୍ଗି ଯାଇଥିଲା। ଆଗକୁ ଅକ୍ଷୟ ତୃତୀୟା ଥିବାରୁ ଠାକୁର ପରିଭ୍ରମଣ କରିବାର ବିଧି ରହିଛି। ତେଣୁ ଆମେ ନୂତନ ଡଙ୍ଗା ତିଆରି କରିବାକୁ ନିଷ୍ପତ୍ତି ନେଇଥିଲୁ। ନୟାଗଡ଼ ଜିଲା କଣ୍ଟିଲୋ ଅଞ୍ଚଳର ଦୁଇଜଣ ବିନ୍ଧାଣି ଆସି ଡ଼ଙ୍ଗା ନିର୍ମାଣ କରିଛନ୍ତି। ଠାକୁରଙ୍କ ଚଳନ୍ତି ପ୍ରତିମାକୁ ନେଇ ପୁଷ୍କରିଣୀରେ ଚାପ ଖେଳ ହେବ। ଏଥିରେ କୌଣସି ବିଘ୍ନ ସୃଷ୍ଟି ହେବ ନାହିଁ। ଭକ୍ତମାନେ ଠାକୁରଙ୍କ ଏହି ଲୀଳାକୁ ଉପଭୋଗ କରିବାର ସୁଯୋଗ ପାଇପାରିବେ ବୋଲି ସେ କହିଛନ୍ତି।

# ଶ୍ରୀରାମ ବିଳାପ, ସୁଗ୍ରୀବ ଭେଟ ସହ ବାଳୀବଧ

## ଗଣିଆ ଲଙ୍କାପୋଡ଼ି ଯାତ୍ରାର ଷଷ୍ଠ ଦିବସ

ଗଣିଆ,୨୦।୪
(ସନ୍ତୋଷ କୁମାର ପ୍ରଧାନ)


ମଞ୍ଚସ୍ଥ ରାମଲୀଳାରେ ବାଳୀ ସୁଗ୍ରୀବ ଲଢ଼େଇର ଦୃଶ୍ୟ।

ଗଣିଆ ଲଙ୍କାପୋଡ଼ି ଯାତ୍ରାର ରବିବାର ଷଷ୍ଠ ଦିବସରେ ଶ୍ରୀରାମ ବିଳାପ ଓ ସୁଗ୍ରୀବ ଭେଟ ଶୀର୍ଷକ ନାଟକ ଶ୍ରୀ ଶ୍ରୀ ରଘୁନାଥ ଜୀଉ ମନ୍ଦିର ପ୍ରାଙ୍ଗଣରେ ମଞ୍ଚସ୍ଥ ହୋଇଯାଇଛି। ସୀତାଙ୍କୁ କୁଟୀରରେ ଓ ପଞ୍ଚବଟୀରେ ଖୋଜି ନ ପାଇ ପ୍ରଭୁ ଶ୍ରୀରାମ ଅତ୍ୟନ୍ତ ମର୍ମାହତ ହୋଇଥିଲେ। ରାମଲକ୍ଷ୍ମଣ ଶୋକାତୁର ଅବସ୍ଥାରେ ସୀତାଙ୍କୁ ଖୋଜି ବୁଲୁଥିବା ବେଳେ ବାଟରେ ଆହତ ଜଟାୟୁଙ୍କଠାରୁ ସୀତାଚୋରୀ ଖବର ପାଆନ୍ତି। ଜଟାୟୁଙ୍କ ମୃତ୍ୟୁପରେ ସଂସ୍କାର କରି ରାମ ଲକ୍ଷ୍ମଣ ଶବରୀ ଆଶ୍ରମରେ ପହଞ୍ଚି ଅତିଥ୍ୟ ଗ୍ରହଣ କରିଥିଲେ। ପରେ ରାମ ଲକ୍ଷ୍ମଣ କିସ୍କିନ୍ଧ୍ୟା ରାଜ୍ୟରେ ପହଞ୍ଚିଥିଲେ। ସେଠାରେ ପ୍ରବଳ ପରାକ୍ରମୀ ବାନର ରାଜା ବାଳୀଙ୍କ ପରାଭବରେ ସାନଭାଇ ସୁଗ୍ରୀବ ଋଷ୍ୟମୁକ ପର୍ବତରେ ଲୁଚି ରହିଥାନ୍ତି। କପିରାଜ ସୁଗ୍ରୀବଙ୍କ ସହିତ ତାଙ୍କର ଅଷ୍ଟ ସେନା ଜାମ୍ବବାନ, ହନୁମାନ, ଅଙ୍ଗଦ, ନଳ, ନୀଳ, ଗବୟ ଓ ଗବାକ୍ଷଆଦି ରୁଷ୍ୟମୁକ ପର୍ବତରେ ଲୁଚି ରହିଥାନ୍ତି। ପର୍ବତ ଶିଖରରୁ ସୁଗ୍ରୀବ ରାମଲକ୍ଷ୍ମଣଙ୍କୁ ଦେଖି ବାଳିର ଗୁପ୍ତଚର ଭାବି ହନୁମାନଙ୍କୁ ଛଦ୍ମ ବେଶରେ ପଠାଇଥାନ୍ତି। ଶ୍ରୀରାମ ଓ ହନୁମାନଙ୍କ ମିଳନ ପରେ ରାମ ଓ ଲକ୍ଷ୍ମଣ ଦୁଇଭାଇଙ୍କୁ କାନ୍ଧରେ ବସାଇ ନେଇ ଆସନ୍ତି। ଏହାପରେ ସୁଗ୍ରୀବଙ୍କ ସହିତ ଶ୍ରୀରାମଙ୍କର ମିତ୍ରତା ସ୍ଥାପନା ହୋଇଥିଲା। ସୀତା ଅପହରଣ ସମୟରେ ବାନରମାନେ ପାଇଥିବା ଅଳଙ୍କାରମାନ ଶ୍ରୀରାମଙ୍କୁ ପ୍ରଦାନ କରନ୍ତି। ପ୍ରବଳ ପରାକ୍ରମୀ ବାଳୀକୁ ପରାସ୍ତ କରିପାରିବା ନେଇ ମନରେ ସନ୍ଦେହରେ ଶକ୍ତି ପରୀକ୍ଷା ନିମିତ ବାଳୀଦ୍ୱାରା ନିହତ ରାକ୍ଷସ ଦୁନ୍ଦୁଭିର ଅସ୍ଥିକୁ କୌଣସି ଯୋଦ୍ଧା ଉଠାଇ ପାରୁ ନ ଥିବା ବେଳେ ପ୍ରଭୁ ଶ୍ରୀରାମ ତାଙ୍କ ବାମପାଦର କନିଷ୍ଠ ଅଙ୍ଗୁଳିରେ ତାକୁ ଫୋପାଡ଼ି ଦେଇଥିଲେ। ୨ୟ ପରୀକ୍ଷାରେ ସପ୍ତଶଳାକୁ ଗୋଟିଏ ତୀରରେ ଛେଦନ କରିଥିଲେ। ଶ୍ରୀରାମଙ୍କ ପରାମର୍ଶକ୍ରମେ ସୁଗ୍ରୀବ ବାଳୀଙ୍କୁ ଯୁଦ୍ଧପାଇଁ ଡାକରା ଦେଇ ପ୍ରଥମ ଯୁଦ୍ଧରେ ପରାଜୟ ବରଣ କରି ଫେରି ଆସନ୍ତି। ଶ୍ରୀରାମ ଯୁଦ୍ଧ ସମୟରେ ସୁଗ୍ରୀବଙ୍କୁ ଚିହ୍ନି ନ ପାରି ବାଳୀ ଉପରକୁ ତୀର ନିକ୍ଷେପ କରିପାରନ୍ତି ନାହିଁ। ସେଥିପାଇଁ ସୁଗ୍ରୀବଙ୍କୁ ଯୁଦ୍ଧ ସମୟରେ ଚିହ୍ନିବା ପାଇଁ ତାଙ୍କ ବେକରେ ଏକ ବଣମଲିର ମାଳ ପିନ୍ଧାଇ ଦିଅନ୍ତି। ପୁନଶ୍ଚ ବାଳୀ ଓ ସୁଗ୍ରୀବଙ୍କ ଘମାଘୋଟ ଯୁଦ୍ଧ ସମୟରେ ଶ୍ରୀରାମ ବାଳୀକୁ ବଧ କରିଥିଲେ। ପରେ କିସ୍କିନ୍ଧ୍ୟାରେ ସୁଗ୍ରୀବଙ୍କ ରାଜ୍ୟାଭିଷେକ କରାଇବା ସହିତ ବାଳୀଙ୍କ ସ୍ତ୍ରୀ ତାରାଙ୍କୁ ପାଟରାଣୀ ଓ ଅଙ୍ଗଦଙ୍କୁ ଯୁବରାଜ ପଦରେ ଅଭିଷିକ୍ତ କରାନ୍ତି ପ୍ରଭୁ ଶ୍ରୀରାମ। ଏହି ସମୟରେ ବର୍ଷାଋତୁ ଆଗମନ ଯୋଗୁ ଶ୍ରୀରାମ ଲକ୍ଷଣ ଋଷ୍ୟମୁକ ପର୍ବତରେ ଅବସ୍ଥାନ କରନ୍ତି। ରାମଲୀଳା ପରିଷଦ କଳାକାରମାନଙ୍କ ଦ୍ୱାରା ପରିବେଷିତ ଏହି ନାଟକ ଦର୍ଶକ ମହଲରେ ବେଶ ଆଦୃତ ହୋଇପାରିଥିଲା।

# ଅବସରପ୍ରାପ୍ତ ବନଉନ୍ନୟନ କର୍ମଚାରୀଙ୍କ ପରଲୋକ

ଦଶପଲ୍ଲା,୨୦।୪(ପ୍ରକାଶ କୁମାର ପାଣି)


ପ୍ରଶନ୍ନ ଆଚାର୍ଯ୍ୟ

ଦଶପଲ୍ଲା ଏନ୍‌ଏସିର ହରିଡାବାରୀ ଗ୍ରାମର ପ୍ରଶନ୍ନ କୁମାର ଆଚାର୍ଯ୍ୟଙ୍କ ଶୁକ୍ରବାର ରାତିରେ ପରଲୋକ ହୋଇଯାଇଛି। ତାଙ୍କୁ ୭୨ ବର୍ଷ ବୟସ ହୋଇଥିଲା। ଦୀର୍ଘଦିନ ହେବ ସେ ଅସୁସ୍ଥ ଥିଲେ। ପ୍ରଶନ୍ନ ଓଡ଼ିଶା ବନ ଉନ୍ନୟନ କର୍ପୋରେଶନର ଜଣେ ଅବସରପ୍ରାପ୍ତ କର୍ମଚାରୀ। ମୃତ୍ୟୁଶଯ୍ୟା ନିକଟରେ ଝିଅ, ଜ୍ୱାଇଁ ଓ ପରିବାରବର୍ଗ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କର ଶେଷକୃତ୍ୟ ଶେଷ ହୋଇଥିଲା। ବଡ଼ଜ୍ୱାଇଁ ପ୍ରକାଶ କୁମାର ପାଣି ମୁଖାଗ୍ନୀ ଦେଇଥିଲେ। ଏହି ଖବର ଜଣାପଡିବା ପରେ ହରିଡ଼ାବାରୀ ଗ୍ରାମରେ ଶୋକରେ ଛାୟା ଖେଳିଯାଇଥିଲା।

# ମେ'୨୦ ସାଧାରଣ ଧର୍ମଘଟ ପାଇଁ ଟ୍ରେଡ୍ ୟୁନିୟନ କନ୍‌ଭେନଶନ


ଧର୍ମଘଟ ପାଇଁ ଆୟୋଜିତ ସଭାରେ ମଞ୍ଚାସୀନ ଅତିଥି।

ନୟାଗଡ଼,୨୦।୪(ଲୋକାନାଥ ମିଶ୍ର)

କେନ୍ଦ୍ର ସରକାରଙ୍କ ଶ୍ରମିକ ମାରଣ ନୀତି ବିରୋଧରେ ମେ'୨୦ ସାଧାରଣ ଧର୍ମଘଟକୁ ସଫଳ କରିବାପାଇଁ ରବିବାର ନୟାଗଡ଼ ଶିକ୍ଷକ ଭବନଠାରେ ବିଭିନ୍ନ ଶ୍ରମିକ ସଙ୍ଗଠନର ପ୍ରତିନିଧିମାନେ ମିଳିତ ହୋଇଥିଲେ। ସିଆଇଟିୟୁର ବରିଷ୍ଠ ନେତା ବିଶ୍ୱନାଥ ମହାପାତ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। କେନ୍ଦ୍ର ସରକାର ଯେଉଁଭଳିଭାବେ ଶ୍ରମିକ ଆଇନକୁ ବାତିଲ କରି ଶ୍ରମିକ ବିରୋଧୀ ଶ୍ରମକୋଡ ପ୍ରଚଳନ କରୁଛନ୍ତି, ଘରୋଇକରଣ ଓ ଠିକାକରଣକୁ ବ୍ୟାପକ କରି ଶ୍ରମକ୍ଷେତ୍ରକୁ କର୍ପୋରେଟ ମାଲିକଙ୍କ ମର୍ଜି ଉପରେ ଛାଡ଼ିଦିଆଯାଉଛି, ତାହାର ଦୃଢ଼ ନିନ୍ଦା କରି ପ୍ରତିନିଧିମାନେ ଉଦବେଗ ପ୍ରକାଶ କରିଥିଲେ। ଶ୍ରମକୋଡ ବାତିଲ କରି ପୂର୍ବରୁ ଶ୍ରମିକ ଆଇନ ଲାଗୁ କରିବା, ସର୍ବନିମ୍ନ ମାସିକ ପ୍ରାପ୍ୟ ୨୬ ହଜାର ଟଙ୍କା ଓ ପେନସନ ୯ ହଜାର ଟଙ୍କା କରିବା, ଘରୋଇକରଣ ବନ୍ଦ କରିବା, ସ୍କିମ ଶ୍ରମିକମାନଙ୍କୁ ସରକାରୀ ମାନ୍ୟତା ପ୍ରଦାନ ଆଦି ଦାବି ଉପରେ ଆଲୋଚନା ହୋଇଥିଲା। ଏହି ଅବସରରେ ସିଆଇଟିୟୁର ରାଜ୍ୟ ଉପସଭାପତି ଉଲାସ ଚନ୍ଦ୍ର ସ୍ୱାଇଁ ମେ'୨୦ ହରତାଳକୁ ସଫଳ କରିବାପାଇଁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇଏନ୍‌ଟିୟୁସି ନେତା ରଣଜିତ ଦାଶ, ଆଲୋକ ପ୍ରଧାନ, ଏଆଇଟିୟୁସି ନେତା ଅମୀୟ ପଟ୍ଟନାୟକ, କମଳେଶ ଦାସ, ଏଆଇସିସିଟିୟୁ ନେତା ଗୋପିନାଥ ଜେନା, ସିଆଇଟିୟୁର ନେତା ସୁରେଶ ସ୍ୱାଇଁ, ପବିତ୍ର ଇନ୍ଦ୍ରଜିତ, ସଂଯୁକ୍ତା ସେଠୀ, ଚାପଧାରୀ ରାଉତ, ଶ୍ରମିକ ନେତା ଶ୍ରୀକାନ୍ତ ପଟ୍ଟନାୟକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ସାଧାରଣ ଧର୍ମଘଟକୁ ସଫଳ କରିବାପାଇଁ ଆହ୍ୱାନ ଦେଇଥିଲେ। ସାଥୀ ସୁରେଶ ଚନ୍ଦ୍ର ସ୍ୱାଇଁ ଆନ୍ଦୋଳନର ଭିତ୍ତିପତ୍ର ଉପସ୍ଥାପନ କରିଥିଲେ।

# ବିଜ୍ଞାପନ ଦେଇ ବିଲ୍ କରିବାକୁ ଉଦ୍ୟମ

ନୟାଗଡ଼,୨୦।୪(ଲୋକନାଥ ମିଶ୍ର)

## ୬୬ ପେଭର ବ୍ଲକ ରାସ୍ତା ଅନିୟମିତତା ଘଟଣା

■ ୨୫ ତାରିଖ ସୁଦ୍ଧା ଦାଖଲ କରିବାକୁ ପଡ଼ିବ ଜମି ମାଲିକାନା ପ୍ରମାଣପତ୍ର
■ ଆପତ୍ତି ଅଭିଯୋଗ ନ ଆସିଲେ ଶୁଣିବନି ମ୍ୟୁନିସିପାଲିଟି
■ ସ୍ଥଗିତ ରାସ୍ତାର ବିଲ୍ ଠିକାଦାରଙ୍କୁ ହେବ ପଇଠ

ନୟାଗଡ଼ ମ୍ୟୁନିସିପାଲିଟିରେ ବହୁ ଚର୍ଚ୍ଚିତ ୬୬ ପେଭର ବ୍ଲକ୍ ରାସ୍ତାର ବିଲ୍ ସ୍ଥଗିତ ଘଟଣାର ସମାଧାନ କରାଯାଇ ଠିକାଦାରଙ୍କୁ ବିଲ୍ ପଇଠ କରାଯିବାକୁ ନୟାଗଡ଼ ମ୍ୟୁନିସିପାଲିଟି ଉଦ୍ୟମ ଆରମ୍ଭ ହୋଇଛି। ନୟାଗଡ଼ ମ୍ୟୁନିସିପାଲିଟିର ସମସ୍ତ ୱାର୍ଡରେ ବସବାସ କରୁଥିବା ଲୋକଙ୍କ ପାଇଁ ଗୃହ ଓ ନଗର ଉନ୍ନୟନ ବିଭାଗ ନିର୍ଦ୍ଦେଶ ମୁତାବକ କରାଯାଇଥିବା ଅଥବା ହେବାକୁ ଥିବା କଚ୍ଚା ରାସ୍ତାରୁ ପକ୍କା ରାସ୍ତା ପ୍ରକଳ୍ପଗୁଡ଼ିକର ଜମି ମାଲିକମାନଙ୍କଠାରୁ ଆପତ୍ତି ଅଭିଯୋଗ ଆହ୍ୱାନ କରାଯାଇଛି। ଜମି ମାଲିକମାନଙ୍କ ଆପତ୍ତି ଅଭିଯୋଗ ଥିଲେ ଏପ୍ରିଲ ୧ରୁ ୨୫ ତାରିଖ ଭିତରେ ନୟାଗଡ଼ ମ୍ୟୁନିସିପାଲିଟି କାର୍ଯ୍ୟାଳୟରେ ଜମିପଟ୍ଟାର ନିଜସ୍ୱ ମାଲିକାନାର ପ୍ରମାଣପତ୍ର ଦାଖଲ କରିବାକୁ ପଡିବ। ଇଚ୍ଛୁକ ଜମି ମାଲିକମାନେ ନୟାଗଡ଼ ମ୍ୟୁନିସିପାଲିଟିକୁ ରାସ୍ତା ହସ୍ତାନ୍ତର କରିବା ସହିତ ଜମିପଟ୍ଟାର କାଗଜାତ ଦାଖଲ କରିବେ। ନିର୍ଦ୍ଧାରିତ ସମୟ ମଧ୍ୟରେ ଆପତ୍ତି ଅଭିଯୋଗ ନ ଆସିଲେ ପ୍ରକଳ୍ପ ଗୁଡିକର ସ୍ଥଗିତ ବିଲ୍ ପ୍ରଦାନ କରାଯିବ ବୋଲି କୁହାଯାଇଛି। ସେହିପରି ଆରମ୍ଭ ହୋଇ ନ ଥିବା ପ୍ରକଳ୍ପଗୁଡିକର କାର୍ଯ୍ୟ ଶେଷ କରାଯିବ ବୋଲି ମଧ ଅନୁରୂପ ଭାବେ କୁହାଯାଇଛି। ଏନେଇ ନୟାଗଡ଼ ମ୍ୟୁନିସିପାଲିଟି ପକ୍ଷରୁ ପତ୍ର ସଂଖ୍ୟା ୭୭୫, ୨୭।୩।୨୦୨୫ରେ ଖବରକାଗଜରେ ୫୪ଟି ପ୍ରକଳ୍ପର ବିଜ୍ଞପ୍ତି ପ୍ରକାଶ ପାଇଛି। ତେବେ ଖବରକାଗଜରେ ବିଜ୍ଞପ୍ତି ପ୍ରକାଶ ସତ୍ତ୍ୱେ ମ୍ୟୁନିସିପାଲିଟିର ବିଜ୍ଞପ୍ତି ସମ୍ପର୍କରେ ଅନେକ ଜମି ମାଲିକ ଜାଣି ନ ଥିବାରୁ ଅନେକ ହଇରାଣ ହେବାର ସମ୍ଭାବନା ରହିଛି।

ସୂଚନା ଅନୁଯାୟୀ, ୧୦।୧୦।୨୦୨୩ରେ ୬୬ଟି ରାସ୍ତାରେ ପେଭର ବ୍ଲକ ପକାଇ ରାସ୍ତା ନିର୍ମାଣ ପାଇଁ ନୟାଗଡ଼ ମ୍ୟୁନିସିପାଲିଟି ପକ୍ଷରୁ ଟେଣ୍ଡର ବାହାରିଥିଲା। ଟେଣ୍ଡର ପରେ ଅନେକ ଠିକାଦାର ଟେଣ୍ଡର ପକାଇଥିଲେ। ଏଥିରୁ ୨୦ରୁ ୨୫ ଜଣ ଠିକାଦାର ଟେଣ୍ଡର ପାଇ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ରାସ୍ତା କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଶେଷ କରିବାକୁ ମ୍ୟୁନିସିପାଲିଟି ପକ୍ଷରୁ ନିର୍ଦ୍ଦେଶ ମିଳିଥିଲା। ଏହାରି ଭିତରେ ଟେଣ୍ଡର କରଥିବା ନିର୍ବାହୀ ଅଧିକାରୀଙ୍କ ବଦଳି ହୋଇଥିଲା। ସ୍ନେହଲତା ଆଚାର୍ଯ୍ୟ ନୂଆ ନିର୍ବାହୀ ଅଧିକାରୀ ଭାବେ କାର୍ଯ୍ୟରେ ଯୋଗ ଦେଇଥିଲେ। ରାସ୍ତାର ବିଲ୍ କରିବା ସମୟରେ ରାସ୍ତାଗୁଡିକ ବିବାଦୀୟ ରହିଥିବା ଜଣାପଡିଥିଲା। କିଛି ବେସରକାରୀ ଜମିରେ ରାସ୍ତା ଯାଇଥିବାର ଅଭିଯୋଗ ଉଠିଥିଲା। ପୁଣି ଗୋଟିଏ ଘର ପାଇଁ ରାସ୍ତା ବି ତିଆରି ହୋଇଥିଲା। ଏନେଇ ହାଇକୋର୍ଟରେ ମାମଲା ହୋଇଥିବାବେଳେ କେତେଜଣ ଲୋକ ରାସ୍ତା ନେଇ ଆରଟିଆଇରେ ତଥ୍ୟ ମାଗିଥିଲେ। ଆଉ କେତେଜଣ ବେଆଇନ ରାସ୍ତା ଉପରେ ଫେରାଦ୍ ହୋଇ ପ୍ରତିବାଦ କରିଥିଲେ। କବଲତି ଜମିକୁ ସରକାରୀ ଦର୍ଶାଇ ଟେଣ୍ଡର କରାଯାଇଥିବାରୁ ବିଲ୍ ହୋଇ ପାରୁ ନ ଥିବା ଜଣାପଡିଥିଲା। ଏଭଳିସ୍ଥଳେ ରାସ୍ତାର ବିଲ୍ ପାଇଁ ଠିକାଦାର ଧାରଣା ଦେଇଥିଲେ। ତେବେ ସୁଫଳ ମିଳି ନ ଥିଲା। ସେହିପରି ଗତ ଅକ୍ଟୋବର ୨୯ ତାରିଖ ମ୍ୟୁନିସିପାଲିଟି ବୈଠକରେ ୬୬ ରାସ୍ତାର ବିଲ୍ କରିବା ଉପରେ ସରଗରମ ଆଲୋଚନା ହୋଇଥିଲା। ସେହି ରାସ୍ତା ଗୁଡିକର ବିଲ୍ କରିବା ପାଇଁ ବିଧାୟକ, କାଉନସିଲର ଓ ଚେୟାରମ୍ୟାନ ଅଡି ବସିଥିବାବେଳେ ବିବାଦୀୟ ରାସ୍ତା କହି ବିଲ୍ କରିପାରିବେ ନାହିଁ ବୋଲି ନିର୍ବାହୀ ଅଧିକାରୀ ସ୍ନେହଲତା ଆଚାର୍ଯ୍ୟ ନିଜର ଅସହାୟତା ପ୍ରକାଶ କରିଥିଲେ। ଏପରକି ବଦଳି କରିଦେଲେ ବି ବିଲ୍ କରି ପାରିବେ ନାହିଁ ବୋଲି ଦର୍ଶାଇଥିଲେ। ତେବେ ୬୬ ରାସ୍ତାର ବିଲ୍ କରିବା ପାଇଁ ଜିଲାପାଳଙ୍କ ସହ ଆଲୋଚନା ପାଇଁ ଏକ ୨ ଜଣିଆ କମିଟି ଗଠନ କରାଯାଇଥିଲେ ମଧ୍ୟ ସୁଫଳ ମିଳି ନ ଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ନିର୍ବାହୀ ଅଧିକାରୀ ସ୍ନେହଲତା ଆଚାର୍ଯ୍ୟ ଟ୍ରେନିଂରେ ଚାଲି ଯାଇଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ଯେଉଁ ଅଧିକାରୀମାନେ ଦାୟିତ୍ୱରେ ରହିଲେ ସେମାନେ ବିଲ୍ କରିବାରେ ଆଗ୍ରହ ପ୍ରକାଶ କରିଲେ ନାହିଁ। ପେଭର ରାସ୍ତା ବିଲ୍ ଶୀତଳଭଣ୍ଡାରକୁ ଚାଲି ଯାଇଥିଲା। କିଛି ଦିନ ତଳେ ରାସ୍ତାର ବିଲ୍ ପାଇଁ ବିଜ୍ଞାପନ ବାହାରିଛି। ପୁଣି ପୁରୁଣା ନିର୍ବାହୀ ଅଧିକାରୀ କାର୍ଯ୍ୟରେ ଯୋଗ ଦେଇଛନ୍ତି। ଏବେ ବିଲ୍ ହେଉଛି ନାଁ ପୁଣି ଅଟକି ରହୁଛି ସମୟ କହିବ। କାରଣ ପେଭର ବ୍ଲକ ରାସ୍ତା କାର୍ଯ୍ୟରେ ଅନେକ ଦୁର୍ନୀତି ଲୁଚି ରହିଛି। ଧିରେ ଧିରେ ଏନେଇ ପୁଣି ଅଭିଯୋଗ ବଢ଼ିବାର ସମ୍ଭାବନା ଦେଖା ଦେଇଛି।

# ନିଜକୁ ଗୁଳି କଲେ ବଳାତ୍କାର ଅଭିଯୁକ୍ତ

## ପ୍ରେମିକାଙ୍କ ଭାଇ, ସ୍ୱାମୀଙ୍କୁ ଫସାଇବାକୁ ଯାଇ ଫସିଲେ



ମୁଖ୍ୟ ଅଭିଯୁକ୍ତ ଦୀପ୍ତିରଞ୍ଜନ। ସହଯୋଗୀ କାଳିଆ, ବାଙ୍ଗୁରୁ।

ବାଲିପାଟଣା/ଭୁବନେଶ୍ୱର,୨୦।୪ (ଅଭିମନ୍ୟୁ ନାୟକ)/ସତ୍ୟଜିତ୍ ରାଉତ)

■ ମୁଖ୍ୟ ଅଭିଯୁକ୍ତ କୁନାଙ୍କ ସହ ୩ ଗିରଫ; ବନ୍ଧୁକ, ଗୁଳି ଜବତ

■ ଥାନା ଆଗରେ ଆତ୍ମହତ୍ୟା ଉଦ୍ୟମ କଲେ ଅଭିଯୁକ୍ତଙ୍କ ମା'

ପ୍ରେମ ପାଇଁ ପ୍ରତିଶୋଧ ନେବାକୁ ଯାଇ ରାଜଧାନୀ ଉପକଣ୍ଠ ବାଲିପାଟଣା ଥାନା ଅଞ୍ଚଳରେ ଜଣେ ବଳାତ୍କାର ଅଭିଯୁକ୍ତ ନାଟକୀୟ ଢଙ୍ଗରେ ଗୁଳିକାଣ୍ଡ ଘଟାଇଛନ୍ତି। ପ୍ରେମିକାଙ୍କ ଭାଇ ଓ ସ୍ୱାମୀଙ୍କୁ ଫସାଇବାକୁ ଯାଇ ନିଜେ ନିଜକୁ ଗୁଳି କରି ଲହୁଲୁହାଣ ହୋଇଛନ୍ତି। ଶନିବାର ବିଳମ୍ବିତ ରାତିରେ ଏହି ଘଟଣା ଘଟିଛି। ଆହତ ଯୁବକ ହେଲେ ବାଲିପାଟଣା ଥାନା ଅନ୍ତର୍ଗତ ଗୋଆପୁର ଗାଁର ଦୀପ୍ତିରଞ୍ଜନ ମହାପାତ୍ର ଓରଫ କୁନା (୩୩)। ତାଙ୍କ ବାମହାତରେ ଗୁଳି ବାଜିଛି। ତେବେ ତଦନ୍ତ ବେଳେ କମିଶନରେଟ୍ ପୋଲିସ ଘଟଣା ପଛର ରହସ୍ୟ ଜାଣିବାକୁ ପାଇଛି। ପରେ ନିଜ ଏତଲାରେ ରୁଜୁ ହୋଇଥିବା ମାମଲାରେ ଦୀପ୍ତିରଞ୍ଜନ ନିଜେ ଅଭିଯୁକ୍ତ ସାଜିଛନ୍ତି। ପୋଲିସ ଦୀପ୍ତିରଞ୍ଜନଙ୍କ ସହ ତାଙ୍କୁ ବନ୍ଧୁକ ଯୋଗାଇଥିବା ଦୁଇ ସହଯୋଗୀଙ୍କୁ ରବିବାର ଗିରଫ କରିଛି। ସେମାନେ ହେଲେ ନୟାପଲ୍ଲୀ ଅଞ୍ଚଳର ଅମରେଶ ପ୍ରଧାନ ଓରଫ କାଳିଆ (୩୬) ଏବଂ ଭରତପୁର ଅଞ୍ଚଳର ତୋଫାନ ବିଶୋଇ ଓରଫ ବାଙ୍ଗୁରୁ (୩୩)। ପୋଲିସ ଏହି ଘଟଣାରେ ବ୍ୟବହୃତ ୯ ଏମ୍‌ଏମ୍ ପିସ୍ତଲ, ୪ଟି ଜୀବନ୍ତ ଗୁଳି, ଖୋକା, ୩ଟି ମୋବାଇଲ ଜବତ କରିଛି। ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନା ଅନୁଯାୟୀ, ଦୀପ୍ତିରଞ୍ଜନ ସ୍ଥାନୀୟ ଅଞ୍ଚଳରେ ଜଣେ ଯୁବତୀଙ୍କୁ ପ୍ରେମ କରୁଥିଲେ। ପ୍ରେମିକାଙ୍କ ଘର ଲୋକଙ୍କ ସହ ମଧ୍ୟ ଛୋଟବେଳୁ ତାଙ୍କର ଭଲ ସମ୍ପର୍କ ଥିଲା। ସେ ପ୍ରେମିକାଙ୍କୁ କଲେଜ ଏବଂ କୋଚିଂ ସେଣ୍ଟରକୁ ନେବା ଆଣିବା କରୁଥିଲେ। ପରେ ଏହି ସମ୍ପର୍କରେ ଫାଟ ସୃଷ୍ଟି ହୋଇଥିଲା। ଦୀପ୍ତିରଞ୍ଜନ ବିବାହ କରିବାକୁ ଚାହୁଁଥିବା ବେଳେ ପ୍ରେମିକାଙ୍କ ପରିବାର ଲୋକେ ରାଜି ହୋଇ ନ ଥିଲେ। ଫଳରେ ଦୀପ୍ତିରଞ୍ଜନ ନିଜ ପ୍ରେମିକାଙ୍କୁ ବଳାତ୍କାର କରିବା ସହ ତା'ର ଫଟୋ ଓ ଭିଡିଓ ଭାଇରାଲ କରିଥିବା ଅଭିଯୋଗ ହୋଇଥିଲା। ପ୍ରେମିକାଙ୍କ ଏତଲାକ୍ରମେ ଭୁବନେଶ୍ୱର ମହିଳା ଥାନା ପୋଲିସ ୨୦୨୪ ଜୁନ୍ ୧୦ରେ ମାମଲା (ନଂ.୧୦୪/୨୦୨୪) ରୁଜୁ କରି ୨୧ ତାରିଖରେ ଦୀପ୍ତିରଞ୍ଜନଙ୍କୁ ଗିରଫ କରିଥିଲା। ଇତିମଧ୍ୟରେ ପ୍ରେମିକାଙ୍କର ଖୋର୍ଦ୍ଧାରେ ବିବାହ ହୋଇଯାଇଥିଲା। ପୋଲିସ ଏହି ମାମଲାରେ ଚାର୍ଜସିଟ୍ ଦାଖଲ କରିଥିବାବେଳେ ଜେଲରେ ଥିବା ଦୀପ୍ତିରଞ୍ଜନ କିଛିଦିନ ତଳେ ଜାମିନରେ ଆସିଥିଲେ। ତେବେ ପ୍ରେମିକାଙ୍କ ବିବାହ ହୋଇଥିବା ଜାଣି ସେ ପ୍ରତିଶୋଧ ପରାୟଣ ହୋଇପଡ଼ିଥିଲେ। ପରେ ପ୍ରେମିକାଙ୍କ ପରିବାର ସଦସ୍ୟଙ୍କୁ ଫସାଇବାକୁ ଯୋଜନା କରିଥିଲେ। ବନ୍ଧୁକ ପାଇଁ ଅନ୍ୟଦୁଇ ଅଭିଯୁକ୍ତଙ୍କ ସାହାଯ୍ୟ ନେଇଥିଲେ। ତୋଫାନ ବନ୍ଧୁକ ଆଣିଥିବା ବେଳେ ଅମରେଶ ତାହାକୁ ଦୀପ୍ତିରଞ୍ଜନଙ୍କୁ ଦେଇଥିଲେ। ଦୀପ୍ତିରଞ୍ଜନ ଶନିବାର ରାତି ପ୍ରାୟ ୧୨ଟା ୩୦ରେ ଥାନାଠାରୁ ମାତ୍ର କିଛିଦୂରରେ ଥିବା ପ୍ରେମିକାଙ୍କ ଘର ନିକଟରେ ନିଜକୁ ଗୁଳି ମାଡ଼ କରିଥିଲେ। ପରେ ସେଠାରେ ଥିବା ତୋଫାନ ବନ୍ଧୁକ ନେଇ ଫେରାର ହୋଇଯାଇଥିଲେ। ଖବରପାଇ ବିଳମ୍ବିତ ରାତିରେ ପୋଲିସ ଟିମ୍ ଆହତ ଦୀପ୍ତିରଞ୍ଜନଙ୍କୁ କ୍ୟାପିଟାଲ ହସ୍ପିଟାଲ ପଠାଇଥିଲା। ପ୍ରେମିକାଙ୍କ ସ୍ୱାମୀ ଓ ଜଣେ ସମ୍ପର୍କୀୟ ଭାଇ ଏହି ଗୁଳିମାଡ଼ କରିଥିବା ଦୀପ୍ତିରଞ୍ଜନ ଏତଲା ଦେଇଥିଲେ। ଆର୍ମସ ଆକ୍ଟ ସହ ବିଏନ୍‌ଏସ୍ ଦଫା ୧୦୯, ୩(୫)ରେ ପୋଲିସ ମାମଲା (ନଂ.୧୬୭/୨୦୨୫) ରୁଜୁ କରି ତଦନ୍ତ କରିଥିଲା। ତେବେ ଅତି ନିକଟରୁ ଗୁଳି ବାଜିଥିବାରୁ ହାତରେ ଥିବା କ୍ଷତସ୍ଥାନ କଳା ପଡ଼ିଯାଇଥିଲା। ଫଳରେ ପୋଲିସର ତାଙ୍କ ଉପରେ ସନ୍ଦେହ ବଢ଼ିଥିଲା। ତଦନ୍ତବେଳେ ତାଙ୍କର ପୂର୍ବ ମାମଲା ବିଷୟରେ ଜଣାପଡିଥିଲା। ସେହି ଲିଙ୍କ୍‌ରେ ଖୋଳତାଡ ପରେ ସେ ସବୁ ସତ ମାନିଥିଲେ। ଅନ୍ୟପକ୍ଷରେ ଦୀପ୍ତିରଞ୍ଜନ ଗିରଫ ହେବା ପରେ ତାଙ୍କ ମା' ବାସନ୍ତୀ ବାଲିପାଟଣା ଥାନା ଆଗରେ କିରୋସିନ ବୋତଲ ଧରି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ପୋଲିସ ତାଙ୍କୁ ବୁଝାଶୁଝା କରିବା ସହ ମୁଚାଲିକା ଲେଖାଇ ଛାଡ଼ିଥିଲା।

# ଠାକୁରମୁଣ୍ଡାରୁ ଅପହୃତା ଶିଶୁକନ୍ୟା ଯାଜପୁରରୁ ଉଦ୍ଧାର



ଛଦ୍ମବେଶୀ କିନ୍ନର ଲିପୁ ନାୟକ(ବାମ) ଓ ତାଙ୍କ ସହଯୋଗୀ।



କିନ୍ନର ସଂଘ ସମ୍ପାଦିକା ଲବଲି ସାହୁଙ୍କ କୋଳରେ ଉଦ୍ଧାର ଶିଶୁ କନ୍ୟା।

ଯାଜପୁର/ଯାଜପୁର ରୋଡ଼ (ହର୍ଷବର୍ଦ୍ଧନ ବେହେରା/ପବିତ୍ର ରଞ୍ଜନ ମହାନ୍ତି)/ଠାକୁରମୁଣ୍ଡା (ତାରାକାନ୍ତ ପଟ୍ଟନାୟକ),୨୦।୪

■ ୨ ଅଭିଯୁକ୍ତ ଗିରଫ, ଠାକୁରମୁଣ୍ଡା ଥାନା ପୋଲିସକୁ ହସ୍ତାନ୍ତର

■ ସହଯୋଗର ହାତ ବଢ଼ାଇଲା ଯାଜପୁରରୋଡ଼ କିନ୍ନର ସଂଘ

ଯାଜପୁର ଜିଲା ଯାଜପୁର ରୋଡ଼ ଥାନା ଅଞ୍ଚଳର କାଚହୁଡି ସାହିରୁ ରବିବାର ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ଅଞ୍ଚଳରୁ ଅପହୃତା ୪ ବର୍ଷର ଶିଶୁ କନ୍ୟାଙ୍କୁ ପୋଲିସ ଉଦ୍ଧାର କରିଛି। ଯାଜପୁରରୋଡ଼ କିନ୍ନର ସଂଘ ଶାନ୍ତିସେନାର କର୍ମକର୍ତ୍ତାଙ୍କ ସହଯୋଗରେ ଯାଜପୁର ରୋଡ ଥାନା ପୋଲିସ ୨ ଛଦ୍ମବେଶୀ କିନ୍ନର ଅପହରଣକାରୀଙ୍କୁ ଗିରଫ କରିଛି। ସେମାନେ ହେଲେ କେନ୍ଦୁଝର ଜିଲା ତେଲକୋଇ ଅଞ୍ଚଳର ଲିପୁ ନାୟକ ଓ ରାମଚନ୍ଦ୍ରପୁରର ନିରଞ୍ଜନ ରାଉଳ। ଏ ନେଇ ପୋଲିସ ଅଧିକ ତଦନ୍ତ ଚଳାଇଛି।

ସୂଚନା ଅନୁଯାୟୀ, ଗତ ୧୭ ତାରିଖରେ ମୟୂରଭଞ୍ଜ ଜିଲା କରଞ୍ଜିଆ ଥାନା ମଲାଟପଦା ଗ୍ରାମର ସିପି ପାତ୍ର ତାଙ୍କ ୪ ବର୍ଷର ଝିଅକୁ ଧରି ଠାକୁରମୁଣ୍ଡାଠାରେ ଚାଲିଥିବା ଉଡ଼ାପର୍ବ ଦେଖିବାକୁ ଆସିଥିଲେ। ଭିଡ଼ଯୋଗୁ ରାତି ପ୍ରାୟ ୧୦ଟା ସମୟରେ ତାଙ୍କଠାରୁ ଝିଅ ଅଲଗା ହୋଇଯାଇଥିଲେ। ବହୁ ଖୋଜାଖୋଜି ପରେ ମଧ୍ୟ ପିଲାଟିର କୌଣସି ପତ୍ତା ମିଳି ନ ଥିଲା। ଏନେଇ ସିପି ୧୮ ତାରିଖରେ ଠାକୁରମୁଣ୍ଡା ଥାନାରେ ତାଙ୍କ ଝିଅ ନିଖୋଜ ହୋଇଯାଇଥିବା ସଂକ୍ରାନ୍ତରେ ଅଭିଯୋଗ କରିଥିଲେ। ପୋଲିସ ଠାକୁରମୁଣ୍ଡା ଥାନାରେ ଏକ ମାମଲା(ନଂ.୩୮/୨୦୨୫) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଏହା ଏକ ସମ୍ବେଦନଶୀଳ ଘଟଣା ହୋଇଥିବାରୁ ପୋଲିସ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ବିଭିନ୍ନ ସ୍ଥାନର ସିସିଟିଭି ଫୁଟେଜ ଯାଞ୍ଚ କରିଥିଲା। ଏହି ଯାଞ୍ଚ ସମୟରେ ଜଣେ କିନ୍ନର ଶ୍ରୀଲକ୍ଷ୍ମୀ ନାମକ ଏକ ବସ୍‌ରେ ଝିଅଟିକୁ ସାଙ୍ଗରେ ନେଇ ଯାଉଥିବା ସିସିଟିଭି ଫୁଟେଜରୁ ଜଣାପଡିଥିଲା। ଠାକୁରମୁଣ୍ଡା ପୋଲିସ ସେହି ଭିଜୁଆଲକୁ ସାର୍ବଜନୀନ କରିବା ସହ ଜନସାଧାରଣଙ୍କ ସହଯୋଗ ଲୋଡ଼ିଥିଲା। ଠାକୁରମୁଣ୍ଡା, କରଞ୍ଜିଆ ଓ କେନ୍ଦୁଝରର ବିଭିନ୍ନ ସ୍ଥାନରେ ପୋଲିସ୍ ଟିମ୍ ତଦନ୍ତ ଆରମ୍ଭ କରି ୨ ଅପହରଣକାରୀ ଯାଜପୁରରୋଡ଼ ଯାଇଥିବା ଜାଣିବାକୁ ପାଇଥିଲା। ଠାକୁରମୁଣ୍ଡା ପୋଲିସ ପାଲଲହଡା କିନ୍ନର ସଂଘ ଜରିଆରେ ଯାଜପୁରରୋଡ଼ କିନ୍ନର ସଂଘ ସହ ଯୋଗାଯୋଗ କରିଥିଲା। ଠାକୁରମୁଣ୍ଡା ଥାନାଧିକାରିଣୀ ସାବିତ୍ରୀ ଦଳାଇ ଯାଜପୁର କିନ୍ନର ସଂଘର ସଭାନେତ୍ରୀ କାଜଲ ନାୟକ ଓ ସମ୍ପାଦକ ଲବ୍‌ଲି ସାହୁଙ୍କ ସହ ଯୋଗାଯୋଗ କରି ସେମାନଙ୍କ ସାହାଯ୍ୟ ଲୋଡ଼ିଥିଲେ। କାଜଲ ଓ ଲବ୍‌ଲି ଖୋଜାଖୋଜି କରିବା ପରେ ଯାଜପୁରରରୋଡ଼ ୮ନଂ. ୱାର୍ଡ କାଚହୁଡି ସାହିରେ ଅପହୃତା ଶିଶୁକନ୍ୟାଙ୍କୁ ଧରି ୨ କିନ୍ନର ରହୁଥିବା ଜାଣିବାକୁ ପାଇଥିଲେ। ଏହାପରେ ସେମାନେ କାଚହୁଡି ସାହିର ଏକ ପରିତ୍ୟକ୍ତ ଘରୁ ୨ ପୁରୁଷ କିନ୍ନରଙ୍କ ସହ ଉକ୍ତ ଶିଶୁକନ୍ୟାଙ୍କୁ ଉଦ୍ଧାର କରି ଯାଜପୁର ରୋଡ଼ ଥାନା ପୋଲିସ ଜିମା ଦେଇଥିଲେ। ଯାଜପୁରରୋଡ଼ ପୋଲିସ ଅପହରଣକାରୀଙ୍କୁ ଥାନାକୁ ଆଣି ପଚରାଉଚରା କରିବା ସହ ଠାକୁରମୁଣ୍ଡା ପୋଲିସକୁ ସନ୍ଧ୍ୟାରେ ହସ୍ତାନ୍ତର କରିଥିବା ଯାଜପୁରରୋଡ଼ ଥାନାଧିକାରୀ ଉପେନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି। ବିଭିନ୍ନ ଅପରାଧ ଘଟାଇ କିନ୍ନରମାନଙ୍କୁ ବଦନାମ କରୁଥିବା ଏଭଳି ଛଦ୍ମବେଶୀ କିନ୍ନରମାନଙ୍କ ବିରୋଧରେ ପୋଲିସ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଯାଜପୁର କିନ୍ନର ସଂଘ ସଭାନେତ୍ରୀ କାଜଲ ଅନୁରୋଧ କରିଛନ୍ତି।

ଗତ କିଛି ଦିନତଳେ ଭୁବନେଶ୍ୱର ରାମ ମନ୍ଦିର ସମ୍ମୁଖରୁ ଜଣେ ଦୃଷ୍ଟିବାଧିତା ମା'କୋଳରୁ ଦେଢ଼ ବର୍ଷର ଶିଶୁପୁତ୍ରକୁ ଅପହରଣ ପରେ ଉଦ୍ଧାର ହେବା ଘଟଣା ମନରୁ ନ ଲିଭୁଣୁ ଏଭଳି ଆଉ ଏକ ଘଟଣା ଚର୍ଚ୍ଚାର ବିଷୟ ହୋଇଛି।

# ପ୍ରେମ ପ୍ରତାରଣା: କଲେଜ ଅଧ୍ୟକ୍ଷ ଗିରଫ

କୁଚିଣ୍ଡା,୨୦।୪(ବିରଞ୍ଚି ଦର୍ଗା)



ଗିରଫ ଡିଲେଶ୍ୱର ବେହେରା

ସମ୍ବଲପୁର ଜିଲା ମହୁଲପାଲି ଥାନା ଅଞ୍ଚଳର ଜଣେ ବିବାହିତା ମହିଳାଙ୍କ ସହ ପ୍ରେମ ସମ୍ପର୍କ ରଖି ଶେଷରେ ପ୍ରତାରଣା କରିବା ଅଭିଯୋଗରେ କହ୍ଲେଇପାଲି ଯୁକ୍ତ୨ କଲେଜ ଅଧ୍ୟକ୍ଷ ଡିଲେଶ୍ୱର ବେହେରା(୫୮)ଙ୍କୁ ପୋଲିସ ଗିରଫ କରିଛି। ପୀଡ଼ିତାଙ୍କ ଏତଲାକ୍ରମେ କୁଚିଣ୍ଡା ଥାନାରେ ଭାରତୀୟ ନ୍ୟାୟ ସଂହିତା ଧାରା ୯୬, ୨୯୭, ୩୫୧(୨)ରେ ଏକ ମାମଲା(ନଂ.୮୧/୨୫) ରୁଜୁ କରି ପୋଲିସ ଅଭିଯୁକ୍ତ କଲେଜ ଅଧ୍ୟକ୍ଷ କୁର୍ମିମୁଣ୍ଡାର ଡିଲେଶ୍ୱରଙ୍କୁ ଶନିବାର କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନାନୁଯାୟୀ, କୁଚିଣ୍ଡା ବ୍ଲକ ଗୋଛରା ପଞ୍ଚାୟତ କହ୍ଲେଇପାଲି ରାଜୀବ ଗାନ୍ଧୀ ସ୍ମାରକୀ ଆଦିବାସୀ ଯୁକ୍ତ ୨କଲେଜ ଅଧ୍ୟକ୍ଷ ଡିଲେଶ୍ୱର ନିଜ ଗ୍ରାମର ଜଣେ ବିବାହିତା ମହିଳାଙ୍କ ସହ ଦୀର୍ଘ ବର୍ଷ ହେବ ପ୍ରେମ ସମ୍ପର୍କ ରଖିଥିଲେ। ପୁନଃ ବିବାହର ପ୍ରଲୋଭନ ଦେଖାଇ ତାଙ୍କ ସହ ବାରମ୍ବାର ଶାରୀରିକ ସମ୍ପର୍କ ରଖିଥିଲେ। ଏ ସମ୍ପର୍କରେ ସମ୍ପୃକ୍ତ ମହିଳାଙ୍କ ସ୍ୱାମୀ ଜାଣିବା ପରେ ମହିଳାଙ୍କ ପରିବାରରେ ଅଶାନ୍ତି ସୃଷ୍ଟି ହୋଇଥିଲା। ଏହି କାରଣରୁ ସମ୍ପୃକ୍ତ ମହିଳାଙ୍କୁ ତାଙ୍କ ସ୍ୱାମୀ ଘରୁ ତଡ଼ି ଦେଇଥିଲେ। ତେଣୁ ମହିଳା ଜଣକ ଅନନ୍ୟୋପାୟ ହୋଇ ଡିଲେଶ୍ୱରଙ୍କୁ ବିବାହ ପାଇଁ ଜିଦ୍ କରିଥିଲେ। ହେଲେ ସେ ବିବାହ କରିବା ପାଇଁ ମନା କରିଦେଇଥିଲେ। କଥା ଆଗକୁ ବଢାଇଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏହା ପରଠାରୁ ଅଧ୍ୟକ୍ଷ ତାଙ୍କ ମୋବାଇଲ ସୁଇଚ ଅଫ କରିଦେଇଥିଲେ। ଏହାପରେ ପୀଡିତା ମହିଳା ଜଣକ ଗତ ଗୁରୁବାର କୁଚିଣ୍ଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ଅନୁସନ୍ଧାନ ପୂର୍ବକ ଶନିବାର ତାଙ୍କୁ ଗିରଫ କରିଥିଲା। ଏହାପରେ ଅଭିଯୁକ୍ତ ଓ ପୀଡ଼ିତାଙ୍କ ଡାକ୍ତରୀମାଇନା କରାଯାଇଥିଲା।

# ତଳକାଁପଡ଼ା ବୋମାମାଡ଼ ଘଟଣାରେ ୪ ଗିରଫ

ତିହିଡ଼ି,୨୦।୪(ସଞ୍ଜିତ ବଳ)

ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ କାଁପଡ଼ା ପଞ୍ଚାୟତର ତଳକାଁପଡ଼ା ଗ୍ରାମରେ ବୋମାମାଡ଼ ଘଟଣାରେ ପୋଲିସ ୪ଜଣଙ୍କୁ ରବିବାର ମଧ୍ୟାହ୍ନରେ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଉଛନ୍ତି ତଳକାଁପଡ଼ା ଗ୍ରାମର ବିଶ୍ୱନାଥ ମଲିକ, ଅରୁଣ ଦାସ, ଅଭୟ ଦାସ ଓ ପ୍ରତାପ ଦାସ। ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ପ୍ରକାଶଥାଉ କି, ଗତ ୧୬ତାରିଖ ରାତିରେ ପୂର୍ବଶତ୍ରୁତାକୁ ନେଇ ବିଜେଡି ଓ ଭାଜପା ସମର୍ଥକଙ୍କ ମଧ୍ୟରେ ସଂଘର୍ଷ ଘଟିଥିଲା। ଏହି ସମୟରେ ହଠାତ୍ ବୋମାମାଡ଼ କରାଯିବାରୁ ଉଭୟ ପକ୍ଷର ୧୪ଜଣ ଆହତ ହୋଇଥିଲେ। ପରେ ଏହି ଘଟଣାକୁ ନେଇ ତିହିଡ଼ି ଥାନାରେ ପୋଲିସ ପକ୍ଷରୁ ଗୋଟିଏ ଓ ଉଭୟ ପକ୍ଷରୁ ୨ଟି ମୋଟ ୩ଟି ମାମଲା ରୁଜୁ ହୋଇଥିଲା।

# ଭୁଜାଲିରେ ହାଣି ବାଇକ୍, ଟଙ୍କା ଲୁଟ

ବୈଶିଙ୍ଗା,୨୦।୪(ରତନ ଦାଶ)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ପଣସିଆ ବଜାର ଉପକଣ୍ଠରେ ଶନିବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଜଣେ ଯୁବକଙ୍କୁ ଭୁଜାଲିରେ ହାଣି ତାଙ୍କ ବାଇକ୍ ସହିତ ଟଙ୍କା ଓ ମୋବାଇଲ ଲୁଟିନେଇଛନ୍ତି। ସୂଚନା ଅନୁଯାୟୀ, ପଣସିଆ ଗ୍ରାମର ଆକାଶ ପଣ୍ଡିତ(୩୫) ପ୍ରତ୍ୟେକ ଦିନ ସକାଳେ ଘରୁ ବାହାରି ବାଲେଶ୍ୱର ସହରରେ ନିଜ କର୍ମସ୍ଥଳକୁ ଯାଇ ରାତିରେ ଫେରିଥାନ୍ତି। ଶନିବାର ରାତି ୧୧ଟାରେ ଫେରିବା ସମୟରେ ଘରଠାରୁ ମାତ୍ର ଅଧା କି.ମି. ଦୂରରେ ମୁଖାପିନ୍ଧା ୨ଜଣ ଦୁର୍ବୃତ୍ତ ହଠାତ୍ ତାଙ୍କୁ ଏକ ନିଛାଟିଆ ସ୍ଥାନରେ ଅଟକାଇ ଭୁଜାଲିରେ ହାଣିଥିଲେ। ଚିକିତ୍ସା ପାଇଁ ଅକାଶଙ୍କୁ ବୈଶିଙ୍ଗା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା।


**PANCHAYAT SAMITI OFFICE, BISRA**

**ପଞ୍ଚାୟତ ସମିତି କାର୍ଯ୍ୟାଳୟ, ବିଶ୍ରା**

At/Po : Bisra, Dist. : Sundargarh (Odisha), PIN : 770036

e-Mail Id : ori-bisra@nic.in, GSTN : 21BBNB02952F1DG

CORRIGENDUM No. 1112 Date : 17.04.2025

**CORRIGENDUM**

**No.I-30** : The Date of Opening of Tender Paper mentioned in the Tender Call Notice No.01 of 2025-26 issued vide this office Letter No.1095 Dated 15.04.2025 has been inadvertently mentioned as 30.09.2024, which may be read as 02.05.2025. The opening time remains the same.

Sd./- Block Development Officer, Bisra

OIPR-19343/11/0005/2526



**ODISHA PUBLIC SERVICE COMMISSION CUTTACK**

**NOTICE**

No.2399/P.S.C., Dt.16.04.2025

(1E-04-2024/25)(DR-II)

**No.D-13** : The Commission here with **cancels the Advertisement No. 28 of 2023-24** for recruitment to the post of **Language Officer** under the Law Department considering the Law Department Letter No.3070/L, dtd. 20.02.2025.

OIPR-12002/11/0193/2526 Sd./- Secretary



**BERHAMPUR MUNICIPAL CORPORATION**

QCN No. 5623 Date: 17.04.2025

**Quotation Call Notice**

**No.C-133** : Sealed Quotations are invited from Authorised Firms/ Agencies/ Dealer/ Companies/ Registered suppliers/ Reputed manufacturers from Odisha registered under appropriate authority for **"Supply of Laboratory Equipment, Glassware & Chemicals for FSTPs in Berhampur Municipal Corporation"**. The detailed terms & conditions are available at our office website www.berhampur.gov.in. The last date of receipt of Quotation in this office by 03.05.2025 17:00 Hrs and will be opened on 05.05.2025 at 11:30 Hrs. in the office of undersigned. The Authority reserves the right to accept or reject any Quotation without assigning any reason thereof.

Sd./- Commissioner, Berhampur Municipal Corporation

OIPR-13035/11/0046/2526



GOVT OF ODISHA

**OFFICE OF THE EXECUTIVE ENGINEER RURAL WORKS DIVISION SONEPUR**

1st Corrigendum

Letter No. 2057 Dtd.17.04.2025

**No.O-69** : In continuation to this office tender identification No. SNPR/Online 01 of 2025-26 invited vide this office letter no. 1869 dtd. 09.04.2025, under unavoidable circumstances partial modification of TCN has been made as follows.

| Sl. No. | Tender identification No | Items | Time Schedule as per original TCN | Time Schedule as per 1st Corrigendum notice |
|---|---|---|---|---|
| 1 | | 2 | 3 | 4 |
| 1 | Bid identification SNPR/Online-17 of 2024-25 | Availability of Tender on-line for bidding | 11.04.2025 at 11.00 A.M. to 22.04.2025 up to 5.00 P.M. | 21.04.2025 at 11.00 A.M. to 30.04.2025 up to 5.00 P.M. |
| 2 | | Date & time of seeking tender clarification | 21.04.2025 up to 4.00 P.M. | 29.04.2025 up to 4.00 P.M. |
| 3 | | Date & time of opening of tender | 23.04.2025 at 11.00 A.M. | 01.05.2025 at 11.00 A.M. |

Sd./- Executive Engineer, Rural Works Division, Sonepur

OIPR-25054/11/0031/2526



**GOVERNMENT OF ODISHA** No. O-64

**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, RAYAGADA**

Emai ID- ccerwcrayagada@gmail.com

Letter No. 559/W.E./Date: 11.04.2025

**NATIONAL COMPETITIVE BIDDING THROUGH GEPNIC e Procurement Notice**

1. Name of the work : Construction & Maintenance of road works for the year 2024-25 (01 No.)
2. Class of contractor : "A" & Special Class of (Odisha PWD) or relevant class of other licensing authority
3. Estimated Cost : Rs.1055.00 Lakhs (Approximately)
4. Details project as per Annexure attached :

| Procurement Officer | Bid Identification No. | Availability of Tender online for bidding: From | Availability of Tender online for bidding: To | Last Date & Time of seeking tender clarification | Date & Time of opening of tender: Technical Bid | Date & Time of opening of tender: Financial Bids |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural works Circle, Rayagada | NCB-06/ RWCRG-DA/2025-26 | Dt. 25.04.2025 at 11.00 A.M. | Dt. 16.05.2025 Upto 5.00 P.M. | Dt.15.05.2025 Up to 5.00 P.M. | Dt. 17.05.2025 at 11.00 A.M. | Will be intimated later |

5. The details of works can be seen from the website **https://www.tendersorissa.gov.in**
6. Any Corrigendum/Addendum will be displayed in the above e-tender website.

Sd./- Chief Construction Engineer, Rural Works Circle, Rayagada

OIPR-25196/11/0005/2526



**GOVT. OF ODISHA** No.O-70

**OFFICE OF THE CHIEF CONSTRUCTION ENGINEER RURAL WORKS CIRCLE : KEONJHAR**

eMail : se_nerwkjr@rediffmail.com

No. 1761 Date : 15.04.2025

**1st Corrigendum Notice**

Under unavoidable circumstances, the availability of tender online for bidding & opening of Technical Bids of the tender invited vide eProcurement Notice No. 1497 Dtd : 27.03.2025 / Bid Identification No. NCB-43 / RWCKJR / 2024-25 of Chief Construction Engineer, Rural Works Circle, Keonjhar is hereby rescheduled as below.

| Procurement Officer | Bid Identification No. | Availability of tender On-line for bidding: From | Availability of tender On-line for bidding: To | Last Date & Time of seeking Tender Clarification | Date & Time of Opening of Tender in O/o C.C.E., R.W. Circle, Keonjhar: Technical Bid | Date & Time of Opening of Tender in O/o C.C.E., R.W. Circle, Keonjhar: Financial Bid |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Keonjhar | NCB-43/ RWCKJR /2024-25 | Dt.02.04.25 at 11.00 A.M. | Dt.29.04.25 up to 5.00 P.M. | Dt.28.04.25 up to 5.00 P.M. | Dt.30.04.25 at 11.00 A.M. | Will be intimated later |

**All other contents remain unchanged.**

Sd./- Chief Construction Engineer, R.W. Circle, Keonjhar

OIPR-25177/11/0067/2526



**GOVERNMENT OF ODISHA** No.D-02

**OFFICE OF THE EXECUTIVE ENGINEER NATIONAL HIGHWAY DIVISION, DEOGARH**

Email Id - eenhdeogarh09@gmail.com

**INVITATIONS FOR BIDS (IFB) {e-Procurement}**

**Bid Identification No. EE-NH-DGR/1/2025-26**

No. 1064 Dated : 17.04.2025

1) The EXECUTIVE ENGINEER, N.H. DIVISION, DEOGARH on behalf of Governor of Odisha invites percentage rate bid in Single cover system in ONLINE MODE from eligible contractors for construction of Road work as detailed in the table below.
2) Nature of Work : Road
3) No. of Work : 2 No.
4) Tender Cost : Rs. 6000/- each
5) Class of Contractor : B' Class and C' Class
6) Availability of Bid document in portal : 18.04.2025 to 05.00 P.M. of 02.05.2025
7) Date of Opening of Bid : 03.05.2025 at 11 A.M.
8) The bidders have to participate in ONLINE bidding only. Further details can be seen from the website https://tendersodisha.gov.in
9) Any Corrigendum/Addendum/Cancellation of will be displayed in the e-tender website only.

Sd./- Executive Engineer, NH Division, Deogarh

OIPR-34019/11/0005/2526



**OFFICE OF THE CHIEF CONSTRUCTION ENGINEER ANANDPUR BARRAGE PROJECT, SALAPADA**

DIST : KEONJHAR, ODISHA, PIN : 758020

E-Mail : cceabp@gmail.com

E-procurement Notice No. CCEABP-02 of 2025-26

(Bid Id No. ABP-Soro-01/02 of 2025-26)

DETAILED NOTICE INVITING TENDER ON EPC CONTRACT

No.A-52

| Name of Work | Class/EMD/Tender Fee/Period of completion |
|---|---|
| Construction of Distribution system for 12155.80 Ha. of CCA including Command Area Development (CAD) of Salandi Left Main Canal from RD 45.570 km to 49.810 km through Under Ground Pipe Line Irrigation system (Gravity Flow) of Anandapur Barrage Project in Balasore District of Odisha on EPC-Turn Key Basis including operation and maintenance of the commissioned project | (1) **Class of Contractor** - Super Class or Equivalent Grade Bidders (2) **EMD : Rs. 362.50 lakh.** (3) **Tender Fee : Rs. 10,000.00** (4) **Period of completion : 27** (Twenty-seven) calendar months including rainy seasons. |

A. Period of Availability of Bid Document in the Portal : From 10.00 A.M. of 22.04.2025 to 19.05.2025 up to 5.00 P.M.
B. Date & time For Pre-Bid Conference : 06.05.2025 at 11.30 A.M.
C. Last Date and Time for Receipt of Bid : 19.05.2025 up to 5.00 P.M.
D. Place of Sale & Receipt of Bid : On-Line through e-Procurement
E. Time and Date of Opening of Technical Bid : 20.05.2025 at 11.30 A.M.
F. Place of Opening of Bid : O/o the Chief Construction Engineer, Anandapur Barrage Project, Salapada
G. Further details can be seen from E-Procurement Portal "https://www.tendersodisha.gov.in"

Sd./- Chief Construction Engineer, Anandpur Barrage Project, Salapada

OIPR-32068/11/0008/2526



**Government of Odisha**

**Home (SGH) Department**

**TENDER CALL NOTICE**

**No. SGH(S)-26/2025. 1566 /SGH - Dt 19.04.2025**

**No.D-24** : Sealed tenders are invited from reputed registered Suppliers/Wholesalers having legal existence for supply of Grocery, Toilet, Sanitary & Housekeeping materials etc. for a period of six months for the year 2025-26 from the date of commencement of the agreement. The interested Suppliers/Wholesalers shall furnish their bids in original **on or before 30.04.2025** with all credentials/documents as per the terms and conditions of the tender document. The tender documents can be obtained from the Reception counter, State Guest House on payment of **Rs.100/- (Rupees One Hundred)** only by cash **from 10.30 A.M. to 5.00 P.M. of 28.04.2025**.

The terms and conditions of the tender document can also be accessed from our website **www.homeodisha.gov.in**. The undersigned reserves the right to accept / reject any offer without assigning any reason thereof.

Manager, SGH-cum-Joint Secy. to Govt.

OIPR-12063/11/0001/2526



**ବ୍ରହ୍ମପୁର ମହାନଗର ନିଗମ**

ବିଜ୍ଞପ୍ତି ପତ୍ର ସଂଖ୍ୟା: 5628 ତା 17.04.2025

**ମଳ ଉପଚାର କେନ୍ଦ୍ରର କାର୍ଯ୍ୟ ଏବଂ ରକ୍ଷଣାବେକ୍ଷଣ ନିମନ୍ତେ ମିଶନ ଶକ୍ତି ଗୋଷ୍ଠୀଙ୍କ ପାଇଁ ଅଭିବ୍ୟକ୍ତି ପ୍ରକାଶନ**

No.C-132:- ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ (ଏମ୍‌ଏସ୍‌ଜି / ଏଏଲ୍‌ଏଫ୍ / ସିଏଲ୍‌ଏଫ୍ / ଟି.ଜି. ଟ୍ରାନ୍ସଜେଣ୍ଡର) ଗୋଷ୍ଠୀମାନଙ୍କଠାରୁ ବ୍ରହ୍ମପୁର ମହାନଗର ନିଗମ ଅନ୍ତର୍ଗତ ଥିବା ମଳ ଉପଚାର କେନ୍ଦ୍ର (ଏଫ୍‌ଏସ୍‌ଟିପି)ର ପରିଚାଳନା ନିମନ୍ତେ ଅଭିବ୍ୟକ୍ତି ପ୍ରକାଶନ (ଏକ୍ସପ୍ରେସନ ଅଫ୍ ଇଣ୍ଟରେଷ୍ଟ) ଆହ୍ୱାନ କରାଯାଉଛି।

ବ୍ରହ୍ମପୁର ମହାନଗର ନିଗମ ଅଧୀନରେ ଥିବା (ମୋହୁଡା ଏବଂ ଶିତଳାପଲ୍ଲୀ)ଠାରେ ମଳ ଉପଚାର କେନ୍ଦ୍ର (ଏଫ୍‌ଏସ୍‌ଟିପି)ର ପରିଚାଳନା ପାଇଁ ୦୧ ବର୍ଷ ନିମନ୍ତେ ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ (ଏମ୍‌ଏସ୍‌ଜି / ଏଏଲ୍‌ଏଫ୍ / ସିଏଲ୍‌ଏଫ୍ / ଟି.ଜି. ଟ୍ରାନ୍ସଜେଣ୍ଡର)ମାନଙ୍କଠାରୁ ଲଫାପାରେ ଅଭିବ୍ୟକ୍ତି ପ୍ରକାଶନ (ଏକ୍ସପ୍ରେସନ ଅଫ୍ ଇଣ୍ଟରେଷ୍ଟ) ସଂଲଗ୍ନ ସର୍ତ୍ତାବଳୀ ମୁତାବକ ଆହ୍ୱାନ କରୁଛନ୍ତି। ଏହି ମୁଦା ଲଫାପାରେ ଅଭିବ୍ୟକ୍ତି ପ୍ରକାଶନ (ଏକ୍ସପ୍ରେସନ ଅଫ୍ ଇଣ୍ଟରେଷ୍ଟ) ସମ୍ପୃକ୍ତ ମହାନଗର ନିଗମର ସିଙ୍ଗଲ୍ ୱିଣ୍ଡୋ (Single Window)ରେ ତା 03.05.2025 ଅପରାହ୍ନ ୫ ଘଟିକା ସୁଦ୍ଧା ପକାଇବା ଆବଶ୍ୟକ। ମୁଦା ଲଫାପା ଉପରେ ସମ୍ପୃକ୍ତ ଆବେଦନକାରୀ ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ (ଏମ୍‌ଏସ୍‌ଜି / ଏଏଲ୍‌ଏଫ୍ / ସିଏଲ୍‌ଏଫ୍ / ଟି.ଜି. ଟ୍ରାନ୍ସଜେଣ୍ଡର) ଗୋଷ୍ଠୀର ନାମ ଓ ଠିକଣା ଲିପିବଦ୍ଧ ରହିବା ଆବଶ୍ୟକ।

| କ୍ରମିକ ସଂଖ୍ୟା | ମଳ ଉପଚାର କେନ୍ଦ୍ରର ନାମ ଏବଂ ଠିକଣା | କ୍ଷମତା | କେଉଁ ୱାର୍ଡ ଆବେଦନ କରିପାରିବେ |
|---|---|---|---|
| ୧ | ମଳ ଉପଚାର କେନ୍ଦ୍ର, ମହୁଡା, ବ୍ରହ୍ମପୁର – ୧ (SeTP - I) | ୪୦ ହଜାର ଲିଟର ଦିନକୁ | ୱାର୍ଡ – ୧ରୁ ୨୧ |
| ୨ | ମଳ ଉପଚାର କେନ୍ଦ୍ର, ଶୀତଳାପଲ୍ଲୀ, ବ୍ରହ୍ମପୁର – ୨ (SeTP - II) | ୬୦ ହଜାର ଲିଟର ଦିନକୁ | ୱାର୍ଡ – ୨୨ରୁ ୪୨ |

ଅଧିକ ବିବରଣୀ ପାଇଁ www.berhampur.gov.in ଲିଙ୍କ୍ ଜରିଆରେ ଯାଞ୍ଚ କରନ୍ତୁ କିମ୍ବା ମହାନଗର ନିଗମ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

ସ୍ୱା./- ଆୟୁକ୍ତ, ବ୍ରହ୍ମପୁର ମହାନଗର ନିଗମ

OIPR-13035/11/0044/2526

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଉଦ୍‌ଘାଟନୀରେ କେରଳ ବ୍ଲାଷ୍ଟର୍ସ ବିଜୟୀ

ଭୁବନେଶ୍ୱର, ୨୦।୪ (ଅନାଦି କର)

କଳିଙ୍ଗ ଷ୍ଟାଡିୟମରେ କଳିଙ୍ଗ ସୁପର କପ୍ ଫୁଟବଲ ଟୁର୍ନାମେଣ୍ଟ ରବିବାର ଆରମ୍ଭ ହୋଇଛି। ଉଦ୍‌ଘାଟନୀ ମ୍ୟାଚରେ କେରଳ ବ୍ଲାଷ୍ଟର୍ସ ୨-୦ ଗୋଲରେ ଇଷ୍ଟ ବେଙ୍ଗଲ ଏଫ୍‌ସିକୁ ପରାସ୍ତ କରିଛି। ଏହି ବିଜୟ ସହ କେରଳ ବ୍ଲାଷ୍ଟର୍ସ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। କେରଳ ବ୍ଲାଷ୍ଟର୍ସ ଆସନ୍ତା ୨୬ ତାରିଖରେ ହେବାକୁ ଥିବା କ୍ୱାର୍ଟର ଫାଇନାଲରେ ମୋହନ ବାଗାନ ସୁପର ଜାଏଣ୍ଟକୁ ଭେଟିବ। ଟୁର୍ନାମେଣ୍ଟର ପ୍ରଥମ ଦିନରେ ଅତିଥି ଭାବେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏବଂ ଏକାମ୍ର ବିଧାୟକ ବାବୁ ସିଂ ଯୋଗ ଦେଇଥିଲେ।

୪ ହଜାରରୁ ଊର୍ଦ୍ଧ୍ୱ ଦର୍ଶକଙ୍କ ସମ୍ମୁଖରେ ଖେଳାଯାଇଥିବା ମ୍ୟାଚ୍‌ଟି ଆରମ୍ଭରୁ ସଂଘର୍ଷପୂର୍ଣ୍ଣ ରହିଥିଲା। ପ୍ରଥମାର୍ଦ୍ଧର ୩୮ତମ ମିନିଟରେ ଇଷ୍ଟ ବେଙ୍ଗଲର ଅନୱର ଅଲୀ ପ୍ରତିପକ୍ଷ ଦଳର ଫରୱାର୍ଡ ନୋଆ ୱେଲ ସାଦୌଇଙ୍କୁ ଗୋଲ ପୋଷ୍ଟ ନିକଟରେ ଫାଉଲ ମାରିଥିଲେ। ଏଥିଯୋଗୁ କେରଳ ବ୍ଲାଷ୍ଟର୍ସକୁ ଏକ ପେନାଲ୍ଟି ମିଳିଥିଲା। ପ୍ରଥମ ପେନାଲ୍ଟି ସୁଯୋଗ ବେକାର ଯିବା ପରେ ଦ୍ୱିତୀୟ ପେନାଲ୍ଟିକୁ ଜେସସ ଜିମେନେଜ ନୁନେଜ ଗୋଲରେ ପରିଣତ କରିଥିଲେ। ଏହି ଗୋଲ ଯୋଗୁ ପ୍ରଥମାର୍ଦ୍ଧରେ କେରଳ ବ୍ଲାଷ୍ଟର୍ସ ୧-୦ ଗୋଲରେ ଆଗରେ ରହିଥିଲା। ଦ୍ୱିତୀୟାର୍ଦ୍ଧର ୫୬ତମ ମିନିଟରେ ନୁନେଜ ଦ୍ୱିତୀୟ ଗୋଲ କରିଥିଲେ। ହେଲେ ଏହାକୁ ଆସିଷ୍ଟାଣ୍ଟ ରେଫରୀ ଅଫ୍ ସାଇଡ୍ ଦର୍ଶାଇଥିଲେ। ଏହାର ୮ ମିନିଟ ପରେ ନୋଆ ସାଦୌଇ ଏକ ଦର୍ଶନୀୟ ଫିଲ୍ଡ କରିଥିଲେ। ଫଳରେ ଦଳର ଅଗ୍ରଣୀ ବ୍ୟବଧାନ ୨-୦ରେ ପହଞ୍ଚିଥିଲା। ୭୩ତମ ମିନିଟରେ କେରଳ ବ୍ଲାଷ୍ଟର୍ସ ଦଳର ନୂଆ ମୁଖ୍ୟ କୋଚ୍ ଡେଭିଡ କାଟାଲାଙ୍କୁ ଟେକନିକାଲ ବକ୍ସ



ରବିବାର କେରଳ ବ୍ଲାଷ୍ଟର୍ସ ଓ ଇଷ୍ଟ ବେଙ୍ଗଲ ମଧ୍ୟରେ ଅନୁଷ୍ଠିତ କଳିଙ୍ଗ ସୁପର୍‌କପ୍ ଫୁଟ୍‌ବଲ ମ୍ୟାଚ୍। (ଫଟୋ: ବିକାଶ ନାୟକ)

**କଳିଙ୍ଗ ସୁପର କପ୍**

ବାହାରେ ପାଦ ରଖିବା ପାଇଁ ରେଫରୀ ୟେଲୋ କାର୍ଡ ପ୍ରଦାନ କରିଥିଲେ। ମ୍ୟାଚର ଇଞ୍ଜୁରୀ ଟାଇମ୍‌ରେ ନୋଆ ଗୋଲ ସ୍କୋର କରିବାର ଆଉ ଏକ ସୁବର୍ଣ୍ଣ ସୁଯୋଗ ହାତଛଡ଼ା କରିଥିଲେ। ଇଷ୍ଟ ବେଙ୍ଗଲର ଖେଳାଳିମାନେ ପୂରା ମ୍ୟାଚ୍‌ରେ ସ୍କୋର କରିବା ଲାଗି ଅନେକ ସୁଯୋଗ ସୃଷ୍ଟି କରିଥିଲେ। ହେଲେ ପ୍ରତ୍ୟେକ ଥର କେରଳ ଗୋଲକିପର ସଚିନ ଏ ସୁରେଶ ପ୍ରତିପକ୍ଷ ଇଷ୍ଟ ବେଙ୍ଗଲର ଖେଳାଳିଙ୍କୁ ନିରାଶ କରିଥିଲେ।

# ଅମ୍ବୁଡସ୍‌ମ୍ୟାନଙ୍କ ନିର୍ଦ୍ଦେଶ ବିରୋଧରେ କୋର୍ଟ ଯିବେ ଆଝାରୁଦ୍ଦିନ

ନୂଆଦିଲ୍ଲୀ,୨୦।୪(ପି.ଟି.)

ରାଜୀବ ଗାନ୍ଧୀ ଅନ୍ତର୍ଜାତୀୟ ଷ୍ଟାଡିୟମର ଉତ୍ତର ଷ୍ଟାଣ୍ଡରୁ ମହମ୍ମଦ ଆଝାରୁଦ୍ଦିନଙ୍କ ନାମ ହଟାଇବାକୁ ହାଇଦ୍ରାବାଦ୍ କ୍ରିକେଟ୍ ଆସୋସିଏଶନ (ଏଚ୍‌ସିଏ)ର ଅମ୍ବୁଡସ୍‌ମ୍ୟାନ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶ ଉପରେ ରହିତାଦେଶ ଜାରି କରିବା ଲାଗି ଭାରତର ପୂର୍ବତନ ଅଧିନାୟକ ଆଝାରୁଦ୍ଦିନ ତେଲଙ୍ଗାନା ହାଇକୋର୍ଟର ଦ୍ୱାରସ୍ଥ ହେବାକୁ ଯୋଜନା କରୁଛନ୍ତି।

ଏଚ୍‌ସିଏର ସଦସ୍ୟ ଲର୍ଡ୍ସ କ୍ରିକେଟ କ୍ଲବ ପକ୍ଷରୁ ଦାଖଲ କରାଯାଇଥିବା ଆବେଦନ ଆଧାରରେ ଏଚ୍‌ସିଏର ଏଥିକ୍ସ ଅଧିକାରୀ ଥିବା ଅବସରପ୍ରାପ୍ତ ଜଷ୍ଟିସ ଭି. ଈଶ୍ୱରେୟା ଏଭଳି ନିଷ୍ପତ୍ତି ନେଇଛନ୍ତି। ଲର୍ଡ୍ସ କ୍ରିକେଟ କ୍ଲବ ପକ୍ଷରୁ କରାଯାଇଥିବା ଆବେଦନରେ ଦର୍ଶାଯାଇଥିଲା, ୨୦୧୯ ଡିସେମ୍ବରରେ ଷ୍ଟାଡିୟମର ଉତ୍ତର ଷ୍ଟାଣ୍ଡକୁ ଆଝାରୁଦ୍ଦିନଙ୍କ ନାମରେ ନାମିତ କରିବା ଲାଗି ନିଷ୍ପତ୍ତି ନିଆଗଲା ବେଳେ ଭାରତର ପୂର୍ବତନ ଅଧିନାୟକ ଏଚ୍‌ସିଏର ପୂର୍ବତନ ସଭାପତି ଭାବେ କାର୍ଯ୍ୟକାରୀ ପରିଷଦରେ ବସିଥିଲେ। ଏଥିଯୋଗୁ ସେ ଏଚ୍‌ସିଏର ନିୟମ ଭଙ୍ଗ କରିଥିଲେ। ମୁଁ ନିଶ୍ଚିତ ଭାବେ ଆଇନର ବାଟ ଆପଣେଇବି ଏବଂ ଅମ୍ବୁଡସ୍‌ମ୍ୟାନଙ୍କ ନିର୍ଦ୍ଦେଶ ଉପରେ ରହିତାଦେଶ ଲାଗି ହାଇକୋର୍ଟରେ ଆବେଦନ କରିବି।

# ଟଙ୍କଧର ଫାଓ ସଭାପତି ନିର୍ବାଚିତ

ଭୁବନେଶ୍ୱର, ୨୦।୪ (ତପନ ସ୍ୱାଇଁ)

ବିଧାୟକ ଟଙ୍କଧର ତ୍ରିପାଠୀ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ)ର ନୂଆ ସଭାପତି ହୋଇଛନ୍ତି। ପୂର୍ବତନ ସଭାପତି ସମିର ଦେଙ୍କ ପରଲୋକ ପରେ ଏହି ସ୍ଥାନ ଫାଙ୍କା ରହିଥିଲା। ସଭାପତି ନିର୍ବାଚନ ପାଇଁ ରବିବାର ଓଡ଼ିଶା କ୍ରିକେଟ ଆସୋସିଏଶନ କନ୍‌ଫରେନ୍ସ ହଲ୍‌ରେ ଫାଓର ସ୍ୱତନ୍ତ୍ର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଟଙ୍କଧର ନିର୍ବିବାଦରେ ସଭାପତି ନିର୍ବାଚିତ ହୋଇଥିଲେ। ଉପେନ୍ଦ୍ର କୁମାର ଦାସ ନିର୍ବାଚନ ଅଧିକାରୀ ଦାୟିତ୍ୱ ନିର୍ବାହ କରିଥିଲେ। ଫାଓ କାର୍ଯ୍ୟକାରୀ ସଭାପତି ଶ୍ରୀକର ମିଶ୍ର ବୈଠକରେ ସଭାପତିତ୍ୱ କରିଥିଲେ। ଫାଓ ସମ୍ପାଦକ ଆଶୀର୍ବାଦ ବେହେରା ଓ ଅନ୍ୟ କର୍ମକର୍ତ୍ତାମାନେ ନୂଆ ସଭାପତିଙ୍କୁ ସ୍ୱାଗତ କରିବା ସହିତ ସମ୍ବର୍ଦ୍ଧିତ କରିଥିଲେ। ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ ସଭାପତି ସମିର ମହାନ୍ତି, ଓସିଏ ସମ୍ପାଦକ ସଞ୍ଜୟ ବେହେରା ପ୍ରମୁଖ ଟଙ୍କଧରଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



ଫାଓର ନୂଆ ସଭାପତି ବିଧାୟକ ଟଙ୍କଧର ତ୍ରିପାଠୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି। (ଫଟୋ: ରାଜକିଶୋର ମହାନ୍ତି)

**କଳିଙ୍ଗ ସୁପର କପ୍**

(ଆଜିର ମ୍ୟାଚ)

**ଏଫ୍‌ସି ଗୋଆ ବନାମ ଗୋକୁଲମ କେରଳ**

ସମୟ: ଅପରାହ୍ନ ୪.୩୦

**ଓଡ଼ିଶା ଏଫ୍‌ସି ବନାମ ପଞ୍ଜାବ ଏଫ୍‌ସି**

ସମୟ: ରାତି ୮.୦୦

ସ୍ଥାନ: କଳିଙ୍ଗ ଷ୍ଟାଡିୟମ

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ୩

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)

**କୋଲକାତା ବନାମ ଗୁଜରାଟ**

ସ୍ଥାନ: କୋଲକାତା

ସମୟ: ସନ୍ଧ୍ୟା ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

# ବିଜୟରେ ମୁମ୍ବାଇର ହ୍ୟାଟ୍ରିକ

ମୁମ୍ବାଇ, ୨୦।୪

ୱାଙ୍ଖେଡେ ଷ୍ଟାଡିୟମରେ ରବିବାର ଅନୁଷ୍ଠିତ ଇଣ୍ଡିଆନ ପ୍ରିମିୟର ଲିଗ୍ ମ୍ୟାଚରେ ମୁମ୍ବାଇ ଇଣ୍ଡିଆନ୍ସ ୯ ଉଇକେଟରେ ଚେନ୍ନାଇ ସୁପର କିଙ୍ଗ୍ସକୁ ପରାସ୍ତ କରିଛି। ଶିବମ ଦୁବେ ଓ ରବୀନ୍ଦ୍ର ଜାଡେଜା ଅର୍ଦ୍ଧଶତକ ସହାୟତାରେ ଚେନ୍ନାଇ ସୁପର କିଙ୍ଗ୍ସ ୨୦ ଓଭରରେ ୫ ଉଇକେଟ ହରାଇ ୧୭୬ ରନ କରିଥିଲା। ୧୭୭ ରନ ବିଜୟ ଲକ୍ଷ୍ୟକୁ ମୁମ୍ବାଇ ୧୫.୪ ଓଭରରେ ମାତ୍ର ୧ ଉଇକେଟ ହରାଇ ହାସଲ କରି ନେଇଥିଲା। ର୍‍ୟାନ ରିକେଲଟନ ୨୪ ରନକରି ଆଉଟ ହୋଇଥିବାବେଳେ ରୋହିତ ଶର୍ମା ୪୫ ବଲ୍‌ରୁ ୭୬ (୪ ଚୌକା, ୬ ଛକା) ଓ ସୂର୍ଯ୍ୟକୁମାର ଯାଦବ ୩୦ ବଲ୍‌ରୁ ୬୮ (୬ ଚୌକା, ୫ ଛକା) ରନରେ ଅପରାଜିତ ରହିଥିଲେ। କ୍ରମାଗତ ୩ ମ୍ୟାଚ ଜିତି ମୁମ୍ବାଇ ବିଜୟରେ ହ୍ୟାଟ୍ରିକ କରିଛି।

ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଚେନ୍ନାଇ ପକ୍ଷରୁ ମାତ୍ର ୧୭ ବର୍ଷରେ ଆଇପିଏଲ୍ ପଦାର୍ପଣ କରିଥିବା ଆୟୁଷ ମାହାତ୍ରେ ୧୫ ବଲ୍‌ରୁ ୩୨ (୪ ଚୌକା, ୨ ଛକା) ରନ କରି ସମସ୍ତଙ୍କୁ ପ୍ରଭାବିତ କରିଥିଲେ। ଦୁବେ ୩୨ ବଲ୍‌ରୁ ୫୦ (୨ ଚୌକା, ୪ ଛକା) ଓ ଜାଡେଜା ୫୩* (୩୫ ବଲ, ୪ ଚୌକା, ୨ ଛକା) ରନ କରିଥିଲେ। ମୁମ୍ବାଇ ପକ୍ଷରୁ ଯଶପ୍ରୀତ୍ ବୁମ୍‌ରା ୨ଟି ଏବଂ ଦୀପକ ଚହର, ଅଶ୍ୱିନୀ କୁମାର ଓ ମିଚେଲ ସାଣ୍ଟନର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଚେନ୍ନାଇ ସୁପର କିଙ୍ଗ୍ସ ୨୦ ଓଭରରେ ୧୭୬/୫ (ରବୀନ୍ଦ୍ର ଜାଡେଜା-୫୩*, ଶିବମ ଦୁବେ-୫୦, ଆୟୁଷ ମାହାତ୍ରେ-୩୨, ଯଶପ୍ରୀତ୍ ବୁମ୍‌ରା-୨/୨୫, ଦୀପକ ଚହର-୧/୩୨, ଅଶ୍ୱିନୀ କୁମାର-୧/୪୨, ମିଚେଲ ସାଣ୍ଟନର-୧/୧୪)। ମୁମ୍ବାଇ ଇଣ୍ଡିଆନ୍ସ ୧୫.୪ ଓଭରରେ ୧୭୭/୧ (ରୋହିତ ଶର୍ମା-୭୬*, ସୂର୍ଯ୍ୟକୁମାର ଯାଦବ-୬୮*, ରବୀନ୍ଦ୍ର ଜାଡେଜା-୧/୨୮)।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ଗୁଜରାଟ ଟାଇଟନ୍ସ | ୭ | ୫ | ୨ | ୧୦ | +୦.୯୮୪ |
| ଦିଲ୍ଲୀ କ୍ୟାପିଟାଲ୍ସ | ୭ | ୫ | ୨ | ୧୦ | +୦.୫୮୯ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୮ | ୫ | ୩ | ୧୦ | +୦.୪୭୨ |
| ପଞ୍ଜାବ କିଙ୍ଗ୍ସ | ୮ | ୫ | ୩ | ୧୦ | +୦.୧୭୭ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୮ | ୫ | ୩ | ୧୦ | +୦.୦୮୮ |
| ମୁମ୍ବାଇ ଇଣ୍ଡିଆନ୍ସ | ୮ | ୪ | ୪ | ୮ | +୦.୪୮୩ |
| କୋଲକାତା ନାଇଟ ରାଇଡର୍ସ | ୭ | ୩ | ୪ | ୬ | +୦.୫୪୭ |
| ରାଜସ୍ଥାନ ରୟାଲ୍ସ | ୮ | ୨ | ୬ | ୪ | -୦.୬୩୩ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୭ | ୨ | ୫ | ୪ | -୧.୨୧୭ |
| ଚେନ୍ନାଇ ସୁପର କିଙ୍ଗ୍ସ | ୮ | ୨ | ୬ | ୪ | -୧.୩୯୨ |


**Classified Everyday**
0674-2580101, 9692975378



REAL ESTATE

SALE


Bhubaneswar ତ୍ରିନାଥବଜାର, ଫୁଲନଖରା, ସମ୍ ହସ୍ପିଟାଲ୍-୨ ନିକଟରେ ଘରବାରୀ ପ୍ଲଟ୍ 1250/sqft. ରେ ବିକ୍ରୟ କରାଯାଉଛି। Whatsapp: 9437011506, 6371462496. D-238

ଫୁଲନଖରା ଅନନ୍ତପୁର ସରକାରୀ ରାସ୍ତାକୁ ଲାଗିକି ମୋର ଘରବାରି Plot ବିକ୍ରି ହେବ। Area-2100sqft, 2250/- fix rate. 9556187814. D-014

13720sqft Commercial Land with boundary wall sale at NH- 57, Pitapalli Square, Bhubaneswar. 7008634668. D-76259

ହଂସପାଳରୁ 11K.M. ସିଙ୍ଗଡ଼ାସାହି ଛକ ପାଖରେ 1300sqft 3,12,000/- ପ୍ଲଟ୍ ବିକ୍ରିହେବ। 9114705579. D-76258

ଭୁବନେଶ୍ୱର- ପିପିଲି Toll Gate Puri road ନିକଟରେ Gharabari Plot ଏବଂ ନଖରାରେ 3/4 BHK Duplex ବିକ୍ରିହେବ। 8327785834. D-76261




For rent (Residential/ Office) flat at Jharapada, Ganesh Mandap Chhaka, Bhubaneswar. Contact: 7978450312, 9040096747. D-75377




Full body massage experience, good looking therapist @999 (Bhubaneswar). 9078484455. D-152

Positively health benefited SPA by expert female therapist, Bapujinagar. 8328803811. D-76909

Full body massage by experience therapist with homely atmosphere. 9114559860. D-76910

Full body massage by odia therapist in homely Atmosphere. 9556498382. D-75380

LOST

I, RIMSHA MAHAPATRA, aged about 18 years, D/o- Purna Chandra Mahapatra of Vill-P.O.- Kandasar, P.S.- Nalconagar, Dist.- Angul, do here with inform you that my Original Class-X, Mark Sheet was lost on 13.04.2025 at around 6.00 P.M. at Xerox Shop, Nalco- Cooperative Market Complex at Nalconagar, Angul. D-237

ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

AFFIDAVIT

ଆମ୍ଭେ ଶ୍ରୀମତୀ ମୀନା ମଲ୍ଲିକ, ଆଲିଆସ୍ ମୀନା, ବୟସ ୬୬ ବର୍ଷ, ସ୍ୱାମୀ Late ନାଗମଣି ମଲ୍ଲିକ । ମୋର ସମସ୍ତ Office କାର୍ଯ୍ୟାଳୟରେ ମୋର ସ୍ୱାମୀଙ୍କ ନାମ ଅବସ୍ଥାପିତ ହୋଇଅଛି, କିନ୍ତୁ ମୋର ଆଧାର କାର୍ଡରେ ସ୍ୱାମୀଙ୍କ ନାମ ପରିବର୍ତ୍ତେ ପିତାଙ୍କ ନାମ ରହିଅଛି। ତେଣୁ ମୁଁ ଘୋଷଣା କରୁଛି କି, ଆଧାର କାର୍ଡରେ ମୋର ପିତାଙ୍କ ନାମ ଉଚ୍ଛେଦ କରାଯାଇ ତା' ପରିବର୍ତ୍ତେ ମୋର ସ୍ୱାମୀଙ୍କ ନାମ ଅନ୍ତର୍ଭୁକ୍ତ କରାଯାଉ।

ଆପଣଙ୍କର ବିଶ୍ୱସ୍ତ ମୀନା ମଲ୍ଲିକ, ଆଲିଆସ୍ ମୀନା

ଧ-୨୪୦

By virtue of an affidavit sworn before Executive Magistrate, Bonth, dated 05. 04. 2025, I, Rinarani Malik (35 yrs), W/o- Arjun Malik, Vill: Kumbhakaral, P.O.- Padhanpada, P.S.- Bonth, Dist.- Bhadrak, PIN- 756114, Odisha declare that I have changed my daughter's name from Adyasha Mallick to Adyasha Malik and Date of Birth from 25.01.2012 to 26.01.2012. Henceforth, she shall be known as Adyasha Malik for all purposes. D-242

Affidavit No.-503/11.03.2025, sworn before in the Court of Sri R.N.Maharana, Executive Magistrate, Delang, I, DAMODAR JENA, ALIAS DAMA JENA, ALIAS DAMBARUDHAR JENA, aged about 81 years, S/o- Late Paramananda Jena of Village- Sauria Samil Kuapada, P.O.- Ghoradia, P.S.- Delang, Dist.- Puri, Aadhaar No.- xxxx xxxx 4451, do hereby declare that my self Damodar Jena, Dama Jena and Dambarudhar Jena, S/o- Paramananda Jena of above said address is one and same person in our locality. D-236

By virtue of an affidavit sworn before Executive Magistrate, Bhadrak, dated 17.04.2025, I, Parbati Prava Bal, W/o- Aparti Charan Bal, Vill/P.O.- Ghatapur, P.S.- Chandabali, Dist.- Bhadrak, PIN- 756131, Odisha declare that I have changed my name from Parbati Bal to Parbati Prava Bal. Henceforth, I shall be known as Parbati Prava Bal for all purposes. D-241


# ଡୋପିଂରେ ସହଯୋଗ ପାଇଁ କୋଚ୍ ସସ୍‌ପେଣ୍ଡ

ନୂଆଦିଲ୍ଲୀ, ୨୦।୪ (ପି.ଟି.)

ଡୋପିଂରେ ସହଯୋଗିତା ପାଇଁ ନ୍ୟାଶନାଲ ଆଣ୍ଟି ଡୋପିଂ ଏଜେନ୍ସି (ନାଡା) ଦ୍ୱାରା ଜାତୀୟ ଜୁନିୟର ଦଳର ମୁଖ୍ୟ କୋଚ୍ ରମେଶ ନାଗ୍‌ପୁରୀ ସସ୍‌ପେଣ୍ଡ ହୋଇଛନ୍ତି। ୭ଜଣ ଆଥ୍‌ଲେଟଙ୍କୁ ଡୋପ୍ ଟେଷ୍ଟରୁ ଏଡାଇବାରେ ସେ ସହଯୋଗ କରିଥିବା ଅଭିଯୋଗ ହୋଇଥିଲା। ଏହି ମାମଲା ଭାରତୀୟ ଆଥ୍‌ଲେଟିକ୍ସରେ ଚହଳ ସୃଷ୍ଟି କରିଛି। ସହଯୋଗିତା ଏବଂ ନିଷିଦ୍ଧ ଦ୍ରବ୍ୟ ପ୍ରୟୋଗ ପାଇଁ ଅନ୍ୟ ଦୁଇ ଜଣ କୋଚ୍ କରମବୀର ସିଂ ଓ ରାକେଶ ମଧ୍ୟ ସସ୍‌ପେଣ୍ଡ ହୋଇଛନ୍ତି। ନାଡା ଦ୍ୱାରା ସଦ୍ୟ ପ୍ରକାଶିତ ଡୋପ୍ ଅପରାଧୀ ତାଲିକାରେ ସସ୍‌ପେଣ୍ଡ ହୋଇଥିବା ୭ ଆଥ୍‌ଲେଟଙ୍କ ନାମ ପ୍ରକାଶ ପାଇଛି। ସେମାନେ ହେଲେ ପାରସ ସିଂଘଲ, ପୂଜାରାଣୀ, ନାଲୁବୋଥୁ ଶନମୁଗା ଶ୍ରୀନିବାସ, ଚେଲିମି ପ୍ରତ୍ୟୁଷା, ଶୁଭମ୍ ମାହାରା, କିରଣ ଓ ଜ୍ୟୋତି। ୧୯ବର୍ଷୀୟ ସିଂଘଲ ୨୦୨୪ରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ ବାଳକ ୨,୦୦୦ମିଟର ଷ୍ଟିପଲଚେଜ୍‌ରେ ହରିୟାଣା ପାଇଁ ସ୍ୱର୍ଣ୍ଣ ଜିତିଥିଲେ। ଶ୍ରୀନିବାସ ଫେଡେରେଶନ କପ୍, ଜାତୀୟ-ଆନ୍ତଃ ରାଜ୍ୟ ଚାମ୍ପିୟନଶିପ୍ ଓ ନ୍ୟାଶନାଲ ଓପନ ୨୦୨୪ରେ ୨୦୦ମିଟର ଇଭେଣ୍ଟରେ ଗୋଟିଏ ଲେଖାଏ ରୌପ୍ୟ ଜିତିଥିଲେ। ନାଗପୁରୀ ହେଉଛନ୍ତି ଜଣେ ଜଣାଶୁଣା ଦ୍ରୋଣାଚାର୍ଯ୍ୟ ପୁରସ୍କାର ବିଜେତା। ଆଥ୍‌ଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ) ଦ୍ୱାରା ୨୦୨୩ରେ ହାଇଦ୍ରାବାଦସ୍ଥିତ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ)ରେ ସେ ଜୁନିୟର ମୁଖ୍ୟ କୋଚ୍ ଭାବେ ନିଯୁକ୍ତ ହୋଇଥିଲେ। ତାଙ୍କୁ ନାଡାର ଆଣ୍ଟି ଡୋପିଂ ନିୟମ ୨୦୨୧ର ଧାରା ୨.୯ ଅନୁଯାୟୀ ନିଲମ୍ବିତ କରାଯାଇଛି। ଖବର ଅନୁସାରେ ନାଗପୁରୀ ଦୁଇଜଣ ଆଥ୍‌ଲେଟଙ୍କୁ ସାଇ ହାଇଦ୍ରାବାଦ ସେଣ୍ଟରରେ ନାଡା ଦ୍ୱାରା ପଠାଯାଇଥିବା ଦୁଇଜଣ ଡୋପ୍ ନମୁନା ସଂଗ୍ରହ ଅଧିକାରୀଙ୍କୁ ଏଡ଼ାଇବାରେ ସହଯୋଗ କରିଥିଲେ। ସେ ଟପ୍ ସ୍ପ୍ରିଣ୍ଟର ଓ ମହିଳା ୧୦୦ମିଟର ଜାତୀୟ ରେକର୍ଡଧାରୀ ଦୂତୀ ଚାନ୍ଦଙ୍କ ବ୍ୟତୀତ ୨୦୨୪ ପାରାଲିମ୍ପିକ୍ସ ବ୍ରୋଞ୍ଜ ବିଜେତା ଓ ବର୍ତ୍ତମାନର ବିଶ୍ୱ ଚାମ୍ପିୟନ (୪୦୦ମିଟର ଟି୨୦ କ୍ଲାସିଫିକେଶନ) ଦୀପ୍ତି ଜୀବନୀଙ୍କ ଭଳି ଆଥ୍‌ଲେଟଙ୍କୁ କୋଚିଂ ଦେଇଛନ୍ତି। ନାଗପୁରୀଙ୍କୁ ଏ ବିଷୟରେ ପଚରାଯିବାରେ ସେ କୌଣସି ଟିପ୍ପଣୀ ଦେବାକୁ ମନା କରିଦେଇଛନ୍ତି।

# ଗିଲ୍‌ଙ୍କୁ ୧୨ଲକ୍ଷ ଜରିମାନା

ଅହମଦାବାଦ, ୨୦।୪ (ପି.ଟି.)

ଗୁଜରାଟ ଟାଇଟନ୍ସ ଅଧିନାୟକ ଶୁବମନ ଗିଲ୍‌କୁ ୧୨ଲକ୍ଷ ଟଙ୍କା ଜରିମାନା କରାଯାଇଛି। ଶନିବାର ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ମ୍ୟାଚ୍‌ରେ ଏକ ସ୍ଲୋ ଓଭର ରେଟ୍ ପାଇଁ ତାଙ୍କୁ ଏହି ଦଣ୍ଡବିଧାନ କରାଯାଇଛି। ଏଥିରେ ଜୋସ୍ ବଟଲରଙ୍କ ଅପରାଜିତ ୯୭ରନ ସହାୟତାରେ ଗୁଜରାଟ ୨୦୪ରନର ବିଜୟ ଲକ୍ଷ୍ୟକୁ ୪ଟି ବଲ୍ ବାକିଥାଇ ହାସଲ କରିନେଇଥିଲା। ଆଇପିଏଲ୍ ଆଚରଣ ବିଧିର ଧାରା ୨.୨୨ ଅଧୀନରେ ତାଙ୍କ ଦଳର ଏହା ହେଉଛି ପ୍ରଥମ ଅପରାଧ। ପୂର୍ବରୁ ପେସ୍ ବୋଲର ପ୍ରସିଦ୍ଧ କ୍ରିଷ୍ଣା (୪/୪୧)ଙ୍କ ପ୍ରଭାବୀ ପ୍ରଦର୍ଶନ ସହାୟତାରେ ଦିଲ୍ଲୀ କ୍ୟାପିଟାଲ୍ସ ସ୍କୋରକୁ ୨୦୩/୮ରେ ସୀମିତ କରି ଦେଇଥିଲା ଗୁଜରାଟ।

# ସୁନୀତା ଉଇଲିୟମ୍ସଙ୍କ ସ୍ମରଣୀୟ ଅନ୍ତରୀକ୍ଷ ଯାତ୍ରା



ନିକୁଞ୍ଜ ବିହାରୀ ସାହୁ

"ସୁନୀତା ଓ ୱିଲମୋର୍ ମହାକାଶରେ ନିଜର ସମ୍ପ୍ରସାରିତ ରହଣିକାଳ ମଧ୍ୟରେ ଖାଲି ନ ବସି ମହାକାଶରେ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା ନିରୀକ୍ଷା କରିବା ସହିତ ସ୍ପେସ ଷ୍ଟେଶନର ରକ୍ଷଣାବେକ୍ଷଣ କାର୍ଯ୍ୟରେ ସହାୟତା ପ୍ରଦାନ କରିଥିଲେ। ଏ ପରୀକ୍ଷାଗୁଡ଼ିକ ମଧ୍ୟରେ ପ୍ରମୁଖ ଥିଲା ମହାକାଶର ଭାରଶୂନ୍ୟ ପରିସ୍ଥିତିରେ ମନୁଷ୍ୟର ସହନଶୀଳତା, ଯାହା ପରବର୍ତ୍ତୀ ସମୟରେ ମହାକାଶରେ ମଣିଷର ସ୍ଥାୟୀ ବସତି ସ୍ଥାପନର ଯୋଜନାରେ ସହାୟକ ହେବ। ପୂର୍ବରୁ ସୁନୀତାଙ୍କର ମହାକାଶରେ ୩୦୦ରୁ ଊର୍ଦ୍ଧ୍ୱ ଦିନ ଅବସ୍ଥାନ କରି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଅଭିଯାନରେ ଅଂଶଗ୍ରହଣ କରିବାର ଦୀର୍ଘ ଅନୁଭୂତି ରହିଥିଲା।"

ଭାରତୀୟ ବଂଶୋଦ୍ଭବ ଆମେରିକୀୟ ମହିଳା ମହାକାଶଚାରୀ ସୁନୀତା ଉଇଲିୟମ୍ସ ୨୦୨୪ ମସିହା ଜୁନ୍ ୫ ତାରିଖ ଦିନ ଆମେରିକୀୟ କମ୍ପାନୀ ବୋଇଙ୍ଗର 'ଷ୍ଟାରଲାଇନର୍' ଅନ୍ତରୀକ୍ଷ ଯାନରେ ପୃଥିବୀକୁ ପ୍ରଦକ୍ଷିଣ କରୁଥିବା ଇଣ୍ଟରନ୍ୟାଶନାଲ ସ୍ପେସ୍ ଷ୍ଟେଶନ (ଆଇ.ଏସ୍. ଏସ୍.) କୁ ଯାତ୍ରା କରିଥିଲେ। ତା'ଙ୍କ ସହିତ ଅନ୍ୟ ଜଣେ ମହାକାଶଯାତ୍ରୀ ଥିଲେ ବୁଚ୍ ୱିଲମୋର୍। ମାତ୍ର ଯାନର ଇଞ୍ଜିନରୁ ହିଲିୟମ ଲିକ୍ ଘଟି ଯାନର ସମୁଦାୟ ୨୮ ଥ୍ରଷ୍ଟର୍‌ରୁ ୫ଟିରେ ତ୍ରୁଟି ପରିଲକ୍ଷିତ ହେବାରୁ ଇଞ୍ଜିନର ତାପମାତ୍ରା ଆଶାତୀତ ଭାବେ ବୃଦ୍ଧି ପାଇଥିଲା। ଫଳରେ ଯାନର ତାପନିରୋଧକ ଟେଫଲୋନ ଆବରକ କ୍ଷତିଗ୍ରସ୍ତ ହେବାର ଆଶଙ୍କା ଉପୁଜିଥିଲା, ଯାହା ପ୍ରତ୍ୟାବର୍ତ୍ତନ ସମୟରେ ବାୟୁମଣ୍ଡଳ ମଧ୍ୟରେ ଘର୍ଷଣ ଜନିତ ପ୍ରଚଣ୍ଡ ତାପମାତ୍ରାରୁ ଯାତ୍ରୀମାନଙ୍କୁ ସୁରକ୍ଷା ପ୍ରଦାନ କରିଥାଏ। ଆହୁରି ମଧ୍ୟ ଯାନରୁ ନିର୍ଗତ ଗ୍ୟାସର ବେଗ ହ୍ରାସ ପାଇ ଏହାର ଦିକ୍-ଚାଳନା ଓ ନିୟନ୍ତ୍ରଣ ବ୍ୟବସ୍ଥା ଗୁରୁତର ପ୍ରଭାବିତ ହୋଇଥିଲା। ସୁତରାଂ ଷ୍ଟାରଲାଇନର୍‌ର ସେହି ଅନ୍ତରୀକ୍ଷ ଯାନରେ ମହାକାଶଚାରୀମାନଙ୍କୁ ନିରାପଦରେ ପୃଥିବୀ ଫେରାଇ ଆଣିବାରେ ସମସ୍ୟା ଉପୁଜିଥିଲା। ସେମାନଙ୍କ ପୃଥିବୀ ପ୍ରତ୍ୟାବର୍ତ୍ତନ ନେଇ ଘୋର ଅନିଶ୍ଚିତତା ପ୍ରକାଶ ପାଇଥିଲା। ଯେହେତୁ ନାସା ନିକଟରେ ସେମାନଙ୍କୁ ତୁରନ୍ତ ପୃଥିବୀ ଫେରାଇ ଆଣିବା ନିମନ୍ତେ କୌଣସି ମହାକାଶଯାନ କିମ୍ବା ଯୋଜନା ନଥିଲା ସେ ଦୁହେଁ ମହାକାଶଚାରୀ ସେହି ଦିନଠୁଁ ସ୍ପେସ ଷ୍ଟେଶନରେ ଦୀର୍ଘ ଦିନ ଅଟକି ରହିଥିଲେ। ଚଳିତ ବର୍ଷ ଗତ ମାର୍ଚ୍ଚ ୧୮ ତାରିଖରେ ଉଭୟ ମହାକାଶଚାରୀଙ୍କୁ ଶିଳ୍ପପତି ଏଲନ୍ ମସ୍କଙ୍କ କମ୍ପାନୀ ସ୍ପେସ ଏକ୍ସର ଏକ ମହାକାଶ ଯାନ 'କ୍ରୁ-୯' ଜରିଆରେ ସଫଳତାର ସହ ପୃଥିବୀ ପୃଷ୍ଠକୁ ଫେରାଇ ଅଣାଯାଇଛି।



**ନାସାର ବିରଳ ଇତିହାସ:** ନାସାର ଏହି ଅଭିଯାନ ଅନ୍ତରୀକ୍ଷ ଯାତ୍ରା କ୍ଷେତ୍ରରେ ଏକକାଳୀନ ଦୁଇଟି ଯାନ ବ୍ୟବହାର କରିବା ଦୃଷ୍ଟିରୁ ଏକ ବିରଳ ଇତିହାସ ରଚନା କରିଛି। ସାଧାରଣତଃ ଯେଉଁ ଯାନ ମହାକାଶଚାରୀଙ୍କୁ ନେଇ ଅନ୍ତରୀକ୍ଷ ଯାତ୍ରା କରିଥାଏ ସେହି ଯାନ ହିଁ ମହାକାଶଚାରୀଙ୍କୁ ନେଇ ପୃଥିବୀ ପ୍ରତ୍ୟାବର୍ତ୍ତନ କରିଥାଏ। ମାତ୍ର ଏ କ୍ଷେତ୍ରରେ ମହାକାଶଚାରୀଙ୍କୁ ନେଇ ବୋଇଙ୍ଗର 'ଷ୍ଟାରଲାଇନର୍' ଯାନ ଯାଇଥିଲାବେଳେ ସେମାନଙ୍କୁ ପୃଥିବୀକୁ ଫେରାଇ ଆଣିବାରେ ଅନ୍ୟ ଏକ ମହାକାଶ ଯାନ ସ୍ପେସ୍ ଏକ୍ସର 'କ୍ରୁ-୯' ର ସହାୟତା ନିଆଯାଇଥିଲା।

**ଅନ୍ତରୀକ୍ଷରେ ମନୁଷ୍ୟର ଦୀର୍ଘଦିନ ରହଣି:** ତେବେ ପ୍ରଶ୍ନ ହେଉଛି: ଦୀର୍ଘ ୯ ମାସ କାଳ ଅଟକି ରହିଥିବା ମହାକାଶଚାରୀଙ୍କ ରହଣିସ୍ଥଳୀ ସ୍ପେସ୍ ଷ୍ଟେଶନରେ ଏତେଦିନ ପାଇଁ ଖାଦ୍ୟ, ପାନୀୟ ଜଳ, ଔଷଧ ଆଦି ଅତ୍ୟାବଶ୍ୟକ ପଦାର୍ଥ ମହଜୁଦ ଥିଲା କି? ଉତ୍ତର 'ହଁ, ଥିଲା' ବୋଲି ଧରାଯିବ; କାରଣ ନିୟମିତ ସମୟ ବ୍ୟବଧାନରେ ଉଭୟ ରୁଷିଆ ଓ ଆମେରିକାର ମହାକାଶଯାନଗୁଡ଼ିକ ପୃଥିବୀରୁ ବିଭିନ୍ନ ଯୋଗାଣ ସାମଗ୍ରୀ ବହନ କରି ସ୍ପେସ୍ ଷ୍ଟେଶନ ସହିତ ସଂଲଗ୍ନ ହୋଇଥାନ୍ତି। ନିକଟରେ ରୁଷିଆର ଏକ ମାଲବାହୀ ଯାନ ପ୍ରୋଗ୍ରେସ-୨୮ ବୈକାନୁର ଅନ୍ତରୀକ୍ଷ କେନ୍ଦ୍ରରୁ ଉତ୍କ୍ଷେପଣ ହୋଇ ପ୍ରାୟ ୩ ଟନ୍ ଓଜନର ଖାଦ୍ୟସାମଗ୍ରୀ ଓ ଯନ୍ତ୍ରପାତି ନେଇ ସ୍ପେସ୍ ଷ୍ଟେଶନରେ ପହଞ୍ଚି ଥିଲା। ସେହିପରି ସ୍ପେସ୍-ଏକ୍ସ କମ୍ପାନୀର ଅନ୍ୟ ଏକ ଯାନ 'ସିଗ୍ନସ' ନିଜର ଫାଲ୍କନ -୯ ରକେଟ ଜରିଆରେ ଫ୍ଲୋରିଡ଼ାର କାନାଭେରାଲ କେନ୍ଦ୍ରରୁ ଉତ୍କ୍ଷେପଣ ହୋଇ ପ୍ରାୟ ୮୨୦୦ ପାଉଣ୍ଡ ଓଜନର ଖାଦ୍ୟସାମଗ୍ରୀ, ପାନୀୟ ଜଳ, ଔଷଧ ଓ ଯନ୍ତ୍ରପାତି ନେଇ ସ୍ପେସ ଷ୍ଟେଶନ୍‌ରେ ସଂଲଗ୍ନ ହୋଇଥିଲା। ସେଗୁଡ଼ିକ ଫେରନ୍ତା ପଥରେ ସ୍ପେସ ଷ୍ଟେଶନରୁ ସଂଗୃହୀତ ଯାତ୍ରୀମାନଙ୍କ ବର୍ଜ୍ୟବସ୍ତୁ ଓ ଆବର୍ଜନା ସାଙ୍ଗରେ ଧରି ପୃଥିବୀକୁ ଫେରିଛନ୍ତି। ଫେରନ୍ତା ଯାତ୍ରାବେଳେ ଏହି ଆବର୍ଜନାସବୁକୁ ପୃଥିବୀକୁ ନଆଣି ମହାକାଶରେ ନିରାପଦ ଭାବେ ଫିଙ୍ଗି ଦିଆଯାଏ, ଯାହା ସମୟକ୍ରମେ ପୃଥିବୀ ଆଡକୁ ଗତିକରି ପୃଥିବୀର ବାୟୁମଣ୍ଡଳ ଘର୍ଷଣଜନିତ ତାତିରେ ସମ୍ପୂର୍ଣ୍ଣ ଜଳିଯିବ। ମହାକାଶଚାରୀମାନଙ୍କ ସୁଖଦ ରହଣି ନିମନ୍ତେ ସ୍ପେସ ଷ୍ଟେଶନରେ ଜିମ୍ ସମେତ ଅନେକ ସୁବିଧା ଉପଲବ୍ଧ ଅଛି। ଏହି ଜିମ୍‌ରେ ସେମାନେ ନିୟମିତ ବ୍ୟାୟାମ କରି ନିଜ ଶରୀରକୁ ଫିଟ ରଖି ପାରିବେ। ସ୍ପେସ୍ ଷ୍ଟେଶନରେ ମଧ୍ୟ ଟେଲିଭିଜନର ସୁବିଧା ରହିଛି, ଯେଉଁଥିରେ ସେମାନେ ନିଜ ମନମୁତାବକ ଚଳଚ୍ଚିତ୍ର ଦେଖିପାରିବେ। ଏହାଛଡା ସେଠାରେ ମଧ୍ୟ ମ୍ୟୁଜିକ ସିଷ୍ଟମ, ଡିଭିଡି ପ୍ଲେୟର୍, ୱାଇ ଫାଇ ଜରିଆରେ ଇଣ୍ଟରନେଟ ସେବା ଯୋଗାଣ ତଥା ଡିଜିଟାଲ ଲାଇବ୍ରେରିର ମଧ୍ୟ ସୁବିଧା ଅଛି, ଯାହା ଦ୍ୱାରା ମହାକାଶଯାତ୍ରୀମାନେ ମହାକାଶରେ ଦୀର୍ଘ ଦିନ ରହଣିକାଳ ମଧ୍ୟରେ ମନୋରଞ୍ଜନ ଦ୍ୱାରା ନିଜର ମାନସିକ ସ୍ୱାସ୍ଥ୍ୟ ବଜାୟ ରଖି ପାରିବେ।

ସୁନୀତା ଓ ୱିଲମୋର୍ ମହାକାଶରେ ନିଜର ସମ୍ପ୍ରସାରିତ ରହଣିକାଳ ମଧ୍ୟରେ ଖାଲି ନ ବସି ମହାକାଶରେ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା ନିରୀକ୍ଷା କରିବା ସହିତ ସ୍ପେସ ଷ୍ଟେଶନର ରକ୍ଷଣାବେକ୍ଷଣ କାର୍ଯ୍ୟରେ ସହାୟତା ପ୍ରଦାନ କରିଥିଲେ। ଏ ପରୀକ୍ଷାଗୁଡ଼ିକ ମଧ୍ୟରେ ପ୍ରମୁଖ ଥିଲା ମହାକାଶର ଭାରଶୂନ୍ୟ ପରିସ୍ଥିତିରେ ମନୁଷ୍ୟର ସହନଶୀଳତା, ଯାହା ପରବର୍ତ୍ତୀ ସମୟରେ ମହାକାଶରେ ମଣିଷର ସ୍ଥାୟୀ ବସତି ସ୍ଥାପନର ଯୋଜନାରେ ସହାୟକ ହେବ। ପୂର୍ବରୁ ସୁନୀତାଙ୍କର ମହାକାଶରେ ୩୦୦ରୁ ଊର୍ଦ୍ଧ୍ୱ ଦିନ ଅବସ୍ଥାନ କରି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଅଭିଯାନରେ ଅଂଶଗ୍ରହଣ କରିବାର ଦୀର୍ଘ ଅନୁଭୂତି ରହିଥିଲା।

**ସୁନୀତାଙ୍କ ଜୀବନ ଓ ଯାତ୍ରା :** ସୁନୀତା ଉଇଲିୟମ୍ସ ୧୯୬୫ ମସିହା ସେପ୍ଟେମ୍ବର ୧୯ ତାରିଖରେ ଯୁକ୍ତରାଷ୍ଟ୍ର ଆମେରିକାର ଓହିଓ ପ୍ରଦେଶର ୟୁକ୍ଲିଡଠାରେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କର ପିତା ଦୀପକ ପାଣ୍ଡିଆ ଆମେରିକାର ନାଗରିକତ୍ୱ ଗ୍ରହଣ କରିଥିବା ଜଣେ ଭାରତୀୟ, ଯିଏ ବୃତ୍ତିରେ ଜଣେ ସ୍ନାୟୁ ଡାକ୍ତର ଥିଲେ। ସେ ଗୁଜରାଟ ରାଜ୍ୟର ମେହେସେନା ଜିଲାର ବାସିନ୍ଦା ଥିଲେ। ତାଙ୍କ ମାଆ ୱିସିଲିନ ବୋନି ପାଣ୍ଡିଆ ଆମେରିକା ନାଗରିକତ୍ୱ ଗ୍ରହଣ କରିଥିବା ସ୍ଲୋଭାନିଆ ଦେଶର ଜଣେ ମହିଳା ଥିଲେ। ତାଙ୍କର ପରିବାର ମାସାଚ୍ୟୁସେଟସ ରାଜ୍ୟର ଫାଲମାଉଥଠାରେ ବାସ କରୁଥିଲେ। ସେ ମାତାପିତାଙ୍କର ତିନି ଭାଇ ଭଉଣୀଙ୍କ ମଧ୍ୟରୁ ସବୁଠାରୁ କନିଷ୍ଠ ସଦସ୍ୟା ଥିଲେ। ଆମେରିକାରେ ତାଙ୍କର ଡାକ ନାମ ଥିଲା 'ସୁନି'।

ସୁନୀତାଙ୍କର ପିଲାଦିନରୁ ବିଜ୍ଞାନ ଓ ସାହସିକତା କ୍ଷେତ୍ରରେ ଗଭୀର ଆଗ୍ରହ ଥିଲା। ସୁନୀତା ୧୯୮୭ ମସିହାରେ ଯୁକ୍ତରାଷ୍ଟ୍ର ଆମେରିକାର ନୌସେନା ଏକାଡେମୀରୁ ପଦାର୍ଥ ବିଜ୍ଞାନ ବିଷୟରେ ଶିକ୍ଷା ଗ୍ରହଣ କରି ସ୍ନାତକ ଡିଗ୍ରୀ ଲାଭ କରିଥିଲେ। ପରବର୍ତ୍ତୀ ୧୯୯୫ ମସିହାରେ ସେ ଫ୍ଲୋରିଡା ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜିରୁ ଇଞ୍ଜିନିୟରିଂ ପରିଚାଳନା ବିଷୟରେ ଅଧ୍ୟୟନ କରି ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ। (କ୍ରମଶଃ...)


-ଏଜୁକେଶନ ଅଫିସର, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୋପାଳ, ମଧ୍ୟପ୍ରଦେଶ
ମୋ: ୮୯୧୭୬୩୭୬୭୪

## ନିୟମିତ ଯୋଗ କରୁଥିଲେ...



ଶରୀରକୁ ସୁସ୍ଥ, ସୁନ୍ଦର ଓ ସନ୍ତୁଳିତ ରଖିବାରେ ବ୍ୟାୟାମ ସହ ଯୋଗର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ବର୍ତ୍ତମାନର ବ୍ୟସ୍ତବହୁଳ ଜୀବନ ମଧ୍ୟରେ ଆମେ ନିଜ ଶରୀର ପ୍ରତି ଅଧିକ ଯତ୍ନଶୀଳ ହେବାର ସମୟ ଆସିଛି। କାରଣ ଦିନକୁ ଦିନ ବିଭିନ୍ନ ରୋଗର ନୂଆ ନୂଆ ଚିକିତ୍ସା ପ୍ରଣାଳୀ ଉଦ୍ଭାବନ ହେଉଛି- ଏକଥା ସତ, ହେଲେ ସେପଟେ କେତେକ ରୋଗ ସେମାନଙ୍କର କାୟା ବିସ୍ତାର କରିଚାଲିଛନ୍ତି। ତେଣୁ ଶରୀରକୁ ଫିଟ୍ ରଖିବା ପାଇଁ ହେଲେ ଯୋଗକୁ ହିଁ ଆମକୁ ବିକଳ୍ପ ଭାବେ ଆପଣେଇବାକୁ ପଡ଼ିବ। ଯୋଗ କରିବା ଦ୍ୱାରା ଆମ ଶରୀରର ଅଙ୍ଗପ୍ରତ୍ୟଙ୍ଗଗୁଡ଼ିକ ମଜଭୁତ ହୋଇଥାଏ। ଶରୀରରେ ରକ୍ତ ସଞ୍ଚାଳନ ମଧ୍ୟ ଠିକ୍ ଭାବେ ହୁଏ, ଯାହା ଆମ ଆଭ୍ୟନ୍ତରୀଣ ଅଙ୍ଗଗୁଡ଼ିକୁ ଶକ୍ତ କରିଥାଏ। ରକ୍ତ ଚାପକୁ ମଧ୍ୟ ଏହା ସନ୍ତୁଳିତ ଅବସ୍ଥାରେ ରଖେ। ଅନେକ ସମୟରେ ଅଧିକାଂଶ ଲୋକ ଚାପରେ ରହିବା ଯୋଗୁ ନିଦ୍ରାରେ ବ୍ୟାଘାତ ସୃଷ୍ଟି ହୋଇଥାଏ। ସେଥିପାଇଁ ସେମାନେ ନିଦ୍ରାହୀନତାର ଶିକାର ହୁଅନ୍ତି। ନିୟମିତ ଯୋଗ କଲେ ଭଲ ନିଦ ହୁଏ। ମାନସିକ ଭାରସାମ୍ୟ ଠିକ୍ ରଖିବା ଓ ସ୍ମରଣ ଶକ୍ତି ବଢ଼ାଇବା ଦିଗରେ ମଧ୍ୟ ଏହାର ଭୂମିକା ରହିଛି। ଏକ ପ୍ରଦୂଷଣମୁକ୍ତ ସ୍ଥାନରେ ଶାନ୍ତ ମନରେ ଯୋଗ କରନ୍ତୁ।

## ବିଳମ୍ବରେ ଉଠିବା ଓ ଆଲଜିମର୍ସ ସମସ୍ୟା



ପ୍ରତିଦିନ ଠିକ୍ ସମୟରେ ଶୋଇବା ଏବଂ ଉଠିବା ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ। ହେଲେ ଏପରି କିଛି ବ୍ୟକ୍ତି ଅଛନ୍ତି ଯେଉଁମାନେ ରାତିରେ ଡେରିରେ ଶୋଇଥାନ୍ତି ଓ ସକାଳୁ ବିଳମ୍ବରେ ଉଠିଥାନ୍ତି। ଏହା ମଧ୍ୟ କେତେକଙ୍କର ଅଭ୍ୟାସରରେ ପରିଣତ ହୋଇଯାଇଥାଏ। କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟ ଦ୍ୱାରା ହୋଇଥିବା ଏକ ଗବେଷଣାରୁ ଜଣାପଡ଼ିଛି ଯେ, ଯେଉଁମାନେ ପ୍ରତିଦିନ ସକାଳେ ଡେରିରେ ଉଠିଥାନ୍ତି ଭବିଷ୍ୟତରେ ସେମାନେ ଆଲଜିମର୍ସ ପରି ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହେବାର ଆଶଙ୍କା ରହିଛି। ଏହି ଗବେଷଣାରେ ସାମିଲ ଥିବା କେତେକ ବ୍ୟକ୍ତିମାନଙ୍କ ଉପରେ ତନ୍ନ ତନ୍ନ କରି ପରୀକ୍ଷା କରିବା ପରେ ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏଭଳି ମତ ଦେଇଛନ୍ତି। ଗବେଷଣା ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ଏଥିଯୋଗୁ 'ଆମ୍ଲଏଡ୍' ନାମକ ଏକ ପ୍ରୋଟିନ୍‌ର ମାତ୍ରା ମସ୍ତିଷ୍କରେ ବୃଦ୍ଧିପାଏ, ଯାହା ଭବିଷ୍ୟତରେ ଆଲଜିମର୍ସ ରୋଗର ରୂପ ନେଇପାରେ। ଏହାବ୍ୟତୀତ ମସ୍ତିଷ୍କ ଏବଂ ଏହା ସହ ଯୋଡ଼ି ହୋଇ ରହିଥିବା ସ୍ନାୟୁଗୁଡ଼ିକ ଶରୀର ପାଇଁ ଆବଶ୍ୟକ ମାତ୍ରାର କାର୍ଯ୍ୟ କରିବାର କ୍ଷମତାରେ ତାରତମ୍ୟତା ଦେଖିବାକୁ ମିଳିଥାଏ। ତେଣୁ ଆମେ ଠିକ୍ ସମୟରେ ଶୋଇବା ସହ ଠିକ୍ ସମୟରେ ଉଠିବା ଦରକାର।

## ପାଟିରେ ଘା' ହୋଇଥିଲେ...



ପାଟିରେ ଘା' ହେବାର ଅନେକ କାରଣ ରହିଛି। ଏଭଳି ସମସ୍ୟା ଦେଖାଦେଲେ ତାହାକୁ କଦାପି ହାଲୁକା ଭାବରେ ନିଅନ୍ତୁ ନାହିଁ। କାରଣ ଯଦି ଏହି ଘା' ଦୀର୍ଘ ଦିନ ଧରି ଭଲ ନ ହୁଏ, ତେବେ ତାହା କ୍ୟାନ୍‌ସରରେ ରୂପାନ୍ତରିତ ହେବାର ଆଶଙ୍କା ରହିଛି। ତେଣୁ ବିଳମ୍ବ ନ କରି ତୁରନ୍ତ ଡାକ୍ତରଙ୍କ ସହ ପରାମର୍ଶ କରି ଚିକିତ୍ସା କରାଇ ନିଅନ୍ତୁ। ଯେତେବେଳେ ଶରୀରରେ ଭିଟାମିନ୍ ବି ଯୁକ୍ତ ଉପାଦାନ (ବି-୧, ବି-୨, ବି-୩ ଏବଂ ବି-୬) ଅଭାବ ଘଟେ ସେତେବେଳେ ପାଟିରେ ଘା' ହୋଇଥାଏ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଆମ ଶରୀରରେ ଜଳୀୟ ଅଂଶ ସବୁବେଳେ ସନ୍ତୁଳିତ ରହିବା ନିହାତି ଦରକାର। ତେଣୁ ଆମେ ଖାଦ୍ୟ ଖାଇବା ସହ ଆବଶ୍ୟକ ମୁତାବକ ପାଣି ପିଇବା ଆବଶ୍ୟକ। ଶରୀରରେ ଜଳୀୟ ଅଂଶ ଅସନ୍ତୁଳିତ ରହିଲେ, ଜିଭ ଅଧିକାଂଶ ସମୟ ଶୁଖିଲା ରହିଲେ କିମ୍ବା ପାଟିରୁ କମ୍ ଲାଳ ବାହାରିଲେ ଏପରି ସମସ୍ୟା ଦେଖାଦେଇଥାଏ। ବେଳେବେଳେ ଅତ୍ୟଧିକ ରାଗ ଏବଂ ମସଲାଯୁକ୍ତ ଖାଦ୍ୟ ଖାଇବା ମଧ୍ୟ ପାଟିରେ ଘା' ସୃଷ୍ଟି ହୋଇଥାଏ। ନିଶାଦ୍ରବ୍ୟ ପ୍ରତିଦିନ ସେବନ କଲେ ପାଟିରେ ଘା' ହୋଇ ଏହା କ୍ୟାନ୍‌ସରରେ ପରିଣତ ହୁଏ। ତେବେ ଏଥିରୁ ରକ୍ଷା ପାଇବାକୁ ହେଲେ ପାଟିକୁ ଭଲ ଭାବେ ସଫା କରିବା ସହ ଭିଟାମିନ୍‌ଯୁକ୍ତ ଖାଦ୍ୟ ଖାଆନ୍ତୁ। ମିଠାଜାତୀୟ ଖାଦ୍ୟ କମ୍ ଖାଆନ୍ତୁ। ନିଶା ଦ୍ରବ୍ୟଠାରୁ ଯଥାସମ୍ଭବ ମଧ୍ୟ ଦୂରେଇ ରୁହନ୍ତୁ। ଏହା ସତ୍ତ୍ୱେ ଯଦି ପାଟିରେ ଘା' ହେଉଛି, ତେବେ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।

## ଜାଣି ରଖନ୍ତୁ

- ଯେଉଁ ବ୍ୟକ୍ତିମାନଙ୍କର ନିଶାଦ୍ରବ୍ୟ ସେବନ ଏକ ନିୟମିତ ଅଭ୍ୟାସରେ ପରିଣତ ହୋଇଯାଇଛି ସେମାନେ ହାର୍ଟ ଆଟାକ୍‌ର ସମ୍ମୁଖୀନ ହେବାର ଯଥେଷ୍ଟ ଆଶଙ୍କା ରହିଛି। ଏହା ମଧ୍ୟ ରକ୍ତଚାପକୁ ଅସନ୍ତୁଳିତ ରଖିଥାଏ। ତେଣୁ ଏଭଳି ଅଭ୍ୟାସ ଠାରୁ ଦୂରେଇ ରୁହନ୍ତୁ।
- ଅଧିକ ଲୁଣ କିମ୍ବା ଚର୍ବି ଜତୀୟ ଖାଦ୍ୟ ଯେତେ କମ୍ ଖାଇବେ ତାହା ସେତେ ଭଲ। ଏହା ଶରୀରରେ କୋଲେଷ୍ଟରଲ୍ ସ୍ତରକୁ ବଢ଼ାଇଥାଏ।
- ପ୍ରତିଦିନ ରାତିରେ କ୍ଷୀର ପିଅନ୍ତୁ। ଏଥିରେ ଅନେକ ଉପକାରୀ ଗୁଣ ଭରି ରହିଛି।
- ନିଜର ଦୈନନ୍ଦିନ ଖାଦ୍ୟ ତାଲିକାରେ ଗାଜର ସାମିଲ କରନ୍ତୁ। ଏହା ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପକାରୀ।



## ସ୍ୱାସ୍ଥ୍ୟ ସୂଚନା

➤ଖାଇସାରିବା ପରେ ଚା', କଫି କିମ୍ବା କୋଲ୍ଡ ଡ୍ରିଙ୍କସ୍ ଆଦୌ ପିଅନ୍ତୁ ନାହିଁ। କାରଣ ଏହାଦ୍ୱାରା ଖାଦ୍ୟର ପ୍ରୋଟିନ୍ ଅଂଶ ନଷ୍ଟ ହୋଇଯାଇଥାଏ ଓ ଏହା ରକ୍ତ ସଂଚାଳନ ଉପରେ ପ୍ରଭାବ ପକାଏ।

➤ମଧୁମେହ କିମ୍ବା ଡାଇବେଟିସ୍ ରୋଗୀମାନେ ଖାଇ ସାରିବା ପରେ ସାଙ୍ଗେ ସାଙ୍ଗେ ପାଣି ପିଇବା ଠିକ୍ ନୁହେଁ। ଏହା ଦ୍ୱାରା ମେଦ ବୃଦ୍ଧି ହୋଇଥାଏ।

➤ଦାନ୍ତଜନିତ ସମସ୍ୟାରୁ ରକ୍ଷା ପାଇବା ପାଇଁ ଦିନକୁ ଦୁଇ ଥର-ସକାଳେ ଏବଂ ରାତ୍ର ଭୋଜନ ପରେ ଭଲ ଭାବରେ ବ୍ରଶ୍ କରନ୍ତୁ। ଏହା ସହ ନିୟମିତ ସମୟ ଅନ୍ତରାଳରେ ଅଭିଜ୍ଞ ଦନ୍ତରୋଗ ବିଶେଷଜ୍ଞ ସହ ପରାମର୍ଶ କରନ୍ତୁ।

➤ପ୍ରତିଦିନ ସକାଳୁ କିଛି ସମୟ ଷ୍ଟ୍ରେଚିଙ୍ଗ୍ ଏକ୍ସରସାଇଜ୍ କରନ୍ତୁ। ଏହା ଆମ ଶରୀରରେ ହେଉଥିବା ପାଚନ ପ୍ରକ୍ରିୟାକୁ ସକ୍ରିୟ କରିବା ସହ ଅଣ୍ଟାଜନିତ ବ୍ୟଥାରୁ ମଧ୍ୟ କେତେକାଂଶରେ ଉପଶମ ଦେଇଥାଏ।

➤ଦିନତମାମ ଖାଉଥିବା ଖାଦ୍ୟ ମଧ୍ୟରେ ଅଧିକ ବ୍ୟବଧାନ ରଖିବା ଠିକ୍ ନୁହେଁ। ଏକାଥରେ ଆବଶ୍ୟକତାଠାରୁ ଅଧିକ ଖାଦ୍ୟ ଖାଇବା ଠିକ୍ ନୁହେଁ। ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଅଳ୍ପ ଅଳ୍ପ କରି ଖାଦ୍ୟ ଖାଆନ୍ତୁ।

➤ବୟସ୍କ ବ୍ୟକ୍ତିମାନେ ସବୁବେଳେ ନିଜକୁ ଚିନ୍ତାଠାରୁ ଦୂରେଇ ରହିବା ଭଲ।



# ଜଳ ସଂରକ୍ଷଣ



ବିରାଟ ରାଜା ପଧାନ

"ଯଦି ଆମେ ଜଳ ସଂରକ୍ଷଣରେ ହେଳା କରିବା ତାହେଲେ ଜଳକ୍ଲିଷ୍ଟତା ଧୀରେ ଧୀରେ ସମଗ୍ର ପୃଥିବୀକୁ ନିଶ୍ଚିତ ଭାବରେ କବଳିତ କରିବ। ମଣିଷକୁ ଆଗାମୀ ଦିନରେ ଜଳର ମହାସଙ୍କଟ ଦେଇ ଯିବାକୁ ପଡ଼ିବ। ତାହେଲେ ଆସନ୍ତୁ, ଆମେ ସମସ୍ତେ ସତର୍କ ହେବା ଓ ଜଳ ସଂରକ୍ଷଣରେ ସହଭାଗୀ ହେବା। ଦିଲ୍ଲୀ, ଚେନ୍ନାଇ ଭଳି ଆମ ଦେଶର ପ୍ରାୟ ୨୧ଟି ସହରରେ ଭୂତଳ ଜଳର ସ୍ତର ଅତ୍ୟନ୍ତ ଶୋଚନୀୟ ଭାବରେ ହ୍ରାସ ପାଉଛି ଓ ଏହା ଯଦି ଆହୁରି ହ୍ରାସ ପାଏ ତାହେଲେ ସ୍ଥିତି ଅସମ୍ଭାଳ ହେବାର ସମ୍ଭାବନା ରହିଛି।"

ଆମେ ଜାଣୁ ଯେ ଜଳ ହିଁ ଜୀବନ। ଜଳ ବିନା ମଣିଷ ବଞ୍ଚିବା ଅସମ୍ଭବ। ଆମ ସମସ୍ତଙ୍କ ଗୋଟିଏ ଧାରଣା ଧରାପୃଷ୍ଠ ଜଳମୟ। କିନ୍ତୁ ପୃଥିବୀର ସମୁଦାୟ ଜଳର ୯୭ ପ୍ରତିଶତ ଜଳ ମହାସାଗରରେ ଅଛି, ଯାହା ବ୍ୟବହାର ଉପଯୋଗୀ ନୁହେଁ। ମାତ୍ର ତିନି ଭାଗ ଜଳ ହେଉଛି ମଧୁର ଜଳ, ଯାହାକୁ ଆମେ ନିତ୍ୟ ବ୍ୟବହାର କରିପାରିବା। ସେହିପରି ଆମ ଦେଶରେ ଭୂତଳ ଜଳ ସବୁ ଅଞ୍ଚଳରେ ସମାନ ଅନୁପାତରେ ନାହିଁ। କେଉଁଠି ମାତ୍ର କେଇ ଫୁଟ ଗଭୀରରେ ଅଛି ତ ଆଉ କେଉଁଠି ଶହ ଶହ ଫୁଟ ଗଭୀର ଖନନ କଲେ ମଧ୍ୟ ଜଳ ବୁନ୍ଦାଏ ନାହିଁ। ଏ ଦୃଷ୍ଟି କୋଣରୁ ସବୁ ଅଞ୍ଚଳରେ ଜଳ ସଂରକ୍ଷଣ ଓ ଏହାର ସୁପରିଚାଳନା ଅତ୍ୟନ୍ତ ଜରୁରୀ ମନେ ହୁଏ।

ଆମ ଦେଶରେ ଆମେ ଯଦି ପାନୀୟ ଜଳର ସ୍ଥିତିକୁ ଆକଳନ କରିବା ତାହେଲେ ଏହା ଅତ୍ୟନ୍ତ ଶୋଚନୀୟ ଅଟେ। ବର୍ତ୍ତମାନ ଆମ ଦେଶରେ ପାନୀୟ ଜଳର ସଙ୍କଟ କେବଳ ସହରାଞ୍ଚଳ ବା ବସ୍ତି ବାସିନ୍ଦାମାନଙ୍କ ପାଇଁ ନୁହେଁ ବରଂ ଏହା ଅନେକ ଗାଁରେ ମଧ୍ୟ ଦେଖାଯାଉଛି। ବିଶେଷ ଭାବରେ ଗ୍ରୀଷ୍ମ ଋତୁରେ ଏହାର ସଙ୍କଟ ଅଧିକରୁ ଅଧିକ ଗାଁ ଓ ସହରକୁ ପ୍ରସାରିତ ହୁଏ। ଏପରିକି ପାନୀୟ ଜଳ ପାଇଁ ଘଣ୍ଟା ଘଣ୍ଟା ଧାଡ଼ିରେ ଛିଡ଼ା ହେଲେ ଯାଇ ଲୋକେ ପାନୀୟ ଜଳ ପାଉଛନ୍ତି।

ଆଗକାଳରେ ଲୋକେ ବର୍ଷାଜଳ ସଂରକ୍ଷଣ କରିବା ପାଇଁ ସ୍ୱଚ୍ଛଳ ଲୋକ ତଥା ଗାଁର ଗୌନ୍ତିଆ, ଜମିଦାରମାନେ ନିଜେ ନିଜେ ବନ୍ଧ, ପୋଖରୀ ଖୋଳୁଥିଲେ। ପରେ କୃଷିକାର୍ଯ୍ୟ ତଥା ଗାଧୁଆ ପାଧୁଆ କରିବା ପାଇଁ ମଧ୍ୟ ଜଳ ବ୍ୟବହାର କରାଗଲା। ବର୍ଷାଜଳ ସଂରକ୍ଷଣ ପାଇଁ ବହୁବିଧ ପଦ୍ଧତି ଅବଲମ୍ବନ କରାଯାଉଥିଲେ ମଧ୍ୟ ଆମେ



ତାକୁ ଯଥେଷ୍ଟ ପରିମାଣରେ ପାଳନ କରୁନାହୁଁ। ଏପରିକି ଜଳ ସଂରକ୍ଷଣ ପ୍ରତି ଆମେ ଆଦୌ ଧ୍ୟାନ ଦେଉ ନାହୁଁ କହିଲେ ଚଳେ। ଆମ ପାଇଁ କେତେ ଜଳ ମୁଣ୍ଡ ପିଛା ଅଛି ,ଏହାକୁ ଅନୁଧ୍ୟାନ କଲେ ଜଣାଯାଏ ଯେ ଯେଉଁ ଅଞ୍ଚଳର ଜନସଂଖ୍ୟା ଯେତେ ବେଶି ସେହି ଅଞ୍ଚଳରେ ଜଳର ପରିମାଣ ସେତିକି କମ୍। ଭାରତ ସରକାରଙ୍କ ଜଳ ଜୀବନ ମିଶନର ଏକ ଆକଳନ ଅନୁସାରେ ଜଣାଯାଏ ଯେ ଆମ ଦେଶରେ ମୁଣ୍ଡ ପିଛା ଜଳର ପରିମାଣ କ୍ରମାଗତ ଭାବରେ କମିବାରେ ଲାଗିଛି। ଦେଶରେ ମୁଣ୍ଡପିଛା ଜଳର ପରିମାଣ ୨୦୦୧ ମସିହାରେ ୧୮୧୬ କ୍ୟୁବିକ ମିଟର ଥିବାବେଳେ ୨୦୧୧ ମସିହାରେ ୧୫୪୫ କ୍ୟୁବିକ ମିଟରକୁ କମିଆସିଛି। ଏହାର ପରିମାଣ ୨୦୩୧ ମସିହା ସୁଦ୍ଧା ୧୩୬୭ କ୍ୟୁବିକ ମିଟରକୁ କମିବାର ସମ୍ଭାବନା ରହିଛି। ତେବେ ଏ କ୍ଷେତ୍ରରେ ଜନସଂଖ୍ୟା ବୃଦ୍ଧି ଯେତେ ପରିମାଣରେ ଦାୟୀ ତାଠୁ ଅଧିକ ଜନସଚେତନତାର ଅଭାବ ବୋଲି ବିଚାର କରାଯାଏ। ଜଳ ଜୀବନ ମିଶନର ଏକ ତଥ୍ୟ ଅନୁସାରେ ଆମ ଦେଶରେ ଥିବା ସହରାଞ୍ଚଳରେ ଆମକୁ ପ୍ରତ୍ୟହ ମୁଣ୍ଡପିଛା ୧୩୫ ଲିଟର ଓ ଗ୍ରାମାଞ୍ଚଳରେ ୫୫ ଲିଟର ଜଳ ଯୋଗାଇବାର ବ୍ୟବସ୍ଥା କରାଯାଇଛି। କିନ୍ତୁ ଏହାର ଅର୍ଥ ନୁହେଁ ଯେ ଆମେ ହିଁ କେବଳ ଜଳ ବ୍ୟବହାର କରିବା। ଏହାର ସୁପରିଚାଳନା ଆମର ଦାୟିତ୍ୱ ହେବା ଆବଶ୍ୟକ। ଯଦି ପ୍ରତ୍ୟେକ ବ୍ୟକ୍ତି ଦୈନିକ ୧୦ ଲିଟର ଜଳ ସଂରକ୍ଷଣ କରିପାରିବେ ତାହେଲେ ଏହା ଆମ ଦେଶର ବିକାଶ ଓ ଅଭିବୃଦ୍ଧିରେ ଅନେକ ପରିମାଣରେ ସହାୟକ ହେବ। ଆମେ କେଉଁ ପଦ୍ଧତିରେ ଜଳ ସଂରକ୍ଷଣ କରିପାରିବା ଆସନ୍ତୁ ସଂକ୍ଷେପରେ ଜାଣିବା।

-ଆମେ ଗାଧୋଉଥିବା ଜଳର ପରିମାଣରୁ ପ୍ରତ୍ୟହ ୧ ରୁ ୫ ଲିଟର କମ କରିପାରିବା।

-ଆମେ ଦୈନିକ ଲୁଗାଧୁଆ ପାଇଁ ଆବଶ୍ୟକ ମୁତାବକ ଜଳ ବ୍ୟବହାର କରନ୍ତୁ। ତା'ସହ ଶୌଚ ସମୟରେ ଅଯଥା ଜଳ ନଷ୍ଟ କରନ୍ତୁ ନାହିଁ। ଏଥିରୁ ବଳକା ଜଳକୁ ଆମ ବଗିଚାରେ ଦେଲେ ଦୈନିକ ୧୦ ରୁ ୨୦ ଲିଟର ଜଳ ସଂରକ୍ଷଣ ହେବ।

-ଆମେ ଘରେ ଯଦି ସବୁ ସମୟରେ ଆମର ପାଇପ ଓ ନଳକୁ ଠିକ୍ ରଖିବା ତାହେଲେ ଦୈନିକ ଅନ୍ତତଃ ୨ ରୁ ୫ ଲିଟର ଜଳ ସଂରକ୍ଷଣ କରିପାରିବା।

-ଆମେ ଦାନ୍ତ ଘଷିବା, ହାତ ଧୋଉଥିବା ସମୟରେ, ବାସନକୁସନ ମାଜିବା ବେଳେ ଯଦି ଠିକ୍ ଭାବରେ ଟ୍ୟାପ୍‌ର ପରିଚାଳନା କରାଯାଏ, ତାହେଲେ ଅନ୍ତତଃ ଦିନକୁ ୨ ରୁ ୩ ଲିଟର ଜଳ ସଂରକ୍ଷଣ କରିପାରିବା।

-କେବଳ ଆମେ ସତର୍କ ହେଲେ ପ୍ରତିଦିନ ୧୦ ଲିଟର ଜଳ ନିଶ୍ଚୟ ସଂରକ୍ଷଣ କରିପାରିବା।

ଯଦି ଆମେ ଜଳ ସଂରକ୍ଷଣରେ ହେଳା କରିବା ତାହେଲେ ଜଳକ୍ଲିଷ୍ଟତା ଧୀରେ ଧୀରେ ସମଗ୍ର ପୃଥିବୀକୁ ନିଶ୍ଚିତ ଭାବରେ କବଳିତ କରିବ। ମଣିଷକୁ ଆଗାମୀ ଦିନରେ ଜଳର ମହାସଙ୍କଟ ଦେଇ ଯିବାକୁ ପଡ଼ିବ। ତାହେଲେ ଆସନ୍ତୁ, ଆମେ ସମସ୍ତେ ସତର୍କ ହେବା ଓ ଜଳ ସଂରକ୍ଷଣରେ ସହଭାଗୀ ହେବା। ଦିଲ୍ଲୀ, ଚେନ୍ନାଇ ଭଳି ଆମ ଦେଶର ପ୍ରାୟ ୨୧ଟି ସହରରେ ଭୂତଳ ଜଳର ସ୍ତର ଅତ୍ୟନ୍ତ ଶୋଚନୀୟ ଭାବରେ ହ୍ରାସ ପାଉଛି ଓ ଏହା ଯଦି ଆହୁରି ହ୍ରାସ ପାଏ ତାହେଲେ ସ୍ଥିତି ଅସମ୍ଭାଳ ହେବାର ସମ୍ଭାବନା ରହିଛି। ଆମେ ଯଦି ସମସ୍ତେ ପରିବେଶର ସୁରକ୍ଷା, ବୃକ୍ଷ ରୋପଣ ତଥା ଜଳ ସଂରକ୍ଷଣ ଦିଗରେ ପ୍ରୟାସ କରିବା ତାହେଲେ ହିମବାହ ସଂରକ୍ଷଣ ନିଶ୍ଚୟ ହେବ।

-ବେଙ୍କମୁରା, ପଣ୍ଡରି, ବନହରପାଲି, ଝାରସୁଗୁଡ଼ା
ମୋ: ୯୪୩୯୯୮୯୯୪୧

# ପଞ୍ଜାବକୁ ହରାଇ ପ୍ରତିଶୋଧ ନେଲା ଆରସିବି

**ଚଣ୍ଡିଗଡ଼, ୨୦।୪**

ପଞ୍ଜାବ କିଙ୍ଗ୍ସଠାରୁ ପରାଜୟର ଗୋଟିଏ ଦିନପରେ ସମାନ ପ୍ରତିଦ୍ୱନ୍ଦ୍ୱିକୁ ହରାଇ ମଧୁର ପ୍ରତିଶୋଧ ନେଇଛି ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି)। ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ୫ ଉଇକେଟରେ ପରାଜିତ ହୋଇଥିବା ଆରସିବି ରବିବାର ୭ ଉଇକେଟରେ ପଞ୍ଜାବକୁ ପରାସ୍ତ କରିଛି। ମୁଲ୍ଲାନପୁରର ସ୍ଲୋ ପିଚ୍‌ରେ ପଞ୍ଜାବ ୨୦ ଓଭରରେ ୬ ଉଇକେଟ ହରାଇ ୧୫୭ ରନ କରିଥିବାବେଳେ ଆରସିବି ୭ଟି ବଲ୍ ବାକିଥାଇ ୧୮.୫ ଓଭରରେ ୩ ଉଇକେଟ ହରାଇ ୧୫୯ ରନ ସଂଗ୍ରହ କରି ନେଇଛି। ବିରାଟ କୋହଲି ଅପରାଜିତ ରହିବା ସହ ମ୍ୟାଚ ବିଜୟୀ ଇନିଂସ ଖେଳି ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଏଥିସହିତ ଚଳିତ ସିଜନରେ ବାହାର ପରିବେଶରେ ଆରସିବିର ବିଜୟ ଧାରା ଅପରିବର୍ତ୍ତିତ ରହିଛି। ଘରୋଇ ପରିବେଶରେ ଦଳ ଏହାର ୩ଟି ଯାକ ମ୍ୟାଚ ହାରିଛି। ୮ ମ୍ୟାଚରୁ ୫ମ ବିଜୟ ସହ ଆରସିବି ପଏଣ୍ଟ ଟେବୁଲର ତୃତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ଅନ୍ୟପକ୍ଷରେ ପଞ୍ଜାବ ୮ ମ୍ୟାଚରୁ ତୃତୀୟ ପରାଜୟ ବରଣ କରିଛି।

ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ପଞ୍ଜାବ ଭଲ ଓପନିଂ କରିଥିଲେ ହେଁ ସମ୍ମାନଜନକ ସ୍କୋର କରିପାରି ନ ଥିଲା। କାରଣ ଅଧିକାଂଶ ବ୍ୟାଟର ଭଲ ଆରମ୍ଭ କରିଥିଲେ ମଧ୍ୟ ତାହାକୁ ବଡ଼ ସ୍କୋରରେ ପରିଣତ କରିପାରି ନ ଥିଲେ। ଦୁଇ ଓପନର ପ୍ରୀୟାଂଶ ଆର୍ଯ୍ୟ ଓ ପ୍ରଭସିମରନ ସିଂ ଯଥାକ୍ରମେ ୨୨ ଓ ୩୩, ମିଡିଲ ଅର୍ଡରରେ ଜୋଶ ଇଙ୍ଗଲିଶ ୨୯ ରନକରି ଆଉଟ ହୋଇଥିଲେ। ଶଶାଙ୍କ ସିଂ ୩୩ ଓ ମାର୍କୋ ଜାନସେନ ୨୫ ରନରେ ଅପରାଜିତ ରହିବାରୁ ଦଳର ସ୍କୋର ୧୫୦ ଅତିକ୍ରମ କରିଥିଲା। ଆରସିବି ବୋଲରଙ୍କ ମଧ୍ୟରେ କୃନାଲ ପାଣ୍ଡ୍ୟା ଓ ସୂୟାସ ଶର୍ମା ୨ଟି ଲେଖାଏ ଓ ରୋମାରିଓ ଶେଫର୍ଡ ଗୋଟିଏ ଉଇକେଟ ନେଇଥିଲେ।

୧୫୮ ରନ ବିଜୟ ଲକ୍ଷ୍ୟରେ ଆରସିବି ମାତ୍ର ୬ ରନରେ ଫିଲ୍ ସଲ୍ଟଙ୍କ ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ମାତ୍ର ବିରାଟ କୋହଲି ଓ ଦେବଦତ୍ତ ପଡିକାଲ ଦ୍ୱିତୀୟ ଉଇକେଟରେ ଶତକୀୟ ଭାଗୀଦାରି (୬୯ ବଲ୍‌ରୁ ୧୦୩ ରନ) ଗଢ଼ି ଦଳକୁ ବିଜୟୀ କରିଥିଲେ। ପଡିକାଲ ୩୫ ବଲ୍‌ରୁ ୬୧ (୫ ଚୌକା, ୪ ଛକା) ରନକରି ଆଉଟ ହୋଇଥିବାବେଳେ କିଙ୍ଗ୍ କୋହଲି ୫୪ଟି ବଲ୍‌ର ସମ୍ମୁଖୀନ ହୋଇ ୭୩ (୭ ଚୌକା, ୧ ଛକା) ରନରେ ଅପରାଜିତ ରହିଥିଲେ। ପଞ୍ଜାବ ପକ୍ଷରୁ ଅର୍ଶଦୀପ ସିଂ, ହରପ୍ରୀତ ବ୍ରାର ଓ ୟୁଜବେନ୍ଦ୍ର ଚହଲ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ପଞ୍ଜାବ କିଙ୍ଗ୍ସ ୨୦ ଓଭରରେ ୧୫୭/୬ (ପ୍ରଭସିମରନ ସିଂ-୩୩, ଶଶାଙ୍କ ସିଂ-୩୧*, ଜୋଶ ଇଙ୍ଗଲିଶ-୨୯, ମାର୍କୋ ଜାନସେନ-୨୫*, କୃନାଲ ପାଣ୍ଡ୍ୟା-୨/୨୫, ସୂୟାଶ ଶର୍ମା-୨/୨୬, ରୋମାରିଓ ଶେଫର୍ଡ-୧/୧୮)। ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ୧୮.୫ ଓଭରରେ ୧୫୯/୩ (ବିରାଟ କୋହଲି-୭୩*, ଦେବଦତ୍ତ ପଡିକାଲ-୬୧, ଅର୍ଶଦୀପ ସିଂ-୧/୨୬, ହରପ୍ରୀତ ବ୍ରାର-୧/୨୭, ୟୁଜବେନ୍ଦ୍ର ଚହଲ-୧/୩୬)।

## ବିରାଟ କୋହଲିଙ୍କ ମ୍ୟାଚ ବିଜୟୀ ଇନିଂସ


ବିରାଟ କୋହଲି

### କୋହଲିଙ୍କ ଆଉ ଏକ ରେକର୍ଡ

ଆଇପିଏଲ୍‌ର ରବିବାର ଅନୁଷ୍ଠିତ ପଞ୍ଜାବ କିଙ୍ଗ୍ସ ବିପକ୍ଷ ମ୍ୟାଚରେ ୭୩ ରନରେ ଅପରାଜିତ ରହିବା ସହ କୋହଲି ଆଉ ଏକ ରେକର୍ଡର ଅଧିକାରୀ ହୋଇଛନ୍ତି। ସେ ଆଇପିଏଲ୍‌ରେ ସର୍ବାଧିକ ୫୦+ ରନ ସ୍କୋର କରିବାରେ ଡେଭିଡ ୱାର୍ନରଙ୍କ ରେକର୍ଡ ଭାଙ୍ଗିଛନ୍ତି। ୮ଟି ଶତକକୁ ମିଶାଇ କୋହଲି ୬୭ଥର ୫୦+ ରନ ସ୍କୋର କରି ଏହି ତାଲିକାର ଶୀର୍ଷକୁ ଉନ୍ନୀତ ହୋଇଛନ୍ତି। ୱାର୍ନର ୪ଟି ଶତକକୁ ମିଶାଇ ୬୬ଥର ୫୦+ ରନ ସ୍କୋର କରି ରେକର୍ଡର ଅଧିକାରୀ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିଖର ଧାୱନ ୨ଟି ଶତକ ସହ ୫୩, ରୋହିତ ଶର୍ମା ୨ଟି ଶତକ ସହିତ ୪୫, ଲୋକେଶ ରାହୁଲ ୪ଟି ଶତକ ସହ ୪୩ ଓ ଏବି ଡିଭିଲର୍ସ ୩ ଶତକ ସହିତ ୪୩ଥର ୫୦+ ରନ ସ୍କୋର କରିଛନ୍ତି।

# ପ୍ରତି ଜିଲାରେ ଖେଲୋ ଇଣ୍ଡିଆ କେନ୍ଦ୍ର ଉଦ୍‌ଘାଟିତ


ଆଭାସୀ ମାଧ୍ୟମରେ ଖେଲୋ ଇଣ୍ଡିଆ ସେଣ୍ଟର ଉଦ୍‌ଘାଟନୀ କାର୍ଯ୍ୟକ୍ରମ ଅବସରରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ଅନ୍ୟମାନେ।

**ଭୁବନେଶ୍ୱର, ୨୦।୪ (ଅନାଦି କର)**

ରାଜ୍ୟରେ ତୃଣମୂଳ ସ୍ତରରେ କ୍ରୀଡ଼ା ଭିତ୍ତିଭୂମିକୁ ସଶକ୍ତ କରିବା ଲାଗି ଓଡ଼ିଶା ସରକାର ରବିବାର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି। ଭାରତ ସରକାରଙ୍କ ଯୁବ ସେବା ଓ କ୍ରୀଡ଼ା ମନ୍ତ୍ରଣାଳୟ ଏବଂ ରାଜ୍ୟ ସରକାରଙ୍କ ଯୁବ ସେବା ଓ କ୍ରୀଡ଼ା ବିଭାଗର ମିଳିତ ଉଦ୍ୟମରେ ଆଭାସୀ ମାଧ୍ୟମରେ ରାଜ୍ୟର ସମସ୍ତ ଜିଲାରେ ଖେଲୋ ଇଣ୍ଡିଆ କେନ୍ଦ୍ର ଉଦ୍‌ଘାଟିତ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ମାର୍ଗଦର୍ଶନରେ ଏହି ଯୋଜନା ଆରମ୍ଭ କରାଯାଇଛି। ଏହି ଯୋଜନାର ଲକ୍ଷ୍ୟ ହେଉଛି, ରାଜ୍ୟର ପ୍ରତ୍ୟେକ ଜିଲାରେ ବିଶ୍ୱ ସ୍ତରୀୟ କ୍ରୀଡ଼ା ଭିତ୍ତିଭୂମିର ବିକାଶ ଓ ଯୁବ କ୍ରୀଡ଼ା ପ୍ରତିଭାଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିବା।

ଏହି ସମସ୍ତ କେନ୍ଦ୍ରରେ ଫୁଟବଲ, ଭଲିବଲ, ହକି, ଆଥ୍‌ଲେଟିକ୍ସ, ଖୋ-ଖୋ, କବାଡି ଭଳି ବିଭିନ୍ନ କ୍ରୀଡ଼ା ଲାଗି ଅତ୍ୟାଧୁନିକ ବ୍ୟବସ୍ଥା ଓ ଆଥ୍‌ଲେଟଙ୍କୁ କ୍ୱାଲିଟି ପ୍ରଶିକ୍ଷଣ ଯୋଗାଇବା ବ୍ୟବସ୍ଥା କରାଯାଇଛି। ଆଥ୍‌ଲେଟଙ୍କ ବିକାଶ ଲାଗି ଆବଶ୍ୟକ ଥିବା ସମସ୍ତ ପ୍ରକାର ସୁବିଧା ସମସ୍ତ କେନ୍ଦ୍ରରେ ଉପଲବ୍ଧ କରାଯିବ। ଖେଲୋ ଇଣ୍ଡିଆ କେନ୍ଦ୍ରର ପରିଚାଳନା ନିମନ୍ତେ ସରକାରଙ୍କ ତରଫରୁ ବାର୍ଷିକ ୫ ଲକ୍ଷ ଟଙ୍କାର ଅନୁଦାନ ପ୍ରଦାନ କରାଯିବ।

ଏହି ଅବସରରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି, ରାଜ୍ୟର ପ୍ରତ୍ୟେକ ଜିଲାରେ ଖେଲୋ ଇଣ୍ଡିଆ କେନ୍ଦ୍ର ନିର୍ମାଣ କରାଯାଇଛି। ଏହା କେବଳ ଏକ ଭିତ୍ତିଭୂମି ପ୍ରକଳ୍ପ ନୁହେଁ। କିନ୍ତୁ ଆମ ଗାଁ ଓ ସହରରୁ ପରବର୍ତ୍ତୀ ପିଢ଼ିର କ୍ରୀଡ଼ାବିତ୍‌ଙ୍କୁ ଚିହ୍ନଟ ଓ ପ୍ରଶିକ୍ଷଣ ପ୍ରଦାନ କରିବାର ଏହା ଏକ ମିଶନ। ପେସାଦାର ସ୍ପୋର୍ଟ୍ସ କୋଚିଂରୁ ଦୂରରେ ଥିବା ବିଚ୍ଛିନ୍ନାଞ୍ଚଳର ପିଲାଙ୍କୁ ଏହି କେନ୍ଦ୍ରଗୁଡ଼ିକ ସମାନ ସୁଯୋଗ ପ୍ରଦାନ କରିବ। ରାଜ୍ୟର ୩୦ ଜିଲାର ସ୍କୁଲରେ ଖେଲୋ ଇଣ୍ଡିଆ କେନ୍ଦ୍ର ଉଦ୍‌ଘାଟିତ କରାଯାଇଛି। ପ୍ରତି କେନ୍ଦ୍ର ଲାଗି ବାର୍ଷିକ ୫ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ। ବିଭିନ୍ନ ଇଭେଣ୍ଟର ଅତୀତର ଚାମ୍ପିୟନଙ୍କୁ ସ୍ୱଚ୍ଛତାର ସହ କୋଚ୍ ଭାବେ ନିଯୁକ୍ତ କରାଯିବ। କ୍ରୀଡ଼ାରେ କ୍ୟାରିୟର କରିବାକୁ ଚାହୁଁଥିବା ଛାତ୍ରୀଛାତ୍ରଙ୍କ ଲାଗି ଏହି କେନ୍ଦ୍ରଗୁଡ଼ିକ ମୁଖ୍ୟ ଭୂମିକା ଗ୍ରହଣ କରିବ ବୋଲି ମୁଁ ଆଶାବାଦୀ। ଏହି କେନ୍ଦ୍ରଗୁଡ଼ିକ ତୃଣମୂଳ ସ୍ତରରେ ପ୍ରଶିକ୍ଷଣ କେନ୍ଦ୍ର ଭାବେ କାର୍ଯ୍ୟ କରିବ। ଏହି କେନ୍ଦ୍ରଗୁଡ଼ିକରେ ମୁଖ୍ୟତଃ ଅଲିମ୍ପିକ୍ସରେ ସାମିଲ ଥିବା ସ୍ପୋର୍ଟ୍ସ ଇଭେଣ୍ଟ ଉପରେ ଧ୍ୟାନ ଦିଆଯିବ। ଆଗାମୀ ସମୟରେ ସ୍କୁଲଗୁଡ଼ିକ ଆଥ୍‌ଲେଟିକ ଉତ୍କୃଷ୍ଟତାର ଆଞ୍ଚଳିକ ହବ୍‌ରେ ପରିଣତ ହେବ, ଯେଉଁଥିରୁ ଜିଲା, ରାଜ୍ୟ ଓ ଜାତୀୟ ଦଳ ପାଇଁ ଖେଳାଳି ବାହାରିବେ। ଏହି କେନ୍ଦ୍ର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଶୃଙ୍ଖଳା, ଦଳୀୟ ଏକତା ଓ ପ୍ରତିଦ୍ୱନ୍ଦ୍ୱିତା ମନୋଭାବ ସୃଷ୍ଟି କରିବ। ଆଦିବାସୀ ସମ୍ପ୍ରଦାୟ ଓ ବିଚ୍ଛିନ୍ନାଞ୍ଚଳରୁ କ୍ରୀଡ଼ା ପ୍ରତିଭା ଚିହ୍ନଟ କରିବାରେ ଏହି ଯୋଜନା ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ। ଖେଲୋ ଇଣ୍ଡିଆ କେନ୍ଦ୍ର କାର୍ଯ୍ୟକ୍ଷମ ହୋଇଥିବାରୁ ଭବିଷ୍ୟତରେ ଅଲିମ୍ପିକ୍ସ ଭଳି ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଦେଶର ପ୍ରତିନିଧିତ୍ୱ କରିବା ଲାଗି ରାଜ୍ୟ ଅନେକ ଚାମ୍ପିୟନ ପ୍ରସ୍ତୁତ କରିପାରିବ ବୋଲି ଆମେ ଆଶା ରଖିଛୁ।





FOLLOW US ON: @tvsraiderofficial | TVS RAIDER | VISIT US AT: www.tvsmotor.com/tvs-raider

**FOR ALL INSTITUTIONAL/BULK REQUIREMENTS PLEASE MAIL corporate.customersupport@tvsmotor.com Authorised Main Dealers: BHUBANESWAR:** THREE S TVS: 7328828802, RITA TVS: 9827133318, ASHIRBAD TVS: 7735341866, JYOTE TVS: 7440030004, 7381114371, SHREEKHETRA TVS: 9237378220, 9237378225, PURI: MODERN TVS: 9938039070, CUTTACK: LAXMI TVS: 7077774420, SWASTIK TVS: 8455002235, KENDRAPADA: SAMIR TVS.: 8260133307, JAJPUR ROAD: SUBAS TVS: 7735911808, NAYAGARH: KUMAR SAI TVS: 8908726047, 7008968681, CHANDIKHOL: SASMITA TVS: 8860793803; JAGATSINGHPUR: GITA TVS: 7788901717. **Authorised Dealers:** GOTHOPATNA: 8249710415, JATANI: 7077588558, 9124605556, BALUGAON: 9937886712, NIRAKARPUR: 7735402179, 8658517804, BHUBANESHWAR: 9337022334, KHURDA: 7008412374, BALIPATNA: 9776036999, MENDHASALA: 9437072019, SUNDARPADA: 8249094931, PIPILI: 9861150706, SAKHIGOPAL: 8249769742, NIMAPARA: 7381765800, DELANG: 9090214582, BRAHMAGIRI: 8480928882, 6370937155, CHARI CHOWK: 8327783765, KAKATPUR: 9776125534, KANAS: 9090214582, ABHIMANPUR POST: 9937019555, BANKI: 9437666687, NIALI: 9437307967, PHULNAKHARA, CUTTACK: 7440037801, NISCHINTAKOILI: 9337438686, KANDARPUR: 9090098000, SISUA: 8018556514, ADASHPUR: 82498 57169, TANGI: 83277 14238, PATTAMUNDAI: 9938602209, MARSHAGHAI: 9938837705, RAJNAGAR: 9439650236, GARADAPUR: 9437527214, MANGALPUR: 9853486660, BARI: 9437510237, BINJHARPUR: 9090503379, KUAKHIA: 9348035630, SINGHPUR: 9040646458, ROHIBANK: 6371229226, KALAPATHAR: 9937844941, RANPUR: 9778520193, KHANDAPADA: 7008659421, PURUNAKATAK: 9439071610, CHANDPUR: 9337112565, RAJ SUNAKHELA: 9437637421, NARASINGHPUR: 9658410027, ODOGAON: 7815050701, BHAPUR: 7389040805 DASPALLA: 9938375040, BAGHAMARI: 9437015363, BALICHANDRAPUR: 7978388298, BRAHMABARADA: 7894020786, RAIPUR: 9937963372, CHHATIA: 7328005678, ERASAMA: 8658421889 NAUGOAN: 8339939725, KRUSHNANANDAPUR: 9237066573, RAGHUNATHPUR: 6371724757, PARADEEP: 9938810126.

dentsu/dha bhu/03/25


4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ